# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, March 2/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 98 | ମୂଲ୍ୟ ₹୭/-




KP GROUP
Quality Since 1965

# Safal

PAN MASALA

## କିଛି ଅତୁଲ୍ୟ ସ୍ୱାଦ!
## ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ




ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।

କରୋନା ମହାମାରୀରୁ ବଞ୍ଚନ୍ତୁ ।

ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।

0% TOBACCO • NICOTINE NOT ADDED • NOT FOR MINORS ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨/୨୦୨୩ | Bhubaneswar, Thursday, March 2/2023 | ପୃଷ୍ଠା-୧




**ଜାଡେଜାଙ୍କ ରେକର୍ଡ**

ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଦ୍ୱିତୀୟ ଭାରତୀୟ ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୫,୦୦୦ ରନ କରିବା ସହ ୫୦୦ ଉଇକେଟ ପୂରଣ କରିଛନ୍ତି।

୧୧

୧୨

**ଦୀପିକାଙ୍କ ସହ ଏକାଠି ନଜର ଆସିବେ କ୍ୟାଟ୍ରିନା**

ଦୀପିକା ପାଦୁକୋନ୍ ଏବଂ କ୍ୟାଟ୍ରିନା କୈଫ୍ ଯଶରାଜ୍ ଫିଲ୍ମ ସ୍ପାଏ ୟୁନିଭର୍ସରେ ଏକାଠି ନଜର ଆସିବେ ବୋଲି ଚଳଚ୍ଚିତ୍ର ଲେଖକ ଶ୍ରୀଧର ରାଘବନ୍ କହିଛନ୍ତି।



# ଘର ପାଖରେ ବାଘ, ଲୋକେ ଆତଙ୍କିତ



ଗାଁ ପାଖ ବିଲରେ ବାଘ। (ବୃତ୍ତ ଚିହ୍ନିତ)



ବାଘ ଧରିବାକୁ ଛେଳି ବନ୍ଧାଗଲା

ସୁନ୍ଦରଗଡ଼/ ବଡ଼ଗାଁ/ କୁତ୍ରା, ୧।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଟିମନା ଗାଁରେ ବାଘ ଆତଙ୍କ ସୃଷ୍ଟି ହୋଇଛି। ବୁଧବାର ସକାଳେ ଲୋକମାନେ ନିଜ ଘରଠାରୁ ୨୦୦ରୁ ୩୦୦ ମିଟର ଦୂରରେ ଏକ କଲରାପତରିଆ ବାଘ ଦେଖିବାକୁ ପାଇ ଆତଙ୍କିତ ହୋଇପଡ଼ିଛନ୍ତି। ବାଘଟି ଗାଁ ଚାରିପଟେ ବିଲରେ ଘୂରିବୁଲୁଛି। ଏହାର ଭିଡିଓ ମଧ୍ୟ ଏବେ ଭାଇରାଲ ହେବାରେ ଲାଗିଛି। ଗ୍ରାମବାସୀ ରୁଣ୍ଡ ହୋଇ ଶବ୍ଦ କରି ବାଘକୁ ଘଉଡ଼ାଇବାକୁ ଚେଷ୍ଟା କରିଛନ୍ତି। ଖବରପାଇ ବଡ଼ଗାଁ ପୋଲିସ, ଡିଏଫ୍‌ଓ ପ୍ରଦୀପ ମିରାସେ, ବଡ଼ଗାଁ ସହକାରୀ ରେଞ୍ଜର ଉମାଶଙ୍କର ନାୟକ ଓ ବନ କର୍ମଚାରୀମାନେ ପହଞ୍ଚି ବାଘର ଗତିବିଧି ଉପରେ ନଜର ରଖିଛନ୍ତି। ପାହାଡ଼ ପାଦଦେଶରେ ଟିମନା ଗାଁ ☞ପୃଷ୍ଠା-୨

# ୫୦ ଟଙ୍କା ବଢ଼ିଲା ଏଲ୍‌ପିଜି

## ହାଣ୍ଡିଶାଳକୁ ପୁଣି ଟାର୍ଗେଟ

- **କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ପିଛା ୩୫୦ ଟଙ୍କା ବୃଦ୍ଧି**
- **ଲୋକେ ପଟାରୁଛନ୍ତି ହୋଲି କେମିତି ପାଳିବୁ: ଖାର୍ଗେ**

ନୂଆଦିଲ୍ଲୀ,୧।୩

ସରକାରୀ ଗ୍ୟାସ୍ ଯୋଗାଣକାରୀମାନେ ବୁଧବାର ଦେଶର ୩୧୩.୭୦ ନିୟୁତ ଗ୍ରାହକଙ୍କ ପାଇଁ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପିଛା ୫୦ ଟଙ୍କା ବଢ଼ାଇଛନ୍ତି। ଉତ୍ତର-ପୂର୍ବାଞ୍ଚଳର ନାଗାଲାଣ୍ଡ, ତ୍ରିପୁରା ଓ ମେଘାଳୟ ବିଧାନସଭା ନିର୍ବାଚନ ଶେଷ ହେବା ମାତ୍ରେ ଲିକ୍ୱିଫାଏଡ୍ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି)ରେ ଏହି ଦରବୃଦ୍ଧି ଘଟିଛି। ଫଳରେ ଦିଲ୍ଲୀରେ ଘରୋଇ ସିଲିଣ୍ଡର ପିଛା ୧୧୦୩ ଟଙ୍କା ହୋଇଛି। ଭୁବନେଶ୍ୱରରେ ବର୍ଦ୍ଧିତ ଦର ୧୧୨୯ ରହିଛି। ସେହିପରି ବ୍ୟବସାୟିକ ଉଦ୍ଦେଶ୍ୟରେ କିଣାଯାଉଥିବା କମର୍ସିଆଲ ଏଲ୍‌ପିଜି ମୂଲ୍ୟ ମଧ୍ୟ ୩୫୦.୫ ଟଙ୍କା ବଢ଼ିଛି। ଉଚ୍ଚ ମୁଦ୍ରାସ୍ଫୀତି ଯୋଗୁ ଦେଶବାସୀଙ୍କ ପକେଟରୁ ଟଙ୍କା ଉଭାନ ହେବାରେ ଲାଗିଥିବାବେଳେ ଗ୍ୟାସ୍ ଦର ବଢ଼ାଇବା ସିଧାସଳଖ ହାଣ୍ଡିଶାଳକୁ ଟାର୍ଗେଟ୍ ବୋଲି କୁହାଯାଉଛି।




ଫୁଏଲ୍ ରିଟେଲର୍ସ ପ୍ରତିମାସ ଆରମ୍ଭରେ ଏଲ୍‌ପିଜି ସିଲିଣ୍ଡର ଦାମ୍‌କୁ ନେଇ ସମୀକ୍ଷା କରିବା ପରେ ଆବଶ୍ୟକତା ଅନୁସାରେ ମୂଲ୍ୟ ନିର୍ଦ୍ଧାରଣ କରିଥାଆନ୍ତି। ୨୦୨୨ ଜୁଲାଇ ୬ରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଇଣ୍ଡିଆନ୍ କର୍ପୋରେଶନ୍ (ଆଇଓସି), ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ କର୍ପୋରେଶନ୍ ଏବଂ ଭାରତ ପେଟ୍ରୋଲିୟମ୍ କର୍ପୋରେଶନ୍ ପକ୍ଷରୁ ସମୀକ୍ଷା ପରେ ଏଲ୍‌ପିଜି ମୂଲ୍ୟ ବୃଦ୍ଧି କରାଯାଇଥିଲା। ଏହାର ୮ ମାସ ନ ପୂରୁଣୁ ପୁଣି ଏଲ୍‌ପିଜି ଦର ବଢ଼ାଯାଇଛି। ଭାରତର ରନ୍ଧନ ଗ୍ୟାସ୍ ବଜାରକୁ ମୁଖ୍ୟତଃ ଏହି ୩ ସରକାରୀ ଶକ୍ତି ଉଦ୍ୟୋଗ ଏଲ୍‌ପିଜି ଯୋଗାଇଥାନ୍ତି। ☞ପୃଷ୍ଠା-୨

## ବିଧାନସଭାରେ ପ୍ରତିବାଦ କଲା କଂଗ୍ରେସ

ଭୁବନେଶ୍ୱର, ୧।୩(ବ୍ୟୁରୋ)

ଯୁବମୋର୍ଚ୍ଚା କର୍ମୀଙ୍କୁ ପୋଲିସ୍‌ର ମାଡ଼ ଘଟଣା ନେଇ ବିଧାନସଭାରେ ବୁଧବାର ଭାଜପା ସଦସ୍ୟମାନେ ରୁଲିଂ ଦାବି କରିଥିଲେ। ଏହି ସମୟରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରସଙ୍ଗ ଉଠାଇ କେନ୍ଦ୍ର ଉପରେ ବର୍ଷିଥିଲେ। ସେ କହିଥିଲେ ଯେ, ଘରୋଇ ଗ୍ୟାସ୍ ଦର ୫୦ ଟଙ୍କା ବଢ଼ାଇଲେ। ବର୍ଷକ ଭିତରେ କେନ୍ଦ୍ର ସରକାର ୭୫ ଟଙ୍କା ବଢ଼ାଇ ସାରିଲେଣି। ଏବେ ଗ୍ୟାସ୍ ଦର ଆସିକି ୧୧୩୦ ଟଙ୍କାରେ ପହଞ୍ଚିଲାଣି। ଉପା ସରକାର ସମୟରେ ଗ୍ୟାସ୍ ଦର ୪୫୦ ଟଙ୍କା ଥିଲାବେଳେ ଭାଜପା ମହିଳା କର୍ମୀମାନେ ଗ୍ୟାସ୍ ମୁଣ୍ଡାରେ ରାସ୍ତାରେ ଡେଉଁଥିଲେ। କେନ୍ଦ୍ରରେ ଭାଜପା ସରକାରକୁ ଆସିବା ପରେ ଉଜ୍ଜ୍ୱଳା ଗ୍ୟାସ୍ ମାଗଣା ଦେଉଛନ୍ତି କହି ବାହୁସ୍ଫୁଟ ମାରିଲେ। ପ୍ରଥମରୁ ଥରେ ମାଗଣା ଦେଇ ଦେଲା ପରେ ଟଙ୍କା ନେବା ଆରମ୍ଭ କରିଦେଲେ। ତୁରନ୍ତ ବାଚସ୍ପତି ଏହା ଉପରେ ରୁଲିଂ ଦେବାକୁ ତାରା ଦାବି କରିଛନ୍ତି।


**ଆଜିର ସମ୍ପାଦକୀୟ**

**ଅଧାଜ୍ଞାନକୁ ସାବଧାନ**


# ଖୁବ୍‌ଶୀଘ୍ର ୪୦ ହଜାର ଶିକ୍ଷକ ନିଯୁକ୍ତ ହେବେ

ଭୁବନେଶ୍ୱର,୧।୩(ବ୍ୟୁରୋ)

ଖୁବ୍‌ଶୀଘ୍ର ରାଜ୍ୟର ବିଭିନ୍ନ ସରକାରୀ ସ୍କୁଲରେ ୪୦ ହଜାର ଶିକ୍ଷକ ପଦବୀ ପୂରଣ କରାଯିବ। ପ୍ରାଥମିକ ସ୍କୁଲ ପାଇଁ ୨୦ ହଜାର ଓ ହାଇସ୍କୁଲ ପାଇଁ ମଧ୍ୟ ୨୦ ହଜାର ଶିକ୍ଷକଙ୍କୁ ନିଯୁକ୍ତି ମିଳିବ। ଏନେଇ ବିଜ୍ଞାପନ ବାହାରି ସାରିଛି। ମୋଟ ୪୦ ହଜାର ଶିକ୍ଷକ ନିଯୁକ୍ତି ପାଇଁ ସରକାର ପଦକ୍ଷେପ ନେଇଛନ୍ତି ବୋଲି ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । କମ୍ପ୍ୟୁଟର ବେସ୍ ଟେଷ୍ଟ ମାଧ୍ୟମରେ ଏହି ପରୀକ୍ଷା ହେବ। ସମସ୍ତଙ୍କୁ ନିଯୁକ୍ତି ପ୍ରକ୍ରିୟାରେ ଭାଗ ନେବାକୁ ସୁଯୋଗ ମିଳିବ। ଏନେଇ ବିଧାନସଭାରେ ଜଣେ ସଦସ୍ୟଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ଦିଆଯାଇଛି ବୋଲି ସେ କହିଛନ୍ତି। ହାଇସ୍କୁଲଗୁଡ଼ିକରେ ଶିକ୍ଷକ ଅଭାବ ପରିଲକ୍ଷିତ ହେଉଥିବାରୁ ପୂର୍ଣ୍ଣ ଅନୁଦାନ ଏବଂ ବ୍ଲକ ଗ୍ରାଣ୍ଟ ପ୍ରାପ୍ତ ହାଇସ୍କୁଲଗୁଡ଼ିକରେ ଶିକ୍ଷକ ନିଯୁକ୍ତି କରାଯିବା ପାଇଁ ସରକାର ☞ପୃଷ୍ଠା-୨




**ଦମ୍ପତିଙ୍କୁ ଗଳାକାଟି ହତ୍ୟା**

ସୋର, ୧।୩(ଡି.ଏନ.ଏ.)-ବାଲେଶ୍ୱର ଜିଲା ସୋର ବ୍ଲକ ସବିରା ପଞ୍ଚାୟତ ମୁନିସାବିର ଗ୍ରାମର ରଘୁ ନାଥ ବେହେରା ଓ ତାଙ୍କ ସ୍ତ୍ରୀଙ୍କୁ ବୁଧବାର ରାତି ପ୍ରାୟ ୮ଟା ବେଳେ ଗଳାକାଟି ହତ୍ୟା କରାଯାଇଛି। ସେମାନେ ଘରଠାରୁ ୨ କି.ମି. ଦୂରରେ କରିଥିବା କୁକୁଡା ଫାର୍ମକୁ ଶୋଇବାକୁ ଯାଇଥିବା ବେଳେ କେହି ଦୁର୍ବୃତ୍ତ ଉଭୟଙ୍କ ଗଳା କାଟି ଫିଙ୍ଗି ଦେଇଥିଲେ। ସ୍ଥାନୀୟ ଲୋକେ ରକ୍ତ ଜୁଡୁବୁଡ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଘଟ ଘଟେଇ କହୁଛି କଥା,**
**ଗୋଟାଏ ଗଣ୍ଡିକି ଚାରିଟା ମଥା।**

କିଛି ବ୍ୟକ୍ତି ଏପରି କଥା କହିଥାନ୍ତି ଯେ ଶୁଣିବା ଲୋକ ତଟସ୍ଥ ହୋଇଯାଏ। ଆଚମ୍ବିତ କଥା ଶୁଣି କାନକୁ ବିଶ୍ୱାସରେ ନେବା କାଠିକର ପାଠ ହୋଇଯାଏ। ଗୋଟିଏ ଶରୀରରେ ଚାରିଟି ମୁଣ୍ଡ ରହିବା ଭଳି ନିହାତି ଅସମ୍ଭବ କଥା କହୁଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଳପ ଦିନକୁ ବହୁତ କଥା**
**ଝୁରି ମରିବାକୁ କଲା ବିଧାତା।**

ବିଧାତା ଭଲ ଲୋକଙ୍କୁ ବେଶି ଦିନ ରଖନ୍ତି ନାହିଁ ବୋଲି ଲୋକେ କହନ୍ତି। ଅଳ୍ପ ସମୟ ଭିତରେ ବ୍ୟକ୍ତି ଏତେ ଭଲ କାମ କରିଥାଏ ଯେ ସେ ମୃତ୍ୟୁବରଣ କଲେ ତା' କଥା ସୁମରିବାକୁ ସମସ୍ତେ ବାଧ୍ୟ ହୁଅନ୍ତି। ତାଙ୍କ ଗୁଣଗ୍ରାମ ଏତେ ମୁଗ୍ଧକର ହୋଇଥାଏ ଯେ ସେ ମରିଗଲା ପରେ ବି ପିତାମାତା, ଜ୍ଞାତି କୁଟୁମ୍ବ ପରିଜନ ଆଖିରୁ ଲୁହ ଗଡ଼ାଇବା ସହ ବାହୁନିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମୁଖ୍ୟ ଶାସନ ସଚିବ ଦାୟିତ୍ୱ ନେଲେ ପ୍ରଦୀପ ଜେନା

ଭୁବନେଶ୍ୱର,୧।୩(ବ୍ୟୁରୋ)

ବରିଷ୍ଠ ଆଇଏଏସ୍ ଅଫିସର ପ୍ରଦୀପ କୁମାର ଜେନା ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବ ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ବିଭିନ୍ନ ବିଭାଗର ଅତିରିକ୍ତ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ବରିଷ୍ଠ ଅଧିକାରୀ, କର୍ମଚାରୀ ପ୍ରମୁଖ ଲୋକସେବା ଭବନରେ ତାଙ୍କୁ ଭେଟି ଅଭିନନ୍ଦନ ଜଣାଇଛନ୍ତି।

ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବୁଧବାର ନୂଆ ଉନ୍ନୟନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ନିକୁଞ୍ଜ ଧଳ ମଧ୍ୟ ଏସ୍ଆର୍‌ସି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

ପୂର୍ବରୁ ପ୍ରଦୀପ ଜେନା ଉନ୍ନୟନ କମିଶନର ଓ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍‌ସି) ଭାବେ କାର୍ଯ୍ୟ କରୁଥିଲେ। ପ୍ରଦୀପ ୧୯୮୯ ବ୍ୟାଚ୍‌ର ଆଇଏଏସ୍ ଅଫିସର।


ମୁଖ୍ୟ ଶାସନ ସଚିବ ଭାବେ ପ୍ରଦୀପ କୁମାର ଜେନା ଦାୟିତ୍ୱ ଗ୍ରହଣ କରୁଛନ୍ତି।

ପ୍ରଶାସନିକ ଦକ୍ଷତା ପାଇଁ ସେ ବେଶ୍ ପରିଚିତ। ୧୯୬୪ ଜାନୁୟାରୀ ୧ରେ ଢେଙ୍କାନାଳରେ ଜନ୍ମଗ୍ରହଣ କରିଥିବା ପ୍ରଦୀପ ଧର୍ମଗଡ଼ର

### କାର୍ଯ୍ୟରେ ଯୋଗଦେଲେ ଉନ୍ନୟନ କମିଶନର

ଉପଜିଲାପାଳ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ଏଥିସହିତ ସେ ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ, ଜଳସମ୍ପଦ ଓ ଗ୍ରାମ୍ୟ ଉନ୍ନୟନ, ଶକ୍ତି ଓ ଆଇଟି ବିଭାଗର ସଚିବ ଭାବେ କାର୍ଯ୍ୟ କରି ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ମହାବାତ୍ୟା ସମୟରେ କଟକ ଜିଲାପାଳ ଥିବାବେଳେ ସେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ପ୍ରଦୀପ ମଙ୍ଗଳବାର ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ । ତାଙ୍କ ସହ ବିଦାୟୀ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଓ ନୂଆ ଉନ୍ନୟନ କମିଶନର ଅନୁ ଗର୍ଗ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ନିର୍ବାଚନୀ ବର୍ଷରେ ରାଜ୍ୟ ସରକାର ପ୍ରଦୀପଙ୍କୁ ଏହି ଗୁରୁଦାୟିତ୍ୱ ଦେଇଛନ୍ତି ।

## ହାତୀ ଆକ୍ରମଣରେ ମହିଳା ମୃତ

କୁତ୍ରା/ବଡ଼ଗାଁ, ୧।୩(ଡି.ଏନ୍.ଏ.)-ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚରା ପଞ୍ଚାୟତ କୁଲସର ଛୁଆଲିଘାଟି ଜଙ୍ଗଲରେ ବୁଧବାର ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସୌଭାଗ୍ୟବଶତଃ ସାଙ୍ଗରେ ଯାଇଥିବା ଜଣେ ଯୁବକ ବର୍ତ୍ତି ଯାଇଛନ୍ତି। ମୃତକ ହେଲେ ରାଜଗାଙ୍ଗପୁର ବ୍ଲକ ତେତେରକେଲା ଗ୍ରାମର କମଳି କୁଜୁର(୩୫)। କମଳି ନିଜର ସମ୍ପର୍କୀୟ ଭାଇ କୁହାଯାଉଥିବା କୁତ୍ରା ବ୍ଲକ ଖାରବେଡ଼ା ଗ୍ରାମର ମନୋଜ ତିଗା(୩୭)ଙ୍କ ସହିତ ବାଇକ୍‌ରେ ଛୁଆଲିଘାଟି ଜଙ୍ଗଲକୁ ବୁଲିବା ପାଇଁ ଯାଇଥିଲେ। ସେଠାରେ ବୁଲୁଥିବା ସମୟରେ ହଠାତ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ମନୋଜ ବାଇକ୍ ଛାଡ଼ି ଦୌଡ଼ି ପଳାଇଯାଇଥିଲେ। କମଳି ଯାଇ ନ ପାରିବାରୁ ହାତୀ ତାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ କମଳିଙ୍କ ମୃତ୍ୟୁ ଘଟିଥିଲା। ମନୋଜ ବଡ଼ଗାଁ ଥାନାକୁ ଯାଇ ପୋଲିସକୁ ଖବର ଦେବା ସହ ଗାଁ ଲୋକଙ୍କୁ ଜଣାଇଥିଲେ। ଖବରପାଇ ବଡ଼ଗାଁ ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ ଓ କୁତ୍ରା ଥାନା ଅଧିକାରୀ ମନୋରଞ୍ଜନ ବିଶି, ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କମଳିଙ୍କ ମୃତଦେହ ଜବତ କରିଥିଲେ। ଜଙ୍ଗଲରେ ହାତୀଟି ଘୂରିବୁଲି ରଡ଼ି ଛାଡୁଥିବା ଶୁଣିବାକୁ ମିଳୁଛି।

# ଓଇଆର୍‌ସି ଅଧ୍ୟକ୍ଷ ଭାବେ ଶପଥ ନେଲେ ସୁରେଶ ମହାପାତ୍ର

ଭୁବନେଶ୍ୱର,୧।୩(ବ୍ୟୁରୋ)

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଅଧ୍ୟକ୍ଷ ଭାବେ ସୁରେଶ ଚନ୍ଦ୍ର ମହାପାତ୍ର ବୁଧବାର ଶପଥ ଗ୍ରହଣ କରିଛନ୍ତି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ନବନିଯୁକ୍ତ ଅଧ୍ୟକ୍ଷଙ୍କୁ ରାଜଭବନଠାରେ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଶପଥ ପାଠ ଉତ୍ସବର ପ୍ରାରମ୍ଭରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ କିଶୋର ଧଳ ରାଜ୍ୟପାଳଙ୍କ ନିଯୁକ୍ତିପତ୍ର ପାଠ କରିଥିଲେ । ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର,



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓଇଆର୍‌ସି ଅଧ୍ୟକ୍ଷ ସୁରେଶ ମହାପାତ୍ରଙ୍କୁ ଶପଥପାଠ କରାଉଛନ୍ତି।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚଢ଼ା ଓ ଆୟୋଗ ସଦସ୍ୟଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଏହି ଉତ୍ସବରେ ଯୋଗଦେଇଥିଲେ ।

# ରୁଲିଂ ଦାବିରେ ଗୃହ ଚଳାଇଦେଲେନି ବିରୋଧୀ

## ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ଗୃହ ମୁଲତବୀ

**ପୋଲିସ-ଭାଜପା କର୍ମୀ ମୁହାଁମୁହିଁ ପ୍ରସଙ୍ଗ**

- **୩୫ ମିନିଟ୍‌ର ଆଲୋଚନା ବି ଫେଲ୍ ହେଲା**
- **ଦ୍ୱିତୀୟାର୍ଦ୍ଧରେ ମୋଟ ୨୪ ମିନିଟ୍ ସାରିଲା ଗୃହ**
- **ସର୍ବାଙ୍ଗୀନ ବିକାଶ ପାଇଁ ଏହି ବଜେଟ କରାଯାଇଛି: ଅର୍ଥମନ୍ତ୍ରୀ**

ଭୁବନେଶ୍ୱର,୧।୩(ବ୍ୟୁରୋ)

ବିଧାନସଭା ଦ୍ୱିତୀୟାର୍ଦ୍ଧରେ ବୁଧବାର ଗୃହକାର୍ଯ୍ୟ ଚାଲିପାରି ନାହିଁ। ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ଉପରେ ପୋଲିସର ଆକ୍ରମଣ ଏବଂ ସେମାନଙ୍କୁ ଗିରଫ ନେଇ ବିରୋଧୀ ରୁଲିଂ ଦାବି କରିଥିଲେ। ବିରୋଧୀଙ୍କ ହଙ୍ଗାମା ଭିତରେ ଗୃହକାର୍ଯ୍ୟ ମାତ୍ର ୨୪ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ତା' ଭିତରେ ଗୃହକୁ ବାଚସ୍ପତି ୩୫ ମିନିଟ୍ ମୁଲତବୀ ରଖିଥିଲେ। ୪ଟା ୫୯ରେ ବିରୋଧୀଙ୍କ ହଙ୍ଗାମା ଭିତରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବଜେଟ ଆଲୋଚନା ଉପରେ ତାଙ୍କ ମନ୍ତବ୍ୟ ରଖିବା ପରେ ଗୃହକାର୍ଯ୍ୟ ଆସନ୍ତା ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି।

ବିଧାନସଭା ବଜେଟ ଆଲୋଚନା ପୂର୍ବରୁ ବାଚସ୍ପତି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝିଙ୍କୁ କହିବାକୁ କହିଥିଲେ। ମୋହନ କହିଥିଲେ, ନବ ଦାସ ହତ୍ୟାକାଣ୍ଡ ପରିପ୍ରେକ୍ଷୀରେ ରାଲି ହେବ ବୋଲି ଭାଜପା ୧୦ ଦିନ ପୂର୍ବରୁ ସୂଚନା ଦେଇଥିଲା। ଏନେଇ ସମସ୍ତଙ୍କୁ ଅବଗତ ମଧ୍ୟ କରାଯାଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ମଙ୍ଗଳବାର ଯୁବମୋର୍ଚ୍ଚା ଆନ୍ଦୋଳନ କଲା ବେଳେ ଯେଉଁମାନେ ଧଳା, କଳା ପୋଷାକ ଧାରୀ ଆକ୍ରମଣକଲେ ସେସବୁ କ୍ୟାମେରାରେ କଏଦ ହୋଇଛି। ରାଜ୍ୟ ସରକାରଙ୍କ ଗୋଇନ୍ଦା ବିଭାଗ କ'ଣ ଜାଣିନି କିଏ ଅଣ୍ଡା, ଟେକା ପଥର ଫୋପାଡ଼ିଲେ। ଯୁବମୋର୍ଚ୍ଚା ସଭାପତିଙ୍କଠାରୁ ଆରମ୍ଭକରି ଯେଉଁମାନଙ୍କ ହାତରେ କିଛି ନ ଥିଲା ସେମାନଙ୍କୁ ଗିରଫ କରାଯାଇଛି। କ୍ୟାପିଟାଲ ଥାନାରେ ଚିକିତ୍ସା କରାଗଲାନି। ଯୁବମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ଏତଲା ରଖାଗଲାନି। ଭାଜପା ଏତଲା କାହିଁକି ପଞ୍ଜୀକୃତ କରାଯାଉନି। ଏହା ଉପରେ ତୁରନ୍ତ ରୁଲିଂ ଦେବାକୁ ମୋହନ ବାଚସ୍ପତିଙ୍କ ନିକଟରେ ଦାବି ରଖିଥିଲେ। ହେଲେ ବାଚସ୍ପତି ବଜେଟ ଆଲୋଚନାର ବୁଧବାର ଶେଷ ଦିନ, ତେଣୁ ଗୃହକାର୍ଯ୍ୟରେ ସହଯୋଗ କରିବାକୁ ବିରୋଧୀ ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ହେଲେ ବିରୋଧୀ ଦଳର ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ପୋଲିସ ଏବଂ ରାଜ୍ୟ ସରକାର ବିରୋଧରେ ସ୍ଲୋଗାନ ଦେବା ସହ ସାଙ୍ଗରେ ନେଇଥିବା ସରକାର ବିରୋଧୀ ବ୍ୟାନର ଧରି ପ୍ରତିବାଦ କରିଥିଲେ। ବାରମ୍ବାର ଅନୁରୋଧ କରିବା ସହ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି କହିବାକୁ ଚାହିଁବାରୁ ତାଙ୍କୁ ସୁଯୋଗ ଦେଇଥିଲେ। ଏହି ସମୟରେ ଗ୍ୟାସ୍ ଦରବୃଦ୍ଧି କଥା ଉଠାଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଏହାପରେ ଶଶିଭୂଷଣ ବେହେରାଙ୍କୁ କହିବାକୁ ବାଚସ୍ପତି କହିଥିଲେ। ଶଶିଭୂଷଣ କହିବା ସହ ବିରୋଧୀ ସେମିତି ହୋହଲ୍ଲା କରିଥିଲେ। ଏହାପରେ ଗୃହ ଶୃଙ୍ଖଳା ପାଇଁ ଯୋଗାଣ ମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା, କଂଗ୍ରେସ ବିଧାୟକ ଦଳ ନେତା, ଅରୁଣ କୁମାର ସାହୁ, ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ପ୍ରମିଳା ମଲ୍ଲିକଙ୍କୁ ଆଲୋଚନା କରିବା ଲାଗି ଡାକିଥିଲେ। କିପରି ଆଲୋଚନା ମାଧ୍ୟମରେ ଗୃହ କାର୍ଯ୍ୟ ସୁରୁଖୁରୁରେ ଚାଲିବ ସେନେଇ ୪ଟା ୧୬ରୁ ୪ଟା ୩୧ ପର୍ଯ୍ୟନ୍ତ ୧୫ ମିନିଟ୍ ଲାଗି ଗୃହ ମୁଲତବି ହୋଇଥିଲା। ଏହାପରେ ଉପ ବାଚସ୍ପତି ଆସି ଗୃହ କାର୍ଯ୍ୟ ପୁଣିଥରେ ୪ଟା ୩୧ରୁ ୪ଟା ୪୧ ପର୍ଯ୍ୟନ୍ତ ବନ୍ଦ କରିଥିଲେ। ପୁଣିଥରେ ଗୃହ କାର୍ଯ୍ୟ ୪ଟା ୪୧ରୁ ୫୧ ପର୍ଯ୍ୟନ୍ତ ମୁଲତବି ରହିଥିଲା। ଏହାପରେ ଆଲୋଚନା ବିଫଳ ହୋଇଥିଲା। ପୁଣି ବିରୋଧୀ ସଦସ୍ୟ ଗୃହ ମଧ୍ୟ ଭାଗକୁ ଆସି ସମାନ ଦାବିରେ ପ୍ରତିବାଦ କରିଥିଲେ। ଏହି ସମୟରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ନିଜ ଆସନରେ ଠିଆହୋଇ ଏହା ନିୟମ ବିରୋଧୀ ବୋଲି କହିଥିଲେ। ସେ କହିଥିଲେ, ଗୃହରେ ବିରୋଧୀ ହୋହଲ୍ଲା ହେବାବେଳେ ବାଚସ୍ପତି କିପରି ଅନ୍ୟ ଜଣଙ୍କୁ କହିବାକୁ କହୁଛନ୍ତି। ଏହା ନିୟମ ବିରୋଧୀ। ବାଚସ୍ପତି ପୁଣିଥରେ ବିରୋଧୀ ସଦସ୍ୟଙ୍କୁ ନିଜ ସ୍ଥାନରେ ବସିବାକୁ କହିବା ସହ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଉତ୍ତର ଦେବାକୁ କହିଥିଲେ। ମନ୍ତ୍ରୀ ପୂଜାରୀ ତାଙ୍କ ଉତ୍ତରରେ କହିଥିଲେ, ଗତ ୨୪ ତାରିଖରେ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପିତ କରିଥିଲେ। ୨୬ ତାରିଖରୁ ଏହା ଉପରେ ଆରମ୍ଭ ହୋଇଥିବା ଆଲୋଚନା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ଭାଗନେଇଥିବା ବିରୋଧୀ ଏବଂ ଶାସକ ଦଳର ସଦସ୍ୟମାନେ କେତେକ ଗଠନମୂଳକ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟରେ ସର୍ବାଙ୍ଗୀନ ବିକାଶ ଲାଗି ସମ୍ବଳର ସୁବିନିଯୋଗ ନିମନ୍ତେ ଏହି ବଜେଟରେ ଅର୍ଥ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି। ବାଚସ୍ପତି ଗୃହକୁ ୪ଟା ୫୯ ମିନିଟ୍ ସମୟରେ ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ମୁଲତବି ଘୋଷଣା କରିଥିଲେ। ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରୁ ଏପ୍ରିଲ ୬ ଯାଏ ଚାଲିବ।

## ଭିଜିଲାନ୍ସ ଜାଲରେ ଏଏସ୍‌ଆଇ, ହୋମଗାର୍ଡ



ଏଏସ୍ଆଇ ରତିକାନ୍ତ ଦାସ ଓ ହୋମଗାର୍ଡ଼ ଶଶିକାନ୍ତ ମହାପାତ୍ର।

ବାଲେଶ୍ୱର ଅଫିସ/ବାହାନଗା, ୧।୩(ଡି.ଏନ.ଏ.)

ଜବତ ଗାଡ଼ି ଛାଡ଼ିବା ପାଇଁ ୨୦ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଏଏସ୍ଆଇ ରତିକାନ୍ତ ଦାସ ଓ ହୋମଗାର୍ଡ଼ ଶଶିକାନ୍ତ ମହାପାତ୍ର। କିଛି ଦିନ ତଳେ ଏକ ପଥର ବୋଝେଇ ଗାଡ଼ି ଧରିବା ସହିତ ଗାଡ଼ି ଡ୍ରାଇଭରଙ୍କୁ ଖନ୍ତାପଡ଼ା ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଗାଡ଼ି ମାଲିକ ହେଉଛନ୍ତି ରେମୁଣା ବ୍ଲକ ମେଣ୍ଡରା ଅଞ୍ଚଳର ଗୌରାଙ୍ଗ ମହାରଣା। ସେ ଗାଡ଼ି ନେବା ପାଇଁ କୋର୍ଟ ଅର୍ଡର ଆଣିଥିଲେ ମଧ୍ୟ ଥାନା ଏଏସ୍ଆଇ ରତିକାନ୍ତ ଦାସ ଗାଡ଼ି ଛାଡ଼ିବା ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ହେଲେ ଗାଡ଼ି ମାଲିକ ଭିଜିଲାନ୍ସ ଦ୍ୱାରସ୍ଥ ହୋଇଥିଲେ। ଯୋଜନା ଅନୁଯାୟୀ ଗାଡ଼ି ମାଲିକ ଏଏସ୍ଆଇ ରତିକାନ୍ତଙ୍କୁ ୨୦ହଜାର ଟଙ୍କା ଦେଉଥିବା ବେଳେ ସେ ହୋମଗାର୍ଡ଼ ଶଶିକାନ୍ତଙ୍କୁ ଦେବା ପାଇଁ କହିଥିଲେ। ଭିଜିଲାନ୍ସ ଖନ୍ତାପଡ଼ା ଥାନାରେ ପହଞ୍ଚି ଚଢ଼ାଉ କରିବା ପରେ ଟଙ୍କା ସହିତ ଏଏସ୍ଆଇ ରତିକାନ୍ତ ଦାସ ଓ ହୋମଗାର୍ଡ଼ ଶଶିକାନ୍ତ ମହାପାତ୍ରଙ୍କୁ ହେପାଜତକୁ ନେଇଛନ୍ତି। ଏନେଇ ଭିଜିଲାନ୍ସ ଥାନାରେ ମାମଲା (ନଂ. ୪/୨୩) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

## ପ୍ରଥମ ପୃଷ୍ଠାରୁ...

### ୫୦ ଟଙ୍କା ବଢ଼ିଲା ...

ଆଇଓସି ପକ୍ଷରୁ ସ୍ଥିର କରାଯାଇଥିବା ମୂଲ୍ୟକୁ ବେଞ୍ଚମାର୍କ ଭାବେ ଗ୍ରହଣ କରାଯାଇଥାଏ। ଆଇଓସି ତଥ୍ୟାନୁସାରେ ସଦ୍ୟ ମୂଲ୍ୟ ସମୀକ୍ଷା ପରେ ୧୪.୨ କେ.ଜି. ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ଦିଲ୍ଲୀରେ ୧୧୦୩, ମୁମ୍ବାଇରେ ୧୧୦୨.୫୦, ଚେନ୍ନାଇରେ ୧୧୧୮.୫୦, ଓ କୋଲକାତାରେ ୧୧୨୯ ଟଙ୍କାରେ ପହଞ୍ଚିଛି। ଘରୋଇ ରନ୍ଧନ ଗ୍ୟାସ୍‌ର ମୂଲ୍ୟ ସ୍ଥାନୀୟ ଟିକସ ଯୋଗୁ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ରହିଥାଏ। ଗତବର୍ଷ ଜୁଲାଇ ୬ ପରଠୁ କମର୍ସିଆଲ୍ ଗ୍ୟାସ୍ ମଧ୍ୟ ପ୍ରଥମ ଥର ପାଇଁ ବଢ଼ିଛି। ଦିଲ୍ଲୀରେ ୧୯ କେ.ଜି.ର କମର୍ସିଆଲ୍ ଏଲ୍‌ପିଜି ମୂଲ୍ୟ ୩୫୦ ଟଙ୍କା ବୃଦ୍ଧି ପରେ ବର୍ତ୍ତମାନ ଦିଲ୍ଲୀରେ ୨୧୧୯ ଟଙ୍କା ହୋଇଛି। କମର୍ସିଆଲ୍ ସିଲିଣ୍ଡରଗୁଡ଼ିକୁ ହୋଟେଲ, ରେଷ୍ଟୁରାଣ୍ଟ ଓ ଶିଳ୍ପାଞ୍ଚଳରେ ବ୍ୟବହାର କରାଯାଇଥାଏ।

ହୋଲି ପୂର୍ବରୁ ଏହି ଦରବୃଦ୍ଧିକୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ମୋଦି ସରକାରଙ୍କ ଅମଳରେ ଉଚ୍ଚ ମୁଦ୍ରାସ୍ଫୀତି ମାଡ଼ରେ ଘାଇଲା ହୋଇଯାଇଥିବା ସାଧାରଣ ଲୋକଙ୍କୁ ଏହା ଆହୁରି ପ୍ରଭାବିତ କରିବ। ହୋଲିରେ ଲୋକେ କିପରି ବ୍ୟଞ୍ଜନ ପ୍ରସ୍ତୁତ କରିବେ। ଏହି ଲୁଟ୍ କେତେଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଜନତା ପ୍ରଶ୍ନ କରୁଥିବା ଖାର୍ଗେ କହିଛନ୍ତି। ଏଲ୍‌ପିଜି ମୂଲ୍ୟ ବୃଦ୍ଧି ପ୍ରତିବାଦରେ ମଧ୍ୟପ୍ରଦେଶ ବିଧାନସଭାରେ ବିରୋଧୀ କଂଗ୍ରେସ କକ୍ଷତ୍ୟାଗ କରି ବିକ୍ଷୋଭ କରିଛି।

ପ୍ରକାଶ ଯେ, ୨୦୨୨ ମେ'ରେ କେନ୍ଦ୍ର ସରକାର ୧୪.୨ କେ.ଜି. ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡରରେ ୨୦୦ ଟଙ୍କା ସବ୍‌ସିଡି ଦେବାକୁ ଘୋଷଣା କରିଥିଲେ। ୨୦୨୨-୨୩ ଆର୍ଥିକବର୍ଷରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୧୨ ଥର ରିଫିଲ୍ ପର୍ଯ୍ୟନ୍ତ ୯୦ ନିୟୁତ ହିତାଧିକାରୀ ଉପକୃତ ହୋଇଥିବା ସରକାରୀ ସୂତ୍ରରୁ ପ୍ରକାଶ। ସେହିପରି ଚଳିତ ଆର୍ଥିକବର୍ଷର ପ୍ରଥମାର୍ଦ୍ଧରେ ଏଲ୍‌ପିଜି ସବ୍‌ସିଡି ବାବଦକୁ ହିତାଧିକାରୀମାନଙ୍କୁ ୭,୫୦୦ କୋଟି ଟଙ୍କା ଦିଆଯାଇଛି।

### ଖୁବ୍‌ଶୀଘ୍ର ୪୦ ହଜାର...

କି ବ୍ୟବସ୍ଥା କରିଛନ୍ତି । କେଉଁ ହାଇସ୍କୁଲ ଗୁଡ଼ିକରେ ଯୁକ୍ତ ୨ ଖୋଲାଯିବା ଯୋଜନା ଅଛି । ବୁଧବାର ବିଜେଡି ସଦସ୍ୟ ଲତିକା ପ୍ରଧାନ ତାରକା ପ୍ରଶ୍ନ ନଂ. ୧୫୩ ଜରିଆରେ ବିଧାନସଭାରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ପଚାରିଥିଲେ।

ଏହାର ଉତ୍ତରରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଥିଲେ, ଶିକ୍ଷକ ଅଭାବକୁ ଦୃଷ୍ଟିରେ ରଖି ୨୦୨୧-୨୨ରେ ମୋଟ ୧୪,୦୦୪ ଶିକ୍ଷକ ପଦବୀ ପୂରଣ କରାଯାଇଛି। ଏଥିସହ ୭୫୪୦ ଖାଲିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନକୁ ଦାୟିତ୍ୱ ଦିଆଯାଇଛି। ଏହାଛଡ଼ା ୬୦୨୫ ଗୋଟି ଏଲ୍‌ଟିଆର୍ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଜାରି ରହିଛି। ପୂର୍ଣ୍ଣ ଅନୁଦାନପ୍ରାପ୍ତ ହାଇସ୍କୁଲରେ ଖାଲିଥିବା ବିଭିନ୍ନ ବର୍ଗର ୨୦୬୪ ଗୋଟି ପଦବୀ ପୂରଣ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ସେଗୁଡ଼ିକ ଖୁବ୍ ଶୀଘ୍ର ପୂରଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ୨୦୨୨-୨୩ରେ ୧୦୬ଟି ହାଇସ୍କୁଲକୁ ଉନ୍ନୀତ କରାଯାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେଥିମଧ୍ୟରୁ ଗଞ୍ଜାମ ଜିଲାର ୯ ଗୋଟି ସ୍କୁଲ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

### ପ୍ରାଥମିକ ସ୍କୁଲରେ କନିଷ୍ଠ ନିଯୁକ୍ତିକୁ ବିରୋଧ

ପ୍ରାଥମିକ ସ୍କୁଲରେ ୨୦ହଜାର କନିଷ୍ଠ ଶିକ୍ଷକ(ଯୋଜନାଭିତ୍ତିକ) ଭାବେ ନିଯୁକ୍ତି ଦେବା ନିଷ୍ପତ୍ତିକୁ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ସମ୍ପୂର୍ଣ୍ଣ ବିରୋଧ କରିଛି। ସଂଘ ମହାସଚିବ ଆଦିତ୍ୟ ନାରାୟଣ ସ୍ୱାଇଁ କହିଛନ୍ତି, ଓଡ଼ିଶାରୁ ଚୁକ୍ତିଭିତ୍ତିକ ଉଚ୍ଛେଦ ଘୋଷଣା ହେବା ପରେ କନିଷ୍ଠ ଶିକ୍ଷକମାନେ ନିୟମିତ ହେବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ପରେ ମୁଖ୍ୟ ଶାସନ ସଚିବ ସଂଘକୁ କହିଥିଲେ, ବର୍ତ୍ତମାନ କାର୍ଯ୍ୟରତ କନିଷ୍ଠ ଶିକ୍ଷକଙ୍କ ଚୁକ୍ତିଭିତ୍ତିକ ଉଚ୍ଛେଦ କରାଯାଇ ନାହିଁ। ଚୁକ୍ତିଭିତ୍ତିକରେ ଥିବା ଶିକ୍ଷକ ନିୟମିତ ହେବା ପରେ ପ୍ରାଥମିକ ବିଦ୍ୟାଳୟରେ ନିୟମିତ ନିଯୁକ୍ତି ଦିଆଯିବ। କିନ୍ତୁ ଚୁକ୍ତିଭିତ୍ତିକ ଶିକ୍ଷକ ନିୟମିତ ହୋଇ ନ ଥିବାବେଳେ ଏବେ ପୁଣିଥରେ ସରକାର ଚୁକ୍ତିଭିତ୍ତିକ ନାଁ ଉଠାଇ ଯୋଜନାଭିତ୍ତିକ ଭଳି ଏକ ନୂଆ ନାଁ ଦେଇ ନିଯୁକ୍ତି ଦେବେ ବୋଲି କହିଛନ୍ତି, ଯାହାକୁ ସଂଘ ବିରୋଧ କରୁଛି। ପ୍ରାଥମିକ ଶିକ୍ଷାରେ ଶିକ୍ଷକ ନିଯୁକ୍ତିକୁ ସଂଘ ସ୍ୱାଗତ କରୁଛି। ହେଲେ ଏହି ଯୋଜନାଭିତ୍ତିକ ନିଯୁକ୍ତି ପାଇଁ ନୂତନ ଭାବେ ଉଚ୍ଚଶିକ୍ଷିତ ତାଲିମପ୍ରାପ୍ତ ଯୁବପିଢ଼ି ପୁଣି ପ୍ରଶାସନିକ କଳରେ ପେଷିହେବେ। ତେଣୁ ବର୍ତ୍ତମାନ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା ସହ ବର୍ତ୍ତମାନର ନିଯୁକ୍ତି ବିଜ୍ଞପ୍ତିକୁ ନିୟମିତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ସଂଘ ଅନୁରୋଧ କରିଛି। ଉଚ୍ଚ ବିଦ୍ୟାଳୟର ଶିକ୍ଷକଙ୍କୁ ନିୟମିତ ଶିକ୍ଷକ ଭାବେ ନିଯୁକ୍ତି କରିବାକୁ ଆଉ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି, ହେଲେ ପ୍ରାଥମିକ ଶିକ୍ଷା ଏବଂ ଶିକ୍ଷକଙ୍କ ପ୍ରତି ସରକାରଙ୍କ ଆନ୍ତରିକତାର ଅଭାବ ରହିଛି ବୋଲି ସ୍ପଷ୍ଟ ଜଣାପଡୁଥିବା ସଂଘ ମହାସଚିବ ସ୍ୱାଇଁ କହିଛନ୍ତି।

### ଘର ପାଖରେ ବାଘ, ...

ଥିବାବେଳେ ଉକ୍ତ କଲରାପତରିଆ ବାଘ ଏକ ବୁଦାମୂଳେ ଲୁଚି ରହିଥିବା ଜଣାପଡ଼ିଛି। ବନକର୍ମଚାରୀ ଓ ଟ୍ରାଙ୍କୁଲାଇଜ୍ ଟିମ୍ ବାଘକୁ ଧରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ବୁଦା ନିକଟବର୍ତ୍ତୀ ଅଞ୍ଚଳରେ ଏକ ଛେଳିକୁ ବାନ୍ଧି ରଖାଯାଇଛି। ଛେଳିକୁ ଖାଇବା ଉଦ୍ଦେଶ୍ୟରେ ବାଘ ବୁଦାରୁ ବାହାରିଲେ ସହଜରେ ଟ୍ରାଙ୍କୁଲାଇଜ୍ କରାଯାଇପାରିବ ବୋଲି ବନ ବିଭାଗ କର୍ମଚାରୀ କହିଛନ୍ତି। ମାତ୍ର ରାତି ପର୍ଯ୍ୟନ୍ତ ବାଘକୁ ଧରାଯାଇନାହିଁ। ସବ୍‌ଡେଗା ଅଞ୍ଚଳର ଜଙ୍ଗଲରୁ ଏହି ବାଘ ଆସିଥାଇପାରେ ବୋଲି କୁହାଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ମୁଖଭାବରେ ମଙ୍ଗଳ ଥିବାରୁ ଆପଣଙ୍କ କଠୋର କଥା ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। କର୍ମକ୍ଷେତ୍ରରେ ଅନ୍ୟକୁ ସରଳ ଭାବେ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ବନ୍ଧୁମାନଙ୍କ ସହାୟତା ଫଳରେ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ। ଆଜି ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ ହେବ।

**ବୃଷ**
ଚନ୍ଦ୍ରଙ୍କ ଶୁଭ ପ୍ରଭାବରୁ ପରିହାସଯୁକ୍ତ କଥା ବନ୍ଧୁମାନଙ୍କ ପ୍ରୀତିଭାଜନ କରାଇବ। ସାଧାରଣ କଥାରେ ଯୁକ୍ତିତର୍କ ହେତୁ ସହକର୍ମୀଙ୍କ ସହ ବିବାଦ ଉପୁଜିପାରେ। କିଛି କରି ନ ପାରିଲେ ମଧ୍ୟ ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ଅର୍ଥ ସମ୍ପର୍କିତ ବୁଝାମଣାରେ ତ୍ରୁଟି ରହିଯିବା ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ।

**ମିଥୁନ**
କର୍ମସ୍ଥାନରେ ଗୁରୁ ଓ ଶୁକ୍ର ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସୁବିଧା ସୁଯୋଗ ପାଇ କାମ ହାସଲ କରିବେ। ସାମାଜିକସ୍ତରରେ ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ। ଆଲୋଚନା କ୍ଷେତ୍ରରେ ସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହୋଇପାରନ୍ତି। ପାରିବାରିକ ଜୀବନ ସୁଖ ସନ୍ତୋଷରେ କାଟିବେ।

**କର୍କଟ**
ଚତୁର୍ଥସ୍ଥ କେତୁଜନିତ ଦୀର୍ଘଦିନରୁ ରହିଆସିଥିବା ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ସ୍ଥଗିତ କାମକୁ ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ସିଂହ**
ଷଷ୍ଠଭାବରେ ଏକାଧିକ ଗ୍ରହ ରହିଥିବାରୁ ଖର୍ଚ୍ଚଭାର ବୃଦ୍ଧି ପାଇବା ସାଙ୍ଗକୁ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହି ନ ପାରେ। ବନ୍ଧୁଙ୍କ ସହ ବହୁତ ଦିନରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ପଡ଼ୋଶୀଙ୍କ ଦୁଃଖଦ ପରିସ୍ଥିତିକୁ ନେଇ ମାନସିକ ବ୍ୟଥା ଅନୁଭବ କରିବେ। ପରିବାରର ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ।

**କନ୍ୟା**
ରାଶ୍ୟାଧିପ ଷଷ୍ଠସ୍ଥାନରେ ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ବୃହସ୍ପତିଙ୍କ ଶୁଭତ୍ୱ କାରଣରୁ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରି ଉପକୃତ ହେବେ। ପିଲାମାନଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂର ହେବ।

**ତୁଳା**
ଭାଗ୍ୟସ୍ଥାନରେ ଚନ୍ଦ୍ରଙ୍କ ସୁପ୍ରଭାବଜନିତ ଆଶା ପୂରଣ ହେବାରୁ ମନ ଖୁସି ରହିବ। ନୂତନ ଯୋଜନାରମ୍ଭ କ୍ଷେତ୍ରରେ ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟକଲେ ବିଶେଷ ଭାବେ ଉପକୃତ ହେବେ। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ଉତ୍ତେଜିତ ରହିପାରନ୍ତି। ଦୈନନ୍ଦିନ ଜୀବନଯାତ୍ରାରେ ନୀତିଗତ କାମରୁ ପ୍ରଶଂସିତ ହେବେ।

**ବିଛା**
ରାଶ୍ୟାଧିପ ମଙ୍ଗଳଙ୍କ ପ୍ରଭାବରୁ ଦୈହିକ ସୁସ୍ଥତା ରହିଲେ ମଧ୍ୟ ମାନସିକ ଅସ୍ଥିରତା ପ୍ରାୟତଃ ଲାଗି ରହିବ। ପରିବାର ଲାଗି ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବନ୍ଧୁମାନଙ୍କ ସାହାଯ୍ୟ ଫଳରେ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛିମାତ୍ରାରେ ବଢ଼ିଚାଲିବ। ବୁଝାମଣାରେ ତ୍ରୁଟି ରହିଯିବା କାରଣରୁ ସମ୍ପର୍କୀୟଙ୍କ ସହଯୋଗ ପାଇବେନି।

**ଧନୁ**
କେତୁଙ୍କ କୁପ୍ରଭାବ ହେତୁ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଯେଉଁ ଜିନିଷଟି ପାଇବାକୁ ଅପେକ୍ଷା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ। ଯେ କୌଣସି କ୍ଷେତ୍ର ହେଉନା କାହିଁକି, ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

**ମକର**
ପରିବାର ସ୍ଥାନରେ ରାହୁଙ୍କ କୁପ୍ରଭାବରେ ପାରସ୍ପରିକ ବୁଝାମଣାରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରିବାକୁ ବାଧ୍ୟ ହୋଇପାରନ୍ତି ଏବଂ ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**କୁମ୍ଭ**
ସହକର୍ମୀଙ୍କ ସହାୟତାରେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ବହୁଦିନରୁ ଲାଗିରହିଥିବା ଶାରୀରିକ ପୀଡ଼ାରେ କଷ୍ଟ ପାଇପାରନ୍ତି। ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ବନ୍ଧୁଦ୍ୱାରକୁ ଯାତ୍ରା କରିବାକୁ ପଡ଼ିପାରେ। ଆନୁଷ୍ଠାନିକ କାର୍ଯ୍ୟରେ ସମ୍ବର୍ଦ୍ଧିତ ହେବା ସହ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**ମୀନ**
ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। ସତ୍‌ସଙ୍ଗ, ପୁରାଣ ପଠନ, ଆଲୋଚନା ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ମନ ବଳିବ। କର୍ମଦକ୍ଷତା ହେତୁ ପ୍ରଶାସନିକ ସ୍ତରରେ ଓ ରାଜନୀତିରେ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

ଆଜି ଫାଲ୍‌ଗୁନ ଶୁକ୍ଳ ଦଶମୀ ଯୁକ୍ତ ଏକାଦଶୀ ଗୁରୁବାର, ଶ୍ରୀମନ୍ଦିରରେ ଫଗୁଦଶମୀ, ଶ୍ରୀଜୀଉଙ୍କର ଚାଚେରୀ ବେଶ ଓ ଦୋଳଯାତ୍ରା ଆରମ୍ଭ, ମାର୍ଚ୍ଚ ୨ ତାରିଖ, ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ, ରାଶି ନକ୍ଷତ୍ର- ଦିବା ଘ.୧୨।୪୩ମି ଗତେ, ପୁନର୍ବସୁ/ମିଥୁନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଗୃହାରମ୍ଭ, ଗୃହପ୍ରବେଶ, ବିଦ୍ୟାରମ୍ଭ, ଦେବତା ପ୍ରତିଷ୍ଠା ପାଇଁ ଶୁଭଦିନ। ସକାଳ ଘ.୦୬।୦୯ମି. ଗତେ ଘ.୦୭।୪୨ମି. ମଧ୍ୟେ, ଘ.୧୦।୪୯ମି. ଗତେ ଘ.୦୧।୦୮ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୦୨ମି. ଗତେ ଘ.୦୨।୫୩ମି. ମଧ୍ୟେ ରାହୁକାଳ।




# ଭିସୁଟ୍ ପୁରାତନ ଛାତ୍ରୀଙ୍କ ମୃତଦେହ ମିଳିଲା

## ହତ୍ୟା ମାମଲା ରୁଜୁ, ପୁରୁଷ ବନ୍ଧୁ ସହ ୨ ଅଟକ

**ସମ୍ବଲପୁର,୧।୩(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ଥାନା ପିସି ବ୍ରିଜ୍ ଉପରୁ ଡେଇଁ ନିଖୋଜ ଥିବା ଭିସୁଟ୍ ଆଇଟି ବିଭାଗ ପୁରାତନ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ସାହୁଙ୍କ ମୃତଦେହ ଅଗ୍ନିଶମ ବିଭାଗ ବୁଧବାର ସକାଳେ ପାୱାର ଚ୍ୟାନେଲରୁ ଜବତ କରିଛି। ପ୍ରିୟଦର୍ଶିନୀଙ୍କ ମା' ଲବଙ୍ଗ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ମୃତ ଶରୀର ବେକରେ ଦାଗ ରହିଛି, ସୁନାଚେନ୍ ମଧ୍ୟ ନାହିଁ। ତା'ର ମନୋବଳ ଦୃଢ଼ ରହିଥିଲା। ସେ କେବେ ଆତ୍ମହତ୍ୟା କରିପାରିବ ନାହିଁ। ପ୍ରଥମେ ସନ୍ଧ୍ୟା ୬ଟାରେ ଫୋନ୍‌ରେ କଥା ହୋଇଥିଲି। ସେ ଭୁବନେଶ୍ୱର ଯାଉଛି ବୋଲି କହିଥିଲା। ପରେ ରାତି ସାଢେ ୯ଟାରେ ଫୋନ୍ କରିଥିଲି। ସେ ଫୋନ୍ ଉଠାଇଥିଲେ ମଧ୍ୟ କଥା ହୋଇପାରି ନ ଥିଲା। ତଣ୍ଟିକୁ କେହି ଚିପିଧରିଥିବା ଭଳି କେବଳ ଶବ୍ଦ ଶୁଭିଥିଲା। ଏସବୁ କାରଣରୁ ଝିଅକୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହେଉଛି। ଏହି ଘଟଣାରେ କେତେଜଣଙ୍କର ସମ୍ପୃକ୍ତି ରହିଥିବା ସେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାରକରି ବୁର୍ଲା ପୋଲିସ ଆଇପିସି ଦଫା ୩୦୨, ୨୦୧, ୩୪ରେ


ଚିନ୍ମୟୀ ପ୍ରିୟଦର୍ଶିନୀ

ମାମଲା (ନଂ.୯୬/୨୨) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାରେ ପୁରୁଷବନ୍ଧୁ ପ୍ରତିମାନ ଦେ ଓ ଅନ୍ୟ ଜଣେ ସହଯୋଗୀଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଥାନା ଅଧିକାରୀ ସୁଶାନ୍ତ ଦାସ କହିଛନ୍ତି। ସେ ଆହୁରି କହିଛନ୍ତି, ମୋବାଇଲ ଫୋନ୍ ରେକର୍ଡ ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି। ଅଟକ ପ୍ରତିମାନ ପୁରୁଷ ବନ୍ଧୁ ଅଟନ୍ତି। ହତ୍ୟା ମାମଲା ରୁଜୁ ହୋଇଛି, ହେଲେ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଅଟକ ପ୍ରତିମାନ ଗୃହ ବିଭାଗ ଯୁଗ୍ମ ସଚିବ ପ୍ରଣବ କୁମାର ଦେଙ୍କ ପୁଅ ବୋଲି ବୟାନ ଦେଇଥିବା ଥାନା ଅଧିକାରୀ କହିଛନ୍ତି। ମଙ୍ଗଳବାର ଭିସୁଟ୍‌ର ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଚିନ୍ମୟୀ ଡିଗ୍ରୀ ପାଇଥିଲେ। ଅପରାହ୍ନରେ ସେ ସ୍ଥାନୀୟ ଅଞ୍ଚଳର ଜଣେ ସାଙ୍ଗଙ୍କ ଘରକୁ ଯାଇଥିଲେ। ସେଠାରେ ସେ କିଛି ସାମଗ୍ରୀ ଛାଡି ଚାଲିଆସିଥିଲେ। ଅପରାହ୍ନ ୩ଟାରୁ ସାଙ୍ଗ ଘରୁ ବାହାରି ଆଉ ଫେରି ନ ଥିଲେ। ରାତି ପ୍ରାୟ ୧୦ଟାରେ ସେ ପାୱାର ଚ୍ୟାନେଲକୁ ଡେଇଁ ପଡ଼ିଥିବା ନେଇ ଖବର ପ୍ରଚାରିତ ହୋଇଥିଲା। ହେଲେ ଅପରାହ୍ନ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚିନ୍ମୟୀ କୁଆଡ଼େ ଯାଇଥିଲେ, କାହା ସାଙ୍ଗରେ ଥିଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଚିନ୍ମୟୀଙ୍କ ଭଉଣୀ ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ଆମେ ପ୍ରତିମାନଙ୍କୁ ପୂର୍ବରୁ ଜାଣିଥିଲୁ। ଭୁବନେଶ୍ୱରରେ ଚିନ୍ମୟୀ ସହିତ ତାଙ୍କୁ ଏକାଠି ଦେଖିଥିଲି ବୋଲି ସେ କହିଥିଲେ।

# ୧୦ ଟଙ୍କାରୁ ଅଧିକ ହେବନି ସଂଗ୍ରହାଳୟ ପ୍ରବେଶ ଶୁଳ୍କ

**ଭୁବନେଶ୍ୱର,୧।୩ (ବ୍ୟୁରୋ)**

ଓଡ଼ିଶା କଳାର ଭୂମି। ଆମର କଳା, ସଂସ୍କୃତି ସାରା ବିଶ୍ୱରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆମର ଏହି ମହାନ ଐତିହ୍ୟର ସଂରକ୍ଷଣ ଓ ପ୍ରଚାର ପ୍ରସାର ଦିଗରେ ସଂଗ୍ରହାଳୟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଜନସାଧାରଣ, ବିଶେଷ କରି ଯୁବ ସମାଜ, ଛାତ୍ର ସମାଜ ତଥା ପର୍ଯ୍ୟଟକମାନେ ଯେପରି ଆମ କଳା ଓ ସଂସ୍କୃତି ସହିତ ଭଲ ଭାବରେ ପରିଚିତ ହୋଇପାରିବେ, ସେ ଦୃଷ୍ଟିରୁ ରାଜ୍ୟର କୌଣସି ସଂଗ୍ରହାଳୟର ପ୍ରବେଶ ଦେୟ ୧୦ ଟଙ୍କାରୁ ଅଧିକ ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଛାତ୍ରୀଛାତ୍ର, କାରିଗର ଓ ବୁଣାକାରଙ୍କ ପାଇଁ ସଂଗ୍ରହାଳୟରେ ପ୍ରବେଶ ନିମନ୍ତେ କୌଣସି ଦେୟ ଆଦାୟ କରାଯିବ ନାହିଁ। ରାଜ୍ୟରେ ଥିବା ସଂଗ୍ରହାଳୟଗୁଡ଼ିକ ଯେପରି ଅଧିକ ଲୋକପ୍ରିୟ ହେବ ଓ ପର୍ଯ୍ୟଟକମାନେ

### ଛାତ୍ରୀଛାତ୍ର, କାରିଗର ଓ ବୁଣାକାରଙ୍କ ପାଇଁ ସମ୍ପୂର୍ଣ୍ଣ ଦେୟମୁକ୍ତ

ସେଗୁଡ଼ିକ ପରିଦର୍ଶନର ସୁଯୋଗ ପାଇପାରିବେ, ସେ ଦିଗରେ ପଦକ୍ଷେପ ନେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ପୂର୍ବରୁ ରାଜ୍ୟ ସଂଗ୍ରହାଳୟରେ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ୧୦ଟଙ୍କା, ୧୫ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ୨୦ଟଙ୍କା ଓ ଛାତ୍ରୀଛାତ୍ରଙ୍କ ପାଇଁ ମୁକ୍ତ ଥିଲା। ସେହିପରି କଳାଭୂମିରେ ଟିକେଟ ମୂଲ୍ୟ ୫୦ଟଙ୍କା ଥିବାବେଳେ ଛାତ୍ରୀଛାତ୍ରଙ୍କ ପାଇଁ ୨୦ଟଙ୍କା ଓ ୧୨ବର୍ଷରୁ କମ୍ ପିଲାଙ୍କ ପାଇଁ ଦେୟମୁକ୍ତ ଥିଲା। ଅନ୍ୟପକ୍ଷରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ୨୦ଟଙ୍କା ଓ କଳିଙ୍ଗ ରେଳ ମ୍ୟୁଜିୟମରେ ୨୦ଟଙ୍କାରୁ ଆରମ୍ଭ କରି ବିଭିନ୍ନ ବର୍ଗରେ ୨୦୦ଟଙ୍କା ପର୍ଯ୍ୟନ୍ତ ପ୍ରବେଶ ଶୁଳ୍କ ରହିଛି। କିନ୍ତୁ ଅନୁସୂଚିତ ଜାତି ଓ ଜନଜାତି ସଂଗ୍ରହାଳୟକୁ ନିଃଶୁଳ୍କ ପ୍ରବେଶ ବ୍ୟବସ୍ଥା ଥିଲା।

# ନିକଟତର ଦେଖାଗଲେ ଶୁକ୍ର-ବୃହସ୍ପତି

**ଗ୍ରହ ମିଳନ**

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ବୁଧବାର ସନ୍ଧ୍ୟାରେ ୨ ଉଜ୍ଜ୍ୱଳ ଗ୍ରହ ଶୁକ୍ର ଓ ବୃହସ୍ପତି ଖୁବ୍ ନିକଟତର ଦେଖାଯାଇଥିଲେ। ଗତମାସ ଶେଷ ସପ୍ତାହରେ ସବୁଦିନ ସନ୍ଧ୍ୟାରେ ପ୍ରାୟ ଏକଘଣ୍ଟା ଧରି ଏହି ୨ ଗ୍ରହ ପଶ୍ଚିମ ଆକାଶରେ ଦୃଶ୍ୟମାନ ହେଉଥିଲେ, ଯାହାକୁ ଖାଲି ଆଖିରେ ମଧ୍ୟ ଦେଖିହେଉଥିଲା। ତେବେ ବୁଧବାର ଏହି ଦୁଇ ଗ୍ରହ ଅତି ନିକଟତର ହୋଇଥିଲେ। ଏହା ଏକ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ। ଓଡ଼ିଶା ସମେତ ଭାରତର ସବୁ ଅଞ୍ଚଳରେ ଯେଉଁଠି ଆକାଶ ମେଘମୁକ୍ତ ରହିଥିଲା ସେଠାରେ ଏହି ଗ୍ରହ ମିଳନ ଦେଖାଯାଇଛି। ଏହି ବିରଳ ଦୃଶ୍ୟ ଦେଖିବା ପାଇଁ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟା ୬ଟା ୧୫ରୁ ୭ଟା ୩୦ ପର୍ଯ୍ୟନ୍ତ ଟେଲିସ୍କୋପ୍‌ରେ ଦେଖିବା ପାଇଁ ବ୍ୟବସ୍ଥା ହୋଇଥିଲା। ସ୍କୁଲ ପିଲାଙ୍କଠାରୁ ବଡ଼ ପର୍ଯ୍ୟନ୍ତ ପ୍ରାୟ ୨୦୦ ଲୋକ ଏହି ଦୃଶ୍ୟ ଦେଖିଥିଲେ।




ଏଥିସହିତ ଅନ୍ୟ ଟେଲିସ୍କୋପ୍‌ରେ ଚନ୍ଦ୍ରକୁ ମଧ୍ୟ ଦେଖିବାର ସୁଯୋଗ ଦିଆଯାଇଥିଲା। ଗୁରୁବାର ଏହି ଗ୍ରହ ଦୁଇଟି ଆହୁରି ଅଧିକ ନିକଟତର ହୋଇଯିବେ ଓ ସନ୍ଧ୍ୟା ୬ଟା ୧୫ରୁ ୭ଟା ୧୫ ପର୍ଯ୍ୟନ୍ତ ପ୍ଲାନେଟାରିୟମରେ ଏହାକୁ ଦେଖିବାର ମଧ୍ୟ ବ୍ୟବସ୍ଥା କରାଯାଇଛି। ତେବେ ଶୁକ୍ରବାରଠାରୁ ଗ୍ରହଦ୍ୱୟ ଧୀରେ ଧୀରେ ଦୂରେଇଯିବେ ବୋଲି ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।









ଅତିମାନବ ନିଶ୍ଚୟ ପୃଥିବୀରେ ଉଦ୍‌ଭବ ହେବ। କିନ୍ତୁ ଅତିରଂଜିତ ଏକ ମାନସିକ ବୁଦ୍ଧିସମ୍ପନ୍ନ ମଣିଷ ରୂପେ ନୁହେଁ। ଏକ ଅତିମାନସ ଶକ୍ତିର ଅବତରଣ ପାଇଁ ସେ ହେବ ଏକ ମାଧ୍ୟମ। ତା'ଫଳରେ ସେ ଏକ ନୂତନ ଜୀବନ ବଞ୍ଚିବ ଓ ଏକ ରୂପାନ୍ତରିତ ଦିବ୍ୟ ଶରୀରର ଅଧିକାରୀ ହେବ। -ଶ୍ରୀଅରବିନ୍ଦ





# ଅଧା ଜ୍ଞାନକୁ ସାବଧାନ

ଦେବଦତ୍ତ ପଟ୍ଟନାୟକ

ଅଭିମନ୍ୟୁ ଥିଲେ ଅର୍ଜୁନ ଏବଂ ସୁଭଦ୍ରା(କୃଷ୍ଣଙ୍କ ଭଉଣୀ)ଙ୍କ ପୁତ୍ର। ଯଦିଓ ପ୍ରତ୍ୟେକ ପାଣ୍ଡବ ଦ୍ରୌପଦୀଙ୍କ ଗର୍ଭରୁ ଗୋଟିଏ ଲେଖା ସନ୍ତାନ ଲାଭ କରିଥିଲେ, ତଥାପି ସେମାନେ ପ୍ରତ୍ୟେକ ଅନ୍ୟ ସ୍ତ୍ରୀଙ୍କଠାରୁ ଗୋଟିଏ କରି ସନ୍ତାନର ଜନକ ହୋଇପାରିଥିଲେ। ତେବେ ସବୁ ସନ୍ତାନଙ୍କ ମଧ୍ୟରେ ଅଭିମନ୍ୟୁଙ୍କ କାହାଣୀ ମହାଭାରତର ସବୁଠୁ ଚର୍ଚ୍ଚିତ ଓ ପୀଡ଼ାଦାୟକ। ଅଭିମନ୍ୟୁଙ୍କ ପିତା ଅର୍ଜୁନ ଧନୁର୍ବିଦ୍ୟା ଏବଂ ଯୁଦ୍ଧ ସମ୍ପର୍କରେ କୃଷ୍ଣଙ୍କ ସହ ପ୍ରାୟତଃ ଆଲୋଚନା କରନ୍ତି। ସୁଭଦ୍ରାଙ୍କ ଗର୍ଭରେ ଅଭିମନ୍ୟୁ ଥିବାବେଳେ ସେ ଅର୍ଜୁନଙ୍କ ପାଖରେ ବସି ଏହା ଶୁଣନ୍ତି। ଗର୍ଭସ୍ଥ ଅଭିମନ୍ୟୁ ପିତାଙ୍କ କଥା ଶୁଣି ଧନୁର୍ବିଦ୍ୟା ଉପରେ ସବୁ ଜାଣିପାରିଥିଲେ। ଫଳରେ ଜନ୍ମ ହେଲାବେଳକୁ ସେ ଜଣେ ଯୋଦ୍ଧା ହୋଇଯାଇଥିଲେ। ତେବେ ଯୁଦ୍ଧରେ ଚକ୍ରବ୍ୟୂହକୁ କିଭଳି ଭାଙ୍ଗିହେବ ସେ ବିଷୟରେ ଅର୍ଜୁନ କହୁଥିବା ସମୟରେ କୃଷ୍ଣ ବାଧା ଦେଇ ତାଙ୍କୁ ସୁଭଦ୍ରାଙ୍କ ପାଖ ଛାଡ଼ିବାକୁ କହିଥିଲେ। ଫଳରେ ଅଭିମନ୍ୟୁ ଚକ୍ରବ୍ୟୂହରେ ପ୍ରବେଶ କରିବା କୌଶଳ ଜାଣିପାରିଥିଲେ, କିନ୍ତୁ ତାକୁ ଭାଙ୍ଗି ବାହାରକୁ ବାହାରିବା ବାଟ ଜାଣିପାରି ନ ଥିଲେ। ସେଥିପାଇଁ ୧୬ ବର୍ଷ ପରେ ଏହି ଘଟଣା ଅଭିମନ୍ୟୁଙ୍କ ମୃତ୍ୟୁର କାରଣ ପାଲଟିଥିଲା। ଅଭିମନ୍ୟୁ ମାତୃଗର୍ଭରେ ଥାଇ ଚକ୍ରବ୍ୟୂହ ସମ୍ପର୍କରେ ଶିକ୍ଷା କରୁଥିବା ସମୟରେ ଶ୍ରୀକୃଷ୍ଣ କାହିଁକି ସେଥିରେ ବାଧା ଦେଇଥିଲେ ତାହାର କାରଣକୁ ନେଇ ଭାରତର ବିଭିନ୍ନ ଅଞ୍ଚଳରେ ଅନେକ କିମ୍ବଦନ୍ତୀ ବା ଲୋକକଥା ସାମ୍ନାକୁ ଆସେ।

ଗୋଟିଏ କାହାଣୀ କହେ, ଅଭିମନ୍ୟୁ ବାସ୍ତବରେ ଜଣେ ରାକ୍ଷସ। ସେ ଯଦି କୁରୁକ୍ଷେତ୍ର ଯୁଦ୍ଧରୁ ବଞ୍ଚିଯାଇଥାଆନ୍ତେ ତେବେ ତାଙ୍କର ରାକ୍ଷସ ପ୍ରବୃତ୍ତି ପ୍ରକାଶ ପାଇଥାନ୍ତା। କୃଷ୍ଣ ଏହା ଜାଣିଥିଲେ। ଏଣୁ ଏହି କାର୍ଯ୍ୟ ମାଧ୍ୟମରେ ସେ ନିଜେ ଯୁଦ୍ଧରେ ଅଭିମନ୍ୟୁଙ୍କ ମୃତ୍ୟୁ ନିଶ୍ଚିତ କରିଥିଲେ। ଅନ୍ୟ ଏକ କାହାଣୀ ଅନୁଯାୟୀ, ଅଭିମନ୍ୟୁ ଥିଲେ ଚନ୍ଦ୍ରଙ୍କ ପୁତ୍ର। ସେ ମରଣଶୀଳ ଭାବେ ମର୍ତ୍ତ୍ୟରେ ରହିବାକୁ ଅଭିଶାପ ପାଇଥିଲେ। ଏଣୁ ଚନ୍ଦ୍ର ତାଙ୍କ ପୁତ୍ରକୁ ପାଖରେ ପାଇପାରୁ ନ ଥିଲେ। ଏଥିପାଇଁ ସେ ୧୬ ବର୍ଷ ବୟସରେ ତାଙ୍କ ପୁତ୍ରକୁ ମାରିବା ଲାଗି ଉପାୟ କରିବାକୁ କୃଷ୍ଣଙ୍କୁ ଅନୁରୋଧ କରିଥିଲେ। ଏହା କରିବାକୁ କୃଷ୍ଣଙ୍କ ପାଖରେ ଏକମାତ୍ର ଉପାୟ ଥିଲା ଅଭିମନ୍ୟୁଙ୍କୁ ଚକ୍ରବ୍ୟୂହ ରହସ୍ୟ ଶିକ୍ଷା କରାଇ ନ ଦେବା। ତୃତୀୟ କାହାଣୀ ଅତ୍ୟନ୍ତ କପଟସୂଚକ ତଥା ଭୟାବହ। ଅର୍ଜୁନ ତାଙ୍କ ପୁତ୍ର ଅଭିମନ୍ୟୁଙ୍କୁ କେତେ ଭଲ ପାଉଥିଲେ ତାହା କୃଷ୍ଣ ଜାଣିଥିଲେ। କେବଳ ଅଭିମନ୍ୟୁଙ୍କ ମୃତ୍ୟୁ ତାଙ୍କ ଗୁରୁଙ୍କ ହାତରେ ହେଲେ ହିଁ ତାହା ବ୍ୟକ୍ତିଗତ ଭାବେ ଯୁଦ୍ଧକୁ ଗମ୍ଭୀରତାର ସହ ନେବା ଓ ଭୟଙ୍କର ଲଢ଼େଇ କରିବା ପାଇଁ ଅର୍ଜୁନଙ୍କୁ ଉତ୍ସୁକାଇବ ବୋଲି କୃଷ୍ଣ ନିଶ୍ଚିତ ଥିଲେ।



ପାଣ୍ଡବମାନେ ଜୁଆଖେଳରେ ସେମାନଙ୍କ ରାଜ୍ୟ ହରାଇ ୧୩ ବର୍ଷ ନିର୍ବାସନରେ ଯିବାବେଳକୁ ଅଭିମନ୍ୟୁଙ୍କୁ ମାତ୍ର ୨ ବର୍ଷ ହୋଇଥିଲା। ପାଣ୍ଡବମାନେ ଅଜ୍ଞାତବାସରୁ ଫେରିବା ସମୟରେ ଅଭିମନ୍ୟୁଙ୍କ ବୟସ ଥିଲା ୧୫। ପାଣ୍ଡବ ସେମାନଙ୍କ ରାଜ୍ୟ ଫେରାଇବା ଲାଗି କୌରବଙ୍କୁ କହିବାରୁ ସେମାନେ ମନା କରିଦେଲେ। ଏହାଯୋଗୁ କୌରବଙ୍କ ବିରୋଧରେ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହେବାକୁ ପାଣ୍ଡବଙ୍କୁ ୧ ବର୍ଷ ଲାଗିଯାଇଥିଲା। ଏଣୁ ଯୁଦ୍ଧ ଆରମ୍ଭ ହେବାବେଳକୁ ଅଭିମନ୍ୟୁଙ୍କୁ ହୋଇଥିଲା ୧୬ ବର୍ଷ। ଦ୍ୱାରକା ଥିଲା ଅଭିମନ୍ୟୁଙ୍କ ମାମୁଘର। ସେଠାରେ ମାମୁ କୃଷ୍ଣ ଓ ବଳରାମଙ୍କ ସହିତ ତାଙ୍କ ପିଲାଦିନ କଟିଥିଲା। ଦ୍ୱାରକାରେ ରହିବା ସମୟରେ ସେ ବଳରାମଙ୍କ କନ୍ୟା ବତ୍ସଳା(କେତେକ ପୁରାଣରେ ନାମ ଶଶିରେଖା)ଙ୍କ ପ୍ରେମରେ ପଡ଼ିଯାଇଥିଲେ। କିନ୍ତୁ ବଳରାମ ତାଙ୍କ କନ୍ୟାର ବିବାହ ଜଣେ ଜୁଆଡ଼ିଙ୍କ ପୁତ୍ର ସହ ନ କରି ଜଣେ ଧନୀ ବ୍ୟକ୍ତି ସହିତ କରିବାକୁ ଚାହୁଁଥିଲେ। ଏଣୁ ସେ ଦୁର୍ଯ୍ୟୋଧନଙ୍କ ପୁତ୍ର ଲକ୍ଷ୍ମଣଙ୍କୁ ତାଙ୍କ ଝିଅକୁ ବିବାହ କରିବା ଲାଗି ଆମନ୍ତ୍ରଣ କଲେ। ଏଥିରେ ଅଭିମନ୍ୟୁ ଭାଙ୍ଗିପଡ଼ିଲେ ଓ ସାହାଯ୍ୟ କରିବାକୁ ମାମୁ କୃଷ୍ଣଙ୍କୁ ଅନୁରୋଧ କଲେ। କୃଷ୍ଣ ଏଥିରେ ହସ୍ତକ୍ଷେପ କରିପାରିବେ ନାହିଁ କହି ଭୀମଙ୍କ ପୁତ୍ର ଘଟତ୍କଚ(ହିଡ଼ିମ୍ବାଙ୍କ ଗର୍ଭରୁ ଜନ୍ମ)ଙ୍କ ସାହାଯ୍ୟ ନେବା ଲାଗି ଅର୍ଜୁନଙ୍କୁ ପରାମର୍ଶ ଦେଇଥିଲେ। ଘଟତ୍କଚ୍ ରାଜିହୋଇ ଅଭିମନ୍ୟୁ ଓ ବତ୍ସଳାଙ୍କୁ ଦ୍ୱାରକା ବାହାରକୁ ନେଇ ଜଙ୍ଗଲରେ ଉଭୟଙ୍କ ବିବାହ କରାଇଥିଲେ। ପରେ ଘଟତ୍କଚ୍ ଅଲୌକିକ ମାୟାବଳରେ ବତ୍ସଳା ରୂପ ନେଇ ବିବାହ ଉତ୍ସବରେ ଉପସ୍ଥିତ ହେଲେ। ବଳରାମ କନ୍ୟାଦାନ କରିବା ସମୟରେ ଘଟତ୍କଚ୍ ଲକ୍ଷ୍ମଣଙ୍କ ହାତକୁ ଜୋର୍‌ରେ ଚାପିଦେବାରୁ ସେ ମୂର୍ଚ୍ଛା ହାଇଗଲେ। ଦୁର୍ଯ୍ୟୋଧନ ଯେତେବେଳେ ଜାଣିଲେ ଯେ ବତ୍ସଳା ହେଉଛି ଘଟତ୍କଚ୍, ସେତେବେଳେ ସେ ରାଗିଗଲେ। ଦୁର୍ଯ୍ୟୋଧନଙ୍କ ବଦଳରେ ସୁଭଦ୍ରା ଯେଭଳି ଅର୍ଜୁନଙ୍କୁ ବିବାହ କରିଥିଲେ ଠିକ୍ ସେହିଭଳି ବତ୍ସଳା ଦୁର୍ଯ୍ୟୋଧନଙ୍କ ପୁତ୍ରକୁ ବାହା ନ ହୋଇ ଅର୍ଜୁନଙ୍କ ପୁତ୍ରଙ୍କୁ ବିବାହ କରିଥିଲେ। ଦ୍ୱିତୀୟଥର ଠକାମିର ଶିକାର ହେବା ଦ୍ୱାରା ପୁନର୍ବାର ପାଣ୍ଡବମାନଙ୍କ ପ୍ରତି ଦୁର୍ଯ୍ୟୋଧନଙ୍କ ଘୃଣା ବଢ଼ିଯାଇଥିଲା।

ପାଣ୍ଡବମାନେ ଅଜ୍ଞାତବାସରୁ ବାହାରିବା ପରେ ଅର୍ଜୁନ ତାଙ୍କ ପୁଅ ଅଭିମନ୍ୟୁଙ୍କୁ ମତ୍ସ୍ୟର ରାଜା ବିରାଟଙ୍କ କନ୍ୟା ଉତ୍ତରା ସହ ଦ୍ୱିତୀୟ ପତ୍ନୀ ରୂପେ ବିବାହ କରାଇଥିଲେ। ମାତ୍ର ବିରାଟ ତାଙ୍କ କନ୍ୟାଙ୍କୁ ଅର୍ଜୁନଙ୍କ ସହ ବିବାହ ଦେବାକୁ ଚାହୁଁଥିଲେ। କିନ୍ତୁ ଉତ୍ତରା ତାଙ୍କ ପୁତ୍ରବଧୂ ହେବା ଲାଗି ଅଧିକ ଯୋଗ୍ୟ ବୋଲି ଅର୍ଜୁନ ଅନୁଭବ କରିଥିଲେ। ଠିକ୍ ଏହି ସମୟରେ କୁରୁକ୍ଷେତ୍ରରେ ଯୁଦ୍ଧ ଘୋଷଣା ହେଲା। ସେତେବେଳକୁ ଅଭିମନ୍ୟୁଙ୍କ ଦୁଇ ସ୍ତ୍ରୀ ଥିଲେ। ସେ ଯେତେବେଳେ ଯୁଦ୍ଧକ୍ଷେତ୍ରକୁ ଗଲେ ସେତେବେଳେ ତାଙ୍କ ଦ୍ୱିତୀୟ ସ୍ତ୍ରୀ ଉତ୍ତରାଙ୍କ ଗର୍ଭରେ ପରିକ୍ଷିତ ଥିଲେ। ପାଣ୍ଡବଙ୍କ ଉତ୍ତରାଧିକାରୀ ଭାବେ ସେ ହିଁ କେବଳ ଯୁଦ୍ଧରୁ ବଞ୍ଚିଯାଇଥିଲେ। ମହାଭାରତ ଯୁଦ୍ଧର ତ୍ରୟୋଦଶ ଦିବସରେ ଚକ୍ରବ୍ୟୂହ ରଚନା କରି ଦ୍ରୋଣ ପାଣ୍ଡବ ସେନାଙ୍କ ଉପରେ ଭୟଙ୍କର ଆକ୍ରମଣ କଲେ। ଏହି ଚକ୍ରବ୍ୟୂହକୁ ଭେଦ କରିବାରେ ଏକମାତ୍ର ବୀର ଥିଲେ ଅର୍ଜୁନ। କିନ୍ତୁ କୃଷ୍ଣ ରଥାରୂଢ଼ ଯୋଦ୍ଧାମାନଙ୍କୁ ନିପାତ କରିବା ଲାଗି ଅର୍ଜୁନଙ୍କୁ ଯୁଦ୍ଧକ୍ଷେତ୍ରର ବହୁଦୂରକୁ ନେଇଗଲେ। ଏହି ସମୟରେ ପାଣ୍ଡବ ସେନା ଚକ୍ରବ୍ୟୂହରେ ଫସିଗଲେ। ଯୁଧିଷ୍ଠିର ନିରାଶ ହୋଇଗଲେ। ସେ କହିଲେ କେହି କ'ଣ ଏହି ଚକ୍ରବ୍ୟୂହକୁ ଭାଙ୍ଗିପାରିବ ନାହିଁ? ଏହା ଶୁଣି ଅଭିମନ୍ୟୁ କହିଲେ, ସେ ଏହାକୁ ଭାଙ୍ଗିବାର କୌଶଳ ଜାଣିଛନ୍ତି, ଯେଉଁଥିରେ ପାଣ୍ଡବ ସେନା ରକ୍ଷାପାଇଯିବେ। କିନ୍ତୁ କେହି ଜଣେ ମୋତେ ସେହି ବ୍ୟୂହରୁ ବାହାର କରି ରକ୍ଷା କରିବା ଲାଗି ଆସିବାକୁ ପଡ଼ିବ, କାରଣ ମୁଁ ସେଥିରୁ ବାହାରିବାର ବାଟ ଜାଣିନାହିଁ। ପାଣ୍ଡବ ସେନା ରକ୍ଷା ପାଇବା ପରେ ଯୁଧିଷ୍ଠିର ତାଙ୍କୁ ରକ୍ଷା କରିବା ଲାଗି ଯିବେ ବୋଲି ପ୍ରତିଶ୍ରୁତି ଦେଲେ। କିନ୍ତୁ ଦୁର୍ଭାଗ୍ୟବଶତଃ, ସେ ତାହା କରିବାକୁ ଅକ୍ଷମ ହୋଇଥିଲେ। କାରଣ ଦୁର୍ଯ୍ୟୋଧନଙ୍କ ଭିଣୋଇ ଜୟଦ୍ରଥ ତାଙ୍କ ବାଟ ଓଗାଳିଥିଲେ।

ଚକ୍ରବ୍ୟୂହରେ ପଡ଼ି ଅଭିମନ୍ୟୁ ସିଂହ ଭଳି ଯୁଦ୍ଧ କରିଥିଲେ। ସେ ଦୁର୍ଯ୍ୟୋଧନଙ୍କ ପୁତ୍ର ଲକ୍ଷ୍ମଣଙ୍କୁ ବଧ କରିଥିଲେ। କିନ୍ତୁ ପରେ ଯୁଦ୍ଧର ସବୁ ନୀତିନିୟମ ବିରୋଧରେ ଯାଇ ଅନେକ କୌରବ ବୀର ତାଙ୍କ ଉପରେ ବାରମ୍ବାର ଆକ୍ରମଣ କରିଥିଲେ। ଅଭିମନ୍ୟୁଙ୍କ ଧନୁ ଓ ରଥକୁ କର୍ଣ୍ଣ ଭାଙ୍ଗିଦେଇଥିଲେ। ହେଟାମାନେ ଯେଉଁଭଳି ଏକ ଆହତ ସିଂହକୁ ଘେରିଯାଇ ଆକ୍ରମଣ କରନ୍ତି ସେହିଭଳି ଅନ୍ୟ ରଥୀମାନେ ଅଭିମନ୍ୟୁଙ୍କୁ ଘେରିଯାଇ ଆକ୍ରମଣ କରିଥିଲେ। ଚକ୍ରବ୍ୟୂହ ବାହାରେ ରହି ପାଣ୍ଡବମାନେ କେବଳ ତାଙ୍କ କାନ୍ଦ ଶୁଣୁଥିଲେ। ଶେଷରେ ଦୁଃଶାସନ ପୁତ୍ରର ଶେଷ ଆକ୍ରମଣରେ ଅଭିମନ୍ୟୁଙ୍କ ମୃତ୍ୟୁ ହୋଇଥିଲେ ବି ବୀରତ୍ୱର ସହ ଲଢ଼ି ତାଙ୍କୁ ମଧ୍ୟ ମାରିଦେଇଥିଲେ ଅଭିମନ୍ୟୁ। ବହୁ ସମୟରେ ଗୁରୁମାନେ କୁହନ୍ତି 'ଅଧା ଜ୍ଞାନକୁ ସାବଧାନ', ଯାହାର ଏକ ବଡ଼ ଉଦାହରଣ ରଖିଯାଇଛନ୍ତି ଅଭିମନ୍ୟୁ।

-devduttofficial@gmail.com

## ଅବସର ସମୟ



ଅଲେଖ ଚନ୍ଦ୍ର ମିଶ୍ର

''What is this life if full of care, we have no time to stand and stare. W.H. Davies (Leisure).'' ପ୍ରଖ୍ୟାତ ଇଂରାଜୀ କବି ଉଇଲିୟମ ହେନେରି ଡେଭିସ୍‌ଙ୍କ ଭାଷାରେ ଯେଉଁ ଜୀବନରେ ଦଣ୍ଡେ ଠିଆ ହେବା ଏବଂ କିଛି ଦେଖିବା ପାଇଁ ଫୁରସତ ନାହିଁ ସେଭଳି ଜୀବନରେ କି ଲାଭ ? ଏଥିରୁ ବ୍ୟସ୍ତବହୁଳ ଜୀବନରେ ଉଦ୍‌ବୃତ୍ତ ସମୟ, ଅବସର ବା ଫୁରସତର ତାତ୍ପର୍ଯ୍ୟ ସହଜରେ ଅନୁମେୟ। ସମୟ ଯେତିକି ମୂଲ୍ୟବାନ୍ ଅବସର ସେତିକି ଅପରିହାର୍ଯ୍ୟ। ଅବସର ବିନା ସମୟ ଅସମ୍ପୂର୍ଣ୍ଣ ଏବଂ ଜୀବନ ଅର୍ଥହୀନ। ସେଥିପାଇଁ ତ ରାତି ଓ ଦିନର ସୃଷ୍ଟି। କର୍ମକ୍ଷେତ୍ରରେ ବି ଏହାର ଆବଶ୍ୟକତା ସମ୍ୟକ୍ ଉପଲବ୍ଧ। ତେଣୁ ଶିକ୍ଷାୟତନ, ଶିଳ୍ପାୟନ, ବ୍ୟବସାୟିକ ସଂସ୍ଥା, ସରକାରୀ ଦପ୍ତର, ଘରୋଇ ସଂସ୍ଥାନ, ସାମାଜିକ ଅନୁଷ୍ଠାନ ଏ ପ୍ରତ୍ୟେକ କ୍ଷେତ୍ରରେ ସପ୍ତାହାନ୍ତ ଅବକାଶ ପାଇଁ ବ୍ୟବସ୍ଥା କରାଯାଇଅଛି। ଏପରି କି କାରାଗାରର ଶୃଙ୍ଖଳା ଭିତରେ ବି ଅନ୍ତେବାସୀଙ୍କର ଅବସର ବିନୋଦନ ପାଇଁ କେତେକ ବନ୍ଦୋବସ୍ତ କରାଯାଇଥାଏ। କର୍ମଜୀବୀଙ୍କ ପାଇଁ ମଧ୍ୟାହ୍ନ ବିରତି ଏହାର ଅନ୍ୟ ଏକ ଦୃଷ୍ଟାନ୍ତ। ଅବସରର ଅନ୍ୟତମ ଉଦ୍ଦେଶ୍ୟ ହେଲା ଏହା କ୍ଳାନ୍ତି ଓ ଅବସାଦ ଦୂର କରେ ଏବଂ କାର୍ଯ୍ୟରେ ଦକ୍ଷତା ବୃଦ୍ଧି ପାଇଁ ସହାୟକ ହୁଏ। ତେଣୁ ଧରାବନ୍ଧା ଜଞ୍ଜାଳରୁ ଟିକିଏ ତ୍ରାହି ପାଇଁ ଛୁଟିଦିନକୁ ସମସ୍ତେ ଚାତକ ପରି ଚାହିଁ ରହିଥାନ୍ତି ଏବଂ ସେ ଦିନ ଆସିଗଲେ ବିଭିନ୍ନ ଉପାୟରେ ମନୋରଞ୍ଜନ ଲାଗି ଲାଗିପଡ଼ନ୍ତି। ବଣଭୋଜି, ବନ୍ଧୁ ଦର୍ଶନ, ସିନେମା ଥିଏଟର, ରିୟଲିଟି ଶୋ', ପ୍ରବଚନ, ପାର୍କ ଭ୍ରମଣ, ଦର୍ଶନୀୟ ସ୍ଥାନ ଭ୍ରମଣ, ଅବସର ବିନୋଦନ କେନ୍ଦ୍ର, ବାର୍, ହୋଟେଲ, ରେସ୍ତୋରାଁ, କ୍ଲବ, ପାର୍ଟି, ଭୋଜିଭାତ, ଜିମ୍, ସ୍ପୋର୍ଟ୍ସ କ୍ଲବ, ସାଇବର ହବ୍, ସଙ୍ଗୀତ, ନାଇଟ୍ କ୍ଲବ(ରାଗା ଡବ୍ ଫେଷ୍ଟ ଇତ୍ୟାଦି) ଏବଂ ସାଂସ୍କୃତିକ କେନ୍ଦ୍ର ଏ ପ୍ରତ୍ୟେକ ମନୋରଞ୍ଜନ ପାଇଁ ଖୋରାକ ଯୋଗାଇଥାଏ। ଖେଳ କସରତ ମଧ୍ୟ ଏ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ପାରମ୍ପରିକ ପଶାପାଲି, ଲୁଡୁ, ପୁଚି, କବାଡ଼ିଠାରୁ ଆଧୁନିକ ଖେଳ ଯାଏ ମଣିଷକୁ ଭରପୂର ଆନନ୍ଦ ଦେଇଥାଏ। ବୈଦ୍ୟୁତିକ ସରଂଯାମ ଯଥା ଟିଭି, ଭିଡିଓ, ମୋବାଇଲ, କମ୍ପ୍ୟୁଟର ଇତ୍ୟାଦି ବି ଆମୋଦପ୍ରମୋଦର ଅନ୍ୟ ଏକ ଉତ୍ସ। କିନ୍ତୁ ଅବସର ବିନୋଦନ ପାଇଁ ପୁସ୍ତକ ହିଁ ସର୍ବଶ୍ରେଷ୍ଠ ଉପାଦାନ। ବହି ମଣିଷର ଚିରସହଚର। ଯେତେ ବେଳେ ଅନ୍ୟମାନେ ତା'ଠାରୁ ଦୂରେଇଯାଆନ୍ତି ବହି ହିଁ ତା' ପାଖେ ପାଖେ ରହିଥାଏ ଏବଂ ତା'ର ସଦୁପଯୋଗ ମଣିଷର ସମସ୍ତ ଅବସାଦ ଦୂର କରିଦିଏ। ସୂଚନାଯୋଗ୍ୟ, ସଂପ୍ରତି ଦିଲ୍ଲୀରେ ଏକ ଅଭିନବ ସଂସ୍ଥା ପ୍ରତିଷ୍ଠିତ ହୋଇଛି, ଯାହାର ନାମ ବିଓ୍ୱାଇଓବି (BYOB) ଅର୍ଥାତ୍ 'ବ୍ରିଙ୍ଗ୍ ଇଓର୍ ଓନ୍ ବୁକ୍' କ୍ଲବ। ଏଠାରେ ପ୍ରତ୍ୟେକେ ନିଜ ନିଜର ବହି ଆଣି ପଢ଼ନ୍ତି ଏବଂ ଅନ୍ୟମାନଙ୍କ ସହିତ ବହି ଅଦଳବଦଳ କରନ୍ତି। ତାରି ମାଧ୍ୟମରେ ପରସ୍ପର ସହିତ ଭାବ ଆଦାନପ୍ରଦାନ କରନ୍ତି। ମାତ୍ର ଗଭୀର ପରିତାପର ବିଷୟ, ସମୟ ଭଳି ଏକ ଦୁର୍ଲଭ ସମ୍ପଦର ମୂଲ୍ୟ ବୁଝି ନ ପାରି ଅନେକେ ତା'ର ଅପଚୟ କରନ୍ତି ଏବଂ ଟିକିଏ ଫୁର୍‌ସତ୍ ମିଳିଲେ ପରଚର୍ଚ୍ଚା, ପରଛିଦ୍ରେ, ପରର ଦୁର୍ବଳତା, କୁତ୍ସାରଟନା, ପରଶ୍ରୀକାତରତା ଇତ୍ୟାଦି ନକାରାତ୍ମକ ଚିନ୍ତାଧାରାରେ ମଗ୍ନ ହୋଇଯା'ନ୍ତି। ବିଶେଷକରି ଗାଁ ଗହଳିର ଗୃହିଣୀମାନେ ବୃଥା ଗପସପରେ ଯେତିକି ସମୟ ନଷ୍ଟ କରନ୍ତି ତା'ର ହିସାବ ନାହିଁ। ସେ ଗାଧୁଆତୁଠରେ ହେଉ, ଦାଣ୍ଡଦୁଆରେ ହେଉ, ସମ୍ମିଳିତ ଉପାସନା ସ୍ଥଳୀ ହେଉ କିମ୍ବା ସାହିପଡ଼ିଶାଙ୍କ ସହିତ ହେଉ ସେମାନେ ଗପରେ ଏମିତି ମଜ୍ଜିଯାଆନ୍ତି ଯେ ସମୟ କେମିତି କଟିଯାଏ ଜଣାପଡ଼େନା। ଅଳସୁଆମାନଙ୍କ ପାଇଁ ତ ସମୟ ଏକ ବୋଝ ସଦୃଶ। କିଛି କାମଦାମ ନ ଥିବାରୁ ତାଙ୍କ ମନରେ ନାନା ପ୍ରକାରର ଅସାର ଓ ଅବାସ୍ତବ କଳ୍ପନା ରୂପ ନିଏ, ଯାହା ବେଳେବେଳେ ଧ୍ୱଂସାତ୍ମକ ସାବ୍ୟସ୍ତ ହୁଏ। ତେଣୁ କୁହାଯାଏ ''ଖାଲି ମସ୍ତିଷ୍କ ସୈତାନ୍‌ର ଘର(କର୍ମଶାଳା)।'' ଅବସର ସମୟର ସଦୁପଯୋଗ ପାଇଁ ଆମର ପୁରାଣ ଶାସ୍ତ୍ରରେ ଅନେକ ଉପଦେଶ ଦିଆଯାଇଅଛି। ତନ୍ମଧ୍ୟରୁ ନିମ୍ନୋକ୍ତ ଆପ୍ତବାଣୀଟି ପ୍ରଣିଧାନଯୋଗ୍ୟ। ''କାବ୍ୟଶାସ୍ତ୍ର ବିନୋଦେନ କାଲୋ ଗଚ୍ଛତି ଧୀମତାଂ, ବ୍ୟସନେନ ଚ ମୂର୍ଖାଣାଂ ନିଦ୍ରୟା କଲହେନ ବା।'' ଅର୍ଥାତ୍ ଗୁଣୀଜନମାନଙ୍କର ସମୟ କାବ୍ୟଶାସ୍ତ୍ର ଆଲୋଚନାରେ କଟିଯାଏ। କିନ୍ତୁ ମୂର୍ଖମାନଙ୍କର ସମୟ ବିଳାସବ୍ୟସନ (ଅଳସୁଆମି), ନିଦ୍ରା କିମ୍ବା କଳହ ମାଧ୍ୟମରେ କଟେ।

**ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର, ୟୁନିଟ୍-୪, ଭୁବନେଶ୍ୱର, ମୋ:- ୯୪୩୮୬୭୩୮୯୮**

## ଏଇ ଭାରତରେ

ଧର୍ମୀୟ ପରମ୍ପରାରେ ଅନ୍ଧବିଶ୍ୱାସର ପ୍ରଭାବ କାଳକାଳକୁ ରହି ଆସିଛି, ଯାହାର ଏକ ଦୃଷ୍ଟାନ୍ତ ହେଉଛି ଝାଡ଼ଖଣ୍ଡର ଦୁର୍ଗାପୁର ଗାଁ। କସମାର ବ୍ଲକ ଅନ୍ତର୍ଗତ ଏହି ଗାଁରେ ହୋଲି ପର୍ବକୁ ନେଇ ଏକ ଅନ୍ଧବିଶ୍ୱାସ ଏଯାବତ ବଳବତ୍ତର ରହିଥିବା ଦେଖାଯାଏ, ଯେଉଁଥିପାଇଁ ଆଜକୁ ୧୦୦ ବର୍ଷ ହେଲା ଏହି ପର୍ବ ପାଳନ କରାଯାଉନାହିଁ। ଏହି ଘଟଣା ପଛରେ ବି ଏକ କାହାଣୀ ରହିଛି। ୧୦୦ ବର୍ଷ ପୂର୍ବେ ଜଣେ ରାଜାଙ୍କ ଝିଅର ମୃତ୍ୟୁ ହୋଲି ଦିନ ହୋଇଥିଲା। ଏହା ସତ୍ତ୍ୱେ ଦୁର୍ଗାପୁରରେ ହୋଲି ପାଳନ କରାଯାଇଥିଲା। ହୋଲି ପରେ ସେହି ଗାଁରେ ମହାମାରୀ ବ୍ୟାପିବା ଯୋଗୁ ବହୁ ଲୋକଙ୍କର ମୃତ୍ୟୁ ଘଟିଥିଲା। ଏହା ଦେଖି ରାଜା ସେବେଠାରୁ ସେହି ଗାଁରେ ହୋଲି ପାଳନ ହେବ ନାହିଁ ବୋଲି ଆଦେଶ ଦେଇଥିଲେ। ସେବେଠାରୁ ଦୁର୍ଗାପୁରର ଲୋକେ ସେହି ଆଦେଶ ପାଳନ କରି ଆସୁଛନ୍ତି। ଏହା ବ୍ୟତୀତ ସେଠାରେ ଲୋକଙ୍କର ଏବେ ବି ବିଶ୍ୱାସ ରହିଛି ଯେ, ଯଦି କୌଣସି ବ୍ୟକ୍ତି ଅନ୍ୟ ଜଣଙ୍କୁ ରଙ୍ଗ ଲଗାଇବେ ତେବେ ଗାଁରେ ମହାମାରୀ ପୁଣି ବ୍ୟାପିଯିବ। ଏହି ଭୟ ସେଠାକାର ଲୋକଙ୍କୁ ହୋଲି ପାଳନରୁ ବଞ୍ଚିତ କରିଆସିଛି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୨ ମାର୍ଚ୍ଚ ୧୯୯୮

- ପୂର୍ବତନ ରାଷ୍ଟ୍ରପତି ଜେନେରାଲ ଏର୍ଶାଦଙ୍କୁ ଜେଲରେ ଅଟକ ରଖାଯିବା ଘଟଣାକୁ ବାଂଲାଦେଶର ସୁପ୍ରିମ୍ କୋର୍ଟ ବେଆଇନ ବୋଲି ଘୋଷଣା କରିଛନ୍ତି।
- ମରଣୋତ୍ତର ଭାବେ ଫିଲ୍ମ ହସ୍ତୀ ସତ୍ୟଜିତ୍ ରାୟ, ସ୍ୱାଧୀନତା ସଂଗ୍ରାମୀ ଅରୁଣ ଆସଫ ଅଲ୍ଲୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଗୁଲଜାରିଲାଲ ନନ୍ଦାଙ୍କ ସମେତ କ୍ଷେପଣାସ୍ତ୍ର ପ୍ରଯୁକ୍ତିର ଜନକ ଡ଼ଃ. ଏ.ପି.ଜେ. ଅବଦୁଲ କଲାମ ଏବଂ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ଏମ୍.ଏସ୍. ସୁବବୁଲକ୍ଷ୍ମୀଙ୍କୁ ଭାରତରତ୍ନ ପ୍ରଦାନ।
- ପ୍ରବୀଣ ମାର୍କ୍ସବାଦ ଦାର୍ଶନିକ, ରିଭୋଲ୍ୟୁସନାରୀ ସୋସାଲିଷ୍ଟ ପାର୍ଟିର ବରିଷ୍ଠ ନେତା, ଶିକ୍ଷାବିତ୍ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ୬୧ ବର୍ଷ ବୟସରେ ପରଲୋକ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 2 | 3 | 9 | | |
| 4 | | | | 1 | 9 | 6 | | 3 |
| | | | | | | | | |
| | 7 | | | 4 | 5 | 3 | | 9 |
| | | | | | | | 8 | |
| | | | | | 7 | 4 | | |
| 9 | | 8 | | | | 7 | | 6 |
| | | 3 | | 9 | 2 | 1 | | |
| 5 | | 1 | | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 9 | 1 | 3 | 5 | 8 | 2 | 4 |
| 3 | 1 | 4 | 2 | 8 | 9 | 6 | 7 | 5 |
| 2 | 5 | 8 | 4 | 7 | 6 | 1 | 9 | 3 |
| 4 | 2 | 7 | 6 | 9 | 1 | 5 | 3 | 8 |
| 1 | 9 | 6 | 3 | 5 | 8 | 2 | 4 | 7 |
| 8 | 3 | 5 | 7 | 4 | 2 | 9 | 6 | 1 |
| 9 | 4 | 2 | 5 | 1 | 7 | 3 | 8 | 6 |
| 5 | 8 | 3 | 9 | 6 | 4 | 7 | 1 | 2 |
| 6 | 7 | 1 | 8 | 2 | 3 | 4 | 5 | 9 |

ଗତକାଲିର ଉତ୍ତର



# ଭଞ୍ଜ ସାହିତ୍ୟରେ ନାରୀ

ବାଦଲ ଭୂୟାଁ

କବିତାକୁ କଳାମଞ୍ଜୁଳ ଓ ରସାଳତମ ସଙ୍ଗୀତ ବାହାନାରେ ଅଧିଷ୍ଠିତ କରାଇବା ପାଇଁ ବହୁ ଶତାବ୍ଦୀ କାଳ ଓଡ଼ିଆ ଜାତି ସାଧନା କରିଥିଲା। କିନ୍ତୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ହିଁ ଏହି ସାଧନାର ମୁଣ୍ଡି ମାରିଥିଲା। ଯେଉଁ ଅଳଙ୍କାର ବିଭବ ଓ ରସବିଭବ ନେଇ ସଂସ୍କୃତ ଭାଷା ବିଶ୍ୱବନ୍ଦ୍ୟା, ସେ ସବୁକୁ ନିଜ କାବ୍ୟ କବିତାରେ ପ୍ରବର୍ତ୍ତନ କରି ଓଡ଼ିଆ ଭାଷାର ସ୍ଥିତି ଦୃଢ଼ କରିଥିଲେ କବି ସମ୍ରାଟ। ତେବେ ସେତେବେଳର ସମାଜରେ ନାରୀର ଦୟନୀୟ ସ୍ଥିତିକୁ ପରିବର୍ତ୍ତନ କରିବାର ଚିନ୍ତା ନେଇ ସେ ଯେଉଁ କାବ୍ୟ କବିତାମାନ ରଚନା କରିଯାଇଥିଲେ ତା'ର ପ୍ରଭାବ ଆଜିର ସମାଜରେ ଦେଖିବାକୁ ମିଳୁଛି। ଓଡ଼ିଆ ଜାତି ଯେଉଁ ଜଣକୁ କବିଭାବେ ହୃଦୟର ସହିତ ଗ୍ରହଣ କରିଛି ସେ ହେଉଛନ୍ତି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ। ଗତାନୁଗତିକ ସାହିତ୍ୟରୁ ବ୍ୟତିକ୍ରମ ଥିଲା ଭଞ୍ଜ ସାହିତ୍ୟ। ସମାଜକୁ ସୁସ୍ଥ ସୁନ୍ଦର କରିବାରେ ସହାୟକ ହେଉଥିବା ପୁରାଣ ବର୍ଣ୍ଣିତ ବିଚାରଧାରାକୁ ଗ୍ରହଣ କରିବା ସହ ଏହାର ପରିପନ୍ଥୀ ବିଚାରଧାରାକୁ ପ୍ରତ୍ୟାଖ୍ୟାନ କରିଥିଲେ ସେ। ସେଥିମଧ୍ୟରୁ ମୁଖ୍ୟ ଥିଲା ନାରୀମାନଙ୍କ ସମ୍ପର୍କରେ ପୁରାଣ ଆଦିରେ ରହିଥିବା ଚିନ୍ତାଧାରା। ମାନବ ସମାଜର ଅର୍ଦ୍ଧେକ ନାରୀ ଶକ୍ତି ହୋଇଥିଲେ ମଧ୍ୟ ବିଭିନ୍ନ ଧର୍ମରେ, ଧର୍ମଗ୍ରନ୍ଥରେ ସେମାନଙ୍କୁ ସର୍ବଦା ନ୍ୟୂନଭାବେ ଦର୍ଶାଯାଇଛି। ଏହାକୁ ଉପେନ୍ଦ୍ର ଭଞ୍ଜ ସହଜରେ ଗ୍ରହଣ କରିପାରି ନ ଥିଲେ।

ଭାଗବତରେ ନାରୀମାନଙ୍କୁ ଶୂଦ୍ରମାନଙ୍କ ସହ ତୁଳନା କରାଯାଇ ବେଦ, ଶାସ୍ତ୍ର ଶୁଣିବା, ପଢ଼ିବା, ଆଲୋଚନା କରିବା ନିମନ୍ତେ ଅଯୋଗ୍ୟ ବୋଲି କୁହାଯାଇଛି। କୋରାନ୍ ଓ ବାଇବେଲ୍‌ରେ ମଧ୍ୟ ନାରୀମାନଙ୍କ ଉପରେ ପୁରୁଷଙ୍କ ଆଧିପତ୍ୟକୁ ସ୍ୱୀକୃତି ଦିଆଯାଇଛି। ତ୍ରିପିଟକରେ କୁହାଯାଇଛି, ''ଯେଉଁ ପର୍ଯ୍ୟନ୍ତ ସ୍ତ୍ରୀମାନଙ୍କ ପ୍ରତି ପୁରୁଷମାନଙ୍କର ଅଣୁମାତ୍ର କାମନା ରହିବ ସେ ପର୍ଯ୍ୟନ୍ତ ପୁରୁଷ ମଧ୍ୟ ଦୁଗ୍ଧ ପିଉଥିବା ବାଛୁରୀ ଯେପରି ଗାଈ ସହିତ ରହିଥାଏ, ସେହିଭଳି ସ୍ତ୍ରୀ ସହିତ ବାନ୍ଧି ହୋଇ ରହିଥିବ।'' ଧର୍ମଗ୍ରନ୍ଥଗୁଡ଼ିକରେ ନାରୀ ନିର୍ଯାତନା କେବଳ ଲେଖନୀରେ ସୀମିତ ନ ଥିଲା ବରଂ ତାହା ପ୍ରକୃତରେ ହେଉଥିଲା। ରାମାୟଣ, ମହାଭାରତ ଆଦି ଗ୍ରନ୍ଥରେ ନାରୀ ନିର୍ଯାତନାର ନିଚ୍ଛକ ଉଦାହରଣ ଦେଖିବାକୁ ମିଳିଥାଏ। ରାମାୟଣରେ ସୀତା, ମହାଭାରତରେ ଦ୍ରୌପଦୀ ଯେଉଁଭଳି ଭାବେ ସର୍ବସମ୍ମୁଖରେ ନିର୍ଯାତିତା ହୋଇଛନ୍ତି ତାହା ଏବେ ମଧ୍ୟ ସଚେତନ ବ୍ୟକ୍ତିର ଲୋମ ଟାଙ୍କୁରାଇ ଦିଏ। କବି ସମ୍ରାଟ ଭଞ୍ଜଙ୍କ ହୃଦୟ ଏହି ଅତ୍ୟାଚାରରେ ବ୍ୟଥିତ ହୋଇଛି। ସେ ନାରୀ ପୁରୁଷଙ୍କ ଜୀବନ ଓ ଆତ୍ମା ଭିତରେ କୌଣସି ପାର୍ଥକ୍ୟ ଦେଖିନାହାନ୍ତି। ତେଣୁ ତାଙ୍କ ମତରେ ଅତ୍ୟାଚାର ତ ଦୂରର କଥା ପୁରୁଷ ନାରୀ ଉପରେ ଆଧିପତ୍ୟ ବିସ୍ତାର କରିବା ଉଚିତ ନୁହେଁ। ନାରୀ ପୁରୁଷ ଦୁଇରେ, ଘେନି ଏକ ଜୀବନ କେବଳ ତନୁ ଭିନ୍ନ, ଯୋଗେ ଏକତ୍ୱ ହୋଇରେ। (ଲା.ବ.-୪୭/୧୮)

ହିନ୍ଦୁ ପୁରାଣଗୁଡ଼ିକରେ ନାରୀର ପାତିବ୍ରତ୍ୟ ଓ ସତୀତ୍ୱ ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଏଥି ନିମନ୍ତେ ବହୁବିଧ ଉପାସବ୍ରତ, କଠୋର ନୀତିନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୃନ୍ଦାବତୀ, ସୀତା, ସାବିତ୍ରୀ, ସତୀ ଅନସୂୟା ଭଳି ଚରିତ୍ରର ସତୀତ୍ୱ ଓ ପତିଭକ୍ତିର ବର୍ଣ୍ଣନା କରାଯାଇ ନାରୀମାନଙ୍କ ସେହିଭଳି ହେବାପାଇଁ ପ୍ରେରିତ କରାଯାଇଛି। ଶିବପୁରାଣ, ଲକ୍ଷ୍ମୀପୁରାଣ ଆଦିରେ ନାରୀମାନଙ୍କୁ ଦାସୀଭାବେ ବର୍ଣ୍ଣନା କରାଯାଇଛି। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପୁରାଣ ବର୍ଣ୍ଣିତ ଏହି



ମତବାଦକୁ ଗ୍ରହଣ କରିପାରିନାହାନ୍ତି। କେବଳ ସେତିକି ନୁହେଁ, ପୁତ୍ର ସନ୍ତାନକୁ ଉତ୍କୃଷ୍ଟ ବୋଲି ମାନିନାହାନ୍ତି ସେ। ତାଙ୍କ ମତରେ ପୁତ୍ର, କନ୍ୟା ଉଭୟେ ଈଶ୍ୱରଙ୍କ ଅବଦାନ। ତେଣୁ ସେମାନଙ୍କ ଭିତରେ ଶ୍ରେଷ୍ଠ ଓ ନିକୃଷ୍ଟର ପାତରଅନ୍ତର ବିଚାର ଈଶ୍ୱରଙ୍କ ଇଚ୍ଛା ନୁହେଁ। ରାଜା, ମହାରାଜା ଓ ମୋଗଲ ସମ୍ରାଟମାନଙ୍କ ଅମଳରେ ନାରୀମାନଙ୍କୁ ପଣ୍ୟଦ୍ରବ୍ୟ ଭଳି ବ୍ୟବହାର କରାଯାଉଥିଲା। କବି ଉପେନ୍ଦ୍ର ଏହା ବିରୋଧ କରିପାରିଥିଲେ। ଏକ ସୁସ୍ଥ ସୁନ୍ଦର ସମାଜ ପାଇଁ ସେ ନାରୀମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେବାକଥା ଚିନ୍ତା କରିଥିଲେ।

ଉପେନ୍ଦ୍ର ଭଞ୍ଜଙ୍କ କବିତାରେ ନାରୀର ସର୍ବଦା ମୁଖ୍ୟ ସ୍ଥାନ ରହିଛି। ତାଙ୍କର ଶହ ଶହ କାବ୍ୟରେ ନାରୀର ସ୍ଥାନ ବନ୍ଦନୀୟା ହୋଇ ରହିଛି। ନିଜସ୍ୱ ରୀତିରେ ସେ ନାରୀକୁ ଉପଯୁକ୍ତ ମର୍ଯ୍ୟାଦା ଦେବାକଥା ଚିନ୍ତା କରିଥିଲେ। ତେଣୁ ସେ ସ୍ତ୍ରୀକୁ ସମସ୍ତ ମୂଲ୍ୟବାନ୍ ରତ୍ନଠାରୁ ଭିନ୍ନ, ଅନନ୍ୟ ଓ ଅମୂଲ୍ୟ ଭାବେ ବର୍ଣ୍ଣନା କରିଛନ୍ତି। କବି ଉପେନ୍ଦ୍ର ଜାଣିଥିଲେ ସୌନ୍ଦର୍ଯ୍ୟ ଦ୍ୱାରା ନାରୀକୁ ପୁରୁଷଠାରୁ ଭିନ୍ନ ଓ ଅନନ୍ୟ କରାଯାଇପାରିବ। ତେଣୁ ତାଙ୍କର କାବ୍ୟ କବିତାରେ ସେ ନାରୀର ସୌନ୍ଦର୍ଯ୍ୟକୁ ଅତ୍ୟନ୍ତ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି। 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ଲାବଣ୍ୟବତୀ', 'ପ୍ରେମ ସୁଧାନିଧି' ଆଦି କାବ୍ୟଗ୍ରନ୍ଥରେ ସେ ନାରୀର ପ୍ରତିଟି ଅଙ୍ଗକୁ ଶବ୍ଦ ଚାତୁରୀରେ ବହୁ ଉପମା ଦେଇ ଉତ୍କର୍ଷ ପ୍ରମାଣ କରିଛନ୍ତି। କିଏ କୁରଙ୍ଗ କି ଅବା ତୁରଙ୍ଗ। ଏଣି ତେଣିକି କରାଇ ସୁରଙ୍ଗ। କିଏ ନବ ବିକଚ ପଦ୍ମଦଳ। ପଡ଼ି କାଳନ୍ଦୀ ଜଳେ ଢଳଢଳ। କିଏ ସୁଧା ସିନ୍ଧୁର ଅବତରି। ହୁଏ ତରଳ ଗରଳ ଲହରୀ। କି ଏ ଗଙ୍ଗା କଲ୍ଲୋଳେ ବାତ ଯୋଗେ। ନୀଳ ଉତ୍ପଳ ଚଳେ ଢଳେ ଦୁଇ ଦିଗେ। (ର.ଲେ. ୫-୫-୮) କେବଳ ସୌନ୍ଦର୍ଯ୍ୟରେ ନାରୀକୁ ଶ୍ରେଷ୍ଠତା ପ୍ରଦାନ କରି ଚୁପ୍ ହୋଇ ବସି ଯାଇ ନ ଥିଲେ କବି ଉପେନ୍ଦ୍ର। ଏବେଠାରୁ ତିନିଶହ ବର୍ଷ ତଳେ ମଧ୍ୟ ସେ ନାରୀ ଶିକ୍ଷାର ମହତ୍ତ୍ୱ ବିଷୟରେ ଚିନ୍ତା କରିପାରିଥିଲେ। ସେ ଜାଣିଥିଲେ ଯେ ଶିକ୍ଷିତା ନ ହେଲେ ନାରୀ ପୁରୁଷର ସମକକ୍ଷ ହୋଇପାରିବ ନାହିଁ। ତେଣୁ ନିଜର କାବ୍ୟ ନାୟିକାମାନଙ୍କୁ ସେ ବିଭିନ୍ନ ବିଦ୍ୟାରେ ପାରଦର୍ଶୀ ବିଦ୍ୟା ସହିତ ସଙ୍ଗୀତ ଶାସ୍ତ୍ର, ନୃତ୍ୟଶାସ୍ତ୍ର, ଚିତ୍ରକଳା, ତନ୍ତ୍ର ବିଦ୍ୟା, ଜ୍ୟୋତିଷ ବିଦ୍ୟାରେ ମଧ୍ୟ ପାରଙ୍ଗମ କରାଇଛନ୍ତି ସେମାନଙ୍କୁ। କେବଳ କାବ୍ୟ ନାୟିକା ନୁହେଁ ସଖୀ ଓ ଦାସୀମାନଙ୍କୁ ମଧ୍ୟ ସେ ଶିକ୍ଷିତା କରାଇ ନାରୀମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ କରିଛନ୍ତି। ପୁଣି ପୋଥିଗତ ବିଦ୍ୟାରେ ସନ୍ତୁଷ୍ଟ ହୋଇନାହାନ୍ତି କବି ଉପେନ୍ଦ୍ର। ବୁଦ୍ଧିବଳରେ ନାରୀ ପୁରୁଷର ସମକକ୍ଷ ହୋଇପାରିବ ଭାବି ସେ ନିଜ ରଚନାରେ ନାରୀ ଚରିତ୍ରମାନଙ୍କୁ ବିଦୂଷୀ, ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନା ଭାବରେ ଚିତ୍ରଣ କରିଛନ୍ତି। ନାରୀକୁ ପୁରୁଷର ସହକର୍ମୀ ଭାବେ ସମଭୂମିରେ ଅବସ୍ଥାପନ କରାଇଛନ୍ତି।

ନାରୀମାନଙ୍କ ସମ୍ବନ୍ଧରେ ନିଜର ମନ୍ତବ୍ୟ ଦେଇ ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି, ''ନାରୀରୁ ଅଧିକ ହୋଇନାହିଁ ତିନିପୁରୀ, ପରମ ପଦାର୍ଥ ଏକା ବୋଲି ସେ ନାରୀ।'' ଉପେନ୍ଦ୍ର ଭଞ୍ଜଙ୍କ କଳ୍ପନାର ନାରୀ ଆଜି ସେହି ସ୍ତରରେ ପହଞ୍ଚିପାରିଛି। ଆମେ ଏବେ ନାରୀମାନଙ୍କୁ ଶିକ୍ଷା, କର୍ମକ୍ଷେତ୍ର, କଳା, ସାହିତ୍ୟ, ବିଜ୍ଞାନ, ରାଜନୀତି, କ୍ରୀଡ଼ା ଆଦି କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନରେ ଦେଖିବାକୁ ପାଉଛୁ। ଏବେ ନାରୀମାନଙ୍କ ଅଧିକାର ସମ୍ପର୍କରେ ଦାବି କରାଯାଉଛି। ମହିଳା ସଶକ୍ତୀକରଣ କଥା କୁହାଯାଉଛି। କିନ୍ତୁ ତାହା ବହୁ ବର୍ଷ ପୂର୍ବେ ଦୂରଦୃଷ୍ଟିସମ୍ପନ୍ନ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟରେ ଦେଖିବାକୁ ମିଳିଥାଏ।

**ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୭ ଏକ୍ସଟେନ୍‌ସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ମୋ- ୭୪୮୮୯୯୮୫୩୨**

## ପାଠକ ଶ୍ରେଷ୍ଠ ବିଚାରକ

### ଆଇନଶୃଙ୍ଖଳାକୁ ନେଇ ବାକ୍‌ଯୁଦ୍ଧ

ମହାଶୟ,

ରାଜ୍ୟବାସୀଙ୍କ ଅଳସୁଆମି ଯୋଗୁ ରାଜ୍ୟର ଶାସକବର୍ଗ ସୁପ୍ତ। ଫଳରେ ସମାଜର ସାଧାରଣ ବର୍ଗର ଲୋକମାନେ ଭୀତତ୍ରସ୍ତ। ସରକାରରେ ଥିବା କ୍ୟାବିନେଟ୍ ମନ୍ତ୍ରୀ ଓ ଗୁରୁତ୍ୱପୂର୍ଣ୍ଣ ବିଭାଗ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପୂର୍ବତନ ମନ୍ତ୍ରୀ ନବକିଶୋର ଦାସ ନିଜ ସୁରକ୍ଷାକର୍ମୀଙ୍କ ହାତରେ ଗୁଳିବିଦ୍ଧ ହୋଇ ମୃତ୍ୟୁବରଣ କରିବା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ରାଜ୍ୟ ଇତିହାସରେ ଏଭଳି ଘଟଣା ପ୍ରଥମ ଥର ପାଇଁ ଘଟିଛି। ଏଡି ଘଟଣାକୁ ଲକ୍ଷ୍ୟ କଲେ ଏବେ ଜନ ପ୍ରତିନିଧିଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଉକ୍ତ ଘଟଣାର ତଦନ୍ତ କ'ଣ ଚାଲିଛି ଏବଂ ଏହାର ମୋଡ କୁଆଡକୁ ଯିବ ତାହା ବୁଝିବା ସମଗ୍ର ରାଜ୍ୟବାସୀଙ୍କ ପାଇଁ ଏକ ଜଟିଳ ପ୍ରଶ୍ନ ସୃଷ୍ଟି କରିଛି। ବିରୋଧୀ ଓ ଶାସକଙ୍କ ମଧ୍ୟରେ ଏହି ଘଟଣାକୁ ନେଇ ବାକ୍ୟ ଯୁଦ୍ଧ ଚାଲିଛି। ତେବେ ଏଭଳି ଘଟଣାରୁ ମନେହେଉଛି ଯେ, ଶାନ୍ତିପ୍ରିୟ ଓଡ଼ିଶାରେ ଆଇନଶୃଙ୍ଖଳା ବିଗିଡ଼ିବାରେ ଲାଗିଛି।

**-ଦେବତିକ୍ତ ମିଶ୍ର, ବରିଷ୍ଠ ନାଗରିକ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ରୂପର ମୋହେ ମୁଗ୍ଧ କବି
ମୁରୁଛି ନାହିଁ ପାରେ
ଅବାକ୍ ହୋଇ ରହିଲା ଚାହିଁ
ପଥର ସେହି ଧାରେ।

-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶିକ୍ଷାରେ ସୃଜନଶୀଳତାକୁ ଗୁରୁତ୍ୱ

ଧରିତ୍ରୀ | OrissaPOST BUSINESS EMINENCE AWARDS

**ପଶ୍ଚିମବଙ୍ଗର ଦୁର୍ଗାପୁରସ୍ଥିତ ଏକ ଗରିବ ୱାର୍କର୍ସ କଲୋନିରୁ ଆମେରିକା ପର୍ଯ୍ୟନ୍ତ ଯାତ୍ରା ବେଶ୍ ସ୍ମରଣୀୟ। ଦୁର୍ଗାପୁରରୁ ପାଠପଢ଼ି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଅନେକ ବହୁରାଷ୍ଟ୍ରୀୟ କମ୍ପାନୀରେ ଅଧିକାରୀ ଭାବେ କାର୍ଯ୍ୟକରି ସେ ଅନେକ ସଫଳତା ହାସଲ କରିଛନ୍ତି। ଏପରିକି କର୍ମମୟ ଜୀବନରେ ମଧ ସେ ବହୁ ସଫଳ ହୋଇଛନ୍ତି। ଜଣେ ମେଧାବୀ ଓ ଦକ୍ଷ ଇଞ୍ଜିନିୟରଙ୍କର ମନ କିନ୍ତୁ ଥିଲା ଜନ୍ମଭୂମିରେ କିଛି ଭିନ୍ନ କରିବା ପାଇଁ ଏବଂ ଆମେରିକାରେ ଥାଇ ମଧ ସେ ଆରମ୍ଭ କରିଥିଲେ ତାଙ୍କ ଯାତ୍ରାର ଅୟମାରମ୍ଭ। ବିଶେଷକରି ଦୀର୍ଘ ବର୍ଷର ଅଭିଜ୍ଞତା ଓ ଦେଖିଥିବା ସ୍ୱପ୍ନକୁ ସାକାର କରିବା ପାଇଁ ଭୁବନେଶ୍ୱର ନିକଟ ଖୋର୍ଦ୍ଧାଠାରେ ଏକ ବିଶ୍ୱସ୍ତରୀୟ ବିଦ୍ୟାଳୟ କେ.ଟି. ଗ୍ଲୋବାଲ ସ୍କୁଲ ଜରିଆରେ ଆରମ୍ଭ ହେଲା ତାଙ୍କ ଭାବନାର ପ୍ରୟୋଗଶାଳା। ଭିନ୍ନ ଏକ ଚିନ୍ତାଧାରାରେ ସୃଷ୍ଟି ହୋଇଥିବା ବିଶ୍ୱସ୍ତରୀୟ ବିଦ୍ୟାଳୟ ଚେୟାରମ୍ୟାନ ସୋମଦତ୍ତ ବେହୁରାଙ୍କ ସହ ଧରିତ୍ରୀର ବିଶେଷ ଆଲୋଚନା....**


ସୋମଦତ୍ତ ବେହୁରା

**ପ୍ର-୧: ରାଜ୍ୟର ଅନ୍ୟ ପ୍ରମୁଖ ଇଂରାଜୀ ମାଧ୍ୟମ ବିଦ୍ୟାଳୟଠାରୁ କେ.ଟି. ଗ୍ଲୋବାଲ ସ୍କୁଲ ଭିନ୍ନ କାହିଁକି?**

ଉ- ରାଜ୍ୟରେ ଯେଉଁ କେତେକ ପ୍ରମୁଖ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ରହିଛି, ସେ ସମସ୍ତଙ୍କଠାରୁ ଆମେ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଏକ ପ୍ରଥମ ଧରଣର ବିଦ୍ୟାଳୟ ଭାବେ କମ୍ ଦିନ ମଧ୍ୟରେ ବେଶ୍ ପରିଚିତ ହୋଇପାରିଛୁ। ବିଶେଷକରି ଅନ୍ୟ ସ୍କୁଲ ଭଳି ପାଠପଢ଼ା ଓ ଅନ୍ୟ କେତେକ କ୍ଷେତ୍ରରେ ଶିକ୍ଷା ଦିଆଯାଉଛି। ହେଲେ ଆମ ବିଦ୍ୟାଳୟରେ ପାଠପଢ଼ାଠାରୁ ଆରମ୍ଭକରି ସବୁ ପ୍ରକାର କ୍ଷେତ୍ରରେ ଭିନ୍ନତା ରହିଛି। ଏଠାରେ ଆମେ ପିଲାଙ୍କୁ ପରିପକ୍ୱ ଓ ସୃଜନଶୀଳତାର ଶିକ୍ଷା ଦେଇଥାଉ।

**ପ୍ର-୨: ବର୍ତ୍ତମାନର ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ କିଭଳି ଦେଖୁଛନ୍ତି?**

ଉ- ବର୍ତ୍ତମାନ ସମୟରେ ପିଲାଙ୍କଠାରୁ ଅଭିଭାବକ ବେଶି ବ୍ୟସ୍ତ ଓ ନମ୍ବର ପଛରେ ପଡ଼ିଛନ୍ତି। ଫଳରେ ଦେଶର ଶିକ୍ଷା ବ୍ୟବସ୍ଥା ମଧ୍ୟ ସେହି ଅନୁଯାୟୀ ଅଗ୍ରସର ହେଉଛି। କାରଣ ଶିକ୍ଷକ ଓ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ ଭଲ ନମ୍ବର ଓ ବିଦ୍ୟାଳୟ ନାମକୁ ଆଗକୁ ନେବା ପାଇଁ ଦିନ ତମାମ ପରିଶ୍ରମ କରୁଛନ୍ତି। ଏପରିକି ପିଲା କିପରି ଅଧିକ ନମ୍ବର ପାଇବେ ସେ ବିଷୟରେ ଅଧିକ ଗୁରୁତ୍ୱାରୋପ କରାଯାଉଛି। ଶିକ୍ଷାର ମାନ ପରିବର୍ତ୍ତନ ହେବା ଆବଶ୍ୟକତା ରହିଛି ନ ହେଲେ ନମ୍ବର ଓ ନାଁ ପଛରେ ଶିକ୍ଷାର ଗଭୀର ଭଣ୍ଡାର ଶେଷ ହୋଇଯିବ।

**ପ୍ର-୩: ଜାତୀୟ ଶିକ୍ଷାନୀତିକୁ କିଭଳି ଦେଖୁଛନ୍ତି। ସେ ସମ୍ପର୍କରେ କ'ଣ କହିବେ?**

ଉ- ଭାରତୀୟ ଶିକ୍ଷା ବ୍ୟବସ୍ଥାର ଆବଶ୍ୟକ ଦିଗଗୁଡ଼ିକ ପରିବର୍ତ୍ତନ କରାଯିବା ସହ ପିଲାଙ୍କୁ ପ୍ରାଥମିକ ସ୍ତରରୁ ସୃଜନଶୀଳତାର ଶିକ୍ଷା ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏପରିକି ଦକ୍ଷତା ବିକାଶକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଶିକ୍ଷାକୁ ସରଳୀକରଣ କରାଯାଇ ଛାତ୍ରୀଛାତ୍ରଙ୍କର ବିକାଶ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରାଯାଉଛି। ଯେପର୍ଯ୍ୟନ୍ତ ଯାଏ ତା'ର ପ୍ରଣୟନ କରାଯାଇ ନାହିଁ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନ କରିବା ମଧ୍ୟ ମନଗଢ଼ା ଭଳି ଲାଗିବ। ଏପରିକି ଶିକ୍ଷାକୁ ବହି ଖାତାରେ ସୀମିତ ନ ରଖି ପରିମଣ୍ଡଳ ପରି ବ୍ୟାପକ କରିଦେଲେ ପିଲାର ବିକାଶ ହୋଇପାରିବ।

**ପ୍ର-୪: ଛାତ୍ରର ଦକ୍ଷତା ବିକାଶ ପାଇଁ କିଭଳି ପରିବେଶ ଆବଶ୍ୟକ?**

ଉ- ମାଆ ପରେ ମାଉସୀ ପରି ଘର ପରେ ବିଦ୍ୟାଳୟ ହେଉଛି ପିଲାର (ଛାତ୍ରୀଛାତ୍ରଙ୍କର) ପ୍ରାଥମିକ ଶିକ୍ଷା ବୃଦ୍ଧିର ପ୍ରୟୋଗଶାଳା ଭାବେ ପରିଗଣିତ ହୋଇଥାଏ। ହେଲେ ପିଲାର ଆବଶ୍ୟକତାକୁ ଠିକ୍ ଭାବେ ଚିହ୍ନଟକରି ତା'ର ଦକ୍ଷତା ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇଥାଏ, ଯାହା ଘରଠାରୁ ବିଦ୍ୟାଳୟରେ ଅଧିକ ମିଳିଥାଏ। କାରଣ ଘର ଅପେକ୍ଷା ବିଦ୍ୟାଳୟରେ ପିଲାର ସୃଜନଶୀଳତା ଅଧିକ ବୃଦ୍ଧି ଘଟିଥାଏ। ବିଶେଷକରି ସେ ଏକ ବୃହତ୍ ପରିବେଶ ଓ ବାତାବରଣରେ ସମୟ ଅତିବାହିତ କରିଥାଏ। ଫଳରେ ବିଦ୍ୟାଳୟ ପରିବେଶ ସେହି ଅନୁଯାୟୀ ପ୍ରସ୍ତୁତ ହେବା ଆବଶ୍ୟକ।

**ପ୍ର-୫: ପ୍ରତିଯୋଗିତାମୂଳକ ବ୍ୟବସ୍ଥାରେ ଆଗକୁ ବଢ଼ିବା ପାଇଁ କ'ଣ କରିବେ?**

ଉ- ପ୍ରତିଯୋଗିତା ମଇଦାନରେ ହୋଇଥାଏ। ହେଲେ ବିଦ୍ୟାଳୟରେ ପ୍ରତିଯୋଗୀ ଚୟନ କରାଯାଇଥାଏ। ପ୍ରତିଯୋଗିତାମୂଳକ ବ୍ୟବସ୍ଥାରେ ଖାଲି ଯେ ଭଲ ନମ୍ବର ଓ ବଡ଼ ବଡ଼ କ୍ୟାମ୍ପସ କରିଦେଲେ ହେବ ନାହିଁ, ସେଥିପାଇଁ ସ୍ୱତନ୍ତ୍ର ପଥ ନିର୍ଣ୍ଣୟ କରିବାକୁ ପଡ଼ିବ। ସଫଳତା ପାଇବା ଓ ଆଗକୁ ବଢ଼ିବା ପାଇଁ ହେଲେ ପିଲାର ବିକାଶ ଓ ସୃଜନଶୀଳତାର ଅଭିବୃଦ୍ଧି ପାଇଁ ସେହି ଅନୁସାରେ ପରିବେଶ ସହ ପ୍ରତିଷ୍ଠାନର ବ୍ୟବସ୍ଥାକୁ ମଧ୍ୟ ଆଦରିନେବାକୁ ହେବ।

**ପ୍ର-୬: ଆଗାମୀ ଯୋଜନା କ'ଣ ରହିଛି?**

ଉ- କାଲିକୁ କେହି ଦେଖିନାହାନ୍ତି, ହେଲେ କାଲି ପାଇଁ ସ୍ୱପ୍ନ ଦେଖିବା ମନା ନାହିଁ। ଏଭଳି ଏକ ଯୋଜନା ପଥରେ ଅଗ୍ରସର ହେଉଛି। ପିଲାଙ୍କ ଜରିଆରେ ପରିବର୍ତ୍ତନ ଆଣିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଶିକ୍ଷା ସାଙ୍ଗକୁ ଆବଶ୍ୟକ କଳାକୌଶଳକୁ କିଭଳି ପିଲା ଠିକ୍ ବାଟରେ ପ୍ରୟୋଗ କରିବେ, ସେ ନେଇ ମଧ୍ୟ ସମସ୍ତ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଆଗାମୀ ଦିନରେ ତାହା ଏକ ବୃହତ୍ ଫଳାଫଳ ଦେବ ବୋଲି ଆଶା ରହିଛି।

# ରାଜ୍ୟରେ ସ୍ୱୟଂଚାଳିତ ହେବ ଡ୍ରାଇଭିଂ ଟେଷ୍ଟ

**ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଓ ମେସର୍ସ ଅକ୍ଷରା ନିପୁନ ଜେଭି ମଧ୍ୟରେ ଚୁକ୍ତି**

ଭୁବନେଶ୍ୱର, ୧।୩(ବ୍ୟୁରୋ)

ରାଜ୍ୟରେ ସ୍ୱୟଂଚାଳିତ ହେବ ଡ୍ରାଇଭିଂ ଟେଷ୍ଟ୍। ଯାନଚାଳନା ବା ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ଏବଂ ଦକ୍ଷତାକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏହି ପରୀକ୍ଷା ପଦ୍ଧତି ଲାଗୁ କରାଯିବ। ଏଥିପାଇଁ ବୁଧବାର ଖାରବେଳ ଭବନଠାରେ ଓଡ଼ିଶା ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଏବଂ ମେସର୍ସ ଅକ୍ଷରା ନିପୁନ ଜେଭି ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଉପସ୍ଥିତିରେ ଏହି ସ୍ୱାକ୍ଷରିତ କାର୍ଯ୍ୟକ୍ରମ ହୋଇଥିଲା। ଏହି ବ୍ୟବସ୍ଥା ପ୍ରଚଳନ ହେଲେ ଉତ୍ତମ ଓ ଶୃଙ୍ଖଳିତ ଯାନଚାଳକମାନେ ଲାଇସେନ୍ସ ପାଇବେ। ଏହାଦ୍ୱାରା ସଡ଼କ ଦୁର୍ଘଟଣା ହ୍ରାସ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗୀୟ ସଚିବ ଉଷା ପାଢ଼ୀ କହିଲେ, ଓଡ଼ିଶାର ୮୫ ପ୍ରତିଶତ ବ୍ୟକ୍ତି ସଡ଼କ ପରିବହନ ଉପରେ ନିର୍ଭର କରିଥାନ୍ତି। ସେମାନଙ୍କର ନିରାପତ୍ତା ଦାୟିତ୍ୱ ଡ୍ରାଇଭରଙ୍କ ଉପରେ ନ୍ୟସ୍ତ। ରାଜ୍ୟରେ ସ୍ୱୟଂଚାଳିତ ଯାନଚାଳନା ପରୀକ୍ଷା ପଦ୍ଧତି କାର୍ଯ୍ୟକାରୀ ହେଲେ ଆମେ ଦକ୍ଷ ଯାନଚାଳକ ପାଇପାରିବା।

ବର୍ତ୍ତମାନ ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ହେଲେ ଆବେଦନକାରୀଙ୍କୁ ମୋଟର ଯାନ ଇନ୍ସପେକ୍ଟରଙ୍କ ଉପସ୍ଥିତିରେ ପରୀକ୍ଷା ଦେବାକୁ ପଡୁଛି। କିନ୍ତୁ ସ୍ୱୟଂଚାଳିତ ପରୀକ୍ଷା ପଦ୍ଧତି କାର୍ଯ୍ୟକାରୀ ହେଲେ ଯାନଚାଳନା ପରୀକ୍ଷା ସମୟରେ ଟ୍ରାକ୍‌ରେ ପ୍ରବେଶଠାରୁ ଆରମ୍ଭ କରି ଏହାର ସମସ୍ତ ପର୍ଯ୍ୟାୟ ଡିଜିଟାଲ ପଦ୍ଧତି ମାଧ୍ୟମରେ ନିର୍ଣ୍ଣୟ କରାଯିବ। ଟ୍ରାକ୍‌ରେ ଫିଟ୍ ହୋଇଥିବା ଡିଜିଟାଲ ଟେଷ୍ଟିଂ ସେନ୍ସରଗୁଡ଼ିକ ଏହା ଉପରେ ନଜର ରଖିବ ଏବଂ ଡ୍ରାଇଭରଙ୍କ ଦକ୍ଷତାକୁ ବିଚାର କରିବ। ପ୍ରଥମ ପର୍ଯ୍ୟାୟରେ ଅନୁଗୋଳ, ବାରିପଦା, ଭଦ୍ରକ, ବଲାଙ୍ଗୀର, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ନୟାଗଡ଼, ଫୁଲବାଣୀ, ରାଇରଙ୍ଗପୁର, ରାଉରକେଲା, ସୁନ୍ଦରଗଡ଼, ତାଳଚେର, କେନ୍ଦୁଝର, ମାଲକାନଗିରି, ନୂଆପଡ଼ା, ଭଞ୍ଜନଗର, ନବରଙ୍ଗପୁର ଏବଂ ସୋନପୁର ଆଦି ୧୯ଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ)ରେ ଏହି ଡ୍ରାଇଭିଂ ପରୀକ୍ଷଣ ଟ୍ରାକ୍ ସ୍ଥାପନ କରାଯିବ। ଏହି ପ୍ରକଳ୍ପକୁ ୧୦ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇ କାର୍ଯ୍ୟକ୍ଷମ କରିବା ନିମନ୍ତେ ବୁଝାମଣାପତ୍ରରେ ଉଲ୍ଲେଖ କରାଯାଇଛି।

# ରାଜ୍ୟରେ ଆରମ୍ଭ ହେବ ଓବିସି ସର୍ଭେ

**ଭୁବନେଶ୍ୱର, ୧।୩(ବ୍ୟୁରୋ):** ରାଜ୍ୟରେ ପଛୁଆ ବର୍ଗ(ଓବିସି) ସର୍ଭେ ଆରମ୍ଭ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏପ୍ରିଲ କିମ୍ବା ମେ ମାସରେ ଏହି ସର୍ଭେ ଆରମ୍ଭ ହେବା ନେଇ ସୂଚନା ମିଳିଛି। ତେବେ ଚଳିତବର୍ଷ ଜୁଲାଇ ୧୨ ସୁଦ୍ଧା ରାଜ୍ୟରେ ଓବିସି ଗଣନାର ସମସ୍ତ ପ୍ରକ୍ରିୟା ଶେଷ ହେବ। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୩୧୪ ବ୍ଲକ ଓ ୧୧୪ଟି ପୌରାଞ୍ଚଳରେ ପଛୁଆ ବର୍ଗ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତି ଜାଣିବା ପାଇଁ ସର୍ଭେ ଆରମ୍ଭ ହେବ। ଏଥିପାଇଁ ରାଜ୍ୟ ଓବିସି କମିଶନଙ୍କ ସଦସ୍ୟ ସଚିବ ଭି ଭି ଯାଦବ ଫେବୃୟାରୀ ୨୪ରେ ସମସ୍ତ ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ନିର୍ଦ୍ଦେଶନାମା ଓ ଗାଇଡଲାଇନ୍ ଜାରି କରିଛନ୍ତି। ଏଥିସହିତ ୬ଜଣ ଅତିରିକ୍ତ ସଚିବ ପାହ୍ୟାର ଅଫିସରଙ୍କୁ ୩୦ ଜିଲାର ଜୋନାଲ ଅଫିସର ଦାୟିତ୍ୱ ନ୍ୟସ୍ତ ହୋଇଛି। ନିର୍ବାଚନ ଓ ଜନଗଣନାରେ ଅଭିଜ୍ଞତା ଥିବା ବରିଷ୍ଠ ଓଏଏସ୍ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଛି। ଆସନ୍ତା ସପ୍ତାହରେ ବ୍ଲକ ସ୍ତରରେ ସୁପରଭାଇଜର ଓ ଗଣନାକାରୀଙ୍କ ପାଇଁ ବିଡିଓ ଓ ତହସିଲଦାରଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବ। ପଞ୍ଚାୟତରେ ଅଙ୍ଗନୱାଡି କର୍ମୀ ଓ ସହରାଞ୍ଚଳରେ ୱାର୍ଡ ଅଫିସର, ଟ୍ୟାକ୍ସ କଲେକ୍ଟରମାନେ ଗଣନାକାରୀ କାର୍ଯ୍ୟ ତୁଲାଇବେ। ସେହିପରି ପ୍ରତ୍ୟେକ ୧୦ଜଣ ଗଣନାକାରୀଙ୍କ କାର୍ଯ୍ୟ ତଦାରଖ ପାଇଁ ଜଣେ ଲେଖାଏ ସୁପରଭାଇଜରଙ୍କୁ ନିଯୁକ୍ତି ଦିଆଯାଇଛି।

# ନିଆଁ ଲିଭାଇବା ବେଳେ ଫାଟିଲା ଗ୍ୟାସ୍ ସିଲିଣ୍ଡର

**୪ ଅଗ୍ନିଶମ କର୍ମଚାରୀ ଗୁରୁତର, କଟକ ସ୍ଥାନାନ୍ତର**

ସମ୍ବଲପୁର, ୧।୩(ବ୍ୟୁରୋ)


ଦୋକାନରେ ନିଆଁ ଲାଗିଛି।

ସମ୍ବଲପୁର ଜିଲା ବୁର୍ଲା ଥାନା ଚାଆଁରପୁର ଗ୍ରାମ ଛକରେ ଥିବା ଏକ ଚା' ଦୋକାନରେ ବୁଧବାର ଭୋର ସମୟରେ ଲାଗିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀ ଆୟତ୍ତ କରୁଥିବା ବେଳେ ଅଘଟଣ ଘଟିଥିଲା। ଦୋକାନ ଭିତରେ ଥିବା ଗ୍ୟାସ୍ ସିଲିଣ୍ଡର ଫାଟିଯିବାରୁ ଅଗ୍ନିଶମ ବିଭାଗର ୪ଜଣ କର୍ମଚାରୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଅଜୟ ମିଞ୍ଜ, ରଘୁମଣି କାଲୋ, ରତିକାନ୍ତ ମାଝି ଓ ଶ୍ରୀକାନ୍ତ ମଲ୍ଲିକ। ସମସ୍ତଙ୍କୁ ପ୍ରଥମେ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରାଯାଇଥିଲା। ହେଲେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁସାରେ ଗାଁ ଛକରେ ଚାଆଁରପୁର ଗ୍ରାମର ରାହାସ ବିହାରୀ ବାଗଙ୍କ ଚା ଓ ଜଳଖିଆ ଦୋକାନ ରହିଛି। ପ୍ରତିଦିନ ଭଳି ମଙ୍ଗଳବାର ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଭୋର ସମୟରେ ଦୋକାନରେ ନିଆଁ ଲାଗିଥିବା ଜାଣି ଗ୍ରାମବାସୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଏକ ଟିମ୍ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଦୋକାନ ଭିତରେ ଥିବା ଗ୍ୟାସ୍ ସିଲିଣ୍ଡର ଫାଟି ଯାଇଥିଲା। ଫଳରେ ନିଆଁ ଲିଭାରେ ନିୟୋଜିତ ଥିବା କର୍ମଚାରୀଙ୍କ ଦେହରେ ନିଆଁ ଲାଗିଯାଇଥିଲା। ଏହାସହ ସିଲିଣ୍ଡର ବିସ୍ଫୋରଣ ହେବା ଫଳରେ ଲୁହାଖଣ୍ଡ ସେମାନଙ୍କ ଶରୀରରେ ବାଜି ଆଘାତ ଲାଗିଥିଲା। ଶବ୍ଦ ଶୁଣି ଆଖପାଖ ଲୋକମାନେ ପହଞ୍ଚି ଯାଇଥିଲେ। ଗୁରୁତର ଅବସ୍ଥାରେ କର୍ମଚାରୀମାନଙ୍କୁ ବୁର୍ଲା ମେଡିକାଲ ନିଆଯାଇଥିଲା। ଦୋକାନ ମାଲିକ ବାଗ କହିଛନ୍ତି, କେହି ଦୁର୍ବୃତ୍ତ ଉଦ୍ଦେଶ୍ୟମୂଳକ ଭାବେ ନିଆଁ ଲଗାଇ ଦେଇଥିଲେ। ଏହାଦ୍ୱାରା ଦୋକାନରେ ଥିବା ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି।

# ଗୋପାଳଙ୍କ ମାନସିକ ସ୍ଥିତି ଯାଞ୍ଚ ଆବେଦନର ଶୁଣାଣି ଶେଷ

ବ୍ରଜରାଜନଗର, ୧।୩(ଡି.ଏନ.ଏ.)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଅଭିଯୁକ୍ତ ଗୋପାଳ ଦାସଙ୍କ ମାନସିକ ସ୍ଥିତି ଯାଞ୍ଚ ଲାଗି କରାଯାଇଥିବା ଆବେଦନର ବୁଧବାର ଝାରସୁଗୁଡ଼ା ଜିଲା ଅଦାଲତରେ ଶୁଣାଣି ହୋଇଛି। ଝାରସୁଗୁଡ଼ା ଅତିରିକ୍ତ ଜିଲା ଜଜ୍ ଏହି ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ବେଙ୍ଗାଲୁରୁସ୍ଥିତ ରାଷ୍ଟ୍ରୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁବିଜ୍ଞାନ ସଂସ୍ଥାନ (ନିମହାନ୍ସ)ରେ ଅଭିଯୁକ୍ତଙ୍କ ମାନସିକ ସ୍ଥିତି ଯାଞ୍ଚ ସକାଶେ ତିନି ସପ୍ତାହ ପାଇଁ ନେବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ଆବେଦନ କରାଯାଇଥିଲା। ଗୋପାଳ ଦାସଙ୍କ ରିମାଣ୍ଡ ଓକିଲ ହରିଶଙ୍କର ଅଗ୍ରୱାଲ ଗଣମାଧ୍ୟମକୁ କହିଛନ୍ତି, କ୍ରାଇମବ୍ରାଞ୍ଚ ପକ୍ଷରୁ ୩ସପ୍ତାହ ପାଇଁ ଜେଏମ୍‌ଏଫ୍‌ସି କୋର୍ଟରେ କରାଯାଇଥିବା ଆବେଦନ ଖାରଜ ହେବା ପରେ ଜିଲା ଓ ଦୌରା ଜଜ୍‌ଙ୍କ ଅଦାଲତରେ ରିଭିଜନ ଆବେଦନ ଦାଖଲ କରାଯାଇଥିଲା। ଏହି ମାମଲା ବୁଧବାର ଜିଲା ଜଜ୍‌ଙ୍କ ଅଦାଲତରୁ ସ୍ଥାନାନ୍ତର ହୋଇ ଅତିରିକ୍ତ ଦୌରା ଜଜ୍‌ଙ୍କ ଅଦାଲତରେ ଶୁଣାଣି ହୋଇଥିଲା।


## PUBLIC NOTICE

Notice is hereby given to all concerned that, Suresh Chandra Barik, S/o- Late Gupteswar Barik, R/o. Dharabgarh, Po- Goelbhadi, Ps- Saintala, Dist- Bolangir has sworn an **affidavit on dt. 23.02.2023** and has reported to **OIC, Titlagarh P.S., on dt.23.02.2023** regarding loss of original link **Regd. Sale Deed No. 2034/80 dt.04.07.1980 of Registering Officer, Titlagarh**.

Suresh Chandra Barik, S/o- Late Gupteswar Barik has applied to the **LIC HOUSING FINANCE LTD. Sambalpur** to avail loan on the above property by mortgaging the said property documents.

All concerned therefore, having any claim over the property purchased under the said document **Regd. Sale Deed No. 2034/80 dt.04.07.1980 of Registering Officer, Titlagarh** is required to file his claim with the undersigned within 15(Fifteen) days from the date of publication of this notice, failling which it will be presumed that, the property having link with the said document/s is/are free from encumbrances and any claim in respect thereof against the applicant as a mortgager and the company as the mortgagee shall be void and ineffective after the lapse of 15(Fifteen) days of publication of this notice.

Sambalpur, Dt. 02.03.2023

Sd/- A.K. Debta, Advocate, LIC Housing Finance Ltd, At/Po.- Modipara, Sambalpur, Odisha, Mobile No. 9437158519.


# ଛାଡ଼ପତ୍ର ଦେଲେନି ବୋଲି... ବୋହୂଙ୍କ ଗୋଡ଼ ଭାଙ୍ଗିଦେଲେ

ଢେଙ୍କାନାଳ ଅଫିସ, ୧।୩

କୁହାଯାଏ ବିବାହ ଏକ ପବିତ୍ର ବନ୍ଧନ। ଦାମ୍ପତ୍ୟ ଜୀବନ ଆରମ୍ଭ ହେଲେ ଅଜାଡ଼ି ହୋଇପଡ଼େ ଗୁରୁଜନଙ୍କ ଆଶୀର୍ବାଦ। ନବଦମ୍ପତିଙ୍କ ସୁଖମୟ ଜୀବନ କାମନା କରନ୍ତି ସଭିଏଁ। ହେଲେ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କେରଜୋଳି ପଞ୍ଚାୟତର ସରବେରେଣି ଗ୍ରାମରୁ ଆସିଛି ଏହାର ବିପରୀତ ଚିତ୍ର। ଛାଡ଼ପତ୍ର ଦେବାକୁ ଅମଙ୍ଗ ହେବାରୁ ପୁତ୍ର ଏବଂ ପୁତ୍ରବଧୂଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ମହିଳାଙ୍କ ଦୁଇ ଗୋଡ଼ ଭାଙ୍ଗିଯାଇଥିବାବେଳେ ସ୍ୱାମୀ ମଧ୍ୟ ଆହତ ହୋଇଛନ୍ତି। ଏଭଳି ଅମାନୁଷିକ ଘଟଣା ସାରା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ପୋଲିସ ତନାଘନା ଆରମ୍ଭ କରିଛି।

ପୋଲିସ ସୂଚନା ଅନୁଯାୟୀ, ସରବେରେଣୀ ଗ୍ରାମର ଅଶୋକ କୁମାର ମହାନ୍ତଙ୍କ ସହ ନିର୍ମଳା ମହାନ୍ତଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ତେବେ ଶାଶୁଘର ଲୋକେ ଯୌତୁକ ଦାବି କରି ତାଙ୍କୁ ନିର୍ଯାତନା ଦେଉଥିଲେ। ଏପରି କି ଛାଡ଼ପତ୍ର ଦେବାକୁ ପୁଅ-ବୋହୂଙ୍କ ଉପରେ ଚାପ ପକାଉଥିଲେ। ହେଲେ ଏଥିରେ ଅଶୋକ ରାଜି ହେଉ ନ ଥିଲେ। ବୁଧବାର ସକାଳେ ୩ ଜଣ ବ୍ୟକ୍ତି ହଠାତ୍ ପହଞ୍ଚି ଦମ୍ପତିଙ୍କୁ ଷ୍ଟିଲ୍ ରଡ୍‌ରେ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଘରେ ପଡ଼ିଥିବାବେଳେ ପାଖପଡ଼ୋଶୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଆକ୍ରମଣରେ ନିର୍ମଳାଙ୍କ ଉଭୟ ଗୋଡ଼ ଭାଙ୍ଗିଯାଇଛି। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ପାଇ କଙ୍କଡ଼ାହାଡ଼ ପୋଲିସ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ତଦନ୍ତ କରିଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ପୋଲିସ ନିଜ ଆଡୁ ମାମଲା (ନଂ. ୩୦/୨୩) ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ନିର୍ମଳା ଗୋଛାୟତ ସୂଚନା ଦେଇଛନ୍ତି।


କାମାକ୍ଷାନଗର ମେଡିକାଲରେ ପୋଲିସ ପୀଡ଼ିତାଙ୍କୁ ପଚରାଉଚରା କରୁଛି।

# ବୃଦ୍ଧଙ୍କୁ କଚାଡ଼ି ମାରିଲା ହାତୀ

**ତୀବ୍ର ଉତ୍ତେଜନା**

ଅନୁଗୋଳ ଅଫିସ, ୧।୩

ଶୌଚ ହେବାକୁ ଯାଇଥିବାବେଳେ ବୃଦ୍ଧଙ୍କୁ କଚାଡ଼ି ମାରିଦେଲା ହାତୀ। ଅନୁଗୋଳ ବନଖଣ୍ଡ ବନ୍ତଲା ରେଞ୍ଜ୍‌ରେ ବୁଧବାର ଘଟିଛି ଏଭଳି ଦୁଃଖଦ ଘଟଣା। ମୃତକ ହେଲେ ବସଲା ପଞ୍ଚାୟତ ସୁନାଭୂଇଁ ଗ୍ରାମର ଦିବାକର ସାହୁ (୬୭)। ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କିଛିଦିନର ବ୍ୟବଧାନ ପରେ ଅନୁଗୋଳ ଜିଲାରେ ପୁଣିଥରେ ହାତୀ ଆତଙ୍କ ବନ ବିଭାଗର ଚିନ୍ତା ବଢ଼ାଇଛି।

ଦିବାକର ସକାଳ ୬ଟାରେ ଘର ପାଖ ପଡ଼ିଆକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ଏକ ପଲରେ ୩୦ ହାତୀ ପାର୍ ହୋଇଥିଲେ। ପଛରେ ମା' ସହ ଛୁଆ ହାତୀ ଆସୁଥିଲା। ହେଲେ ହାତୀ ଚାଲିଯାଇଥିବା ଭାବି ସେ ଘରକୁ ଆସୁଥିବାବେଳେ ମାଈ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି ନେଇ କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ସୂଚନା ପ୍ରଚାର ହେବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ବନ ବିଭାଗ ହାତୀ ଘଉଡ଼ାଇବାରେ ବିଫଳ ହୋଇଛି। ହାତୀ ଉପସ୍ଥିତି ସମ୍ପର୍କରେ ସଚେତନ କରାଯାଉନାହିଁ। ଫଳରେ ମୂଲ୍ୟବାନ ଜୀବନ ଯାଉଥିବା ସେମାନେ ଅଭିଯୋଗ କରି ହୋହଲ୍ଲା କରିଥିଲେ। ବନ୍ତଲା ରେଞ୍ଜ ଅଧିକାରୀ ନୀଳାଦ୍ରିନାଥ ସାହୁ, ବସଲା ସରପଞ୍ଚ ଚନ୍ଦନ ସାହୁ, ବନ୍ତଲା ପୋଲିସ ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହାପରେ ମୃତଦେହ ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ମୃତକ ପରିବାରକୁ ବନ ବିଭାଗ ପକ୍ଷରୁ ୯୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେବା ପରେ ଅବଶିଷ୍ଟ ୩ଲକ୍ଷ ୧୦ ହଜାର ଟଙ୍କା ଦିଆଯିବ ବୋଲି ରେଞ୍ଜ ଅଧିକାରୀ ସାହୁ କହିଛନ୍ତି।


## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ.: MCSW-CAMC-ABCP-22-23-23

କାର୍ଯ୍ୟର ନାମ: ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ 03 (ତିନି) ବର୍ଷ ନିମନ୍ତେ ଏକ୍ସିଲ ବାକ୍ସ ସଫେଇ କାରଖାନାର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ): 55,99,087.02, EMD (ଟଙ୍କାରେ): 1,12,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,000/-, ଶେଷ ହେବା ଅବଧି: 36 ମାସ, ପ୍ରସ୍ତାବର ବୈଧତା : 60 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.06.03.2023 ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.03.2023 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(Production)/ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର

PR-1041/N/22-23



## कार्यपालक अभियंता का कार्यालय ग्रामीण विकास विशेष प्रमंडल, खूँटी

**योजना स्थगन**

इस कार्यालय द्वारा आमंत्रित अल्पकालीन निविदा सूचना संख्या– RDD/SD/KHUNTI/46/2022-23 में जिसका पी0आर0 संख्या–290897 URAL DEVELOPMENT (2022-23).D है जिसका प्रकाशन विभिन्न समाचार पत्रों में प्रकाशित की गई थी। अपरिहार्य कारणों से अगले आदेश तक के लिए स्थगित की जाती है।

अगली सूचना दैनिक समाचार पत्रों में प्रकाशित की जाएगी।

कार्यपालक अभियंता
ग्रामीण विकास विशेष प्रमंडल,खूँटी

PR291574 (Rural Development)22-23*D



## कार्यपालक अभियंता का कार्यालय पेयजल एवं स्वच्छता प्रमण्डल, लोहरदगा

e-mail ID : eedwsd.lohardaga1@gmail.com

**शुद्धि पत्र**

पेयजल एवं स्वच्छता प्रमण्डल, लोहरदगा अंतर्गत प्रकाशित ई–प्रोक्योरमेंट अति अल्पकालीन निविदा आमंत्रण सूचना संख्या 11/2021-22 (नवम् आमंत्रण), जिसका PR – 290628 (Lohardaga) 22-23 (D) है, के ग्रुप संख्या Loh/SVS/Cluster-04A में निम्न प्रकार से आंशिक संशोधन किया जाता है –

**Name of Work - Construction of Cluster wise Single Village Water Supply Scheme on Solar Energy based Mini Water Supply Scheme in different blocks of Lohardaga District which are not included in MVS/Other Schemes to supply water and house connection with 05 years Operation and maintenance works on "Turn-key basis" under D.W.& S.Division, Lohardaga for the year 2021-22 under JJM. (Cluster 4A)**

| | | |
|---|---|---|
| 3 | वेबसाइट पर निविदा प्रकाशन की तिथि एवं समय | 03.03.2023 के अपराह्न 3.30 बजे से |
| 4 | बीड प्राप्ति की अंतिम तिथि एवं समय | 09.03.2023 के अपराह्न 3.30 बजे से |
| 5 | अग्रधन की राशि एवं परिमाण विपत्र का मूल्य (हार्ड कॉपी में) जमा करने की तिथि, समय एवं स्थान | 10.03.2023 को 3.30 बजे अपराह्न तक |
| 6 | निविदा खोलने की संभावित तिथि एवं समय | 11.03.2023 को 11.30 बजे पूर्वाह्न से |

निविदा की शेष शर्तें यथावत रहेंगी।

कार्यपालक अभियंता
पेयजल एवं स्वच्छता प्रमण्डल, लोहरदगा

PR.NO.291601 Lohardaga(22-23):D



## ODISHA SUB-ORDINATE STAFF SELECTION COMMISSION
## ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ

ବ୍ଲକ ନଂ.: ୩ ଏବଂ ୫, ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯
ଦୂରଭାଷ: ୦୬୭୪-୨୫୯୭୧୪୯, ୨୫୯୭୧୫୨ (ଅଫିସ୍)
ଫାକ୍ସ: ୦୬୭୪-୨୫୯୭୧୫୫, ୱେବ୍‌ସାଇଟ୍: www.osssc.gov.in

**BIDDING**

No. IIE-60/2022-248/OSSSC Dated: 01.03.2023

**CANCELLATION OF BID NOTIFICATION NO. 1581/OSSSC DATED: 30TH SEPTEMBER, 2022**

No. T-256: The Bid Notification No. 1581/OSSSC dated 30th September 2022 of this Commission inviting interested bidders for selection of recruitment Service Provider is hereby cancelled since, no bidder has qualified in the Technical Bid. The EMD deposited in favour of OSSSC will be refunded to the unqualified bidders.

OIPR-09007/11/0056/2223 Sd./- Secretary



## OFFICE OF THE SUPERINTENDING ENGINEER, RWSS DIVISION, BERHAMPUR

Near Jarada Bunglow, PIN - 760004, Ph.: 0680-2296344
eerwss_bam@nic.in, rwssbam@gmail.com

**Government of Odisha "e" Procurement Notice**

**NATIONAL COMPETITIVE BIDDING**

**Bid Identification No. SERWSSBAM-26/2022-23**

No. O-1929: The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites Bids in Single Cover & Double Cover System according to the norm of "e" Procurement System in Online mode for Supply, Drawing, Design, Construction, Testing and Commissioning and Maintenance of different PWS Schemes and electrification works in Ganjam district from the eligibile contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District |
| 2 | No. of Work (Tender) | 02 Nos. |
| 3 | Estimated Cost (Approximate) | From Rs.5.61 lakhs to Rs.83.77 lakhs |
| 4 | Period of Completion | From 45 days to 180 days |
| 5 | Date & time of availability of bid document in the portal | From 06.03.2023 at 11.00 hrs. to 14.03.2023 upto 17.00 hrs. |
| 6 | Last date & time for seeking clarification | 10.03.2023 upto 17.00 hrs. |
| 7 | Dt. of Opening of Bid | 15.03.2023 at 11.00 hrs. |
| 8 | Last date/time for receipt of bids in the portal | 14.03.2023 upto 17.00 hrs. |
| 9 | Name & address of the Officer Inviting Tender | Executive Engineer, RWSS Division, Near Jarada Bunglow, Berhampur - 760004, Dist.- Ganjam, Odisha |

Further details can be seen from the e-procurement portal **https://tendersorissa.gov.in**.

Sd./- Superintending Engineer
RWS&S Division, Berhampur

OIPR-25035/11/0019/2223

## ସଂକ୍ଷେପରେ

### ୬୨ କେଜି ଗଞ୍ଜେଇ ସହ ଜଣେ ଗିରଫ, ୩ ଫେରାର

**କେସିଙ୍ଗା,୧।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ପରଲସିଙ୍ଗାଠାରେ କଳାହାଣ୍ଡି ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ କେସିଙ୍ଗା ପୋଲିସ ଏଏସଆଇ ଡି. ମୋହନଙ୍କ ନେତୃତ୍ୱରେ ଟିମ ପରଲସିଙ୍ଗା ଗ୍ରାମରେ ଚଢାଉ କରି ୩ବାଇକ୍ ସହ ୬୨ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ୪ଜଣ ୩ଟି ବାଇକ ମୋହନଗିରିରୁ ଖରିଆର ଗଞ୍ଜେଇ ନେଇ ଯାଉଥିବା ବେଳେ ଛକି ରହିଥିବା ପୋଲିସ ଅଟକାଇ ଯାଞ୍ଚ କଲାବେଳେ ବାଇକରୁ ୬୨କେଜି ୫୦୦ ଗ୍ରାମ ଜବତ ହୋଇଥିଲା। ଅନ୍ଧାରର ଫାଇଦା ଉଠାଇ ବାଇକ୍ ଛାଡି ୩ଜଣ ଫେରାର ହୋଇଯାଇଥିବା ବେଳେ ଜଣେଙ୍କୁ ପୋଲିସ ଧରିଥିଲା। ଧରା ପଡ଼ିଥିବା ବ୍ୟକ୍ତି ହେଲେ ଖରିଆର୍‌ର ଦିଲୀପ ବାଗ (୨୮) ବୋଲି ପୋଲିସ ପ୍ରକାଶ କରିଛି। ତାଙ୍କଠାରୁ ନଗଦ ୫୦୦ ଟଙ୍କା, ଗୋଟିଏ ମୋବାଇଲ ଓ ୨ଟି ଏଟିଏମ ଓ ତିନୋଟି ବାଇକ ଜବତ କରାଯାଇଛି। ଚଢ଼ାଉରେ ରମେଶ ଚନ୍ଦ୍ର ଦୋରା, ଜ୍ଞାନରଞ୍ଜନ ମାଝି, ସୋନାଲିସା ବିଶାଳ ଓ ଅନ୍ୟମାନେ ସାମିଲ ଥିଲେ।

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

**ଗୋଲାମୁଣ୍ଡା,୧।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଗଣ୍ଡାମେର କେନ୍ଦ୍ର ଅଧୀନସ୍ଥ ଲିମସେର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ କାର୍ଯ୍ୟରତ ଶିକ୍ଷକ ସନ୍ତୋଷ କୁମାର ରାଉତଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ବ୍ଲକ ଶିକ୍ଷା ଅଧିକାରୀ ନବକିଶୋର ସାହୁ, ସହ ଶିକ୍ଷା ଅଧିକାରୀ ଲବଣୀ ନାଏକ, ଅବନୀ ପଣ୍ଡା, ଯୋଗଦାନ କରି ଅବସରକାଳୀନ ଆଦେଶ ନାମା, ଜିଆଇଏସ୍, ପ୍ରୋଭିସନାଲ ଆଦି ପ୍ରଦାନ କରିଥିଲେ। ଲିମସେର ଗାଁରୁ ବିଦ୍ୟାଳୟ ଛାତ୍ରୀଛାତ୍ର, ସରପଞ୍ଚ ଇ. ଦିନେଶ କୁମାର ରାଉତ, ପ୍ରାଥମିକ ଶିକ୍ଷକ ସଂଘ ଗୋଲାମୁଣ୍ଡା ହରିପୁର ରୋଡ କଟକ ସଭାପତି ବିଶ୍ୱଜୀତ ନେଗୀ, ସମ୍ପାଦକ ତରଙ୍ଗ ଚଣ୍ଡି, କ୍ଲଷ୍ଟର ସଂଯୋଜକ ପୂର୍ଣ୍ଣ ଚନ୍ଦ୍ର ମାଝି, ଶିକ୍ଷକ କୈଳାସ ଚନ୍ଦ୍ର ମେହେର, ଅଭିବାବକ ହରିଶଙ୍କର ମେହେର, ମଳୟ ଭୋଇ, ବିରଞ୍ଚି ମେହେର ସମସ୍ତେ ମିଶି ବିଦ୍ୟାଳୟଠାରୁ ଦୀର୍ଘ ୩ କି.ମି. ପାଦରେ ଚାଲି ଚାଲି ଅବସରପ୍ରାପ୍ତ ଶିକ୍ଷକ ରାଉତଙ୍କ ବାସଭବନକୁ ସମ୍ବର୍ଦ୍ଧିତ କରି ନେଇ ଛାଡିଆସିଥିଲେ।

### ଆବାସସ୍ଥଳୀ ଅଧିକାର ସମ୍ପର୍କିତ ସଚେତନତା କର୍ମଶାଳା

**ଲାଞ୍ଜିଗଡ,୧।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବସନ୍ତପଡା ପଞ୍ଚାୟତ ଅନ୍ତର୍ଗତ ଡେଙ୍ଗସର୍ଗି ଗାଁରେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ଆର୍ ସିଡିସି ପକ୍ଷରୁ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଓ ସ୍ୱେଚ୍ଛାସେବୀ ସଂଗଠନ ଫାର୍‌ର ମିଳିତ ଆନୁକୂଲ୍ୟରେ ପଛୁଆ ତଥା ଆଦିମ ଜନଜାତିଙ୍କ ଆବାସସ୍ଥଳୀ ଅଧିକାର ସମ୍ପର୍କିତ ଜନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬କୁ ନେଇ ଆରସିଡିସି ସଂସ୍ଥା ଦ୍ୱାରା ପ୍ରାୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ହରିଶ୍ଚନ୍ଦ୍ର ପାତ୍ର, କୁଟିଆ କନ୍ଧ ଉନ୍ନୟନ ସଂସ୍ଥା କ୍ଷେତ୍ର ସହାୟକ ସୀମାଞ୍ଚଳ ଭୂୟାଁ, ମହିଳା କର୍ମୀ ପ୍ରମିଳା ସ୍ୱାଇଁ, ଜନସାହାଯ୍ୟର ପ୍ରତିନିଧି କମ୍ବୁଭୂଷଣ ସିଂହ, ରାୟଗଡା ଜିଲାର ଅବୈତନିକ ବନ୍ୟପ୍ରାଣୀ ତ୍ୱବାବଧାରକ ଗୌରାଙ୍ଗ ଚରଣ ରାଉତ, ବନ ବିଭାଗର କର୍ମଚାରୀ ବିରଞ୍ଚି ପଣ୍ଡା, ଗିରିଧାରୀ ଗଉଡ, ମୁନିଗୁଡା ବ୍ଲକ ମିଲେଟ ମିଶନ ପକ୍ଷରୁ ଚନ୍ଦ୍ରଭାନୁ ମହାରଣା ଓ ସୁବଳ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନ ଫାର୍ ପକ୍ଷରୁ ବିଜୟ କୁମାର ବାବୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆରସିଡିସି ସଂସ୍ଥାର ପ୍ରକଳ୍ପ ସଂଯୋଜକ ସୀମାସାନ୍ନିଧ ଦାସ, କମ୍ୟୁନିଟି ଫେଲୋ ଶୁକ୍ରୁ ମାଝିଙ୍କ ସଂଯୋଜିତ କାର୍ଯ୍ୟକ୍ରମରେ ଅଞ୍ଚଳର ୧୬ଟି ଗାଁର ଶତାଧିକ ମହିଳା, ପୁରୁଷ ଅଂଶ ଗ୍ରହଣ କରିଥିଲେ।

# ବୟନଶିଳ୍ପ ନିର୍ଦ୍ଦେଶକଙ୍କ ସ୍ଥିତି ଅନୁଧାନ

**ଭବାନୀପାଟଣା,୧।୩(ସ୍ୱ.ପ୍ର.)**


ବୟନଶିଳ୍ପ ନିର୍ଦ୍ଦେଶକଙ୍କ କେସିଙ୍ଗା ସ୍ପିନିଂ ମିଲ ପରିଦର୍ଶନ।

**କେସିଙ୍ଗା କୋଣାର୍କ ସ୍ପିନିଂ ମିଲ୍ ଓ ଜିନିଂ ମିଲ୍**
■ ଅଞ୍ଚଳବାସୀଙ୍କ ନୂତନ ଆଶା ସଞ୍ଚାରିତ

କଳାହାଣ୍ଡି ଜିଲା କେସିଙ୍ଗା କୋଣାର୍କ ସ୍ପିନିଂ ମିଲ୍ ଓ ଜିନିଂ ମିଲର ପୁନରୁଦ୍ଧାର ପାଇଁ କଳାହାଣ୍ଡିର ଅନେକ ସଂସ୍ଥା ଲାଗିଥିବା ବେଳେ ସେଥିମଧ୍ୟରୁ କଳାହାଣ୍ଡିର ଅନ୍ୟତମ ସାଏନିଂ କଳାହାଣ୍ଡି ଗତ ଫେବୃୟାରୀ ୨୩ରେ ଓଡ଼ିଶା ହାଇକୋର୍ଟରେ ଏକ ରିଟ ପିଟିସନ ଦାଖଲ କରିଥିଲା। ପରେ ହାଇକୋର୍ଟଙ୍କ ମୁଖ୍ୟ ବିଚାରପତି ଡ଼ ଏସ୍ ମୂରଲୀଧରନ ଓ ବିଚାରପତି ମୁରହରି ଶ୍ରୀରମନଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ବିଷୟ ଗୁରୁତ୍ୱର ସହ ନେଇ କିଛି ନିର୍ଦ୍ଦେଶନାମା ଜାରି କରିଥିଲେ ଓ ଖଣ୍ଡପୀଠ ପକ୍ଷରୁ ରାଜ୍ୟ ସରକାର, କୃଷି ବିଭାଗ, ହସ୍ତତନ୍ତ ଏବଂ ବୟନ ଶିଳ୍ପ ବିଭାଗ, ଶାସନ ସଚିବ, ଇଡ୍‌କୋ ଓ କଳାହାଣ୍ଡି ଜିଲାପାଳଙ୍କୁ ଏହି ବିଷୟରେ ତୁରନ୍ତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ହାଇକୋର୍ଟ ନିର୍ଦ୍ଦେଶ ପରେ ବୟନ ଶିଳ୍ପ ନିର୍ଦ୍ଦେଶକ ଶୋଭନ କୃଷ୍ଣ ସାହୁ କେସିଙ୍ଗା କୋଣାର୍କ ସମବାୟ ସୂତାକଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଜିନିଙ୍ଗ ପ୍ଲାଣ୍ଟ ମଧ୍ୟ ବୁଲି ଦେଖିବା ସହିତ ସୂତାକଳ ଏମଡି ଅନିଲ କୁମାର ଦୋରାଙ୍କୁ ସବୁବିଷୟରେ ପଚାରି ବୁଝିଥିଲେ। ପ୍ରକାଶ ଯେ, କେସିଙ୍ଗା ସୂତାମିଲ୍ କାର୍ଯ୍ୟକାରୀ ହେଲେ କଳାହାଣ୍ଡିର କପା ଚାଷୀଙ୍କ ସହ ବଲାଙ୍ଗୀର, ନୂଆପଡ଼ା, ରାୟଗଡ଼ା, କନ୍ଧମାଳ ଜିଲାର ଚାଷୀମାନେ ମଧ୍ୟ ଉପକୃତ ହୋଇପାରିବେ। ଅଞ୍ଚଳର ବିକାଶ ସଙ୍ଗେ ବେକାରୀ ସମସ୍ୟାର ସମାଧାନ ହେବ। ଗତ ୩୦ ବର୍ଷ ମଧ୍ୟରେ କେବେ ବି କୌଣସି ଏତେବଡ ପଦାଧିକାରୀ ଆସି ନ ଥିଲେ। କିନ୍ତୁ ମଙ୍ଗଳବାର ବୟନ ଶିଳ୍ପ ନିର୍ଦ୍ଦେଶକଙ୍କ କେସିଙ୍ଗା ସୂତା ମିଲ ପରିଦର୍ଶନ କେସିଙ୍ଗା ଅଞ୍ଚଳବାସୀଙ୍କୁ ନୂତନ ଆଶା ସଞ୍ଚାରିତ କରିଛି। ସେ ଯାହା ହେଉନା କାହିଁକି ୨୩ ତାରିଖରେ ରିଟ ପିଟିସନ ଦାୟର ପରେ ୪ ଦିନ ମଧ୍ୟରେ ବୟନ ଶିଳ୍ପ ନିର୍ଦ୍ଦେଶକଙ୍କ ପରିଦର୍ଶନ ସରକାରଙ୍କ ଅଞ୍ଚଳ ପ୍ରତି ଆତ୍ମୀୟତାର ପ୍ରମାଣ କରୁଛି। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ଡାଇରେକ୍ଟର ବୟନ ଶିଳ୍ପ ଶିଶିର ନାଗ, କଳାହାଣ୍ଡି ଜିଲା ବୟନ ଶିଳ୍ପ ବିଭାଗ ଆସିଷ୍ଟାଣ୍ଟ ଡାଇରେକ୍ଟର ପ୍ରମୁଖ ଉପସ୍ଥିତ ଥିଲେ। ପରେ ବୟନ ଶିଳ୍ପ ନିର୍ଦ୍ଦେଶକ କେସିଙ୍ଗା ବ୍ଲକ କାର୍ଯ୍ୟାଳୟଠାରେ ଜିଲାପାଳଙ୍କ ସହିତ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ସେ ଯାହାବି ହେଉ ବୟନ ଶିଳ୍ପ ନିର୍ଦ୍ଦେଶକଙ୍କ ଗ୍ରସ୍ତ ସରକାରଙ୍କ ଅଞ୍ଚଳ ପ୍ରତି ଆନ୍ତରିକତାର ପରିଚୟ ଦେଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ବିକାଶ କଲେଜରେ ଜାତୀୟ ବିଜ୍ଞାନ ଦିବସ

**ଭବାନୀପାଟଣା,୧।୩(ସ୍ୱ.ପ୍ର.)**

**ପଦ୍ମଶ୍ରୀ ପଟ୍ଟାୟତ ସାହୁଙ୍କୁ ସମ୍ମାନିତ**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ବିଭିନ୍ନ ଶାଖାରେ ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଡି. ଶ୍ୟାମ ଓ ଡି. ରାମ କୁମାରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ପଟ୍ଟାୟତ ସାହୁ ଯୋଗଦେଇ ପାରମ୍ପରିକ ପଦ୍ଧତିରେ ବିଭିନ୍ନ ଔଷଧୀୟ ବୃକ୍ଷ ଲତାର ଉପକାରିତା ଓ ଔଷଧୀୟ ଗୁଣ ସମ୍ପର୍କରେ ବିଦ୍ୟାର୍ଥୀଙ୍କୁ ଅବଗତ କରାଇବା ସହ ଲୁପ୍ତ ହେବାକୁ ଯାଉଥିବା ବିଭିନ୍ନ ପ୍ରଜାତିର ଔଷଧୀୟ ବୃକ୍ଷ ଲତାର ଯତ୍ନ ନେବା ସହ ସଂରକ୍ଷଣ କରିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ ତାଙ୍କୁ ସ୍ମୃତି ସ୍ମାରକୀ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିଭଳି ବିକାଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ବିକାଶ ଆବାସିକ ବିଦ୍ୟାଳୟରେ ମଧ୍ୟ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଥିଲା। ଅତିଥି ଭାବେ ନିର୍ଦ୍ଦେଶକ ଡି. ଶ୍ୟାମ ଯୋଗଦେଇ ବିଜ୍ଞାନ ଦିବସର ମହତ୍ତ୍ୱ ଓ ବୈଜ୍ଞାନିକ ମନୋବୃତ୍ତି ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ଅଧ୍ୟକ୍ଷା ସୁଶ୍ରୀ ଆରତୀ ମିଶ୍ର ପ୍ରମୁଖ ମାର୍ଗଦର୍ଶନ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଦାରା ବିଭିନ୍ନ ବିଜ୍ଞାନ ମଡେଲ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ସମ୍ବନ୍ଧିତ ପୋଷ୍ଟର, ତର୍କ, କୁଇଜ ଆଦି ପ୍ରତିଯୋଗିତାରେ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ବିଭାଗ ଅଧ୍ୟାପକ/ଅଧ୍ୟାପିକାମାନେ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିଥିଲେ।


ପଦ୍ମଶ୍ରୀ ପଟ୍ଟାୟତ ସାହୁଙ୍କୁ ସମ୍ମାନିତ କରାଯାଉଛି।

# ୫ରେ ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ


ଜିଲାପାଳ, ପିଡି ବିଜୁ ଏକ୍ସପ୍ରେସ୍‌ୱେ ଅନୁଧାନ କରୁଛନ୍ତି।

**ଭବାନୀପାଟଣା,୧।୩(ସ୍ୱ.ପ୍ର.)**

■ ଉଦ୍‌ଘାଟନ କରିବେ ବିଜୁ ଏକ୍ସପ୍ରେସ୍‌ୱେ ୪ ଲାଇନ୍ ରାସ୍ତା
■ ତରବରିଆ ଭାବେ ଚାଲିଛି ରାସ୍ତା ନିର୍ମାଣ
■ କାମର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ

ଆସନ୍ତା ୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି ଗସ୍ତ କରିବେ। ୧୮୨ କୋଟି ବ୍ୟୟ ଅଟକଳରେ ନିର୍ମିତ ୪ ଲାଇନ ବିଶିଷ୍ଟ ବିଜୁ ଏକ୍ସପ୍ରେସୱେ ଉଦଘାଟନ କରିବେ। ଏହାସହ ପ୍ରାୟ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ଧର୍ମଗଡ଼ ସରକାରୀ ବସଷ୍ଟାଣ୍ଡ ଓ ୭ କୋଟି ୮୪ ଲକ୍ଷ ବ୍ୟୟରେ ନିର୍ମିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ଲୋକାର୍ପଣ କରିବେ। ହେଲେ ମୁଖ୍ୟମନ୍ତ୍ରୀ ଆସିବେ ବୋଲି ରାସ୍ତା ନିର୍ମାଣକାରୀ ଠିକାଦାର, ରାଜନେତା ଓ ପ୍ରଶାସନିକ ଅଧିକାରୀମାନେ ରାତିଦିନ ଏକ କରିଦେଇଛନ୍ତି। ରାସ୍ତା ନିର୍ମାଣ କାମ ୫ ତାରିଖ ପୂର୍ବରୁ ସରାଇବା ପାଇଁ ଚାଲିଛି ପ୍ରାଣମୂର୍ଚ୍ଛା ଉଦ୍ୟମ। ପୂର୍ତ୍ତ ବିଭାଗ ଦିନ ରାତି ଏକ କରି ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ନିର୍ମାଣ ଚାଲିଥିବା ବେଳେ ରାସ୍ତା କାମର ସ୍ଥାୟୀତ୍ୱ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଉରକେଲାଠାରୁ ଆମପାଣି ପର୍ଯ୍ୟନ୍ତ ୫୪୬ କି.ମି. ପର୍ଯ୍ୟନ୍ତ ୪ ଲାଇନ ବିଶିଷ୍ଟ ବିଜୁ ଏକ୍ସପ୍ରେସୱେ ନିର୍ମାଣ କରାଯାଉଛି। ରାସ୍ତା ନିର୍ମାଣ ଦିନଠାରୁ ଆଜି ପର୍ଯ୍ୟନ୍ତ କୌଣସି ଅଧିକାରୀ, ଜିଲାପାଳ, ଉପଜିଲାପାଳ କିମ୍ବା ମନ୍ତ୍ରୀ, ବିଧାୟକ, ଏମ୍‌ପି କେହି ମଧ୍ୟ ଦିନେ ହେଲେ ତଦାରଖ ପାଇଁ ଯାଇ ନାହାନ୍ତି। କେବଳ ଠିକାଦାରଙ୍କ ମନମାନୀରେ ଏହି କାମ ଚାଲୁଥିଲା। ବର୍ତ୍ତମାନ ରାଜ୍ୟ ମୁଖିଆ ଆସିବା ଜାଣି ପୂର୍ତ୍ତ ବିଭାଗ ଅଧିକାରୀ ଓ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ସମସ୍ତେ ତଦାରଖ କରିବା ପାଇଁ ବାହାରିଛନ୍ତି। ଉଦଘାଟନକୁ ଆଉ କିଛି ଦିନ ବାକିଥିବା ବେଳେ ରାତିଦିନ ପ୍ରାଣମୂର୍ଚ୍ଛା ଉଦ୍ୟମ କରି ରାସ୍ତା ନିର୍ମାଣ କାମ ଚାଲିଛି। ହେଲେ ରହି ରାସ୍ତା ନିର୍ମାଣ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ନିମ୍ନମାନର କାମ ଯୋଗୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫଳରେ ଯେଉଁମାନେ ଏହି ରାସ୍ତାରେ ନିର୍ଭର କରନ୍ତି, ସେମାନଙ୍କ ପାଇଁ ଉଦବେଗ ଜନକ ସୃଷ୍ଟି ହୋଇଛି ।

# ଲୋଡ୍ରା ଗ୍ରାମରେ ବାଘ ଆତଙ୍କ

**ନୂଆପଡ଼ା ଅଫିସ,୧।୩**

ନୂଆପଡା ସଦର ବ୍ଲକ ଭରୁଆମୁଣ୍ଡା ପଞ୍ଚାୟତ ସୁନାବେଡା ଅଭୟାରଣ୍ୟ ପାଦଦେଶରେ ଥିବା ଲୋଡ୍ରା ଗ୍ରାମରେ ବାଘ ଆତଙ୍କ ଦେଖାଦେଇଛି। ଖବର ପାଇବା ପରେ ବନ ବିଭାଗ ଗ୍ରାମକୁ ଯାଇ ବାଘର ଗତିବିଧି ଉପରେ ନଜର ରଖିଛି। ରାତ୍ରିକାଳିନ ପାଟ୍ରୋଲିଂ କରି ସ୍ଥାନେ ସ୍ଥାନେ ସିସିଟିଭି କ୍ୟାମେରା ଲଗାଯାଇଛି। ସିସିଟିଭି କ୍ୟାମେରାରେ କଲରାପତରିଆ ବାଘର ଚିତ୍ର କଏଦ ହୋଇଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନାନୁସାରେ ମଙ୍ଗଳବାର ଗ୍ରାମର ଲୋକେ ନିକଟସ୍ଥ ଜଙ୍ଗଲରେ ଏକ କଲରାପତରିଆ ବାଘ ବୁଲୁଥିବା ଦେଖିବାକୁ ପାଇଥିଲେ। ଖବର ପ୍ରଚାରିତ ହେବା ପରେ ଲୋଡ୍ରା ଅଞ୍ଚଳରେ ଭୟର ବାତାରଣ ଖେଳି ଯାଇଛି। ଲୋକେ ଭୟରେ ଆଉ ଜଙ୍ଗଲକୁ ଯାଉନାହାନ୍ତି। ବାଘ ତାହା ପୂର୍ବରୁ ଗ୍ରାମର ଜୟଲାଲ ମାଝିଙ୍କ ଗାଈ ଓ ପୂର୍ଣ୍ଣ ମାଝିଙ୍କ ଘୁଷୁରୀକୁ ମାରି ଖାଇ ଦେବାର ଚିହ୍ନ ଦେଖିବା ପରେ ଲୋକେ ଅଧିକ ଆତଙ୍କିତ ହୋଇ ପଡିଛନ୍ତି। ଏ ସଂକ୍ରାନ୍ତରେ ସୁନାବେଡା ବନ୍ୟଜନ୍ତୁ ବିଭାଗ ରେଞ୍ଜର ଗଜେନ୍ଦ୍ର ପାଲ ସିଂ ମାଥୁରଙ୍କୁ ପଚାରିବାରୁ ବର୍ତ୍ତମାନ କଲରାପତରିଆ ବାଘ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇଛନ୍ତି। ଆମ ବିଭାଗ କର୍ମଚାରୀମାନେ ଆଲଟ ରହି ବାଘକୁ ଜଙ୍ଗଲକୁ ଘଉଡାଇବା ପାଇଁ ଚେଷ୍ଟା ଚଳାଇଛନ୍ତି। ଗାଁରେ ଆଲୋକ ନ ଥିବାରୁ ଅସ୍ଥାୟୀ ଆଲୋକ ବ୍ୟାବସ୍ଥା କରାଯାଇଛି। ଗ୍ରାମର ଲୋକଙ୍କୁ ଆବଶ୍ୟକ ନ ଥିଲେ ବାହାରକୁ ନ ବାହାରି ପାଇଁ ମନା କରାଯାଇଛି ବୋଲି ପ୍ରକାଶ କରିଥିଲେ।

# ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍, ତାଲିମ ଉଦ୍‌ଯାପିତ

**ଖଡ଼ିଆଳ,୧।୩(ଡି.ଏନ.ଏ.)**

ନୂଆପଡ଼ା ଜିଲା ଜୁନିୟର ରେଡ୍‌କ୍ରସ ଶାଖା ପକ୍ଷରୁ ଅମଲାପାଲି ସରକାରୀ ଉଚ୍ଚବିଦ୍ୟାଳୟଠାରେ ଚାଲିଥିବା ଶିକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ମୁଖ୍ୟବକ୍ତା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ ଡ଼ା ତରୁଣ କୁମାର ପ୍ରଧାନ, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ପ୍ରତିମା ପୁଞ୍ଜି ପ୍ରମୁଖ ଉଦବୋଧନ ଦେବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ରତନ ସିଂହ ବାରିକ ଧନ୍ୟବାଦ ଦେଇଥିଲେ। ବିଜୟ ନାଗ ମଞ୍ଚ ପରିଚାଳନା କରିଥିଲେ। ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ବନଖଣ୍ଡ ଅଧିକାରୀ ସୁଶିଲ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ନାଥପତି, ସମ୍ମାନିତ ଅତିଥି ବିଜ୍ଞାନ ନିରିକ୍ଷକ ଗିରିଧାରୀ ସା ମଞ୍ଚାସୀନ ଥିଲେ। ଉଦଘାଟନୀରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିବେକାନନ୍ଦ ପୋଢ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜୁନିୟର ରେଡ଼କ୍ରସ ଅଫିସର ଜୟଦେବ ବେହେରା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜୁନିୟର ରେଡ୍‌କ୍ରସ ସମ୍ପାଦକ ମହେଶ କୁମାର ଦଣ୍ଡସେନା ବିବରଣୀ ପ୍ରଦାନ କରିଥିଲେ। ସାଧନ କର୍ମୀ ଅନୀଲ କୁମାର ସା, ରତନ ସିଂ ବାରିକ, ପ୍ରଶାନ୍ତ ପ୍ରଧାନୀ, ପ୍ରଣବ ପାତ୍ର ପ୍ରମୁଖ ବିଭିନ୍ନ ବିଷୟରେ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଦୁଇ ଦିନ ଧରି ଶିକ୍ଷା ଓ ତାଲିମ ଚାଲିଥିବା ବେଳେ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଜିଲାର ସମସ୍ତ ବ୍ଲକରୁ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ତଥା ସମସ୍ତ ହାଇସ୍କୁଲ ପରାମର୍ଶ ଦାତା ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅନୀଲ ସା, ରୋହିତ ନାଗ, ନିରୂପମା ପାଣିଗ୍ରାହୀ, ପ୍ରଦିପ ଯୋଷୀ, ରଞ୍ଜିତ ଧରୁଆ, କ୍ଷମାସାଗର ସାହୁ, ସୁଶାନ୍ତ ସ୍ୱାଇଁ, ରାଜକପୁର ବାରିକ, ଦୟାନିଧି ଚଲାନ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ବିଜେଡିର ପ୍ରସ୍ତୁତି

**ଗୋଲାମୁଣ୍ଡା,୧।୩(ଡି.ଏନ.ଏ.)**

ଆସନ୍ତା ମାର୍ଚ୍ଚ ୫ ତାରିଖ ପଞ୍ଚାୟତିରାଜ ଦିବସ ଏବଂ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି ଜିଲା ଗସ୍ତ କରିବେ। ମୁଖ୍ୟମନ୍ତ୍ରୀ ଜିଲାର ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବୃନ୍ଦାବାହାଲ ଖେଳପଡିଆରେ ହେଲିକେପ୍ଟର ଯୋଗେ ଆସି ଅବତରଣ କରିବା ସହ ଏକ ସାଧାରଣ ସଭାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ନେଇ ବ୍ଲକ ବିଜେଡି କର୍ମୀମାନଙ୍କୁ ନେଇ ଘୋଟିଆ ବଜାର ପ୍ରାଙ୍ଗଣଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିଶୃଙ୍ଖଳା ସହିତ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଯେମିତି ସଫଳ ହେବ ସେ ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତି କରାଯାଇଥିଲା। କାର୍ଯ୍ୟକ୍ରମରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ କର୍ମୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷ ବିନ୍ଧୁ ମହାନନ୍ଦ, ଜିଲା ପରିଷଦ ସଭ୍ୟା ହେମାଙ୍ଗିନି ରାଉତ, କେଗାଁ ଜୋନ ଜିଲା ପରିଷଦ ସଭ୍ୟ ଜୟସେନ ସାହୁ, ବୃନ୍ଦାବାହାଲ ସରପଞ୍ଚ ଇଂ. ଦିନେଶ କୁମାର ରାଉତ, ଗୋଲାମୁଣ୍ଡା ସରପଞ୍ଚ ପୁରୁଷୋତ୍ତମ ରାଉତ ଉପସ୍ଥିତ ଥିଲେ।

# ଖଡ଼ିଆଳ ହୋମିଓପାଥିକ ଡାକ୍ତରଙ୍କୁ ପୁଣି ବଦଳି

**ଖଡ଼ିଆଳ,୧।୩(ଡି.ଏନ.ଏ.)**

**ରୋଗୀସେବା ବାଧାପ୍ରାପ୍ତ**

ନୂଆପଡ଼ା ଜିଲା ଖଡ଼ିଆଳ ଏନ୍‌ଏସିର ହୋମିଓପାଥିକ ଡାକ୍ତର ସିଦ୍ଧାର୍ଥ ଶଙ୍କର ମହାପାତ୍ରଙ୍କୁ ଭୁବନେଶ୍ୱରକୁ ପୁନଶ୍ଚ ବଦଳି ହୋଇଛି। ପ୍ରଥମେ ଖରିଆର ରୋଡ ଏନଏସିକୁ ବଦଳି ହୋଇଥିଲା। ଆଉ ଏବେ ୪ ମାସ ପରେ ପୁନଶ୍ଚ ଭୁବନେଶ୍ୱରକୁ ବଦଳି ହୋଇଛି। ବର୍ତ୍ତମାନ ଖଡ଼ିଆଳ ଏନଏସି ହୋମିଓପାଥିକ ଡାକ୍ତର ପଦବୀ ଖାଲିପଡିଛି। ଏଠାରେ ଡାକ୍ତର ପଦବୀ ଖାଲିପଡ଼ିଥିବାରୁ ଜିଲା ସମେତ ପଡୋଶୀ କଳାହାଣ୍ଡି, ବଲାଙ୍ଗୀର ଜିଲା ଏବଂ ଛତିଶଗଡ଼ ଅଞ୍ଚଳର ଶହ ଶହ ରୋଗୀ ହୋମିଓପାଥିକ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ହୋମିଓପାଥିକ ଚିକିତ୍ସାକୁ ଗ୍ରାମଭିମୁଖୀ କରିବା ତଥା ବହୁ ଦୁଃସାଧ ରୋଗୀ ହୋମିଓପାଥିକ ଔଷଧ ଖାଇ ଉପକୃତ ହୋଇ ଆସୁଥିଲେ। ହେଲେ ଡାକ୍ତର ସିଦ୍ଧାର୍ଥଙ୍କ ଇତି ମଧ୍ୟରେ ଭୁବନେଶ୍ୱରରେ ଯୋଗଦେଇଛନ୍ତି। ସେ ମାନସିକ ରୋଗରେ ହୋମିଓପାଥିକରେ ଗବେଷଣା କରି ସର୍ବଭାରତୀୟସ୍ତରରେ ଏକ ନମ୍ବରରେ ପିଏଚଡି ଡିଗ୍ରୀ ହାସଲ କରିଥିଲେ। ଦୀର୍ଘ ୩୩ ବର୍ଷ ଚାକିରୀ କାଳରେ ତାଙ୍କ କ୍ଲିନିକରେ ମଧ୍ୟ ଅନେକ ରୋଗୀଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଇ ଆସୁଥିଲେ। ତାଙ୍କ ବଦଳି ହେବା ଦ୍ୱାରା ଖଡ଼ିଆଳ ଅଞ୍ଚଳରେ ହୋମିଓପାଥିକ ଚିକିତ୍ସା ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଏହାକୁ ନେଇ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଡାକ୍ତର ସମସ୍ୟା ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ପ୍ରଶାସନର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

**ନୂଆପଡ଼ା ଅଫିସ,୧।୩**


ଧାରଣାକାରୀଙ୍କ ସହ ପ୍ରଶାସନ ପକ୍ଷରୁ ଆଲୋଚନା କରାଯାଉଛି।

**ଆବାସିକ ବିଦ୍ୟାଳୟ ତଥା ସେବାଶ୍ରମ ସ୍କୁଲ**
■ ଏଥର ଦାବି ପୂରଣ ନ ହେଲେ ରାସ୍ତାରୋକୋ ଆନ୍ଦୋଳନ

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଟଗଡ ପଞ୍ଚାୟତ ସାହଜଟ ଗ୍ରାମସ୍ଥିତ ଅନୁସୂଚିତ ଜନଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟ ତଥା ସେବାଶ୍ରମ ସ୍କୁଲରେ ଥିବା ବିଭିନ୍ନ ୨୦ଟି ସମସ୍ୟାକୁ ନେଇ ଗତ ୨୦ ତାରିଖଠାରୁ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବୁଧବାର ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ସୁବାସ ଚନ୍ଦ୍ର ରାଇତା ଓ ଜିଲା ମଙ୍ଗଳ ଅଧିକାରୀ ନନ୍ଦିକିଶୋର ମହାନନ୍ଦ ଧାରଣାସ୍ଥଳକୁ ଯାଇ ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ସବୁ ଦାବି ପୂରଣ ପାଇଁ ୮ ଦିନ ସମୟ ମାଗି ପ୍ରତିଶ୍ରୁତି ଦେଇଥିବାରୁ ଧାରଣା ପ୍ରତ୍ୟାହୃତ ହୋଇଛି। ଦୁଇଟି ଦାବି ସାଙ୍ଗେ ସାଙ୍ଗେ ପୂରଣ କରିଛନ୍ତି। ବିଦ୍ୟାଳୟରେ ଠିକାଦାରମାନଙ୍କ ଦ୍ୱାରା ଯେଉଁ ସବୁ କାର୍ଯ୍ୟ କରାଯାଉଥିଲ, ତାହାକୁ ବନ୍ଦ କରିବା ସହ ବିଦ୍ୟାଳୟ ପରିଚାଳନା କମିଟି ଭାଙ୍ଗିବା ପାଇଁ ବିଇଓଙ୍କ ଦ୍ୱାରା ଚିଠି କରାଯାଇଥିଲା। ତାହାକୁ ମଧ୍ୟ ସ୍ଥଗିତ ରଖାଯାଇଛି। ବାକି ୧୮ଟି ଦାବି ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହା ତୃତୀୟ ନମ୍ବର ଧାରଣା, ପ୍ରଶାସନ ଖାଲି ପ୍ରତିଶ୍ରୁତି ଦେଇ ଚାଲିଛି। ଦାବି ପୂରଣ କରୁନାହାନ୍ତି। ଏହି ଥର ସବୁ ଦାବି ପୂରଣ ନ ହେଲେ, ଆଗାମୀ ଦିନରେ ରାଜରାସ୍ତା ଉପରେ ଧାରଣାରେ ବସିବୁ ବୋଲି ପ୍ରଶାସନକୁ ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝିଙ୍କ ସମେତ ଗୌତମ ମାଝି, ସୁବାଷ ଚନ୍ଦ୍ର ପ୍ରଧାନ, ପ୍ରେମାନନ୍ଦ ମାଝି, ହିରାଧର ଶବର, ଦୁର୍ଯ୍ୟୋଧନ ସେଠୀ, ଭକ୍ତବନ୍ଧୁ ଧରୁଆ ପ୍ରମୁଖ ଚେତାବନୀ ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨ ମାର୍ଚ୍ଚ, ୨୦୨୩



## ସଂକ୍ଷେପରେ

### ଜଳିଗଲା କପଡ଼ା ଶୋ' ରୁମ୍

**ରାଉରକେଲା ଅଫିସ,୧।୩ :** ରାଉରକେଲା ରଘୁନାଥପାଲି ଥାନା ଅନ୍ତର୍ଗତ ସିଭିଲଟାଉନସିପ୍ ଯୋଡା ପାଣିଟାଙ୍କି ନିକଟରେ ଥିବା ଏକ କପଡା ଦୋକାନରେ ନିଆଁ ଲାଗି ଜଳିଯାଇଛି। ଏଥିରେ ବିଶେଷ କାହାର କିଛି କ୍ଷତି ହୋଇ ନ ଥିବା ବେଳେ ଲକ୍ଷାଧିକ ଟଙ୍କାର କପଡା ଜଳିଯାଇଛି। ସୂଚନା ଅନୁସାରେ, ବୁଧବାର ଅପରାହ୍ନ ସାଢେ ୧ଟାରେ ଉକ୍ତ କପଡା ଶୋରୁମର ପ୍ରଥମ ମହଲାରେ ନିଆଁ ଲାଗିଯାଇଥିଲା। ଦୋକାନ ମାଲିକ ରାଜୀବ ଅଗ୍ରୱାଲ ଅଗ୍ନିଶମ ବିଭାଗକୁ ଜଣାଇବା ପରେ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ ସଟ୍ ସର୍କିଟ୍ ଯୋଗୁ ଏହି ନିଆଁ ଲାଗିଥିବା ଜଣାପଡିଛି।

### 'ଏ ମଙ୍ଗଳ ମହୁରୀର ତାନ' ନାଟକର ବହି ପୂଜା

**ରାଉରକେଲା ଅଫିସ,୧।୩:** ରାଉରକେଲା ସହରର ଅନ୍ୟତମ ନାଟ୍ୟାନୁଷ୍ଠାନ ସଂକଳ୍ପ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ସେକ୍ଟର- ୮ ସ୍ଥିତ ମା' ତାରିଣୀ ମନ୍ଦିର ପରିସରରେ ନାଟକ 'ଏ ମଙ୍ଗଳ ମହୁରୀର ତାନ' ବହିପୂଜା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସଂକଳ୍ପ ସଭାପତି ଡ. କିଶୋରୀ ଦାଶ, ଉପସଭାପତି କୁଞ୍ଜଲାଲ ବୋଷ, ସାଧାରଣ ସମ୍ପାଦକ ପ୍ରକାଶ ସାହାଣୀଙ୍କ ସମେତ ଅନ୍ୟ କଳାକାରମାନେ ଉପସ୍ଥିତ ଥିଲେ। ଏହି ନାଟକ ନାଲ୍କୋ ଦାମନଯୋଡିଠାରେ ଏପ୍ରିଲ ୩ରୁ ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସପ୍ତଦଶ ପଞ୍ଚପଟମାଳି ନାଟ୍ୟ ମହୋତ୍ସବ ଅବସରରେ ମଞ୍ଚସ୍ଥ ହେବ। ଦିଲେଶ୍ୱର ମହାରଣା ଏହି ନାଟକ ରଚୟିତା ଥିବାବେଳେ ପ୍ରକାଶ ସାହାଣୀ ନିର୍ଦ୍ଦେଶନା ଦେଇଛନ୍ତି। ସାଙ୍ଗଠନିକ ସମ୍ପାଦକ ଦିବ୍ୟେନ୍ଦୁ କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ।

### କାରକୁ ଧକ୍କା ଦେଲା ଟ୍ରକ୍



**ବଡ଼ଗାଁ, ୧।୩(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ମହାବୀର ଛକ ଠାରେ ବୁଧବାର ସାଢ଼େ ତିନିଟା ବେଳେ କାରକୁ ଟ୍ରକ୍ ଧକ୍କା ଦେବାରୁ ସୌଭାଗ୍ୟବଶତଃ ଏକ ଦମ୍ପତି ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ରାଉରକେଲାର ଆଡଭୋକେଟ ସୁଦାମ ଦାସ ଓ ତାଙ୍କ ସ୍ତ୍ରୀ ରାଜଶ୍ରୀ ସୁନ୍ଦରଗଡ଼ ଯାଇ ସେଠାରୁ ଫେରୁଥିବାବେଳେ ପଛପଟୁ ଏକ ଟ୍ରକ ଧକ୍କା ଦେଇଥିଲା। ପ୍ରାୟ ୫୦ ମିଟର ଠେଲି ଧକ୍କା ଦେବାରୁ ରାସ୍ତାର ଅନ୍ୟ ପାର୍ଶ୍ୱକୁ ଯାଇ କାର ଓଲଟି ପଡିଥିଲା। ଧକ୍କା ଦେଇ ଟ୍ରକ ଫେରାର ହୋଇଯାଇଛି।

# ରାଉରକେଲା ବନ୍ଦ ଶାନ୍ତିପୂର୍ଣ୍ଣ

**ରାଉରକେଲା ଅଫିସ,୧।୩**




ବିଶ୍ରା ଛକରେ ନାଗରିକ ସୁରକ୍ଷା କମିଟି ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାଉରକେଲା ସୁପର ସ୍ପେଶାଲିଟି ହସ୍ପିଟାଲକୁ ଏମ୍ସ ଦ୍ୱାରା ପରିଚାଳନା ଏବଂ କର୍ପୋରେଟ ସଂସ୍ଥା ଆପୋଲୋ ସହିତ ହୋଇଥିବା ଚୁକ୍ତିନାମା ବାତିଲ ଦାବି ନେଇ ସ୍ଥାନୀୟ ନାଗରିକ ସୁରକ୍ଷା କମିଟି ପକ୍ଷରୁ ବୁଧବାର ଦିଆଯାଇଥିବା ୧୨ ଘଣ୍ଟିଆ ରାଉରକେଲା ବନ୍ଦ ଶାନ୍ତିଶୃଙ୍ଖଳା ସହ ପାଳନ ହୋଇଛି। ଏହି କ୍ରମରେ ସକାଳେ ବିଶ୍ରା ଛକରେ ନାଗରିକ କମିଟି ସଦସ୍ୟମାନେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସେମାନେ ରାଉରକେଲାର ବିଭିନ୍ନ ଜନବହୁଳ ସ୍ଥାନକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କମିଟି ସଦସ୍ୟମାନେ ମୁଖ୍ୟ ବଜାର, ବିଭିନ୍ନ ବ୍ୟାଙ୍କ, ବୀମା କାର୍ଯ୍ୟାଳୟ ଏବଂ ସରକାରୀ ଅଫିସ ସମ୍ମୁଖରେ ପିକେଟିଂ କରି ବନ୍ଦ କରିଥିଲେ। ରାଉରକେଲା ବସଷ୍ଟାଣ୍ଡରେ ଟ୍ରେଡ୍ ୟୁନିୟନ ସଦସ୍ୟମାନେ ଧାରଣା ଦେଇଥିଲେ। ପାନପୋଷ, ଆଇଟିଆଇ ଛକ, ଏସ୍‌ଟିଆଇ ଛକ, ଉଦିତନଗର ମୁଖ୍ୟମାର୍ଗରେ ଦୋକାନ ବଜାର ଖୋଲା ରହିଥିଲା। ବେସରକାରୀ ବସ ଚଳାଚଳ ବନ୍ଦ ରହିଥିବା ବେଳେ ଅନ୍ୟ ଭାରିଯାନ ଚଳାଚଳ କରିଥିଲା। ତେବେ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଥିବାବେଳେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଜଣାପଡିଛି। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ପୋଲିସ ପକ୍ଷରୁ ବନ୍ଦୋବସ୍ତ କରାଯାଇଥିଲା। କାର୍ଯ୍ୟକ୍ରମରେ କମିଟି ସଦସ୍ୟ ବିଷ୍ଣୁ ମହାନ୍ତି, ହରିହର ରାଉତରାୟ, ସଞ୍ଜୀବ ମହାନ୍ତି, ପଶୁପତି ନାଥ ଚାଟାର୍ଜୀ, ପ୍ରଶାନ୍ତ ସେଠୀ, ବିମାନ ମାଇତି, ସତ୍ୟପ୍ରିୟ ମହାନ୍ତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ରାଜକିଶୋରଙ୍କ ସମେତ ଶତାଧିକ ଲୋକ ସାମିଲ ହୋଇଥିଲେ।

### ନିଜ ସ୍ୱାର୍ଥ ସାଧନ ପାଇଁ ବନ୍ଦ ପାଳନ: ଜୁଏଲ

ରାଉରକେଲା ନାଗରିକ ସୁରକ୍ଷା କମିଟି ପକ୍ଷରୁ ବୁଧବାର ରାଉରକେଲା ବନ୍ଦ ପାଳନ ଉପରେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ପ୍ରତିକ୍ରିୟା ଦେଇ କହିଛନ୍ତି, ଆଜିର ବନ୍ଦପାଳନ ଜନସ୍ୱାର୍ଥ ପାଇଁ କରାଯାଇନାହିଁ। ଆନ୍ଦୋଳନକାରୀ ନିଜ ସ୍ୱାର୍ଥ ସାଧନ ପାଇଁ କରିଛନ୍ତି। ରାଉରକେଲାରେ କିଛି ଆନ୍ଦୋଳନଜୀବୀ ବର୍ଗର ଲୋକ ଅଛନ୍ତି, ସେମାନଙ୍କର କିଛି କାମ ନାହିଁ। ଏହା ଲୋକଙ୍କ ସମସ୍ୟା ନୁହେଁ ଆନ୍ଦୋଳନକାରୀଙ୍କ ବ୍ୟକ୍ତିଗତ ସମସ୍ୟା ବୋଲି ଓରାମ କହିଥିଲେ।

# ଡାଉନ ସିଣ୍ଡ୍ରୋମ ବ୍ୟକ୍ତିଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା ଶିବିର

**ରାଉରକେଲା ଅଫିସ,୧।୩**

ଆର୍‌ଏସ୍‌ପି ଆନୁକୂଲ୍ୟରେ ହୋମ୍ ଏବଂ ହୋପ୍ ପକ୍ଷରୁ ବୁଧବାର ଡାଉନ ସିଣ୍ଡ୍ରୋମ ଅବସ୍ଥାରେ ଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ନିଃଶୁଳ୍କ ସ୍ୱାସ୍ଥ୍ୟ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ସୁପର ସ୍ପେଶାଲିଟି ହସ୍ପିଟାଲ ଏବଂ ଇସ୍ପାତ ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ ଅଡିଟୋରିୟମ ହଲ୍‌ରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥି ମୁଖ୍ୟ ଅତିଥି, ଡାଉନ ସିଣ୍ଡ୍ରୋମ ଫେଡେରେଶନ ଅଫ୍ ଇଣ୍ଡିଆ ଚେନ୍ନାଇର ସଭାପତି ସୁରେଖା ରାମଚନ୍ଦ୍ରନ ମୁଖ୍ୟ ବକ୍ତା, ଚିକିତ୍ସା ଓ ସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା, ପ୍ରକଳ୍ପ ଓ ବାଣିଜ୍ୟିକ ବିଭାଗର ସିଜିଏମ୍ ତଥା ହୋମ୍ ଏଣ୍ଡ ହୋପ୍‌ର ଯୁଗ୍ମ ସଚିବ ଡଃ ଜି. ଏସ. ଦାଶ ଏବଂ ବ୍ଲକ ସାମାଜିକ ଅଧିକାରୀ ଚେତାବନୀ ବଡାଇକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ମେଡିସିନ, ଶିଶୁରୋଗ, ଚକ୍ଷୁ, ଇଏନ୍‌ଟି, ସ୍ପିଚ୍, ଅକୁପେଶନାଲ ଓ ଫେଜିଓ ଥେରାପିଷ୍ଟ, ସ୍ୱତନ୍ତ୍ର ଶିକ୍ଷକଙ୍କ ସହ ପରାମର୍ଶଦାତାମାନେ ସାମିଲ ହୋଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଶତପଥି ପିଲା ଏବଂ ବୟସ୍କଙ୍କ ଯତ୍ନ ନେବାରେ ପିତାମାତା, ଅଭିଭାବକ, ଡାକ୍ତର, ପରାମର୍ଶଦାତାଙ୍କ ସହ ସମାଜର ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ଦର୍ଶାଇଥିଲେ। ଏହାସହ ଶାରୀରିକ ଓ ମାନସିକ ଅନଗ୍ରସର ବ୍ୟକ୍ତିଙ୍କ ଜୀବନ କୌଶଳ ଉନ୍ନତି ପାଇଁ ହୋମ୍ ଏବଂ ହୋପ୍‌ର ଅବଦାନକୁ ଡାକ୍ତର ହୋତା ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ରାମଚନ୍ଦ୍ରନ ନିଜ ଜୀବନର ଅନୁଭୂତି ବାଣ୍ଟିଥିଲେ ଏବଂ ତାଙ୍କ ଝିଅ ଡାଉନ୍ ସିଣ୍ଡ୍ରୋମ ମଧ୍ୟରେ ରହି ଭାରତ ନାଟ୍ୟମରେ କିଭଳି ସ୍ୱର୍ଣ୍ଣବିଜେତା ହୋଇଥିଲେ ତାହା ଦର୍ଶାଇଥିଲେ। ମା'ର ହସ ପିଲାଙ୍କୁ ହସଖୁସିରେ ଲାଳନ ପାଳନରେ ସହଯୋଗ କରେ ବୋଲି ସେ କହିଥିଲେ। ଡାଉନ ସିଣ୍ଡ୍ରୋମରେ ପ୍ରଭାବିତ ହୋମ୍ ଓ ହୋପ୍ ଛାତ୍ର ଶୁଭ୍ରାଂଶୁ ମହାରଣା ଓ ନୋଏଡାର ଐଶ୍ୱର୍ଯ୍ୟା ରଥ ତାଙ୍କ ସଫଳତାର କାହାଣୀ ବିଷୟରେ କହିଥିଲେ। ହୋମ୍ ଆଣ୍ଡ ହୋପ୍‌ର ଭାରପ୍ରାପ୍ତ ଅଧ୍ୟକ୍ଷା ପଦ୍ମିନୀ ଦାଶ ସ୍ୱାଗତ ଜଣାଇଥିବା ବେଳେ ଶୁଭୋସନ ବସୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଶୁଭ୍ରାଂଶୁ ମହାରଣା ଶିବିର ସଂଯୋଜନା କରିଥିଲେ। ଶିବିରରେ ହୋପ୍ ରାଜଗାଙ୍ଗପୁର, ଆଶା (ସେକ୍ଟର-୨୨), ସମ୍ବଲପୁର, ବଲାଙ୍ଗୀର, ଅନୁଗୋଳ ଓ ଭୁବନେଶ୍ୱରରୁ ମୋଟ ୬୪ଜଣ ଡାଉନ୍ ସିଣ୍ଡ୍ରୋମ ପୀଡ଼ିତ ସପରିବାର ଯୋଗ ଦେଇଥିଲେ।



ଶିବିରରେ ମୁଖ୍ୟ ଅତିଥି ବକ୍ତବ୍ୟ ପ୍ରଦାନ କରୁଛନ୍ତି।

### ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ହେମଗିର,୧।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ହେମଗିର ଗଡଡୁମୁଲିୟା ସ୍ଥିତ ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଖଗେନ୍ଦ୍ର ପ୍ରସାଦ ଅଗସ୍ତି ଦୀର୍ଘ ୩୪ ବର୍ଷ ଶିକ୍ଷା ବିଭାଗରେ କାର୍ଯ୍ୟକରି ମଙ୍ଗଳବାର ଅବସରଗ୍ରହଣ କରିଛନ୍ତି। ନୂତନ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ଅଧ୍ୟକ୍ଷ ଭାଗିରଥି ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏକ ଭବ୍ୟ ସଭାରେ ଛାତ୍ରୀଛାତ୍ରଙ୍କ ଗହଣରେ ବିଦାୟୀ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସହଦେବ ମହାକୁଡ, ଯୁକ୍ତ ତିନି ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସୁବ୍ରତ ସେଠୀ, ବିଦ୍ୟାଳୟର ପରିଚାଳନା ସମିତି ସଭ୍ୟ ନାରାୟଣ ପଟେଲ, ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ସଭା ପ୍ରାରମ୍ଭରେ ବୈଦିକ ରୀତିରେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରିବା ସହିତ ଛାତ୍ରୀମାନଙ୍କ ଦ୍ୱାରା ଗୁରୁବନ୍ଦନା କରାଯାଇଥିଲା। ସଭାରେ ଉପସ୍ଥିତ ସମସ୍ତ ବକ୍ତା ବିଦାୟୀ ଅଧ୍ୟକ୍ଷଙ୍କ ବହୁବିଧ ପ୍ରତିଭାର ଭୂୟସୀ ପ୍ରଶଂସା କରିଥିଲେ । ସଭାକୁ ସଫଳ ମଣ୍ଡିତ କରିବାରେ ବିଦ୍ୟାଳୟର ଅଧ୍ୟାପକ ଅଶୋକ ନାୟକ, ବ୍ରଜେଶ ସାହୁ, ଦିଲ୍ଲୀପ ନାୟକ, ଶରତ ପଟେଲ, ସୁଷମା ନାୟକ, ନିନା ତ୍ରିପାଠୀ, ବୀଣା ପଟେଲ, ଗଙ୍ଗାଧର ବାରିକ, ଅକ୍ଷୟ ସାହୁ, ନରେନ୍ଦ୍ର ପଟେଲ, ଗଣେଶ ମେହେର, ରାଜେନ୍ଦ୍ର ସ, ଜିତେନ୍ଦ୍ର ମହାପାତ୍ର, ପୂର୍ଣ୍ଣ ପ୍ରଧାନ, ସନ୍ତୋଷ ସ, ହେରମ୍ବ ପଟେଲ ପ୍ରମୁଖ ସହଯୋଗ କରିଥିଲେ । ଡୁମୁଲିଆ ପ୍ରଗତି ଯୁଥ କ୍ଳବ ସଭାପତି ପ୍ରଭାତ ଦାସ ଗାଆଁ ତରଫରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ବିଦାୟୀ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଭାବପୂର୍ଣ୍ଣ ସଭାକୁ ଅଧ୍ୟାପକ ସରୋଜ ମିଶ୍ର ସଞ୍ଚାଳନ କରିବା ସହିତ ନିଜ ବକ୍ତବ୍ୟରେ ଅଗସ୍ତି ସାରଙ୍କୁ ବିଦ୍ୟାଳୟର ବାଇମୁଣ୍ଡି ଭାବରେ ବର୍ଣ୍ଣନା କରିଥିଲେ। ଶେଷରେ ଅଧ୍ୟାପକ ସୁକୁମାର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରମାଣ ଅଭାବରୁ ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଦେବଗଡ଼, ୧।୩(ଡି.ଏନ୍.ଏ.)**

ଦେବଗଡ଼ ଜିଲା ଓ ଦୌରାଜଜ୍ ଏକ ହତ୍ୟା ମାମଲାର ଶୁଣାଣି କରି ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୦୨୦ ମସିହା ଅଗଷ୍ଟ ମାସ ୨୨ ତାରିଖ ରାତି ପ୍ରାୟ ୧୦ଟାରେ ଦେବଗଡ଼ ଥାନା ଅନ୍ତର୍ଗତ କଳାମାଟି ଗ୍ରାମର ଅମୂଲ୍ୟ ମୁଣ୍ଡା ନିଜ ବାପା ଗୋବିନ୍ଦ ମୁଣ୍ଡାଙ୍କୁ ଏକ ବାଡି ସାହାଯ୍ୟରେ ଆକ୍ରମଣ କରି ହତ୍ୟା କରିଥିବା ଦେବଗଡ଼ ଥାନାରେ ଅଭିଯୋଗ ହୋଇଥିଲା। ଗୋବିନ୍ଦଙ୍କ ଅନ୍ୟତମ ପୁଅ ଗଣ ମୁଣ୍ଡା ଦେବଗଡ ଥାନାରେ ଏନେଇ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବାସହ ଏ ଘଟଣାରେ ଅମୂଲ୍ୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜିଲା ଓ ଦୌରାଜଜଙ୍କ ଅଦାଲତରେ ଏହି ମାମଲା ବିଚାରାଧୀନ ଥିବା ବେଳେ ୧୧ଜଣ ସାକ୍ଷୀ ସାକ୍ଷ୍ୟ ପ୍ରଦାନ କରିଥିବାବେଳେ ପ୍ରମାଣ ଅଭାବରୁ ଜିଲା ଓ ଦୌରାଜଜ ଅମୂଲ୍ୟଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ବିକାଶ କୁମାର ପ୍ରଧାନ ମୋକଦ୍ଦମା ପରିଚାଳନା କରିଥିବା ବେଳେ ରିଙ୍କୁ କୁମାର ନାଥ ଓ ପ୍ରତାପ ପାତ୍ର ସହାୟତା କରିଥିଲେ।

# କୁଇଜ୍‌ରେ ଆର୍‌ଏସ୍‌ପି ରନର୍ସ ଅପ୍



କୃତୀ ମହିଳା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ରାଉରକେଲା ଅଫିସ,୧।୩**

ଆର୍‌ଏସ୍‌ପି ସିସିଡବ୍ଲ୍ୟୁ ବିଭାଗର ଏଜିଏମ୍ ସୁଶ୍ରୀ ଦିବ୍ୟା ଦାଶ ଏବଂ ଇନ୍‌ଷ୍ଟ୍ରୁମେଣ୍ଟେଶନ ବିଭାଗର ମ୍ୟାନେଜର ସୁଶ୍ରୀ ରୋଜାଲିନ ଦାଶଙ୍କୁ କୁଇଜ ପ୍ରତିଯୋଗିତାରେ ସଫଳତା ମିଳିଛି। ଉଭୟ ପ୍ରତିଯୋଗୀ ରାଞ୍ଚିର ସେଲ୍ ମ୍ୟାନେଜମେଣ୍ଟ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟରେ ଅନୁଷ୍ଠିତ ସେଲ୍‌ସ୍ତରୀୟ ସମୃଦ୍ଧି ମ୍ୟାନେଜମେଣ୍ଟ ବିଜିନେସ କୁଇଜ୍ ପ୍ରତିଯୋଗିତା-୨୦୨୩ରେ ଭାଗ ନେଇ ଦ୍ୱିତୀୟ ରନର୍ସ ଅପ୍ ଭାବେ ପୁରସ୍କୃତ ହୋଇଛନ୍ତି। ଏହି ଅବସରରେ ଉଭୟ କୃତୀ ମହିଳା ପ୍ରତିଯୋଗୀଙ୍କୁ ଏମ୍‌ଟିଆଇ ଏଚ୍‌ଆର୍‌ଡି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଶିବ କୁମାର ସେଲ୍‌ର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଭିଲାଇ ଇସ୍ପାତ କାରଖାନା କୁଇଜ୍ ପ୍ରତିଯୋଗିତାରେ ଆର୍‌ଏସ୍‌ପି ମହିଳା ଦଳ ବିଜେତା ହୋଇଥିବା ବେଳେ କର୍ପୋରେଟ୍ ଅଫିସ ଦଳ ରନର୍ସ ଅପ୍ ରହିଥିଲା। ସେଲ୍‌ର ବିଭିନ୍ନ ୟୁନିଟ୍‌ରୁ ମୋଟ ୧୧ଟି ଦଳ ଅଂଶଗ୍ରହଣ କରିଥିଲେ। ରାଞ୍ଚିରେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାକୁ ମ୍ୟାନେଜର ସୁଶ୍ରୀ ସ୍ନେହା ଶ୍ରଦ୍ଧା ପରିଚାଳନା କରିଥିଲେ।

# ରାଉରକେଲାର ୧୫ କଲେଜରେ ଯୁକ୍ତ ୨ ପରୀକ୍ଷା ଆରମ୍ଭ




ଛାତ୍ରୀଛାତ୍ର ପରୀକ୍ଷା କେନ୍ଦ୍ରକୁ ଯାଉଛନ୍ତି।

**ରାଉରକେଲା ଅଫିସ,୧।୩**

ରାଉରକେଲାର ବିଭିନ୍ନ କଲେଜରେ ବୁଧବାରଠାରୁ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହୋଇଛି। କଲେଜର ଛାତ୍ରୀଛାତ୍ରମାନେ ସକାଳ ୯ଟା ୪୫ରେ ପରୀକ୍ଷା ହଲରେ ପ୍ରବେଶ କରିଥିବା ବେଳେ ୧୦ଟାରେ ପରୀକ୍ଷା ଆରମ୍ଭ ହୋଇଥିଲା। ଏହି ପରୀକ୍ଷା ପାଇଁ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ସୁଶୀଳାବତୀ ମହିଳା ବିଦ୍ୟାଳୟରେ ଦୁଇଟି ନୋଡାଲ କେନ୍ଦ୍ର ଖୋଲାଯାଇଛି। ସେଠାରେ ସମସ୍ତ ପ୍ରଶ୍ନପତ୍ର କଡା ସୁରକ୍ଷା ବଳୟରେ ରଖାଯାଇ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ପଠାଯାଉଛି। ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ନୋଡାଲ କେନ୍ଦ୍ର ଅଧୀନରେ ୭ଟି କଲେଜ ରହିଥିବା ବେଳେ ସୁଶୀଳାବତୀ ମହିଳା ମହାବିଦ୍ୟାଳୟ କେନ୍ଦ୍ର ଅଧୀନରେ ୮ଟି ମହାବିଦ୍ୟାଳୟ ରହିଛି। ରାଉରକେଲାର ସମୁଦାୟ ୧୫ଟି କଲେଜରେ ବିଜ୍ଞାନରେ ୫ ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ପ୍ରତ୍ୟେକ ପରୀକ୍ଷା ହଲ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରଥମ ଦିନ ଯୁକ୍ତ ୨ ପରୀକ୍ଷା ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଥିବା ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

# ଭାଜପା ପକ୍ଷରୁ ବିକ୍ଷୋଭ, କୁଶପୁତ୍ତଳିକା ଦାହ

**ଦେବଗଡ଼, ୧।୩(ଡି.ଏନ୍.ଏ.)**

ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଏବଂ ଭାଜପା ଯୁବମୋର୍ଚ୍ଚା କର୍ମୀଙ୍କୁ ଆକ୍ରମଣ ଅଭିଯୋଗରେ ଦେବଗଡ଼ ଜିଲା ଭାଜପା ନଗର ମଣ୍ଡଳ ଏବଂ ଅନୁସୂଚିତ ଜାତି ମୋର୍ଚ୍ଚା ତରଫରୁ ବୁଧବାର ବିକ୍ଷୋଭ କରାଯାଇଛି। ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ତଥା ଉପନଗରପାଳ ପ୍ରଜିତ କୁମାର ଭୋଜ(ଝୁନୁ)ଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଗୋପବନ୍ଧୁ ଛକଠାରେ ଦାହ କରାଯିବା ସଙ୍ଗେ ସଙ୍ଗେ ତାଙ୍କର ଇସ୍ତଫା ଦାବି କରାଯାଇଥିଲା। ଏଥିସହ ବିଭିନ୍ନ ନାରାବାଜି କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ମଣ୍ଡଳ ସମ୍ପାଦକ ରମଣୀ ଆଚାର୍ଯ୍ୟ, ପୁରୁଷୋତ୍ତମ ସାହୁ, ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ତଥା ଯୁବ ନେତା ଦୟାଶଙ୍କର ଦ୍ୱିବେଦି, ଭୋଲା ବେହେରା, ଛବିଳ ପାତ୍ର, ମକରଧ୍ୱଜ ହସ୍ତୀ, ପ୍ରହଲ୍ଲାଦ ରଣଜିତ, ବଳରାମ ରଣଜିତ, ରାଜ କୁମାର ମୁଣ୍ଡା, ସମୀର ମୁଖି, ସଞ୍ଜିବ ମୁଖି, ଦିପୁ ନାଏକ, ବିଶାଳ ବେହେରା, ଦିପକ ମୁଖି, ବୟଲର ପାତ୍ର, ସୁମନ୍ତ ଭୋଜ, ସିଲୁ ମୁଣ୍ଡାଙ୍କ ସମେତ ଅନ୍ୟ ସଦସ୍ୟ ଓ କର୍ମୀମାନେ ଉପସ୍ଥିତ ଥିଲେ।



ଭାଜପା କର୍ମୀମାନେ କୁଶପୁତ୍ତଳିକା ଦାହ କରୁଛନ୍ତି।

# କୁତ୍ରା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୁତ୍ରା, ୧।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ୫୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ ଉଦ୍‌ଘାଟନ କରି ଅନୁଷ୍ଠାନର ଉନ୍ନତି ଦେଖି ଅତ୍ୟନ୍ତ ଆନନ୍ଦିତ ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ଯୋଗଦେଇ ଏହି ବିଦ୍ୟାଳୟ ସୁନ୍ଦରଗଡ଼ ଜିଲା ପାଇଁ ଏକ ପ୍ରୟୋଗଶାଳା ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ବିଡିଓ ରବୀନ୍ଦ୍ର କୁମାର ସେଠୀ,ବିଇଓ ଗୁରୁଚରଣ ସାହୁ, ସମାଜସେବୀ ପ୍ରଭୂଦୟାଲ ଅଗ୍ରୱାଲ, ପୂର୍ବତନ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରୀତା କେର୍କେଟା, ପୂର୍ବତନ ପ୍ରଧାନ ଶିକ୍ଷକ ବିଶିକେଶନ ସାହୁ, ଲାଲମୋହନ ନାଏକ, ମୋ ସ୍କୁଲ ଅଭିଯାନ ସଭାପତି ଶଙ୍କରପ୍ରସାଦ ଟପ୍ପୋ, ଏସ୍‌ଏମସି ସଭାପତି ମହେନ୍ଦ୍ର କୁଜୁର, ସର୍ବଶିକ୍ଷା ଅଭିଯାନର ଜିଲା କୋଡିନେଟର ଅମର୍ତ୍ତ୍ୟ ପ୍ରଧାନ ଯୋଗଦେଇ ଭଗମାନଙ୍କୁ ଦେଖିବାର ଅଛି ତ ନିଜ ବାପା ମା'ଙ୍କୁ ଦେଖ ଭଗବାନ ଦିଶିବେ ବୋଲି କହିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ବିବରଣୀ ପଠନ କରିଥିବା ବେଳେ ଏହି ଅବସରରେ ଅନୁଷ୍ଠାନର ମୁଖପାତ୍ର 'ନବ ପ୍ରଭାତ' ଉନ୍ମୋଚିତ ହୋଇଥିଲା। ସଭାକାର୍ଯ୍ୟକୁ ବିଭୀଷଣ ବାରିକ ସଂଯୋଜନା କରିଥିଲେ। ଦୀପିକା କେର୍କେଟା ଧନ୍ୟବାଦ ଅର୍ପଣ କରିଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ଧୃତିସୁନ୍ଦର ସାହୁ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦୀପିକା କେର୍କେଟା ଓ ଜସ୍ମିନ ମିଞ୍ଜ ପରିଚାଳନା କରିଥିଲେ। ସୁନିତା ପଟେଲ, ଆଶାଲତା ମହାପାତ୍ର, ଅବିନାଶ କର, ଲିପିକା ସାହୁ, ଲିପିକା କାଲୋ, ରୀତା କଣ୍ଡା, ବିଦ୍ୟୁତ୍‌ପ୍ରଭା ସ୍ୱାଇଁ, ଆଶା ସମରିଆ, ଆଶାଲତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।



ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ସ୍ମାର୍ଟସିଟି ଜଗିବ ସିସିଟିଭି

**ରାଉରକେଲା ଅଫିସ,୧।୩**

- ୧୩ ଜନବହୁଳ ସ୍ଥାନରେ ୧୧୦ ସିସିଟିଭି
- ଆପରାଧିକ ଗତିବିଧି ନିୟନ୍ତ୍ରଣ ହେବ

ସ୍ମାର୍ଟସିଟି ରାଉରକେଲା ହେବ ଅପରାଧମୁକ୍ତ ସହର। ଟ୍ରାଫିକ ବ୍ୟବସ୍ଥା ହେବ ସୁଦୃଢ। ନିୟନ୍ତ୍ରଣରେ ରହିବ ଅପରାଧୀଙ୍କ ଗତିବିଧି। ଏଭଳି କିଛି ଯୋଜନା କରି ରାଉରକେଲା ସ୍ମାର୍ଟସିଟି ଲିମିଟେଡ ପକ୍ଷରୁ ସହର ସାରା ସିସିଟିଭି ଲଗାଇବା ପାଇଁ ପଦକ୍ଷେପ ନିଆଯାଇଛି। ସହରର କିଛି ସ୍ଥାନରେ ସିସିଟିଭି ଇନଷ୍ଟଲ ହୋଇସାରିଥିବା ବେଳେ ଅବଶିଷ୍ଟ କାମ ଚାଲିଥିବା ଜଣାପଡିଛି।

ବିଭାଗୀୟ ସୂଚନା ଅନୁସାରେ, ରାଉରକେଲା ସହରର ୧୩ଟି ପ୍ରମୁଖ ସ୍ଥାନରେ ମୋଟ ୧୧୦ ସିସିଟିଭି ଲାଗିବାକୁ ଯାଉଛି। ଏହି ବ୍ୟବସ୍ଥାରେ ମୋଟ୍ ୬୭୫ଟି କ୍ୟାମେରା ଲାଗିବାକୁ ରହିଥିବା ବେଳେ ସେଥିମଧ୍ୟରୁ ୩ ଶହ ଇନଷ୍ଟଲ ହୋଇସାରିଛି। ସିସିଟିଭି ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର ଇତିମଧ୍ୟରେ ସ୍ଥାପନ ହୋଇଛି। ଅଜଣା ବ୍ୟକ୍ତିମାନଙ୍କ ପ୍ରକୃତ ଠିକଣା ବାବଦରେ ସୂଚନା ପାଇବା ପାଇଁ ୧୦ଟି ପିଏଏସ୍ ସିଷ୍ଟମ ଲାଗୁ ହୋଇଛି। ୨୦ଟି ଜରୁରୀକାଳୀନ କଲବକ୍ସ ସହିତ ଆଇଟିଏମ୍‌ଏସ୍ ସିଷ୍ଟମ ମାଧ୍ୟମରେ ୧୧ଟି ଲୋକେସନକୁ କ୍ୟାମେରାରେ କଏଦ କରିବା ସିଷ୍ଟମ ମଧ୍ୟ ଇନଷ୍ଟଲ ହୋଇସାରିଛି। ଏହି ନେଟଓ୍ୱାର୍କ ୧୩୦ କିମି ବ୍ୟାପୀ ଚାଲିବ। ୩୧୫ ସ୍ଥାନରେ ଏ ନେଇ ସର୍ଭେ ହୋଇଥିବା ବେଳେ ସମସ୍ତ ବ୍ୟବସ୍ଥା ଚାଲୁରହିଛି। ସିସିଟିଭି ବ୍ୟବସ୍ଥିତ କାମ ଦ୍ରୁତ ଗତିରେ ଚାଲିଥିବା ବେଳେ ଓଏଫ୍‌ସି ନେଟଓ୍ୱାର୍କିଂ କେବୁଲ ବିଛାଇବା କାମ ସମ୍ପୂର୍ଣ୍ଣ ହୋଇଛି। ଏଥିସହ କନକ ମଞ୍ଜରୀ ଛକ, ଷ୍ଟାଡିୟମ ଛକ, ପ୍ରଧାନପାଲି ଛକ, ବିଏସ୍‌ଏନ୍‌ଏଲ୍ ଛକ, ବିଜୁ ପଟ୍ଟନାୟକ ଛକ, ସ୍ପେସ ଛକ ଓ ଏୟାରପୋର୍ଟ ଛକରେ ସିସିଟିଭି କ୍ୟାମେରା ଲାଗିସାରିଛି। ରାଉରକେଲା ସ୍ମାର୍ଟ ସମାଧାନ ନିମନ୍ତେ ମାଷ୍ଟର ସିଷ୍ଟମ ଇଣ୍ଟିଗ୍ରେଟର ପ୍ରଣାଳୀରେ ସହରବାସୀଙ୍କ ସୁରକ୍ଷା ସହିତ ଟ୍ରାଫିକ ଆଇନ କ୍ଷେତ୍ରରେ ଏହି ବ୍ୟବସ୍ଥା ସହଯୋଗୀ ହେବ ବୋଲି କୁହାଯାଇଛି। ଆର୍‌ଏମ୍‌ସି, ଓଡିଶା ପୋଲିସ, ଆର୍‌ଏସ୍‌ପି ଏବଂ ଟିପିଡବ୍ଲ୍ୟୁଓଡିଏଲର ମିଳିତ ସହଯୋଗରେ ଏହି କାମ ଆଗେଇ ଚାଲିଥିବା ଜଣାପଡିଛି।



ରାଉରକେଲାର ପ୍ରଧାନପାଲି ଛକରେ ସିସିଟିଭି ଲାଗିଛି।

## ସଂକ୍ଷେପରେ

### ମନଇଚ୍ଛା ଚାଲିଛି ଭଙ୍ଗାଗଢ଼ା କାମ

**ବଲାଙ୍ଗୀର ରେଲୱେ ଷ୍ଟେଶନ**



**ବଲାଙ୍ଗୀର ଅଫିସ, ୧୩:** ବଲାଙ୍ଗୀର ରେଲଷ୍ଟେଶନ ଠାରେ ଯାତ୍ରୀମାନଙ୍କ ସୁବିଧା ପାଇଁ ଅନେକ କାମ ବାକି ରହିଛି। ଫଳରେ ଯାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତ୍ରୀଙ୍କ ସୁବିଧା ହେବା ଭଳି କାମକୁ ପ୍ରାଥମିକତା ନ ଦେଇ ରେଳଷ୍ଟେଶନ ଭିତରେ ମନଇଚ୍ଛା ନିର୍ମାଣ କାମ କରି ଅର୍ଥଲୁଟ ଚାଲିଥିବା ଅଭିଯୋଗ ହୋଇଛି। ବଲାଙ୍ଗୀର ରେଳଷ୍ଟେଶନ ଭିତର ପ୍ଲାଟଫର୍ମରେ ଫ୍ଲୋରିଂ କାମ କରାଯାଉଛି। ତେବେ ଯେଉଁ ଗୁମ୍ବଜ ବେଢ଼ାରେ କଳା ଗ୍ରାନାଇଟ ପଥର ଲଗାଯାଇଥିଲା ତାକୁ ବାହାର କରାଯାଇ ସେହି ସ୍ଥାନରେ ନୂଆ ପଥର ଲଗାଇବା ବ୍ୟବସ୍ଥା କରାଯାଉଥିବା ଦେଖାଯାଇଛି। ଏଠାରେ ଯାତ୍ରୀମାନେ ଟ୍ରେନ୍‌କୁ ଅପେକ୍ଷା କରି ବସିଥାନ୍ତି। ଏଠାକାର ଯେଉଁ ଗୁମ୍ବଜ ବେଢ଼ା ଗ୍ରାନାଇଡ୍ ପଥର ଭାଙ୍ଗିଯାଇଛି ତାକୁ ନୂଆ କରି ନିର୍ମାଣ କରାଯିବା କଥା। ମାତ୍ର ଯେଉଁଟା ସମ୍ପୂର୍ଣ୍ଣ ଭଲ ଅଛି ତାକୁ ମଧ ଭାଙ୍ଗି ଦିଆଯାଉଥିବା ଅଭିଯୋଗ ହୋଇଛି। କେବଳ ନୂଆ ବିଲ କରି ଅର୍ଥଲୁଟ୍ କରିବା ପାଇଁ ବାରମ୍ବାର ଏଭଳି କାମ କରାଯାଉଥିବା ଅଭିଯୋଗ ହେଉଛି। ଏନେଇ ରେଲୱେ ସିନିୟର ସେକ୍‌ସନ୍ ଯନ୍ତ୍ରୀ ଏସ୍‌କେ ପ୍ରଧାନଙ୍କୁ ପଚରାଯିବାରୁ ରେଲଷ୍ଟେଶନ ଭିତରେ ବାସ୍ତବରେ କେଉଁ କାମ କରାଯାଉଛି ତାହା ତଦାରଖ କଲା ପରେ ସେ କିଛି କହିପାରିବେ ବୋଲି କହିଛନ୍ତି।

### ଶିବମନ୍ଦିରର କୁମ୍ଭ ଭରଣ ଉତ୍ସବ

**ମୁରିବାହାଲ,୧୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଟୁପାଉଡାର ଗ୍ରାମ ପଞ୍ଚାୟତର ସାଲେପଡା ଗ୍ରାମର ମାନସିକଧାରୀଙ୍କ ପକ୍ଷରୁ ନୂତନ ଭାବେ ନିର୍ମାଣ ହୋଇଥିବା ଶିବମନ୍ଦିରର କୁମ୍ଭ ଭରଣ ଉତ୍ସବ ବୁଧବାର ଦିନ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳ ୯ଟା ସମୟରେ ରାତିନୀତିରେ ମହାଦେବଙ୍କ ପୂଜା ଅର୍ଚ୍ଚନା କରାଯାଇ କୁମ୍ଭ ଭରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ପ୍ରତିଷ୍ଠାତା ଆଚାର୍ଯ୍ୟ ଚନ୍ଦ୍ରଧ୍ୱଜ ମିଶ୍ର, ପୂଜକ ଜଗତ ଭୋଇ କାର୍ଯ୍ୟ ତୁଲାଇଥିଲେ। ସେହିପରି କର୍ତ୍ତା ଭାବେ ଘାସିରାମ ଗହୀର ଓ ତାଙ୍କ ସ୍ତ୍ରୀ ଯଶୋଦା କାର୍ଯ୍ୟ ତୁଲାଇ ଥିଲେ। ଜଗବନ୍ଧୁ ଗହୀର, ଭାସ୍କର ଗହୀର, ପ୍ରହ୍ଲାଦ ଗହୀର, ଇଶ୍ୱର ଗହୀର, ଡେର ମାଝୀ, କିସ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ: ହତ୍ୟା ଅଭିଯୋଗ

**ଲୋଇସିଂହା,୧୩(ଡି.ଏନ.ଏ.):** ଲୋଇସିଂହା ବ୍ଲକ ଅନ୍ତର୍ଗତ ରାଘୁପଦର ଗ୍ରାମର ଏକ ଚାଷଜମିରେ ଥିବା ଗଛରୁ ଜଣେ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ମାଗୁରବେଡା ଫାଣ୍ଡି ପୋଲିସ ବୁଧବାର ଜବତ କରିଛି। ମୃତା ମହିଳା ହେଲେ ଗ୍ରାମର ଶତ୍ରୁଘ୍ନ କୁଏଟଙ୍କ ସ୍ତ୍ରୀ ସବିତା (୨୮)। ଅପରପକ୍ଷେ ସବିତାଙ୍କ ଭାଇ ରବୀନ୍ଦ୍ର ପୋଢ ତାଙ୍କ ବଡଭଉଣୀଙ୍କୁ ହତ୍ୟା କରାଯାଇଥିବା ନେଇ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ନଂ ୮୧/୨୩ରେ ଏକ ମାମଲା ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ଅମୂଲ୍ୟ ପଣ୍ଡା କହିଛନ୍ତି। ପ୍ରକାଶ ଯେ, ଲୋଇସିଂହା ବ୍ଲକ ଉପରବାହାଲ ପଞ୍ଚାୟତ ଅନ୍ତର୍ଗତ ରାଘୁପଦର ଗ୍ରାମର ଶତ୍ରୁଘ୍ନ ସୁବର୍ଣ୍ଣପୁର ଜିଲା ଡୁଙ୍ଗରିପାଲି ଥାନା ଅନ୍ତର୍ଗତ ଲରିଆବାହାଲ ଗ୍ରାମର ସମରୁ ପୋଢଙ୍କ ଝିଅ ସବିତାଙ୍କୁ ଏପ୍ରିଲ ୨୦୧୯ରେ ବିବାହ କରିଥିଲେ। ସେମାନଙ୍କର କୌଣସି ସନ୍ତାନ ନ ଥିଲା। କୌଣସି କାରଣରୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହିଥିଲା। ମଙ୍ଗଳବାର ରାତିରେ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସବିତା ଘରୁ ଚାଲି ଯାଇଥିଲେ। ବୁଧବାର ପୂର୍ବାହ୍ନରେ ଘର ଠାରୁ ୫ ଶହ ମିଟର ଦୂରରେ ଥିବା ଜମିର ଏକ ଗଛରେ ରଶି ଲଗାଇ ଝୁଲି ପଡିଥିବା ଶତ୍ରୁଘ୍ନ ଜାଣି ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ପଠାଇଛି। ଅପରପକ୍ଷେ ବାପ ଘର ଲୋକେ ସବିତା ଆତ୍ମହତ୍ୟା କରିବାକୁ ସହଜେ ବିଶ୍ୱାସ କରି ପାରୁନାହାନ୍ତି। ଶାଶୁଘର ଲୋକେ ଅନେକ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଗତ ରାତିରେ ମଧ ତାଙ୍କୁ ନିର୍ଯାତନା ଦିଆ ଯାଇଥିଲା। ଶେଷରେ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଉଥିବା ସବିତାଙ୍କ ଭାଇ ରବୀନ୍ଦ୍ର ଏତଲାରେ ଦର୍ଶାଇଛନ୍ତି

# ବସ୍‌ଷ୍ଟାଣ୍ଡ ଅଛି, ବସ୍ ଆସୁନାହିଁ

**ବଲାଙ୍ଗୀର ଅଫିସ, ୧୩**

- ଯାତ୍ରୀ ହେଉଛନ୍ତି ହଇରାଣ, ବିଭାଗୀୟ ଅଧିକାରୀ ଚୁପ୍
- ମନମୁଖୀ ଚାଲିଛି ବସ୍
- ରାଜ୍ୟ ସରକାର ଓ ପ୍ରଶାସନର ଅଦୂରଦର୍ଶିତା



ଜନଶୂନ୍ୟ ହୋଇପଡିଛି ବଲାଙ୍ଗୀର ସରକାରୀ ବସଷ୍ଟାଣ୍ଡ।

ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନର ଅଦୂରଦର୍ଶିତା ତଥା ବିଚିତ୍ର ନିଷ୍ପତ୍ତି ବଲାଙ୍ଗୀର ସହରର ଚଳଚଞ୍ଚଳ ସରକାରୀ ବସଷ୍ଟାଣ୍ଡକୁ ଏବେ ଜନଶୂନ୍ୟ କରିଦେଇଛି। ଦୂରଦୃଷ୍ଟିର ଅଭାବ ଯୋଗୁ ଯାତ୍ରୀମାନେ କିଭଳି ହନ୍ତସନ୍ତ ହୁଅନ୍ତି ସ୍ଥାନୀୟ ସରକାରୀ ବସଷ୍ଟାଣ୍ଡ ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛି। ଏଠାରେ ବସଷ୍ଟାଣ୍ଡ ତ ରହିଛି, ମାତ୍ର କୌଣସି ବସ ଆସୁ ନ ଥିବାରୁ ପ୍ରତିଦିନ ଲୋକେ ଏଠାକୁ ଆସି ହଇରାଣ ହରକତ ହେଉଛନ୍ତି। ଏନେଇ ସ୍ଥାନୀୟ ଜିଲା ପ୍ରଶାସନ ଏବଂ ରାଜ୍ୟ ସଡକ ପରିବହନ ନିଗମ କେବଳ ନୀରବଦ୍ରଷ୍ଟା ସାଜି ଚୁପ୍ ବସିଛି। ଗତ ୨୦୨୨ ଜୁଲାଇ ୧ ତାରିଖ ଦିନ ବଲାଙ୍ଗୀର ଆରଟିଓ ଅଫିସ ନିକଟରେ ତିଆରି ହୋଇଥିବା ନୂତନ ବସ ଟର୍ମିନାଲ କାର୍ଯ୍ୟକାରୀ କରାଯାଇଥିଲା। ଏଠାରୁ ଉଭୟ ସରକାରୀ ଓ ଘରୋଇ ବସ ଚଳାଚଳ ଆରମ୍ଭ ହୋଇଥିଲା। ଜିଲାପାଳ ଚଞ୍ଚଳ ରାଣା ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ବସ ଟର୍ମିନାଲ କାର୍ଯ୍ୟକ୍ଷମ ହେବା ପୂର୍ବରୁ ସହରର ମଧ୍ୟସ୍ଥଳରେ ଏକ ସରକାରୀ ବସଷ୍ଟାଣ୍ଡ ଏବଂ ଘରୋଇ ଭଡା ଜାଗାରେ ଏକ ଘରୋଇ ବସଷ୍ଟାଣ୍ଡ କାର୍ଯ୍ୟକାରୀ ହେଉଥିଲା। ବିଶେଷକରି ଘରୋଇ ବସଷ୍ଟାଣ୍ଡରେ ଭିଡ ଏବଂ ଟ୍ରାଫିକ ପରିଚାଳନା ସୁଚାରୁ ରୂପେ ସମ୍ପାଦନ ହେଉ ନ ଥିବାରୁ ଯାତ୍ରୀ ଏବଂ ସହରବାସୀ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଫଳରେ ବସଷ୍ଟାଣ୍ଡ ସ୍ଥାନାନ୍ତରଣ ଦାବି ହୋଇ ଆସୁଥିଲା।

ନୂଆ ବସ ଟର୍ମିନାଲ କାର୍ଯ୍ୟକାରୀ ହେଲା ପରେ ସହର ଭିତରେ ଥିବା ପୁରୁଣା ସରକାରୀ ବସଷ୍ଟାଣ୍ଡକୁ ଆଗଭଳି ଉଭୟ ସରକାରୀ ଏବଂ ଘରୋଇ ବସ ଯିବ ଏବଂ ସେଠାରୁ ମଧ ଯାତ୍ରୀମାନେ ବସରେ ଯିବା ଆସିବା ସୁବିଧା ପାଇପାରିବେ ବୋଲି କୁହାଯାଇଥିଲା। ମାତ୍ର ବସ ଟର୍ମିନାଲ କାର୍ଯ୍ୟକାରୀ ହେବାର କିଛି ଦିନ ମଧ୍ୟରେ ସରକାରୀ ବସଷ୍ଟାଣ୍ଡକୁ ଆଉ ସରକାରୀ କିମ୍ବା ଘରୋଇ ବସ ଯିବା ଆସିବା ବନ୍ଦ କରିଦେଲେ। ଫଳରେ ଯାତ୍ରୀମାନେ ସରକାରୀ ବସଷ୍ଟାଣ୍ଡକୁ ଆସିଲେ ବି ରାସ୍ତାର ଉଭୟ କଡରେ ଠିଆ ହୋଇ ବସକୁ ଅପେକ୍ଷା କରୁଛନ୍ତି। ପିଲାଛୁଆ, ପରିବାର ସଦସ୍ୟ ଏବଂ ବୟସ୍କ ଯାତ୍ରୀମାନେ ଏହାଦ୍ୱାରା ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟ୍ରାଫିକ୍ ନିୟନ୍ତ୍ରଣ ନାଁରେ ପାଟଣା ହୋଟେଲ ଛକରୁ କଚେରି ଛକ ପର୍ଯ୍ୟନ୍ତ ରାସ୍ତାକୁ ପ୍ରଶାସନ ୱାନ୍ ୱେ ଘୋଷଣା କରି ଡିଭାଇଡର ନିର୍ମାଣ କରିଥିଲେ। ତେବେ ସରକାରୀ ବସଷ୍ଟାଣ୍ଡକୁ ବସ ଯିବା ଆସିବା ପାଇଁ ରାସ୍ତା ଛଡା ଯାଇଥିଲା। ମାତ୍ର ରାତ୍ରୀକାଳୀନ ଭାରୀଯାନ ଗୁଡିକ ଓଣଓସାରିଆ ୱାନ୍ ୱେରେ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହେବା କାରଣରୁ ସରକାରୀ ବସଷ୍ଟାଣ୍ଡ ଭିତର ପ୍ରବେଶ ପଥକୁ ଗୋଟିଏ ପଟ ରାସ୍ତାରୁ ବନ୍ଦ କରି ଦିଆଗଲା। ଫଳରେ ସୋନପୁର, ବୌଦ୍ଧ, କଟକ, ଭୁବନେଶ୍ୱର ଏବଂ ସମ୍ବଲପୁର, ବରଗଡ, ଝାରସୁଗୁଡା, ସୁନ୍ଦରଗଡ ପଟରୁ ଆସୁଥିବା ବସ ଆଉ ସରକାରୀ ବସଷ୍ଟାଣ୍ଡକୁ ପଶି ପାରିଲେ ନାହିଁ। ଏଭଳି ଭାବେ ବସ ଟର୍ମିନାଲ ଆରମ୍ଭ ହେବାର ମାତ୍ର ୩-୪ ମାସ ଭିତରେ ସରକାରୀ ବସଷ୍ଟାଣ୍ଡ ଅଲୋଡା ଏବଂ ଜନଶୂନ୍ୟ ହୋଇପଡିଛି। ସରକାରୀ ବସଷ୍ଟାଣ୍ଡ ଭିତରେ ଏକ ଟିକେଟ କାଉଣ୍ଟର ରହିଛି। ଲୋକେ ଏଠାକୁ ଟିକେଟ କାଟିବାକୁ ଆସୁଛନ୍ତି। ମାତ୍ର ୨-୩ଟି ଲମ୍ବାରୁଟ୍ ବସକୁ ଛାଡିଦେଲେ ଅନ୍ୟ କୌଣସି ବସ ଆସୁ ନ ଥିବାରୁ ଲୋକେ ଘୋର ହଇରାଣ ହରକତ ହେଉଛନ୍ତି। ପ୍ରତିଦିନ ଦୂରଦୂରାନ୍ତର ଯାତ୍ରୀମାନେ ଏଠାକୁ ଆସି ଢ଼େର ସମୟ ଅତିବାହିତ କରିବା ପରେ ସ୍ଥାନୀୟ ଲୋକଙ୍କୁ ପଚାରି ଏହି ବସଷ୍ଟାଣ୍ଡକୁ ବସ ଆସୁ ନ ଥିବା ଜାଣି ପୁଣି ନୂଆ ବସ ଟର୍ମିନାଲକୁ ଯାଉଛନ୍ତି। ଯାତ୍ରୀମାନେ ପ୍ରତିଦିନ ଘୋର ହଇରାଣ ହରକତ ହେଉଥିଲେ ମଧ ଓଏସ୍‌ଆରଟିସି ପକ୍ଷରୁ କୌଣସି ସୂଚନା ଦିଆଯାଉନାହିଁ। ବସ ଆସୁ ନ ଥିବାରୁ ବସଷ୍ଟାଣ୍ଡ ଭିତରେ ଚଢ଼ାଦରରେ ଷ୍ଟଲ ଭଡା ନେଇଥିବା ପ୍ରାୟ ୨୦ଟି ଦୋକାନୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏନେଇ ପରିବହନ ମ୍ୟାନେଜର ଅମିତ ମିଶ୍ରଙ୍କୁ ପଚାରିବାରୁ ସେଠାକୁ ବସ ଯାଉଛି ବୋଲି ସେ ଜାଣିଥିବା କହିବା ସହ ଏନେଇ ପଚାରି ବୁଝିବେ ବୋଲି କହିଛନ୍ତି।

# କେନ୍ଦ୍ରୀୟ ଜଳ ଶକ୍ତି କମିଶନଙ୍କ ଟିଟିଲାଗଡ଼ ଗସ୍ତ



କେନ୍ଦ୍ରୀୟ ଜଳ ଶକ୍ତି କମିଶନ ଖୋଲାନ ଅଞ୍ଚଳର ପ୍ରକଳ୍ପ କାର୍ଯ୍ୟ ତଦାରଖ କରୁଛନ୍ତି।

**ଟିଟିଲାଗଡ଼,୧୩ (ଡି.ଏନ.ଏ.)**

କେନ୍ଦ୍ରୀୟ ଜଳଶକ୍ତି ମିଶନର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ବୁଧବାର ଟିଟିଲାଗଡ ବ୍ଲକ ଗସ୍ତରେ ଆସି ବିଭିନ୍ନ ଜଳ ପ୍ରକଳ୍ପ ବୁଲି ଦେଖିଛନ୍ତି। ଏହି ଦଳରେ କେନ୍ଦ୍ରୀୟ ଜଳ ଶକ୍ତି କମିଶନ ନିର୍ବାହୀ ଯନ୍ତ୍ରୀ ଉପାନନ୍ଦ ରଥ, ବୈଜ୍ଞାନିକ ତରୁଣ ମିଶ୍ର ବ୍ଲକ ଅନ୍ତର୍ଗତ ମାଥନପଲା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଡୁଙ୍ଗରିପାଲି ବୃହତ ଉଠାଜଳସେଚନ ପ୍ରକଳ୍ପ ଆଦି ବୁଲି ଦେଖିଥିଲେ। ସ୍ଥାନୀୟ ଚାଷୀଙ୍କ ସହ ଅଧିକାରୀମାନେ ଆଲୋଚନା କରିଥିଲେ। ଜଳସମ୍ପଦ ପ୍ରକଳ୍ପଗୁଡିକ କିଭଳି କାର୍ଯ୍ୟ କରୁଛି, ଚାଷୀ କେତେ ଲାଭାନ୍ୱିତ ହେଉଛନ୍ତି ତାହା ତଦାରଖ କରିଥିଲେ। ଅଧିକାରୀ ଦ୍ୱୟ ଖୋଲାନ ଅମୃତ ସରୋବର ପ୍ରକଳ୍ପ କାର୍ଯ୍ୟ ଦେଖି ବ୍ଲକ ପ୍ରଶାସନ ତଥା ସରପଞ୍ଚ ନରେଶ ଅଗ୍ରୱାଲଙ୍କ ପ୍ରଶଂସା କରିଥିଲେ।

**ଅମୃତ ସରୋବରକୁ ପ୍ରଶଂସା**

ଅଧିକାରୀଙ୍କ ଏହି ଗସ୍ତ ସମୟରେ ଟିଟିଲାଗଡ ବିଡିଓ ନବୀନ ଚନ୍ଦ୍ର ନାୟକ, ବଲାଙ୍ଗୀର ଜଳସେଚନ ବିଭାଗ ସହକାରୀ ମୁଖ୍ୟଯନ୍ତ୍ରୀ ସଞ୍ଜୀବ ତ୍ରିପାଠୀ, ଜିଲା ପରିଷଦ ଏପିଡି ଘନଶ୍ୟାମ ସାହୁ, କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ଦଲାଇ, ଟିଟିଲାଗଡ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟ ନାରାୟଣ ଅଗ୍ରୱାଲ, ଟିଟିଲାଗଡ ବୃହତ ଉଠାଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋଜ ବରାଇ, କନିଷ୍ଠ ଯନ୍ତ୍ରୀ ବିରଞ୍ଚି ନାରାୟଣ ସାହୁ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶିବାନୀ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଦନାର୍ଦ୍ଦନ ବେହେରା, ଏପିଓ ଶୁଭ୍ରାଂଶୁ ଶେଖର ମହଣା, ଇଓ ସୁରେନ୍ଦ୍ର ମିଶ୍ର, ଜିଆରଏସ ଶକ୍ତିଶ୍ୱର ମୁଗ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଲୁପ୍ତ ଲୋକକଳା ଓ ସଂସ୍କୃତି ବଞ୍ଚାଇ ରଖିବାକୁ ଆହ୍ୱାନ

**ଖପ୍ରାଖୋଲ,୧୩(ଡି.ଏନ.ଏ.)**

**ଗ୍ରାମୀଣ ଲୋକକଳା ସଞ୍ଚାର ମହୋତ୍ସବ ଉଦ୍‌ଯାପିତ**

ଆଧୁନିକତାର ପ୍ରଭାବରେ ସମାଜରୁ ହଜି ଯାଉଛି ଅନେକ ଲୋକକଳା ଏବଂ ଲୋକ ସଂସ୍କୃତି। ଏହାର ପୁନରୁଦ୍ଧାର ଆବଶ୍ୟକ ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ସହାୟତାରେ ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ମାଲପଡା ଠାରେ ଓମ୍ ବୈଦିକ ସଂସ୍କୃତି ପରିଷଦ ପକ୍ଷରୁ ଅନୁଷ୍ଠିତ ଲୋକକଳା ସଞ୍ଚାର ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମତପ୍ରକାଶ ପାଇଛି। ଉଦ୍‌ଯାପନୀ ଉତ୍ସବରେ ପରିଷଦର ସଭାପତି ଭରତ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ କଳାକାର ଅକ୍ଷୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ହରପ୍ରସାଦ ମାଝୀ, ରୁଦ୍ର ମଲ୍ଲିକ, ରଘୁନାଥ ସିଂ ବରିହା, ହରିବୋଲ ପୋଢ ଯୋଗ ଦେଇଥିଲେ। ସାମ୍ପ୍ରତିକ ସମୟରେ ଅନେକ ଲୋକବାଦ୍ୟ, ଲୋକ ସଙ୍ଗୀତ, ଲୋକନୃତ୍ୟ ବିଲୁପ୍ତ ହେଉଥିବା ଦୃଷ୍ଟିରୁ ଏହାର ସୁରକ୍ଷା ସହ କଳାକାରମାନଙ୍କ ସାମାଜିକ ସୁରକ୍ଷା ଉପରେ ଅତିଥିମାନେ ମତପୋଷଣ କାରିଥିଲେ। ୩ ଦିନ ଧରି ଅନୁଷ୍ଠିତ ଏହି ଉତ୍ସବରେ ଆଲୋଚନାଚକ୍ର, କର୍ମଶାଳା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ଥବୀର ଚରଣ ସାହୁ, ବିନୋଦ ପ୍ରଧାନ ପରିଚାଳନା କରିଥିବା ବେଳେ ବହୁ କଳାକାର, କଳାପ୍ରେମୀ ଯୋଗ ଦେଇଥିଲେ। ଶେଷରେ ପ୍ରଦୀପ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖଡ଼ିଆଳ,୧୩(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଗୋଡ଼ଧୁଆପଦର ସ୍କୁଲ ସହକାରୀ ଶିକ୍ଷକ ସଦାନନ୍ଦ ମହାନ୍ତିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଜଗତସିଂପୁର ଜିଲା ବାଲିକୁଦା ବ୍ଲକ ଅପଣ୍ଡରା ଗ୍ରାମପଞ୍ଚାୟତର ମହାନ୍ତି ଶିକ୍ଷକ ଭାବେ ନୂଆପଡା ଜିଲାରେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ୧୯୮୨ରେ ପ୍ରଥମେ ନୂଆପଡା ଜିଲା ଲୁକୁପାଲି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ ଆରମ୍ଭ କରି ଶେଷରେ ଗୋଡଧୁଆପଦରରେ ଅବସର ନେଇଛନ୍ତି। ସେ ଜଣେ ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଥିଲେ। ଦୁଆଝର ଗ୍ରାମ ସାଲେପଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେରାମ ମେହେରଙ୍କ ଅଧ୍ୟକ୍ଷତାରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେଜର ଡା ରାମଚନ୍ଦ୍ର ମିଶ୍ର ମୁଖ୍ୟଅତିଥି, ଭୁବନେଶ୍ୱର ରାଉତ ମୁଖ୍ୟବକ୍ତା, ସଭାପତି ଅଜିତ ବିଶି, ସମ୍ମାନିତ ଅତିଥି ଭାବେ କେଦାର ତାଣ୍ଡି, ପବିତ୍ର ସୁଆର, ତନବିର ମହମ୍ମଦ, କିଶୋର ଅଗସ୍ତି, ଇନ୍ଦିରା ବାଘେଲ, ରାଜେଶ ରାଉତ, ହୀରା ଲୁହାର ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିଭିନ୍ନ ମହତ୍ୱ କାର୍ଯ୍ୟର ସ୍ମୃତି ଚାରଣ କରିଥିଲେ। ଗ୍ରାମବାସୀ ତାଙ୍କୁ ମାନପତ୍ର ଦେଇ ଘୁମୁରା ନୃତ୍ୟରେ ବୁଲାଇ ତାଙ୍କ ବାସଗୃହରେ ଛାଡିଥିଲେ। ଗ୍ରାମବାସୀ, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଜଣେ ସରଳ, ଆମାୟିକ, ଆଦର୍ଶ ଶିକ୍ଷକଙ୍କ ପାଇଁ ଭାବବିହ୍ୱଳ ହୋଇ ପଡ଼ିଥିଲେ।

# ଆଡ୍‌ଭୋକେଟ ବିଶ୍ୱଜିତ୍ ନାୟକଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି।

**ବଲାଙ୍ଗୀର ଅଫିସ,୧୩**

ବିଶିଷ୍ଟ ସାମାଜିକ କର୍ମୀ, ପୂର୍ବତନ କ୍ରିକେଟ ଖେଳାଳି, ରୁଗୁଡିପଡା ଦୁର୍ଗାପୂଜା ଟ୍ରଷ୍ଟ ଉପଦେଷ୍ଟା ତଥା ବଲାଙ୍ଗୀର ଟେକ୍ସ ବାର ଆସୋସିଏଶନର ପୂର୍ବତନ ସଭାପତି ବିଶ୍ୱଜିତ୍ ନାୟକଙ୍କ ଦ୍ୱାଦଶାହ ଉପଲକ୍ଷେ ବୁଧବାର ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ସ୍ଥାନୀୟ ରୁଗୁଡିପଡା ଦୁର୍ଗାମଣ୍ଡପ ଠାରେ ଦୁର୍ଗାପୂଜା ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ଟ୍ରଷ୍ଟ ସଭାପତି ଚେତନାନନ୍ଦ ପଣ୍ଡାଙ୍କ ସଭାପତିତ୍ୱ ଏବଂ ହରି ନାରାୟଣ ପୂଝାରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ବିଶ୍ୱଜିତ ଦାଶ, କୃଷ୍ଣଚନ୍ଦ୍ର ମିଶ୍ର, ଗଣେଶ ଦୀକ୍ଷିତ, ରାଜୁ ଶର୍ମା, ସନାତନ ଠାକୁର, ଭବାନୀ ଶଙ୍କର ଶତପଥୀ, ରାହାସ ବିହାରୀ ମାଝି, ହିମାଂଶୁ ଶେଖର ପାଢୀ, ଲକ୍ଷ୍ମୀ ପଟ୍ଟନାୟକ, ଚିତ୍ତ ରଞ୍ଜନ ଦାଶ, ପ୍ରଭାସ ପାଣିଗ୍ରାହୀ, ତେଜରାଜ ସିଂ, ଶାନ୍ତନୁ ଭୋଇ, ପ୍ରଦୀପ କୁମାର ମହାନ୍ତି, ରମଣୀ ରଞ୍ଜନ ପଣ୍ଡା ଓ ଅର୍ଜୁନ ରଞ୍ଜନ ପଣ୍ଡା ସ୍ୱର୍ଗତ ନାୟକଙ୍କ କ୍ରୀଡା ଜୀବନ ଏବଂ ସମାଜସେବାକୁ ମନେ ପକାଇଥିଲେ। ଏହି କାର୍ଯ୍ୟକ୍ରମକୁ ସୁବାସ ଚନ୍ଦ୍ର ପଣ୍ଡା ସଂଯୋଜନା କରିଥିଲେ। ଆୟୋଜିତ ଶୋକସଭାରେ ବିଶେଶ୍ୱର ପୁଝାରୀ, ଜୟନ୍ତ ମହାନ୍ତି, ଉଦିତ ନାରାୟଣ ପଣ୍ଡା, ମୋହନ ପାଣ୍ଡିଆ, ସୁଧୀର ପଣ୍ଡା, ପ୍ରଦ୍ୟୁମ୍ନ ପୁରୋହିତ, ପଦ୍ମନାଭ ବେହେରା, ଲକ୍ଷ୍ମୀ ମହାରଣା, ରମେଶ ଘିବେଲା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ

**ଖଡ଼ିଆଳ,୧୩(ଡି.ଏନ.ଏ.)**





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ଆନୁକୂଲ୍ୟରେ ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ଉଦ୍ଦେଶ୍ୟ ନେଇ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ରଥଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାଉନସେଲର ପୁଷ୍ପାଞ୍ଜଳି ଠାକୁର ଓ ଫିଜିଓ ଥେରାପିଷ୍ଟ ପ୍ରକାଶ ରଞ୍ଜନ ମେହେର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ତମାଖୁ ବ୍ୟବହାରର ଅପକାରିତା ଏବଂ ବିଭିନ୍ନ ରୋଗର କାରଣ ଓ ନିରାକରଣ, ବିଶେଷ କରି କର୍କଟ ରୋଗର ବିଶେଷ କାରଣ ତମାଖୁ ବୋଲି ଆଲୋଚନା କରିଥିଲେ। ବିଦ୍ୟାଳୟ ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଗୌରୀଶଙ୍କର ଦୁବେ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ବନାଗ୍ନି ସଚେତନତା ଶିବିର

**ଲୋଇସିଂହା,୧୩(ଡି.ଏନ.ଏ)**

ସାରା ବିଶ୍ୱରେ ଏବେ ବନାଗ୍ନି ଚିନ୍ତାର ବିଷୟ ହୋଇଛି। ଏଥିରୁ ବାଦ ପଡିନାହିଁ ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ। ଫେବୃୟାରୀ ମାସ ଶେଷ ସୁଦ୍ଧା ରେଞ୍ଜ ଅଧୀନ ୬ ଟି ସ୍ଥାନରେ ନିଆଁ ଲାଗି ସାରିଲାଣି। ଆଗକୁ ରହିଛି ଗ୍ରୀଷ୍ମ ଋତୁ। ସଚେତନତା ଅଭାବରୁ ବନାଗ୍ନି ବୃଦ୍ଧି ପାଉଥିବାରୁ ବନ ବିଭାଗ ପକ୍ଷରୁ ଚିନ୍ତାବ୍ୟକ୍ତ କରାଯାଇଛି। ବୁଧବାର ବଲାଙ୍ଗୀର ଜିଲା ଲୋଇସିଂହା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବନବିଭାଗ, କେନ୍ଦୁପତ୍ର, ଅଗ୍ନିଶମ ବିଭାଗ ଏବଂ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟିକୁ ନେଇ ବ୍ଲକସ୍ତରୀୟ ବନାଗ୍ନି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବନାଞ୍ଚଳ ଅଧିକାରୀ ପାଉଲ ହରପାଲ ଅଧ୍ୟକ୍ଷତା କରିଥିଲେ। ପରିବେଶ ପ୍ରେମୀ ସୁଧୀର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବନାଗ୍ନିର ବିଭିନ୍ନ ଦିଗ ଏବଂ ଏହାର ସମାଧାନ ଦିଗରେ ମତ ପୋଷଣ କରିଥିଲେ। ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ସୁଦାମ ଭୋଇ ଜଙ୍ଗଲରେ କେଉଁ କେଉଁ କାରଣ ନେଇ ନିଆଁ ଲାଗୁଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହାବ୍ୟତୀତ ପାହାଡ ଏବଂ ଘଞ୍ଚ ଜଙ୍ଗଲରେ ଲାଗିଥିବା ନିଆଁକୁ ବନ କର୍ମଚାରୀ କିପରି ଲିଭାଇବେ ତାର କୌଶଳ ବତାଇଥିଲେ। ଅଦ୍ୟାବଧି ୨୫ଟି ବନାଗ୍ନି କଲ ପାଇଥିବା ସୂଚନା ଦେଇଥିଲେ। କେଶାଇପାଲି ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା ସମିତି ସଭାପତି ଦୁଷ୍ମନ୍ତ ପଟେଲ ବନାଗ୍ନି ଏବଂ ଜଙ୍ଗଲରୁ ବଲି ଚୋରିକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଏଥିପ୍ରତି ବିଭାଗ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ସୁଶାନ୍ତ ବାରିକ, ବିମଳଚରଣ ହୋତା ପ୍ରମୁଖ ଏଦିଗରେ ବ୍ୟାପକ ଜନସଚେତନା କାର୍ଯ୍ୟକ୍ରମ ହାତକୁ ନେବାକୁ ପରାମର୍ଶ ଦେଇଥିଲେ। ବନ କର୍ମଚାରୀ ଚିନ୍ମୟ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରି କହିଥିଲେ ଯେ, ରେଞ୍ଜ ଅଧୀନରେ ୧ ହଜାର ହେକ୍ଟର ଜଙ୍ଗଲ ରହିଛି। କେନ୍ଦୁପତ୍ର, ମହୁଲ ସଂଗ୍ରହ ପାଇଁ ଏବେ ଜଙ୍ଗଲରେ ଲୋକେ ନିଆଁ ଲଗାଇ ଦେଉଛନ୍ତି। ଜଙ୍ଗଲ ନିଆଁକୁ ଆୟତ୍ତ ପାଇଁ ରେଞ୍ଜ ଅଧୀନ ଲୋଇସିଂହା, ସରଗାଡ ଓ ସାଲେଭଟା ସେକ୍ସନରେ ୮ ଜଣ ସଦସ୍ୟ ରହିଛନ୍ତି। ସେଥିମଧ୍ୟରୁ ୪ ଜଣ ଫେୟାରଗ୍ଲୁଅର ରହିଛନ୍ତି। ଅଦ୍ୟାବଧି ୬ଟି ସ୍ଥାନରେ ଲାଗିଥିବା ନିଆଁକୁ ବିଭାଗ ପକ୍ଷରୁ ଆୟତ୍ତ କରାଯାଇଥିବା ସେ ସୂଚନା ଦେଇଥିଲେ। ସମ୍ମିଳିତ ଉଦ୍ୟମରେ ଜଙ୍ଗଲ ନିଆଁକୁ ରୋକାଯାଇ ପାରିବ ବୋଲି ବନାଞ୍ଚଳ ଅଧିକାରୀ ହରପାଲ କହିଥିଲେ।

# ବିପଦପୂର୍ଣ୍ଣ ଅବସ୍ଥାରେ ପୋଖରୀକୁ ସ୍ନାନ ପାଇଁ ଯାଉଛନ୍ତି ଶିଶୁ

**ଲାଠୋର,୧୩(ଡି.ଏନ.ଏ.)**



ଛୋଟ ଛୋଟ ପିଲାମାନେ ବିପଦପୂର୍ଣ୍ଣ ଭାବେ ପୋଖରୀରେ ଗାଧୋଉଛନ୍ତି।

**ଖପ୍ରାଖୋଲ ବ୍ଲକ**

- ମା’ ବାପା ଯାଇଛନ୍ତି ଦାଦନ ଖଟିବାକୁ, ପିଲାଙ୍କୁ ଛାଡ଼ିଛନ୍ତି ଆବାସିକ ବିଦ୍ୟାଳୟରେ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର କ୍ଲଷ୍ଟର ଅଧୀନ ମସିଣା ଗ୍ରାମରେ ଥିବା ଋତୁକାଳୀନ ଆବାସିକ ବିଦ୍ୟାଳୟର ଛୋଟ ଛୋଟ ପିଲାମାନେ ବିପଦପୂର୍ଣ୍ଣ ଅବସ୍ଥାରେ ଗାଁ ପୋଖରୀକୁ ଯାଇ ଶୌଚ ଓ ସ୍ନାନାଦି କରୁଛନ୍ତି। ଏହାଦ୍ୱାରା ସେମାନଙ୍କ ଜୀବନ ପ୍ରତି ବିପଦ ରହିଥିଲେ ମଧ କାହାରି ନଜର ଥିବା ପରି ମନେ ହେଉନାହିଁ। ଯଦି କୌଣସି ପ୍ରକାର ଦୁର୍ଘଟଣା ଘଟେ ତାହେଲେ ଏଥିପାଇଁ କିଏ ଉତ୍ତରଦାୟୀ ହେବ ବୋଲି ପ୍ରଶ୍ନ ଉଠୁଛି। ଗତ ନଭେମ୍ବର ମାସରେ ମସିଣା ଗ୍ରାମରେ ୬ ମାସ ପାଇଁ ଆବାସିକ ବିଦ୍ୟାଳୟ ଖୋଲିଛି। ଗ୍ରାମର ଯେଉଁ ପରିବାରର ମା’ବାପା ବାହାର ରାଜ୍ୟକୁ ଦାଦନ ଖଟି ଯାଇଛନ୍ତି ସେମାନଙ୍କ ପିଲାମାନେ ଏଠାରେ ରହି ପାଠ ପଢିବାର ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ଏହି ଆବାସିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୨୪ ଛାତ୍ରୀ ଏବଂ ୨୧ ଛାତ୍ର ଏହିପରି ମୋଟ ୪୫ ଜଣ ଛାତ୍ରୀଛାତ୍ର ରହି ପାଠ ପଢୁଛନ୍ତି। ସରକାରୀ ନିୟମ ଅନୁସାରେ ଯେଉଁ ବିଦ୍ୟାଳୟରେ ମୁଖ୍ୟତଃ ପାଣି, ଶୌଚାଳୟ ଏବଂ ରହିବା ପାଇଁ ଗୃହର ସୁବିଧା ଥିବ ସେଠାରେ ଏହି ଆବାସିକ ବିଦ୍ୟାଳୟ ଖୋଲିବା କଥା। ହେଲେ ମସିଣା ଗ୍ରାମରେ ଥିବା ବିଦ୍ୟାଳୟରେ ପାଣିର ଅସୁବିଧା ଥିବା ନେଇ ବିଭାଗୀୟ କର୍ତ୍ତୃପକ୍ଷ ଜାଣିଥିଲେ ସୁଦ୍ଧା କେଉଁ ସ୍ୱାର୍ଥରେ ଏଠାରେ ବିଦ୍ୟାଳୟ ଖୋଲି ଶିଶୁ ମାନଙ୍କୁ ରଖିଛନ୍ତି ତାହା ବୁଝାପଡୁନାହିଁ। ବିଦ୍ୟାଳୟରେ ନଳକୂପ ରହିଥିଲେ ହେଁ ଚାହିଦା ମୁତାବକ ପାଣି ବାହାରୁ ନାହିଁ। ଫଳରେ ଶିଶୁମାନେ ପାଣିର ଅଭାବ ହେତୁ ଗାଧୋଇବା ଓ ଶୌଚ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ବାଧ ହୋଇ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଠାରୁ ପ୍ରାୟ ଅଧକିଲୋମିଟର ଦୂର ପୋଖରୀକୁ ଯାଉଛନ୍ତି। ପୋଖରୀରେ ପାଣି ଅଧିକ ଥିବାରୁ ଜୀବନ ପ୍ରତି ବିପଦ ରହିଛି। ଏନେଇ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପୁରୋହିତଙ୍କୁ ପଚାରିବାରେ ଦାୟିତ୍ୱରେ ଥିବା ଶିକ୍ଷକଙ୍କୁ ପଚାରି ପାଣିର ବ୍ୟବସ୍ଥା କରାଯିବ। ପିଲାମାନେ କୌଣସି ମତେ ପୋଖରୀକୁ ଯିବେ ନାହିଁ ବୋଲି ସେ କହିଥିଲେ। ଶିକ୍ଷା ବିଭାଗ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ମସିଣା ଗାଁରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି ଆବାସିକ ବିଦ୍ୟାଳୟ ଖୋଲାଯାଇଛି। ଆସନ୍ତା ମେ ମାସ ପର୍ଯ୍ୟନ୍ତ ଏହା ଚାଲିବ। ଏଠାରେ ପିଲାମାନେ ରହିବା, ଖାଇବା ଆଦିର ବ୍ୟବସ୍ଥା କରାଯାଇଛି। ଖପ୍ରାଖୋଲ ବ୍ଲକରେ ଏହିପରି ଆବାସିକ ବିଦ୍ୟାଳୟ ପ୍ରାୟ ୨୦ଟି ରହିଛି।

## ସଂକ୍ଷେପରେ

### ରାସ୍ତାରେ ଗଦା ହୋଇଛି ବାଲି, ଚିପ୍ସ



**ସୋନପୁର,୧।୩(ନି.ପ୍ର.):** ସୁବର୍ଣ୍ଣପୁର ପୌରାଞ୍ଚଳର ବିଭିନ୍ନ ରାସ୍ତା ଉପରେ କିଛି ଦିନ ହେଲା ଲୋକେ ବାଲି, ଚିପ୍ସ, ମାଟି ସହ ଘର ଭଙ୍ଗା ସାମଗ୍ରୀ ଆଦି ଦୀର୍ଘ ଦିନ ଧରି ପକାଇ ରଖୁଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବର୍ତ୍ତମାନ କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ଅନୁସାରେ ସହର ରାସ୍ତାର ପ୍ରଶସ୍ତିକରଣ କରାଯାଇ ନାହିଁ । ଅନେକ ରାସ୍ତା ଅତ୍ୟନ୍ତ ସଂକୀର୍ଣ୍ଣ ହୋଇ ରହିଛି । ଏଭଳି ସ୍ଥିତିରେ ଲୋକେ ଗୃହ ନିର୍ମାଣ ନାଁରେ ଘର ଆଗରେ ବାଲି ଚିପ୍ସ ଆଦି ପକାଇ ରଖୁଥିବାରୁ ରାସ୍ତାରେ ଯାନବାହାନ ଚଳାଚଳ କଷ୍ଟକର ହୋଇ ପଡୁଛି । ଗଳି ରାସ୍ତା ସହିତ ସହରର ପ୍ରମୁଖ ରାସ୍ତାରେ କେତେଜଣ ଠିକାଦାର ବାଲି ଚିପ୍ସ ପକାଉ ଥିବାରୁ ରାସ୍ତା ଅବରୋଧ ହେଉଛି। ବିଭିନ୍ନ ସମୟରେ ଛୋଟ ବଡ ଦୁର୍ଘଟଣା ଘଟିବା ସହ ଟ୍ରାଫିକ ସମସ୍ୟା ଗୁରୁତର ହୋଇପଡୁଛି । ଗୋଟିଏ ପଟେ ରାସ୍ତା ଧୂଳିମୟ ହୋଇପଡିଛି । ଅନ୍ୟପକ୍ଷରେ ରାସ୍ତା ଉପରେ ବୁଲା ଗାଇଗୋରୁଙ୍କ ପ୍ରାଦୁର୍ଭାବ ସାଙ୍ଗକୁ ଅଳିଆ ଆବର୍ଜନା ବାଲି, ଚିପ୍ସ ଗଦା ସହରବାସୀଙ୍କୁ ଅତିଷ୍ଠ କରି ଦେଇଛି । ରାସ୍ତା ଉପରେ ବାଲି ଗୋଡି ପକାଇ ରାସ୍ତା ଅବରୋଧ ନ କରିବା, ବୁଲା ଗାଇଗୋରୁଙ୍କୁ ରାସ୍ତା ଉପରକୁ ନ ଛାଡିବା ପାଇଁ ପୌର ପ୍ରଶାସନ ପକ୍ଷରୁ ସମୟ ସମୟରେ ସହରବାସୀଙ୍କୁ ଅନୁରୋଧ କରା ଯାଉଥିଲେ ମଧ କେହି କର୍ଣ୍ଣପାତ କରୁ ନ ଥିବା ଦେଖାଯାଉଛି । ଏଭଳି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତି ଓ ଠିକାଦାରଙ୍କ ଠାରୁ ପୌର ପ୍ରଶାସନ ଜରିମାନା ଆଦାୟ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ବିଶେଷ କରି ବଡବଜାର, ନୂଆପଡା, ଥନାପତିପଡା, ଭଗବତୀପ୍ଲଟ, ଡାକ୍ତରଖାନା ଛକରୁ ପଟାଭାଡି, ଡାକ୍ତରଖାନା ଛକରୁ କସ୍ତୁରୀ ହୋଟେଲ ଛକ, ସୋନପୁର କଲେଜ ଛକରୁ ବୁଢାରାଜା ଛକ ରାସ୍ତା ଉପରେ ବାଲି ଚିପ୍ସ ପଡି ରହୁଥିଲେ ସୁଦ୍ଧା ପ୍ରଶାସନର ଦୃଷ୍ଟି ପଡୁ ନାହିଁ। ସେହିପରି ରାସ୍ତାରେ ବାଲି, ମାଟି ଓ ଚିପ୍ସ ପରିବହନ ସମୟରେ ଗାଡି ଡାଲାରେ ଘୋଡଣି ଦେବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି । କିନ୍ତୁ ସୁବର୍ଣ୍ଣପୁରରେ ସେହି ନିୟମର ଖୋଲାଖୋଲି ଉଲ୍ଲଙ୍ଘନ ହେଉଛି । ପୌର ପ୍ରଶାସନ ତୁରନ୍ତ ରାସ୍ତା ଉପରୁ ବାଲି, ଚିପ୍ସ ସ୍ଥାନାନ୍ତର ନିର୍ଦ୍ଦେଶ ଦେବା ସହ ସହର ମଧରେ ବିନା ଘୋଡଣିରେ ବାଲି ନେଉଥିବା ଗାଡି ବିରୋଧରେ ରାଜସ୍ୱ ବିଭାଗ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

### ଅବସରକାଳୀନ ସମ୍ବର୍ଦ୍ଧନା

**ତରଭା,୧।୩(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ଏଇଏସ କଲେଜର କର୍ମଚାରୀ ନାରାୟଣ ହୋତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ କଲେଜ ସଭାଗୃହରେ କଲେଜ ଅଧକ୍ଷା ମିନତୀ ମିଶ୍ରଙ୍କ ଅଧକ୍ଷତାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ଭାବେ ପ୍ରାଧାପକ କୃଷ୍ଣଚନ୍ଦ୍ର ମିଶ୍ର, ସନ୍ତୋଷ ଚାନ୍ଦ ଯୋଗ ଦେଇଥିଲେ । ଅଧକ୍ଷା ମିଶ୍ର କଲେଜ ତରଫରୁ ପୁଷ୍ପଗୁଚ୍ଛ, ଉପହାର ଦେଇ ସମ୍ବର୍ଦ୍ଧିତ କରିବା ସହ କଲେଜ ପ୍ରତି ହୋତାଙ୍କ ଅବଦାନ ସମ୍ପର୍କରେ କହିଥିଲେ ।

# ଚାଷଜମିରେ ନିଆଁ: ଧୂଆଁମୟ ସମଗ୍ର ଅଞ୍ଚଳ

**ଅମରପାଲି,୧।୩ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଫସଲ ଅମଳ ପରେ ଏବେ ଚାଷ ଜମିରେ ନିଆଁ ଲଗେଇ ଦେଉଥିବା ଦେଖିବାକୁ ମିଳୁଛି। ନିଆଁ ଲାଗିବା ଯୋଗୁ ସବୁଆଡେ ଧୂଆଁଳିଆ ଦେଖାଯାଉଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବୀରମହାରାଜପୁର ଏକ କୃଷିପ୍ରଧାନ ଅଞ୍ଚଳ। ଡିସେମ୍ବର ଓ ଜାନୁୟାରୀ ମାସରେ ଧାନ ଫସଲ ଅମଳ ପରେ ଜମିରେ ପଡି ରହିଥାଏ ନଡା ଓ ପୁଆଳ। ଉକ୍ତ ନଡା ଓ ପୁଆଳକୁ ଗାଈ ଗୋରୁମାନେ ନିଜର ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି। ସାଧାରଣତଃ ଖରାଦିନେ ଘାସ, ଡାଳପତ୍ର ସବୁ ଶୁଖି ଯାଇଥାଏ। ଫଳରେ ଗାଈଗୋରୁ ଓ ଗୃହପାଳିତ ପଶୁମାନେ ଜମିରେ ଥିବା ପୁଆଳ ଓ ନଡାକୁ ଖାଇଥାନ୍ତି। କିନ୍ତୁ ଲୋକେ ନଡା ଓ ପୁଆଳକୁ ନିଆଁ ଲଗାଇ ଜାଳି ଦେଉଛନ୍ତି। ନିଆଁ ଲାଗି ଚାଷ ଜମିର ନଡା ସହିତ ନିକଟସ୍ଥ ଘାସ ପଡିଆ ଓ ଗଛଡାଳ ପୋଡିଯାଉଛି। ଏପରି କି ଅନେକ ସ୍ଥାନରେ ଉକ୍ତ ଜମିର ନିଆଁରୁ ପାଖରେ ଥିବା ଗାଁରେ ଅଗ୍ନିକାଣ୍ଡ ଘଟି ଧନଜୀବନ ନଷ୍ଟ ହେଉଛି। ପରିସ୍ଥିତି ଏପରି ହେଉଛି ଯେ, ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରୁଛନ୍ତି। ବିଭିନ୍ନ ଗ୍ରାମର ଚାଷ ଜମିରେ ନିଆଁ ଲାଗୁଥିଲେ ମଧ ଏଥିପ୍ରତି



ବହଲପଦରରେ ଚାଷଜମିରେ ନିଆଁ ଲାଗି ପୋଡିଯାଇଛି।

**ଗୃହପାଳିତ ପଶୁ ହନ୍ତସନ୍ତ, ବଢୁଛି ତାପମାତ୍ରା**

କେହି ଗୁରୁତ୍ୱ ଦେଉ ନାହାନ୍ତି। ଲୋକଙ୍କୁ ଏଥିପ୍ରତି ସଚେତନ କରାଯାଉ ନ ଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତେଣୁ ଜମିରେ ନିଆଁ ଲଗାଇବା ବଢିବାରେ ଲାଗୁଛି। ଏହାର ପ୍ରଭାବରେ ଅଞ୍ଚଳରେ ତାପମାତ୍ରା ବଢିବାରେ ଲାଗୁଛି। ସୁବର୍ଣ୍ଣପୁର ଜିଲାରେ ଗତବର୍ଷ ତାପମାତ୍ରା ରାଜ୍ୟରେ ସର୍ବାଗ୍ରେ ରହିଥିବା ବେଳେ ଚଳିତବର୍ଷ ଫେବୃୟାରୀରେ ତାପମାତ୍ରା ୩୮ଡିଗ୍ରୀ ହୋଇଥିଲା। ଏବେ ଠୁ ଅସହ୍ୟ ଗରମ ଅନୁଭୂତ ହେଲାଣି। ଚାଷଜମିରେ ନିଆଁ ଅଞ୍ଚଳର ତାପମତ୍ରା ବୃଦ୍ଧିର ଏକ ପ୍ରମୁଖ କାରଣ ବୋଲି ପରିବେଶବିତ୍ମାନେ ମତ ଦେଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଲୋକଙ୍କୁ ସଚେତନ କରାଇବା ସହିତ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

**ରିପୋର୍ଟ: ପୀତାମ୍ବର ସାହୁ**

**ସେମାନେ କହନ୍ତି....**



“ଲୋକେ ଏବେ ଚାଷ ଜମିରେ ନିଆଁ ଲଗେଇ ଦେଉଛନ୍ତି। ଫଳରେ ନଡା, ପୁଆଳ ଜଳିପୋଡି ପାଉଁଶ ହୋଇଯାଉଛି। ଏପଟେ ଗାଈଗୋରୁ ନଡା,ପୁଆଳ ପାଇଁ ହନ୍ତସନ୍ତ ହେଉଛନ୍ତି। ଏଣୁ ଚାଷ ଜମିରେ ନିଆଁ ଲଗାଇବା ବନ୍ଦ କରିବାର ଆବଶ୍ୟକତା ରହିଛି।

**ବିଦ୍ୟାଧର ଖୁର୍ଦିଆ(ଗୋପାପାଲି)**



“ଚାଷ ଜମିରେ ନିଆଁ ଲାଗିବା ଫଳରେ ଚାରିଆଡେ ଧୂଆଁଳିଆ ପରିବେଶ ସୃଷ୍ଟି ହେଉଛି ।ଧୂଆଁ ଯୋଗୁ ଆଖପାଖର ଲୋକେ ଅଣନିଶ୍ୱାସୀ ହୋଇପଡୁଥିବା ଦେଖିବାକୁ ମିଳୁଛି। ନିଆଁ ଲାଗି ଅନେକ ସମୟରେ ଧନ ଜୀବନ ନଷ୍ଟ ହେଉଛି।

**ଶେଷଦେବ ମାଝି (ଭାଲୁଡୁଙ୍ଗୁରୀ)**



“ଚାଷ ଜମିରେ ନିଆଁ ଲଗାଇବା ଫଳରେ ପାଖରେ ଥିବା ଜଙ୍ଗଲରେ ନିଆଁ ଲାଗୁଛି। ଫଳରେ ଜୀବଜନ୍ତୁ ଓ ମୂଲ୍ୟବାନ ଗଛଲତା ପୋଡିଯାଉଛି। ଏହାର ପ୍ରଭାବରେ ଅଞ୍ଚଳ ଧୂଆଁମୟ ହେବା ସହିତ ତାପମାତ୍ରା ବୃଦ୍ଧିର ପ୍ରମୁଖ କାରଣ ପାଲଟୁଛି ।

**ସତ୍ୟବ୍ରତ ପ୍ରଧାନ (ପରିବେଶବିତ୍,ବୀରମହାରାଜପୁର)**



“ଚାଷ ଜମିରେ ନିଆଁ ନ ଲଗାଇବା ପାଇଁ ଲୋକଙ୍କୁ ସଚେତନ କରାଯିବାର ଆବଶ୍ୟକ ରହିଛି। ଏହାସହିତ ପ୍ରଶାସନ ମଧ ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକ ରହିଛି।

**ସୁଦାମ ଗାଇଗରିଆ(ବଡବର୍ଡାକଟା)**

## ବିନିକାରେ ୟୁରିଆ ସାରର ଅଭାବୀ ବିକ୍ରି

**ବିନିକା,୧।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ବର୍ତ୍ତମାନ ୟୁରିଆ ସାରର ଅଭାବ ପରିଲକ୍ଷିତ ହୋଇଛି । ଫଳରେ ଚାଷୀ ୟୁରିଆ ସାର ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯେଉଁ କେତୋଟି ସ୍ଥାନରେ ଲୁଚା ଛପାରେ ୟୁରିଆ ସାର ମିଳୁଛି ତାହା ସରକାରୀ ଦର ଠାରୁ ଢେର ଅଧିକ ମୂଲ୍ୟରେ । ୟୁରିଆ ସାର ବସ୍ତା (୫୦ କେଜି) ପ୍ରତି ୩୨୫ଟଙ୍କା ଥିବା ବେଳେ ମୁନାଫାଖୋର ବ୍ୟବସାୟୀ ମାନେ ବସ୍ତା ପ୍ରତି ୫୦୦ଟଙ୍କାରୁ ଅଧିକ ମୂଲ୍ୟରେ ବିକ୍ରି କରୁଥିବା ଅଭିଯୋଗ ହେଉଛି । ବର୍ତ୍ତମାନ ରବି ଧାନ ଚାଷ ପାଇଁ ଦ୍ୱିତୀୟ ଥର ସାର ଆବଶ୍ୟକ ପଡୁଛି । ମାତ୍ର ସାର ମିଳୁ ନ ଥିବାରୁ ଚାଷୀ ମହଲରେ ଭାଳେଣି ପଡିଛି । ଏହି ସମସ୍ୟା ବିଗତ କିଛି ବର୍ଷ ହେଲା ଲାଗି ରହିଛି । କୃଷି ବିଭାଗର ଅଧିକାରୀମାନେ ସବୁ ଜାଣିଥିଲେ ମଧ ନୀରବଦ୍ରଷ୍ଟା ସାଜିଛନ୍ତି । ବିଶେଷ କରି ଧାର କରଜ କରି ଚାଷ କରୁଥିବା ଗରିବ ଓ ମଧବିତ୍ତ ଶ୍ରେଣୀର ଚାଷୀମାନେ ଚଢାଦରରେ କିଣି ଶୋଷଣର ଶିକାର ହେଉଛନ୍ତି । ନିକଟରେ ସାରର ଅହେତୁକ ଦରବୃଦ୍ଧି ରୋକିବା ଦିଗରେ ବିନିକା ଶ୍ରୀଗଣେଶ ଆଞ୍ଚଳିକ କୃଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ବିନିକା ଅଞ୍ଚଳରେ ଥିବା ବିଭିନ୍ନ ସୋସାଇଟିକୁ ଯଦି ପର୍ଯ୍ୟାପ୍ତ ପରିମାଣର ୟୁରିଆ ସାର ଯୋଗାଇ ଦିଆଯାଏ ତେବେ ଚାଷୀ ସରକାରୀ ଦରରେ ସାର ପାଇପାରିବ ବୋଲି ଆଶା କରାଯାଉଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି ।

# ଜନସାଧାରଣଙ୍କୁ ମାନବିକ ଅଧିକାର ମିଳିବା ସାମ୍ବିଧାନିକ ଅଧିକାର

**ସୋନପୁର,୧।୩(ନି. ପ୍ର )**

ରାଷ୍ଟ୍ରର ପ୍ରତ୍ୟେକ ଜନସାଧାରଣ ସେମାନଙ୍କ ମାନବିକ ଅଧିକାର ପାଇବାକୁ ହକଦାର । ଏଣୁ ଜିଲାର କାର୍ଯ୍ୟରତ ଅଧିକାରୀମାନେ ନିଜ ସ୍ତରରେ ବିବେକାନୁମୋଦିତ ଭାବେ ଜନସାଧାରଣଙ୍କୁ ସେମାନଙ୍କ ମାନବିକ ଅଧିକାର ଯୋଗାଇବା ଉଚିତ୍ । ଜନସାଧାରଣଙ୍କୁ ମାନବିକ ଅଧିକାର ମିଳିବା ସେମାନଙ୍କ ସାମ୍ବିଧାନିକ ଅଧିକାର ବୋଲି କହିଛନ୍ତି ଓଡିଶା ମାନବ ଅଧିକାର ଆୟୋଗ ଅଧକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ । ବୁଧବାର ଅଧକ୍ଷ ପୂଜାହାରୀ ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସି ସହରର ଝୁପୁଡିପଡ଼ାସ୍ଥିତ ନୂତନ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ । ପରେ ନିର୍ମାଣାଧୀନ ଜିଲା ମୁଖ୍ୟ ଚିକିତ୍ସାଳୟ ବୁଲି ଦେଖିଥିଲେ । ଏହି ଅବସରରେ ଅଧକ୍ଷ ସୁବର୍ଣ୍ଣପୁର ଜିଲାପାଳ ଆବୋଲି ସୁନିଲ ନରୱାଣେ ଓ ଜିଲାସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ସ୍ୱାସ୍ଥ୍ୟ ବିଭାଗ ସମ୍ବନ୍ଧରେ ଆଲୋଚନା କରିଥିଲେ । ଜିଲାର ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଡାକ୍ତର,



ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି ।

**ଓଡ଼ିଶା ମାନବ ଅଧିକାର ଆୟୋଗ ଅଧକ୍ଷଙ୍କ ସୁବର୍ଣ୍ଣପୁର ଗସ୍ତ**

ପାରାମେଡିକାଲ ପଦବୀ ଖାଲି ରହିଥିବା ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଚିକିତ୍ସାଳୟ ପରିଦର୍ଶନ ସମୟରେ ଅଧକ୍ଷ ଚିକିତ୍ସାଧୀନ ଥିବା ରୋଗୀ ଓ ସମ୍ପର୍କୀୟଙ୍କ ସହ ଚିକିତ୍ସାସେବା ସମ୍ପର୍କରେ ପଚାରି ବୁଝିଥିଲେ । ପରେ ଅଧକ୍ଷ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ନାଗରିକ ସମାଜ ବୈଠକରେ ଉପସ୍ଥିତ ରହି ବିଭିନ୍ନ ବର୍ଗର ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । ରେଜିଷ୍ଟର ରାଜୀବ ଲୋଚନ ସାହୁ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରତିନିଧିମାନେ ଜିଲାରେ ମାନବାଧିକାର ଉଲ୍ଲଂଘନ ସମ୍ପର୍କିତ ତଥ୍ୟ ଅଧକ୍ଷଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଜିଲାସ୍ତରୀୟ ଅଧିକାରୀମାନେ ସ୍ୱତଃ ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ମାନବିକ ସେବା ଅବା ଅଧିକାରକୁ ପ୍ରଦାନ କରିବା ପାଇଁ ଅଧକ୍ଷ ପରାମର୍ଶ ଦେଇଥିଲେ । ସ୍ୱାସ୍ଥ୍ୟ, ପରିବେଶ, ଶିକ୍ଷା, ଜଳ ଓ ପରିମଳ ସହ ଭିନ୍ନକ୍ଷମ ବର୍ଗଙ୍କ ଯୋଜନା ସମ୍ବନ୍ଧରେ ଅଧିକାରୀଙ୍କ ସହ ଅଧକ୍ଷ ଆଲୋଚନା କରିଥିଲେ । ଜିଲାରେ କନ୍ୟା ଜନ୍ମହାର କ୍ରମଶଃ ହ୍ରାସ ପାଉଥିବାରୁ ଏଥିନିମନ୍ତେ ବ୍ୟାପକ ସଚେତନତା ସହ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି । ଚଳିତ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ଆବଶ୍ୟକ ପ୍ରସ୍ତୁତି ସହ ଜଳ ଯୋଗାଣ ଓ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଉପଲବ୍ଧ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ନିଶି ପୁନମ ମିଞ୍ଜ, ସିଡିଓ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ସୋନପୁର ଉପଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ବୀରମହାରାଜପୁର ଉପଜିଲାପାଳ ଅଶୋକ ଭୋଇ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ, ଇଂ ବିଭୁ ପ୍ରସାଦ ପଣ୍ଡା, ସିଡିଏମଓ ବିଶ୍ୱ ରଞ୍ଜନ ପତି, ଏଡିଏମଓ ଦୈତ୍ୟ ନାରାୟଣ ପାଢ଼ୀ ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ବିଶ୍ୱ ଚକ ଚୌକି ଦିବସ ପାଳିତ

**ବରପାଲି,୧।୩ (ଡି.ଏନ.ଏ.)**

ବରଗଡ ଜିଲା ବରପାଲିର ସୁଇଟ ସ୍ମାଇଲ ଦିବ୍ୟାଙ୍ଗ ଟ୍ରଷ୍ଟ ପକ୍ଷରୁ ବୁଧବାର ବିଶ୍ୱ ଚକ ଚୌକି ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବାହ୍ନ ୧୧ଟାରେ ବରପାଲି କଲେଜ ଛକରୁ ଏକ ଶୋଭାଯାତ୍ରା ବାହାରି କଲ୍ୟାଣ ମଣ୍ଡପରେ ପହଞ୍ଚିବା ପରେ ସେଠାରେ ଏକ ସଭା ହୋଇଥିଲା। ଶୋଭାଯାତ୍ରାରେ ସ୍ଥାନୀୟ ଏସ୍‌ବିଆଇର ମୁଖ୍ୟ ପରିଚାଳକ ଭାଗବତ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସଭାରେ ସଭାନେତ୍ରୀ ମଞ୍ଜୁଲତା ଦାଶ ଅଧକ୍ଷତା କରିଥିଲେ। ଏଥିରେ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ବରଗଡ଼ ପାୱାର ଅଫ୍ ଦିବ୍ୟାଙ୍ଗର ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ, ବାପୁଜୀ ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ କୁମାର ପ୍ରଧାନ, ବରପାଲି ନଗରପାଳ ଦିନେଶ ଗହୀର, ମାରୱାଡ଼ି ମହିଳା ମଞ୍ଚ ସଭାନେତ୍ରୀ ସନ୍ତୋଷ ଅଗ୍ରୱାଲ, ନରେନ୍ଦ୍ର କୁମାର ହୋତା, ନାରାୟଣ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ପ୍ରତିଭାଧାରୀମାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ ଜିଲାର ସମସ୍ତ ବ୍ଲକ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଶେଷରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




କାର୍ଯ୍ୟକ୍ରମରେ କୃତୀ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଉଛି।

# ବୌଦ୍ଧରେ ମହାନଦୀ ଆଳତି ପାଇଁ ଘାଟ ନକ୍ସା ପ୍ରସ୍ତୁତ

**ବୌଦ୍ଧ, ୧।୩(ସ୍ୱ.ପ୍ର.)**

ବୌଦ୍ଧ ଜିଲାପାଳ ସତ୍ୟରଞ୍ଜନ ସାହୁ ବୌଦ୍ଧରେ ଯୋଗଦେବା ପରେ ଏକ ପ୍ରତିନିଧି ମଣ୍ଡଳୀ ସହିତ ମହାନଦୀ କୂଳରେ ଅବସ୍ଥିତ ଚନ୍ଦ୍ରଚୂଡ ମନ୍ଦିର ପରିଦର୍ଶନ କରିଥିଲେ । ନଦୀ କୂଳରେ ମନୋରମ ପରିବେଶ ମଧ୍ୟରେ ମନ୍ଦିର ଅବସ୍ଥିତ ଥିବାବେଳେ ଏଠାରେ ମହାନଦୀ ଆଳତୀ କରାଯାଇପାରିବ ଏବଂ ଭକ୍ତମାନେ ଏହା ଦ୍ୱାରା ଆକର୍ଷିତ ହେବେ ବୋଲି ମତପ୍ରକାଶ କରିଥିଲେ। ଉକ୍ତ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଗତ ମକର ସଂକ୍ରାନ୍ତି ଅବସରରେ ରାମଲୀଳା ପ୍ରସ୍ତୁତି ବୈଠକରେ ଆଲୋଚନା ପରେ ଘୋଷଣା କରିଥିଲେ। ଜିଲା ବ୍ରାହ୍ମଣ ସମାଜ ନେତୃତ୍ୱରେ ବିଭିନ୍ନ ସଙ୍ଗଠନ ଓ ସମାଜ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଚନ୍ଦ୍ରଚୂଡ ଘାଟଠାରେ ସଫେଇ କାର୍ଯ୍ୟକ୍ରମ କରାଯିବା ସହିତ ଗତ ମାଘ ସପ୍ତମୀରେ ମହାନଦୀ ଆଳତୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ପ୍ରତ୍ୟେକ ରବିବାର, ପୂର୍ଣ୍ଣିମା ଓ ସଂକ୍ରାନ୍ତି ସନ୍ଧ୍ୟାରେ ମହାନଦୀ ଆଳତୀ ଅନୁଷ୍ଠିତ କରାଯାଉଛି। ଏହି ଆସ୍ଥାର ପ୍ରକଳ୍ପକୁ ସଫଳ କରିବା ପାଇଁ ଏବଂ ସହରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ପାଇଁ ଚନ୍ଦ୍ରଚୂଡ ମହାଦେବଙ୍କଠାରେ ପ୍ରତ୍ୟହ ଅଭିଷେକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ମହାନଦୀ ଆଳତୀ ପାଇଁ ଆର୍କିଟେକ ଡ. ସୁମନ ଷଡଙ୍ଗୀଙ୍କ ଦ୍ୱାରା ଚନ୍ଦ୍ରଚୂଡ ଘାଟର ଭବ୍ୟ ନକ୍ସା ପ୍ରସ୍ତୁତ କରାଯାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ଅନୁଦାନ ବ୍ୟବସ୍ଥା କରାଯାଇ ଘାଟରେ ଗାର୍ଡୱାଲ କାମର ଶୁଭାରମ୍ଭ କରାଯାଇଛି। ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଚନ୍ଦ୍ରଚୂଡ ଘାଟର ଆବଶ୍ୟକୀୟ ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା କରିବା ପାଇଁ ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତ୍ୟେହ ମହାନଦୀ ଆଳତୀ ଦ୍ୱାରା ଆଧ୍ୟାତ୍ମିକତା ପରିବେଶ ସୃଷ୍ଟି ହୋଇପାରିବ ଏବଂ ମହାନଦୀର ଜଳକୁ ନିର୍ମଳ ଓ ସ୍ୱଚ୍ଛ ପରିବେଶ ସୃଷ୍ଟି କରାଯାଇପାରିବ ବୋଲି ବୁଦ୍ଧିଜୀବୀ ଓ ପରିବେଶବିତ୍ମାନେ ମତପ୍ରକାଶ କରିଛନ୍ତି।

## ଶିବମନ୍ଦିରର କୁମ୍ଭ ଭରଣ ଉତ୍ସବ

**ମୁରିବାହାଲ,୧।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଟୁପାଉଡାର ଗ୍ରାମ ପଞ୍ଚାୟତର ସାଲେପଡା ଗ୍ରାମର ମାନସିକଧାରୀଙ୍କ ପକ୍ଷରୁ ନୂତନ ଭାବେ ନିର୍ମାଣ ହୋଇଥିବା ଶିବମନ୍ଦିରର କୁମ୍ଭ ଭରଣ ଉତ୍ସବ ବୁଧବାର ଦିନ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳ ୯ଟା ସମୟରେ ରୀତିନୀତିରେ ମହାଦେବଙ୍କ ପୂଜା ଅର୍ଚ୍ଚନା କରାଯାଇ କୁମ୍ଭ ଭରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ପ୍ରତିଷ୍ଠାତା ଆଚାର୍ଯ୍ୟ ଚନ୍ଦ୍ରଧ୍ୱଜ ମିଶ୍ର, ପୂଜକ ଜଗତ ଭୋଇ କାର୍ଯ୍ୟ ତୁଲାଇଥିଲେ। ଘାସିରାମ ଗହୀର ଓ ତାଙ୍କ ସ୍ତ୍ରୀ ଯଶୋଦା କର୍ତ୍ତା କାର୍ଯ୍ୟ ତୁଲାଇଥିଲେ।

# ନେହେରୁ ଯୁବକେନ୍ଦ୍ରର ଜଳ ସଂରକ୍ଷଣ କାର୍ଯ୍ୟକ୍ରମ

**ଜାମଟିକ୍ରା, ୧।୩(ଡି.ଏନ.ଏ.)**

ବରଗଡ଼ ନେହେରୁ ଯୁବକେନ୍ଦ୍ର ତରଫରୁ ବୁଧବାର ଅତାବିରା ବ୍ଲକ ଜହ୍ନାପଡା ଗ୍ରାମରେ ଜଳ ସଂରକ୍ଷଣର ତୃତୀୟ ପର୍ଯ୍ୟାୟ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଜହ୍ନାପଡା ସରପଞ୍ଚ ସୁବାସିନୀ ତରିଆ ମୁଖ୍ୟ ଅତିଥି, ଦଖିଲ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସରପଞ୍ଚ ତରିଆ ଜଳ କିପରି ସଞ୍ଚୟ କରିବା ସେ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଦଖିଲ ପ୍ରଧାନ ଶପଥ ପାଠ କରାଇଥିଲେ। ସ୍ଥାନୀୟ ସରପଞ୍ଚ ସବୁଜ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ରାଲି ଜହ୍ନାପଡା ଗ୍ରାମ ପରିକ୍ରମା କରି ‘କ୍ୟାଚ୍ ଦି ରେନ୍’ ଉପରେ ସଚେତନତା କରିଥିଲା। ନେହେରୁ ଯୁବକେନ୍ଦ୍ରର ଜିଲା ଅଧିକାରୀ ରୋଶନ ଟଣ୍ଡନ ଓ ଜିଲା କେନ୍ଦ୍ର ଉପଦେଷ୍ଟା ତ୍ରିଲୋଚନ ଶତପଥୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱେଚ୍ଛାସେବୀ ଲିସା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉଲୁଣ୍ଡା କପ୍ : ସମ୍ବଲପୁର ଫାଇନାଲରେ

**ଉଲୁଣ୍ଡା,୧।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ଆୟୋଜିତ ୨୯ତମ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲରେ ଜେସିସି ସମ୍ବଲପୁର ଦଳ ଟିଟିଲାଗଡ଼ ଦଳକୁ ୨ଉଇକେଟରେ ହରାଇ ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ବ୍ୟାଟିଂ କରି ଟିଟିଲାଗଡ ଦଳ ୭୩ ରନ କରି ଅଲ ଆଉଟ ହୋଇଯାଇଥିଲେ। ସମ୍ବଲପୁର ଦଳର ସନ୍ତୋଷ ଶର୍ମା ୪ ଉଇକେଟ ଅକ୍ତିଆର କରିଥିଲେ । ଏହାର ଜବାବରେ ସମ୍ବଲପୁର ଦଳ ୮ ଉଇକେଟ ହରାଇ ୭୪ ରନ କରି ବିଜୟୀ ହୋଇଥିଲେ। ସନ୍ତୋଷଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆଯାଇଥିଲା। ଶ୍ୟାମସୁନ୍ଦର ପଣ୍ଡା ଓ ସୁଶାନ୍ତ ସେଠ ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିବା ବେଳେ ଦିନେଶ ଘିବେଲା ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ ।




ସନ୍ତୋଷ ଶର୍ମାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି ।

# ଭୂତକୋଠି ପାଲଟିଛି ସୁଲଭ ଶୌଚାଳୟ

**ଭେଡେନ,୧।୩(ଡି.ଏନ.ଏ.)**

ବରଗଡ ଜିଲା ଭେଡେନ ବ୍ରେକର ଷ୍ଟାଣ୍ଡ ନିକଟରେ ଥିବା ସୁଲଭ ଶୌଚାଳୟ ଏବେ ବ୍ୟବହାର ଅନୁପଯୋଗୀ ହୋଇ ଭୂତକୋଠି ପାଲଟିଛି। ଲୋକେ ଏହାର ସୁଯୋଗ ନେଇ ଅଳିଆ ଆବର୍ଜନା ଏହା ଭିତରକୁ ଫିଙ୍ଗିଦେଉଥବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଫଳରେ ଶୌଚାଳୟ ଚତୁଃପାର୍ଶ୍ୱରେ ରହୁଥିବା ପରିବାର ଅନେକ ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଶୌଚାଳୟ ନ ଥିବାରୁ ପ୍ରତ୍ୟହ ବ୍ଲକ ମହକୁମାକୁ ବିଭିନ୍ନ କାମରେ ଆସୁଥିବା ୨୨ଟି ପଞ୍ଚାୟତର ହଜାର ହଜାର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ମହିଳାମାନେ ବେଶୀ ଅସୁବିଧା ଭୋଗୁଛନ୍ତି। ଏପରିକି ଜିଲା ସଦର ମହକୁମାକୁ ଯିବା ଆସିବା ପାଇଁ ବସ୍‌ଷ୍ଟାଣ୍ଡରେ ଅପେକ୍ଷାରତ ଯାତ୍ରୀମାନଙ୍କ ସମାନ ଅବସ୍ଥା। ଏହି ସୁଲଭ ଶୌଚାଳୟକୁ ପୁନରୁଦ୍ଧାର ପାଇଁ ସ୍ଥାନୀୟ ସରପଞ୍ଚ ଅକ୍ଷୟ ନାଏକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତେବେ ଶୀଘ୍ର ଏହାର ପୁନରୁଦ୍ଧାର କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସରପଞ୍ଚ ନାଏକଙ୍କ ସମେତ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି । ସୂଚନାଯୋଗ୍ୟ, ୧୯୯୪ ନଭେମ୍ବର ୨୭ରେ ବରଗଡର ତତ୍କାଳୀନ ଜିଲାପାଳଙ୍କ ଦ୍ୱାରା ଏହାର ଉଦ୍‌ଘାଟନ କରାଯାଇଥିଲା। ପରେ ଏହି ଶୌଚାଳୟ ମାତ୍ର ୩ ବର୍ଷ ସୂଚାରୁ ରୂପେ ଚାଲିବା ପରେ ବନ୍ଦ ହୋଇଯାଇଥିଲା ।



ଜରାଜୀର୍ଣ୍ଣ ଅବସ୍ଥାରେ ପଡିଥିବା ଶୌଚାଳୟ।

**ରେଳ ରହଣି ଦାବିରେ ବାଇକ୍ ରାଲି**

ବେଲପାହାଡ,(ଡି.ଏନ.ଏ.): ବେଲପାହାଡ ଷ୍ଟେଶନରେ ରେଳ ରହଣି ଦାବିରେ ଲଖନପୁର ରେଳ ୟୁଜର୍ସ ଆସୋସିଏଶନର ସଦସ୍ୟମାନେ ବାଇକ୍ ରାଲି କରି ଦାବିପତ୍ର ପ୍ରଦାନ କରିଛନ୍ତି । ଶତାଧିକ ଯୁବକ ଗୁମାଡେରା ସହିଦ ସ୍ତମ୍ଭ ନିକଟରୁ ବାଇକ ରାଲିଲେ ବେଲପାହାଡ ରେଲଷ୍ଟେଶନକୁ ଯାଇ ଷ୍ଟେସନ ମାଷ୍ଟରଙ୍କ ଜରିଆରେ ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ ବିଳାସପୁର ଡିଭିଜନ ପ୍ରବନ୍ଧକଙ୍କୁ ଦାବିପତ୍ର ଦେଇଛନ୍ତି। କୋଭିଡ଼ ୧୯ ପୂର୍ବରୁ ରହଣିଥିବା ସମସ୍ତ ଟ୍ରେନର ପୁନଃ ରହଣି ପାଇଁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ସଂକ୍ଷେପରେ

### ଜୟନାରାୟଣଙ୍କ ଜାମିନ ଖାରଜ ପାଇଁ କୋର୍ଟରେ ପିଟିଶନ

**ଭୁବନେଶ୍ୱର, ୧।୩(ବ୍ୟୁରୋ):** ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଜାମିନ ଖାରଜ କରିବାକୁ ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ଏତଲାକାରୀ ବିମଳ ଭୋଇ ଆବେଦନ କରିଛନ୍ତି। ମାମଲାର ଦ୍ୱରିତ ଶୁଣାଣି ପାଇଁ ଆବେଦନକାରୀ ତାଙ୍କ ପିଟିଶନରେ ନିବେଦନ କରିଛନ୍ତି। ଜୟନାରାୟଣ ଜାମିନରେ ଥାଇ ୩ଟି ଗୁରୁତର ଫୌଜଦାରି ମାମଲାରେ ସଂପୃକ୍ତ ଅଛନ୍ତି। ହାଇକୋର୍ଟରୁ ୩ଟି ସର୍ତ୍ତରେ ଜାମିନରେ ଆସିଥିଲେ ମଧ୍ୟ ସେ ସର୍ତ୍ତ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ତେଣୁ ଜାମିନ ଖାରଜ ନ ହେଲେ ମାମଲାର ନିରପେକ୍ଷ ତଦନ୍ତ ସମ୍ଭବ ନୁହେଁ ବୋଲି ବିମଳ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ଅର୍ଥାତ୍ ୨୦୧୮ ବିଜେପୁର ଉପନିର୍ବାଚନବେଳେ ଦିଲେଶ୍ୱର ସାହୁ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ନେଇ ଜୟନାରାୟଣଙ୍କ ନାମରେ ଅଭିଯୋଗ ହୋଇଥିଲା। ଏହି ମାମଲାରେ ସେ ଗିରଫ ହୋଇ ୨୦୧୯ରେ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନରେ ମୁକୁଳିଥିଲେ। ୨୦୨୦ରେ ଏହି ମାମଲା ପରିଚାଳନା ପାଇଁ ଭୁବନେଶ୍ୱରରେ ଥିବା ସ୍ୱତନ୍ତ୍ର କୋର୍ଟକୁ ସ୍ଥାନାନ୍ତର ହୋଇଥିଲା।

### ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**କୁଚିଣ୍ଡା, ୧।୩(ଡି.ଏନ.ଏ.):** କୁଚିଣ୍ଡା ଥାନା ଅନ୍ତର୍ଗତ ଲାଡ ଗ୍ରାମର ଖର୍ଲା ନଦୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପଡ଼ିଆବାହାଲ ଅଞ୍ଚଳର ସୁରଥ ମିର୍ଦ୍ଧା (୬୨)। ସୂଚନାକ୍ରମେ, ସୁରଥ ଲାଡ଼ ଗ୍ରାମର ବିଶେଶ୍ୱର ମାଝିଙ୍କ ଝିଅ ବିବାହରେ ଯୋଗ ଦେବାକୁ ବରଯାତ୍ରୀ ଦଳ ସହ ଗତ ୨୭ ତାରିଖରେ ଆସିଥିଲେ। ଶୋଭାଯାତ୍ରା ପରେ ସେ ନିକଟସ୍ଥ ଖର୍ଲା ନଦୀକୁ ଶୌଚ ପାଇଁ ଯାଇ ଆଉ ଫେରି ନ ଥିଲେ। ବାହାଘର ବ୍ୟସ୍ତତା ଯୋଗୁ କେହି ଏହି କଥା ଜାଣିପାରି ନ ଥିଲେ। ପରେ ଗତ ୨୮ ତାରିଖରେ ତାଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ଗ୍ରାମବାସୀ କୁଚିଣ୍ଡା ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନା ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଗୋଲବଜାର ଛକଠାରେ ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ

**ସମ୍ବଲପୁର, ୧।୩(ବ୍ୟୁରୋ):** ଓଡିଶାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ମଙ୍ଗଳବାର ଭୁବନେଶ୍ୱରରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିଧାନସଭା ଘେରାଓ କାର୍ଯ୍ୟକ୍ରମ ହୋଇଥିଲା। କର୍ମୀମାନଙ୍କୁ ପୋଲିସ ଅତର୍କିତ ଆକ୍ରମଣ କରି ଲହୁଲୁହାଣ କରିଦେଇଛି। ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ସମେତ ୨୧ଜଣ କାର୍ଯ୍ୟକର୍ତ୍ତାଙ୍କ ଉପରେ ପୋଲିସ ସଙ୍ଗିନ ଦଫା ଲଗାଇ ଜେଲ ପଠାଇଛି। ଏହାର ପ୍ରତିବାଦରେ ସମ୍ବଲପୁର ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝିଙ୍କ ନେତୃତ୍ୱରେ ବୁଧବାର ଗୋଲବଜାର ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆନ୍ଦୋଳନକାରୀ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ସହିତ କୁଶପୁତ୍ତଳିକା ଦାହ କରିଥିଲେ ।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ: ହତ୍ୟା ଅଭିଯୋଗ

**ଲୋଇସିଂହା, ୧। ୩(ଡି.ଏନ.ଏ.):** ଲୋଇସିଂହା ବ୍ଲକ ଅନ୍ତର୍ଗତ ରାଘୁପଦର ଗ୍ରାମର ଏକ ଚାଷଜମିରେ ଥିବା ଗଛରୁ ଜଣେ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ମାଗୁରବେଡା ଫାଣ୍ଡି ପୋଲିସ ବୁଧବାର ଜବତ କରିଛି। ମୃତା ମହିଳା ହେଲେ ଗ୍ରାମର ଶତ୍ରୁଘ୍ନ ଜୁଏଡଙ୍କ ସ୍ତ୍ରୀ ସବିତା (୨୮) । ଅପରପକ୍ଷେ ସବିତାଙ୍କ ଭାଇ ରବୀନ୍ଦ୍ର ପୋଢ ତାଙ୍କ ବଡଭଉଣୀଙ୍କୁ ହତ୍ୟା କରାଯାଇଥିବା ନେଇ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ନଂ ୮୧/୨୩ରେ ଏକ ମାମଲା ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ଅମୂଲ୍ୟ ପଣ୍ଡା କହିଛନ୍ତି । ପ୍ରକାଶ ଯେ, ଲୋଇସିଂହା ବ୍ଲକ ଉପରବାହାଲ ପଞ୍ଚାୟତ ଅନ୍ତର୍ଗତ ରାଘୁପଦର ଗ୍ରାମର ଶତ୍ରୁଘ୍ନ ସୁବର୍ଣ୍ଣପୁର ଜିଲା ଡୁଙ୍ଗରିପାଲି ଥାନା ଅନ୍ତର୍ଗତ ଲରିଆବାହାଲ ଗ୍ରାମର ସମରୁ ପୋଢଙ୍କ ଝିଅ ସବିତାଙ୍କୁ ଏପ୍ରିଲ ୨୦୧୯ରେ ବିବାହ କରିଥିଲେ। ସେମାନଙ୍କର କୌଣସି ସନ୍ତାନ ନ ଥିଲା । କୌଣସି କାରଣରୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହିଥିଲା । ମଙ୍ଗଳବାର ରାତିରେ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ସବିତା ଘରୁ ଚାଲି ଯାଇଥିଲେ। ବୁଧବାର ପୂର୍ବାହ୍ନରେ ଘର ଠାରୁ ୫ ଶହ ମିଟର ଦୂରରେ ଥିବା ଜମିର ଏକ ଗଛରେ ରଶି ଲଗାଇ ଝୁଲି ପଡିଥିବା ଶତ୍ରୁଘ୍ନ ଜାଣି ପୋଲିସକୁ ସୂଚନା ଦେଇଥିଲେ । ଖବର ପାଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ପଠାଇଛି। ଅପରପକ୍ଷେ ବାପ ଘର ଲୋକେ ସବିତା ଆତ୍ମହତ୍ୟା କରିବାକୁ ସହଜେ ବିଶ୍ୱାସ କରି ପାରୁନାହାନ୍ତି ।

# ଅଷ୍ଟମ ଶ୍ରେଣୀ ସାହିତ୍ୟ ବହିରେ ଭୁଲ ତଥ୍ୟ

**ସମ୍ବଲପୁର, ୧।୩(ବ୍ୟୁରୋ)**

- **ସମ୍ବଲପୁରୀ ଭାଷାର ଭୁଖା ନାଟକ, ସିନେମା କୋଶଲି ବୋଲି ଉଲ୍ଲେଖ**
- **ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ହୀରାଖଣ୍ଡ ସାମ୍ମୁଖ୍ୟର ସ୍ମାରକପତ୍ର**

ସମ୍ବଲପୁରୀ ନାଟକ ଓ ସିନେମା ଭୁଖାକୁ କୋଶଲି ଲେଖାଯାଇଥିବାରୁ ହୀରାଖଣ୍ଡ ସାମ୍ମୁଖ୍ୟ ପକ୍ଷରୁ ବୁଧବାର ଦୃଢ଼ ବିରୋଧ କରାଯାଇଛି। ଲୋକପ୍ରିୟ ସମ୍ବଲପୁରୀ ନାଟକ ଓ ସମ୍ବଲପୁରୀ ସିନେମା ଭୁଖାର ରଚୟିତା ହେଉଛନ୍ତି ସମ୍ବଲପୁରୀ ସାହିତ୍ୟ ସାଧକ ଡ. ମଙ୍ଗଳୁ ଚରଣ ବିଶ୍ୱାଳ। ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ତଥା ଓଡିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ ପକ୍ଷରୁ ପ୍ରକାଶିତ ଅଷ୍ଟମ ଶ୍ରେଣୀ ସାହିତ୍ୟ ବହିର ପୃଷ୍ଠା ୯୧ରେ ମଙ୍ଗଳୁ ବିଶ୍ୱାଳଙ୍କ ରଚିତ ସୁନା ନେଉଳ ଏକାଙ୍କିକା ଛାତ୍ରୀଛାତ୍ରଙ୍କୁ ପଢାଯାଉଛି। ମାତ୍ର କ୍ଷୋଭର ବିଷୟ ହେଉଛି, ଏହି ଲେଖାରେ ଲେଖକଙ୍କ ପରିଚୟ ସ୍ତମ୍ଭରେ ତାଙ୍କ ଭୁଖା ନାଟକ ଓ ଚଳଚ୍ଚିତ୍ର କୋଶଲି ଭାଷାରେ ଲିଖିତ ବୋଲି ଉଲ୍ଲେଖ କରାଯାଇଛି। ଏହା ସମ୍ପୂର୍ଣ୍ଣ ଭୁଲ ତଥ୍ୟ ଉପରେ ଆଧାରିତ । ତାଙ୍କ ରଚିତ ଭୁଖା ନାଟକ ଓ ସିନେମା ସମ୍ବଲପୁରୀ ଭାଷା ଭାବରେ ରାଜ୍ୟ ଓ ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛି। ଏପରି କି କେନ୍ଦ୍ରୀୟ ଚଳଚ୍ଚିତ୍ର ପରିଷଦ ଏହାକୁ ସମ୍ବଲପୁରୀ ଚଳଚ୍ଚିତ୍ର ଭାବେ ପ୍ରମାଣପତ୍ର ପ୍ରଦାନ କରିଛି। ଲେଖକଙ୍କ ବିଷୟରେ କିଛି ନ ଜାଣି ତାଙ୍କୁ କୋଶଲି ଭାଷାର ଲେଖକ ବୋଲି ପରିଚୟ ଦେଇ ଆଗାମୀ ଛାତ୍ରୀଛାତ୍ରଙ୍କୁ ଭୁଲ ତଥ୍ୟ ଦେବାର ପ୍ରୟାସକୁ ହୀରାଖଣ୍ଡ ସାମ୍ମୁଖ୍ୟ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ତେଣୁ ଯଥାଶୀଘ୍ର ପାଠ୍ୟପୁସ୍ତକରେ ଏହାକୁ ସଂଶୋଧନ କରାଯାଉ ବୋଲି ଦାବି କରାଯାଇଛି। ଏ ନେଇ ବୁଧବାର ହୀରାଖଣ୍ଡ ସାମ୍ମୁଖ୍ୟ ସଭାପତି ଡ. ପରେଶ ଚନ୍ଦ୍ର ଦାନି, ପ୍ରଶାନ୍ତ କୁମାର ମିଶ୍ର, ଅଖିଳ ରଞ୍ଜନ ପଟ୍ଟନାୟକ, ପ୍ରଶାନ୍ତ ପାଟଯୋଶୀ, ରାଜେଶ ବେହେରା, ରାଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉଚ୍ଚ ମାଧ୍ୟମିକ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାସହ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ମଧ୍ୟ ଏହାର ନକଲ ପ୍ରଦାନ କରାଯାଇଛି।

# ଏସ୍ଏମ୍ସି ୱାର୍ଡସ୍ତରୀୟ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ଦାବି



ଖବରଦାତା ସମ୍ମିଳନୀରେ ସଂକଳ୍ପ କର୍ମକର୍ତ୍ତା ସୂଚନା ଦେଉଛନ୍ତି ।

**ସମ୍ବଲପୁର, ୧।୩(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ (ଏସ୍ଏମ୍ସି) ଅଞ୍ଚଳରେ ବିଭିନ୍ନ ସମସ୍ୟା ଲାଗିରହିଛି। ନିର୍ବାଚିତ ପ୍ରତିନିଧି ନ ଥିବାରୁ ଜନସାଧାରଣଙ୍କ ସମସ୍ୟା ସମାଧାନ ହୋଇପାରୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ଏସ୍ଏମ୍ସି ୱାର୍ଡ ସ୍ତରୀୟ କାର୍ଯ୍ୟାଳୟ ତୁରନ୍ତ କାର୍ଯ୍ୟକ୍ଷମ କରିବା ଜରୁରୀ। ବୁଧବାର ସମ୍ବଲପୁର ଜିଲା ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସାମାଜିକ ଅନୁଷ୍ଠାନ ସଂକଳ୍ପ କର୍ମକର୍ତ୍ତାମାନେ ଏହା କହିଛନ୍ତି। ସେମାନେ ଆହୁରି କହିଛନ୍ତି, ମହାନଗର ନିଗମ ଘୋଷଣା ହୋଇଥିଲେ ବି ନିର୍ବାଚିତ ପ୍ରତିନିଧି ନାହାନ୍ତି। ତେଣୁ କୌଣସି ଆଖିଦୃଶିଆ ଉନ୍ନୟନ କାର୍ଯ୍ୟ ହୋଇପାରୁନାହିଁ। ମହାନଗରର ବିଭିନ୍ନ ୱାର୍ଡ କାର୍ଯ୍ୟାଳୟ ନାମକୁ ମାତ୍ର ରହିଛି। ମହାନଗରରେ ମିଶିଥିବା ୫୧ ଗାଁ ତଥା ୧୧ ଗୋଟି ପଞ୍ଚାୟତରେ ସାଧାରଣ ପୌର ସେବା କିପରି ପହଞ୍ଚି ପାରିବ ସେ ଦିଗରେ ମହାନଗର ନିଗମ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରିବା ଜରୁରୀ। ଅନୁଷ୍ଠାନର ସଭାପତି ଡା. ପ୍ରଭାସ ଦେବତାଙ୍କର ଅଧ୍ୟକ୍ଷତାରେ ଖବରଦାତା ସମ୍ମିଳନୀ ହୋଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ ଓ ଆଇନ ପରାମର୍ଶଦାତା ଦେଓକିରଣ ପଟ୍ଟନାୟକ ସମ୍ବଲପୁର ମହାନଗର ନିଗମରେ ଲାଗିରହିଥିବା ବିଭିନ୍ନ ସମସ୍ୟ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରଞ୍ଜିତ ରଥ, ଉପଦେଷ୍ଟା ପ୍ରଫେସର ନନ୍ଦକିଶୋର ଦେବତା, ସରୋଜ ସାହୁ, ସୁଜାତା ଗୁରୁ, ବିରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ସନ୍ଥକବି ଭୀମ ଭୋଇ ବିଶ୍ୱସ୍ତରର ଦାର୍ଶନିକ




ଜାତୀୟ ସେମିନାରରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ ।

**ସମ୍ବଲପୁର, ୧।୩(ବ୍ୟୁରୋ)**

**ଜିଏମ୍ୟୁରେ ଜାତୀୟ ସେମିନାର**

ସନ୍ଥକବି ଭୀମ ଭୋଇ ବିଶ୍ୱ ସ୍ତରର ଜଣେ ଦାର୍ଶନିକ। ଓଡିଆ ସାହିତ୍ୟର ସେ ପ୍ରଥମ କବି, ଆଧ୍ୟାତ୍ମ ଦର୍ଶନ, ରହସ୍ୟବାଦୀ ସାହିତ୍ୟ ସ୍ରଷ୍ଟା ଓ ବିଶ୍ୱ ମାନବବୋଧର ବିସ୍ମୟକାରୀ ପ୍ରତିଭା ଥିଲେ। ବୁଧବାର ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ)ରେ ଆୟୋଜିତ ତ୍ରିଦିବସୀୟ ଜାତୀୟ ସେମିନାରରେ ବକ୍ତାମାନେ ଏହା କହିଛନ୍ତି। ସେମିନାର ପ୍ରଥମ ଦିବସରେ ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, କିସ୍ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞ ବକ୍ତାମାନେ ୧୬ଟି ଗବେଷଣା ପତ୍ର ଉପସ୍ଥାପନ କରିଥିଲେ। ଜିଏମ୍ୟୁ କୁଳପତି ପ୍ରଫେସର ଏନ୍ ନାଗାରାଜୁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଲକ୍ଷ୍ମୀପ୍ରିୟା ବେହେରା ସ୍ୱାଗତ ଓ ଭୀମ ଭୋଇ ଗବେଷଣା କେନ୍ଦ୍ରର ପ୍ରଫେସର ପ୍ରଦୀପ କୁମାର ପଣ୍ଡା ପ୍ରାରମ୍ଭିକ ବକ୍ତବ୍ୟ ଦେଇଥିଲେ। କୁଳସଚିବ ଯୁଗଳେଶ୍ୱରୀ ଦାଶ, ଉପକୁଳସଚିବ ଉମାଚରଣ ପତି ପ୍ରମୁଖ ଯୋଗଦେଇଥିଲେ। ପ୍ରଫେସର ରମେଶ ଚନ୍ଦ୍ର ମଲ୍ଲିକ, ପ୍ରଫେସର ହରିଶ୍ଚନ୍ଦ୍ର ସାହୁ, ଡ. ଗୋପୀନାଥ ବାଗ, ଅଧ୍ୟାପକ ମୋହନ ସାହୁ, ଡ଼. ସ୍ୱପ୍ନାରାଣୀ ସିଂ, ଅଖିଳ ବିଶ୍ୱାଳ, ଡ଼. ସୁନୀତି ଦେବତା, ଡ଼. ଶ୍ୟାମ ଭୋଇ, ଡ. ପରିକ୍ଷିତ ଭୋଇ, ଡ. ରଞ୍ଜନ ସେଠୀଙ୍କ ସମେତ ବହୁ ଗବେଷକ ଭାଗ ନେଇଥିଲେ । ଭୀମ ଭୋଇ ଗବେଷଣା କେନ୍ଦ୍ର ପ୍ରାୟୋଜିତ ଏହି ଜାତୀୟ ସେମିନାରର ଉଦ୍‌ଯାପନ ଉତ୍ସବ ରେଢ଼ାଖୋଲସ୍ଥିତ କନ୍ଦରା ଗ୍ରାମରେ ହେବ। ସେଠିକାର ମହିମା ସନ୍ଥ ସମାବେଶରେ ଓଡ଼ିଶାର ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଓ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଯଥାକ୍ରମେ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିବା କାର୍ଯ୍ୟକମ ରହିଛି ।

# ଗାୟକ ମଣ୍ଟୁ ଛୁରିଆଙ୍କ ନାମରେ ନକଲି ଆଇଡି ଖୋଲି ଟଙ୍କା ଅସୁଲି

- **ଯୁବତୀଙ୍କୁ ପ୍ରେମ ନିବେଦନ କରି ଅଶ୍ଳୀଳ ଭିଡିଓ ତିଆରି ଅଭିଯୋଗ**
- **ଦେବଗଡର ୨ ଗିରଫ**

**ସମ୍ବଲପୁର, ୧।୩(ବ୍ୟୁରୋ)**

'ସମ୍ବଲପୁରିଆ ବାବୁ...' ଗାୟକ ମଣ୍ଟୁ ଛୁରିଆଙ୍କ ନାମରେ ନକଲି ଆଇଡି ଖୋଲି ଟଙ୍କା ଅସୁଲି କରିବା ସହ ଯୁବତୀମାନଙ୍କୁ ପ୍ରେମ ନିବେଦନ କରି ଅଶ୍ଳୀଳ ଭିଡିଓ କରିବା ଅଭିଯୋଗରେ ବୁଧବାର ସମ୍ବଲପୁର ସାଇବର ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଦେବଗଡ ଜିଲାର ଜନ୍ମେଜୟ ସାମଲ ଓ ସବ୍ୟ ସାମଲ। ଏ ନେଇ ସାଇବର ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବୁର୍ଲା ଏସ୍‌ଡିପିଓ ଏସ୍. ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଗତ ଫେବୃୟାରୀ ୨୭ରେ ତାଙ୍କ ନାମରେ ସାମାଜିକ ଗଣମାଧ୍ୟମରେ ଆକାଉଣ୍ଟ ଖୋଲାଯାଇଥିବା ନେଇ ମଣ୍ଟୁ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏହାସହ ଯୁବତୀମାନଙ୍କୁ ଆଲବମରେ ଅଭିନୟ କରିବା, ଗୀତା ଗାଇବା ଭଳି ମିଥ୍ୟା ପ୍ରଲୋଭନ ଦେଖାଇ ଠକେଇ କରାଯାଉଛି ବୋଲି ଅଭିଯୋଗରେ ଦର୍ଶାଇଥିଲେ। ଏଭଳି ଠକାମିର ଶିକାର ହୋଇଥିବା ଜଣେ ଯୁବତୀଙ୍କ ସହ ମଣ୍ଟୁଙ୍କ ଭେଟ ହେବା ପରେ ଏହି ଘଟଣା ଜାଣିପାରିଥିଲେ। ତେଣୁ ଏ ଦିଗରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଥିଲେ। ସମ୍ବଲପୁର ସାଇବର ପୋଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା ।

# ଜିଲାସ୍ତରୀୟ ପଡୋଶୀ ଯୁବସଂସଦ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅତିଥି ଓ ବକ୍ତାମାନେ ।

**ସମ୍ବଲପୁର, ୧।୩(ବ୍ୟୁରୋ)**

ସମ୍ବଲପୁର ନେହେରୁ ଯୁବକେନ୍ଦ୍ର ପକ୍ଷରୁ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଜିଲାସ୍ତରୀୟ ପଡୋଶୀ ଯୁବସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଜୁଲିଅସ ଲାକ୍ରା ମୁଖ୍ୟଅତିଥି, ନେହେରୁ ଯୁବକେନ୍ଦ୍ରର ଆବାହକ ମଧୁସୂଦନ ଦାସ ମୁଖ୍ୟବକ୍ତା ଓ ସମ୍ବଲପୁର ଜିଲାପରିଷଦ ଉପାଧ୍ୟକ୍ଷ ମାଧବ ମିର୍ଦ୍ଧା, ମହୁଲପାଲିର ଏନ୍ଏସ୍ଏସ୍ ପିଓ ଶାନ୍ତନୁ ପାଢ଼ୀ, ହୀରାକୁଦ କଲେଜ ଏନ୍ଏସ୍ଏସ୍ ପିଓ ସୀମନ୍ତିକା ଦାସ, ବୁର୍ଲା କଲେଜ ଏନ୍ଏସ୍ଏସ୍ ପିଓ ସୁନିତା ପଣ୍ଡା, ବରଗଡ଼ ଡିପିସି ଓଡିଶା ମିଲେଟ ମିଶନ ନାରାୟଣ ପାଣିଗ୍ରାହୀ, ଅଧ୍ୟାପକ ସତ୍ୟନାରାୟଣ ପଟେଲ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ବାଣିଜ୍ୟ ବିଭାଗୀୟ ମୁଖ୍ୟ ଡ. ବିଶ୍ୱମୋହନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ମୁଖ୍ୟତଃ ମିଲେଟ ଚାଷ ଓ ମିଲେଟର ଉପକାରିତା ବିଷୟରେ ଆଲୋଚନା ହେଇଥିଲା। ଏହାବ୍ୟତୀତ ଜଳ ସଂରକ୍ଷଣ, ଯୁବ ନେତୃତ୍ୱ ଓ ପଡୋଶୀ ଯୁବକଙ୍କ ସହ ମିଳିତ ଭାବେ କାମ କଲେ କିପରି ଆଗକୁ ବଢିପାରିବା ସେ ବିଷୟରେ ଆଲୋଚନା କରାଯାଇଥିଲା। ଜିଲା ଯୁବ ଅଧିକାରୀ ମାରିଆନୁସ ବିଲୁଙ୍ଗଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହେଇଥିଲା। ପଡୋଶୀ ଯୁବ ସଂସଦକୁ ନେଇ ହିନାରାଣୀ ମିଞ୍ଜ, ନେହା ପଞ୍ଜୱାନୀ ନିଜସ୍ୱ ମତ ରଖିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତେ ଜଳ ସଂରକ୍ଷଣକୁ ନେଇ ଶପଥ ପାଠ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଚାରଭାଟି ଅଞ୍ଚଳରେ ଘୁଷୁରି ମଡ଼କ

**ସମ୍ବଲପୁର, ୧।୩(ବ୍ୟୁରୋ)**



ଚାରଭାଟୀ ଅଞ୍ଚଳରେ ମରି ପଡିଥିବା ଘୁଷୁରି।

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚାରଭାଟି ଅଞ୍ଚଳରେ ଘୁଷୁରି ମଡକ ଦେଖାଦେଇଛି। କୌଣସି ଅଜଣା ରୋଗ କାରଣରୁ ଘୁଷୁରିମାନେ ମରିପଡୁଛନ୍ତି। ଅଞ୍ଚଳର ଜନସାଧାରଣ ଘୁଷୁରି ପାଳନ କରି ବେଶ ଦୁଇପଇସା ରୋଜଗାର କରୁଛନ୍ତି। ହେଲେ ଏଭଳି ମୃତ୍ୟୁକୁ ନେଇ ମାଲିକମାନେ ଚିନ୍ତାରେ ପଡିଛନ୍ତି। ଅନ୍ୟପଟେ ଘୁଷୁରି ମରିବା ପରେ ମହାନଗର ନିଗମ କିମ୍ବା କୌଣସି ସଫେଇ କର୍ମଚାରୀଙ୍କୁ ପଇସା ଦେଇ ଲୋକେ ସଫେଇ କରିବାକୁ ବାଧ୍ୟ ହେଉଛନ୍ତି। ଘୁଷୁରି ଯୋଗୁ ସ୍ୱାଇନ ଫ୍ଲୁ ଆଦି ରୋଗ ହେଉଥିବା ବେଳେ ଏଭଳି ଘଟଣା ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି। କାହିଁକି ଘୁଷୁରିମାନେ ମୃତ୍ୟୁବରଣ କରୁଛନ୍ତି ତାହାର କାରଣ ଜଣାପଡୁ ନାହିଁ। ତେବେ ଗତ ସପ୍ତାହକ ଭିତରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଘୁଷୁରିଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଏହାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ତେଣୁ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଘରେ ଘୁଷୁରି ରଖିବା ପାଇଁ ନିଷେଧ କରାଯିବାକୁ ଜନସାଧାରଣ ଦାବି କରିଛନ୍ତି।

# ଶୂନ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବେଲପାହାଡ଼, ୧।୩(ଡି.ଏନ.ଏ.)**

ବେଲପାହାଡ ତେତେଲିଆବାହାଲ ମହିମା ଆଶ୍ରମରେ ନବ ନିର୍ମିତ ଶୂନ୍ୟ ତଥା ବତୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ମହିମା ଧର୍ମାବଲମ୍ବି ସାଧୁସନ୍ଥଙ୍କ ଆଗମନ ହୋଇଥିଲା। ମଙ୍ଗଳବାର କଳସ ଯାତ୍ରା ପରେ ବୁଧବାର ଅଖଣ୍ଡ ଧୁନି ଓ ବତୀ ପ୍ରଜ୍ୱଳନ କରାଯାଇ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଛି। ବାଲ୍ୟଲୀଳା ସମର୍ପଣ, ପ୍ରଭୁ ପ୍ରାର୍ଥନା, ଭଜନ, ନାମ ସଂକୀର୍ତ୍ତନ ଅହୋରାତ୍ର ଚାଲିଛି। ମଠାଧିଶ ଶଙ୍କର ବାବା, ଆଞ୍ଚଳିକ ବାବା ଓ କୌପୀନଧାରୀ ମହିମା ସମାଜର ପୂର୍ବତନ ପରିଚାଳକ ଅବିନାଶୀ ବାବା, ପୂର୍ବତନ ସହ ପରିଚାଳକ ନିମାଇଁ ଚରଣ ବାବା, ସମ୍ବଲପୁର ସଭାପତି ଲାଲମୋହନ ବାବା, କେନ୍ଦୁଝର ସଭାପତି ଯଶୋବନ୍ତ ବାବା, ଉପସଭାପତି ବେଣୁଧର ବାବା, ଭଦ୍ରକ ଆଞ୍ଚଳିକ ସନ୍ୟାସୀ ସୁରେଶ କୁମାର ବାବା. କୋରାପୁଟ ଅଞ୍ଚଳର ସୁମନ୍ତ ବାବା ଓ ହୃଷିକେଶ ବାବା, ବୌଦ୍ଧ ଅଞ୍ଚଳର ବିଶିଷ୍ଟ ସନ୍ୟାସୀ ଶ୍ରୀମଦ୍ଦ ଚନ୍ଦ୍ରମଣି ବାବା ପ୍ରମୁଖ ସାଧୁସନ୍ଥ ଉପସ୍ଥିତ ଥିଲେ । କର୍ତ୍ତା ଭାବେ ଜୟନ୍ତି ଓ ରାଜାରାମ ବୁଧିଆ ପୂଜା କାର୍ଯ୍ୟ ତୁଲାଇଥିଲେ।



ଉତ୍ସବରେ ଯୋଗଦେଇଥିବା ସାଧୁସନ୍ଥ।

# ବ୍ଲକ ସମ୍ମୁଖରେ ପୋଡ଼ିଦେଲେ ପୁରୁଣା ରେକର୍ଡ

**ସମ୍ବଲପୁର, ୧।୩(ବ୍ୟୁରୋ)**



ବ୍ଲକ ପରିସରରେ ମହିଳମାନେ ରେକର୍ଡପତ୍ରରେ ନିଆଁ ଲଗାଇ ଦେଉଛନ୍ତି।

ରାଜ୍ୟ ସରକାର ମହିଳାଙ୍କୁ ସଶକ୍ତୀକରଣ କରିବାକୁ ମିଶନ ଶକ୍ତି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପୂର୍ବରୁ ଥିବା ଏସ୍ଏଚ୍‌ଜି ଓ ନୂଆ ଗ୍ରୁପ ଗଠନ କରି ପଞ୍ଚାୟତ ଓ ବ୍ଲକ ସ୍ତରରେ ମହିଳାଙ୍କୁ ଏକାଠି କରାଯାଉଛି। ଏଥିପାଇଁ ପଞ୍ଚାୟତ, ବ୍ଲକ ଓ ଜିଲା ସ୍ତରରେ ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଏହି ଯୋଜନାରେ ମହିଳାମାନେ ସ୍ୱାବଲମ୍ବି ହୋଇପାରୁ ନାହାନ୍ତି। ଏଥିରେ ସମ୍ପୃକ୍ତ ରହି କାର୍ଯ୍ୟ କରୁଥିବା ଅଧିକାରୀମାନେ କେବଳ ଆର୍ଥିକ ଭାବେ ଶକ୍ତିଶାଳୀ ହେଉଛନ୍ତି। ଏବେ ଆଉ ମହିଳାମାନଙ୍କୁ ଭଣ୍ଡାଇ ପାରିବେ ନାହିଁ। ଆମ ନାମରେ କୋଟି କୋଟି ଟଙ୍କା ଲୁଟ କରିବାକୁ ଦିଆଯିବ ନାହିଁ। ଆମେ ମହିଳା ସଂଗଠନରୁ ନିଜକୁ ନିବୃତ୍ତ ରଖୁଛୁ ବୋଲି ଏସ୍ଏଚ୍‌ଜି ମହିଳାମାନେ କହି ବୁଧବାର ଯୁଯୁମୁରା ବ୍ଲକ ଅଫିସ ପରିସରରେ ସଂଗଠନର ପୁରୁଣା ଓ ନୂଆ ରେକର୍ଡ ବହିରେ ନିଆଁ ଲଗାଇ ପୋଡି ଦେଇଥିଲେ।

କେଶାପାଲି ପଞ୍ଚାୟତର ମିଶନଶକ୍ତି ଅଧୀନରେ ଥିବା ୨୧ ଗୋଟି ଏସ୍ଏଚ୍‌ଜି ମହିଳା ଏକ ଶୋଭାଯାତ୍ରା କରି ବ୍ଲକ ଅଫିସରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଅନୁଷ୍ଠିତ ସଭାରେ ସେମାନେ ଅଭିଯୋଗ କରିଥିଲେ,

**ମିଶନଶକ୍ତି ନାମରେ ଅଧିକାରୀ ଆର୍ଥିକ ଶକ୍ତିଶାଳୀ**

୨୦୧୬ରୁ ଗ୍ରୁପ ଗଠନ ହେବା ପରେ ଠିକ୍ ଭାବେ ପରିଚାଳିତ ହେଉଥିଲା। କେତେକ ପ୍ରକଳ୍ପ କାମ ତଦାରଖ କରିବା ଓ କାମ କରିବାକୁ ଗ୍ରୁପ ଚୟନ କରାଯାଇଥିଲା। ସରକାରଙ୍କ ବିଭିନ୍ନ ବିଭାଗରେ ଆସୁଥିବା ଟଙ୍କା ଆମ ମାଧ୍ୟମରେ ଖର୍ଚ୍ଚ କରାଯାଇଛି। ବିଶେଷ ଭାବେ ପାଇଖାନା ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ହେଲେ ପାଇଖାନା ନିର୍ମାଣ ନ କରି ମିଥ୍ୟା ବିଲ୍ କରି ସ୍ଥାନୀୟ କର୍ମଚାରୀଙ୍କ ସହ ଠିକାଦାର ମିଶି ଟଙ୍କା ହଡପ କରିଛନ୍ତି। ଓଡ଼ିଶା ଜୀବିକା ମିଶନ ଅଧୀନରେ ମଧ୍ୟ ଅନେକ ପ୍ରକଳ୍ପ କରି ଟଙ୍କା ଲୁଟି ନିଆଯାଇଛି। ସରକାର କରୁଥିବା ଯୋଜନା ବାସ୍ତବରେ ମହିଳାମାନଙ୍କ ପଖେର ପହଞ୍ଚିପାରୁ ନାହିଁ। ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରିବା, ସ୍କୁଲ ଓ ହଷ୍ଟେଲରେ ମନମୁଖି କର୍ମଚାରୀ ନିଯୁକ୍ତି ଦେବା, ପାଇଖାନା ନିର୍ମାଣ ଟଙ୍କା ଅନ୍ୟ ଏସ୍ଏଚ୍‌ଜି ନାମରେ ଉଠାଇନେବା, ସରକାରୀ ଯୋଜନାରେ ଆସିଥିବା କୃଷି ଉପକରଣ ଉପଯୁକ୍ତ ହିତାଧିକାରୀଙ୍କ ପାଖରେ ନ ପହଞ୍ଚିବା ଭଳି ଅନେକ ଅନିୟମିତତା ହୋଇଛି। ଏହାକୁ ନେଇ ପୂର୍ବରୁ ବିଡିଓ ଓ ଜିଲାପାଳଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ତେଣୁ ଗ୍ରୁପରେ ରହି ଲାଭ ନାହିଁ, ଆମ ନାମରେ ଅନ୍ୟ ଲୋକ ଲାଭ ନେଉଥିବାରୁ କାଗଜପତ୍ର ପୋଡି ଦେଉଥିବା କହିଥିଲେ। ବିଡିଓ ନୀଳାମ୍ବର ମହାନନ୍ଦ ଆସି ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ପରେ ସେ ତଦନ୍ତ କରିବା ପାଇଁ ସମୟ ମାଗିଥିଲେ।

**କଶ୍ମୀରରେ ୩ ମାସ ପରେ ଖୋଲିଲା ସ୍କୁଲ**

୩ ମାସର ଶୀତକାଳୀନ ଛୁଟି ପରେ ବୁଧବାର ଜମ୍ମୁ-କଶ୍ମୀରରେ ସ୍କୁଲ ଖୋଲିଛି। ସ୍ଥାନୀୟ ଅଞ୍ଚଳରେ ଶୀତର ପ୍ରକୋପ କମିଥିବାବେଳେ ଛାତ୍ରୀଛାତ୍ରଙ୍କ ସ୍କୁଲ ଯିବା ଆସିବାରେ କୌଣସି ଅସୁବିଧା ହେଉ ନ ଥିବା କର୍ତ୍ତୃପକ୍ଷଙ୍କ ତରଫରୁ କୁହାଯାଇଛି। ସହରରେ ଜି-୨୦ ବୈଠକ ଏବଂ ସ୍ମାର୍ଟ ସିଟି ପ୍ରୋଜେକ୍ଟ ପାଇଁ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ସ୍କୁଲ ସମୟକୁ ଆଗୁଆ କରାଯାଇଥିବା କଶ୍ମୀରର ଡିଭିଜନାଲ କମିଶନର ଭି.କେ. ଭିଦୁରି କହିଛନ୍ତି। ତେବେ ସ୍କୁଲ ଖୋଲିବା ନେଇ ଛାତ୍ରୀଛାତ୍ର ଖୁସିଥିବା ପ୍ରତିକ୍ରିୟା ଦେଇଛନ୍ତି।

## ସଂକ୍ଷେପରେ

### ବିବାହ ପ୍ରସ୍ତାବରେ ରାଜି ନ ହେବାରୁ ଯୁବତୀଙ୍କୁ ହତ୍ୟା

**ବେଙ୍ଗାଲୁରୁ, ୧।୩:** ବିବାହ ପ୍ରସ୍ତାବରେ ରାଜି ନ ହେବାରୁ ବେଙ୍ଗାଲୁରୁରେ ଯୁବତୀଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି ପ୍ରେମିକ ଦିନାକର। ମୃତା ଲୀନାଙ୍କ ଘର ଆନ୍ଧ୍ର ପ୍ରଦେଶର କାକିନାଡାରେ ହୋଇଥିବାବେଳେ ହତ୍ୟାକାରୀ ଦିନାକର ଶ୍ରୀକାକୁଲମର ବାସିନ୍ଦା। ଦୁହେଁ ଭିନ୍ନ ଜାତିର ହୋଇଥିବାରୁ ଲୀନାଙ୍କ ଘରେ ବିରୋଧ କରିବେ ବୋଲି ସେ ଦିନାକରଙ୍କ ବିବାହ ପ୍ରସ୍ତାବରେ ରାଜି ହୋଇ ନ ଥିଲେ। ଦୀନାକର ଏଥିରେ ରାଗିଯାଇ ଲୀନାଙ୍କ ଶରୀରରେ ଏକାଧିକ ଥର ଛୁରାମାଡ଼ କରି ହତ୍ୟା କରିଥିବା ପୋଲିସ କହିଛି। ଲୀନା ବେଙ୍ଗାଲୁରୁରେ ଚାକିରି କରିଥିଲେ। ଦିନାକରଙ୍କ ସହ ତାଙ୍କର ୫ ବର୍ଷର ପ୍ରେମ ସମ୍ପର୍କ ଥିବା ଜଣାପଡିଛି।

### ଅମାନିଆ ଝିଅକୁ ଜାଳିଦେଲେ ମା’

**ଲକ୍ଷ୍ନୌ, ୧।୩:** ଉତ୍ତରପ୍ରଦେଶ ଅଲିଗଡ଼ସ୍ଥିତ ମହମ୍ମଦପୁର ବଦେରା ଗ୍ରାମରେ ଅମାନିଆ ହେବାରୁ ୫ ବର୍ଷର ଝିଅକୁ ମା’ ଜାଳିଦେଇଥିବା ସାମ୍ନାକୁ ଆସିଛି। ଗୁରୁତର ଆହତ ଅବସ୍ଥାରେ ସୋମବାର ସନ୍ଧ୍ୟାରେ ଝିଅ ବନ୍ଦନାକୁ ଡାକ୍ତରଖାନାକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମଙ୍ଗଳବାର ସ୍ୱାମୀ ଭାନୁ ପ୍ରତାପ ସିଂ ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ଆଶା ଦେବୀଙ୍କୁ ପୋଲିସ ଗିରଫ କରିନେଇଛି। ବନ୍ଦନା ଓ ତାଙ୍କ ଭାଇ କୁନାଲ ସୋମବାର ଘର ବାହାରେ ଖେଳୁଥିଲେ। ସନ୍ଧ୍ୟା ହୋଇଯିବାରୁ ଆଶା ସେମାନଙ୍କୁ ଘରକୁ ଆସିବା ପାଇଁ କହିଥିଲେ। କିନ୍ତୁ ମା’ଙ୍କ କଥା ନ ମାନି ସେମାନେ ବାହାରେ ଖେଳିଥିଲେ। ଆଶା ରାଗିଯାଇ ବନ୍ଦନା ଓ କୁନାଲଙ୍କୁ ମାଡ଼ ମାରିଥିଲେ। ଏପରିକି ବନ୍ଦନାଙ୍କ ଉପରେ ସାନିଟାଇଜର ଢାଳି ନିଆଁ ଲଗାଇ ଦେଇଥିଲେ। ବନ୍ଦନା ଜଳି ଯାଇଥିବାବେଳେ ତାଙ୍କୁ ରକ୍ଷା କରିବାକୁ ଯାଇ ଆଶାଙ୍କ ଦୁଇ ହାତ ପୋଡ଼ି ଯାଇଛି।

### କେମ୍ବ୍ରିଜ୍‌ରେ ରାହୁଲଙ୍କ ନୂଆ ଲୁକ୍



**ନୂଆଦିଲ୍ଲୀ, ୧।୩:** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନୂଆ ଲୁକ୍‌କୁ ନେଇ ଏବେ ଚାରିଆଡେ ଚର୍ଚ୍ଚା। ସାତ ଦିନିଆ ଟୁର ପାଇଁ ରାହୁଲ ମଙ୍ଗଳବାର ଲଣ୍ଡନରେ ପହଞ୍ଚିଥିବାବେଳେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଭାଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ୫୨ ବର୍ଷୀୟ ରାଜନେତାଙ୍କ ସଦ୍ୟ ଲଣ୍ଡନ ଗସ୍ତବେଳେର ଫଟୋ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ଭାରତ ଯୋଡ଼ୋ ଯାତ୍ରା ସମୟର ରାହୁଲଙ୍କ ଲୁକ୍ ଓ ବର୍ତ୍ତମାନର ଲୁକ୍ ସମ୍ପୂର୍ଣ୍ଣ ଭିନ୍ନ ରହିଛି। ତାଙ୍କ ନୂଆ ଲୁକ୍‌ରେ ଆଉ ସେ ଲମ୍ବା ଦାଢ଼ି ନାହିଁ କି ମୁଣ୍ଡରେ ଲମ୍ବା କେଶ ନାହିଁ। ରାହୁଲ ଦାଢ଼ି ଓ କେଶକୁ କାଟି ଛୋଟାଇ ଦେଇଥିବା ଭାଇରାଲ ଫଟୋରେ ଦେଖିବାକୁ ମିଳୁଛି। ଅନ୍ୟପକ୍ଷେ କେମ୍ବ୍ରିଜ୍‌ରେ ଭାଷଣ ଦେଇ ରାହୁଲ ଖୁସି ଥିବା ଟୁଇଟରରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି।



ଗ୍ରୀସ୍‌ର ଲାରିସା ସହର ନିକଟରେ ଦୁଇ ଟ୍ରେନ୍ ଧକ୍କା ହେବା ପରେ ଉଦ୍ଧାର କାର୍ଯ୍ୟ ଚାଲିଛି।

# ୨ ଟ୍ରେନ୍ ଧକ୍କା: ୪୦ ମୃତ

**ଲାରିସା, ୧।୩**

■ଗୋଟିଏ ଟ୍ରାକ୍‌ରେ ଧାଉଁଥିଲା ଯାତ୍ରୀବାହୀ ଓ ମାଲବାହୀ ଟ୍ରେନ୍

■ପାସେଞ୍ଜର୍‌ରେ ୩୫୦ ଯାତ୍ରୀ, କାର୍ଗୋ ଟ୍ରେନ୍‌ରେ ୨ କ୍ରିଉ ଥିଲେ

■ଗ୍ରୀସ୍‌ରେ ୩ ଦିନିଆ ଜାତୀୟ ଶୋକ ଘୋଷଣା

■ଇସ୍ତଫା ଦେଲେ ପରିବହନ ମନ୍ତ୍ରୀ

ଗ୍ରୀସ୍‌ର ଲାରିସା ସହର ନିକଟରେ ମଙ୍ଗଳବାର ମଧ୍ୟରାତ୍ରିରେ ଦୁଇଟି ଟ୍ରେନ୍ ମଧ୍ୟରେ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ୪୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୮୫ ଆହତ ହୋଇଛନ୍ତି। ଫଳରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଏହାକୁ ଦେଶର ସବୁଠୁ ଘାତକ ଟ୍ରେନ୍ ଦୁର୍ଘଟଣା ବୋଲି କୁହାଯାଉଛି। ଟ୍ରେନ୍ ଦୁର୍ଘଟଣା ପରେ ପରିବହନ ମନ୍ତ୍ରୀ କୋସ୍‌ଟାସ୍ କାରାମାନିଲ୍ସ ମୃତକମାନଙ୍କ ସମ୍ମାନରେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଦେଶରେ ୩ ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ କରିବା ପାଇଁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। କାର୍ଗୋ ଟ୍ରେନ୍ ରାତି ୭ଟା ୩୦ରେ ଥେସାଲୋନିରୁ ବାହାରି ଲାରିସାକୁ ଯାତ୍ରା କରୁଥିଲା। ରାଜଧାନୀ ଏଥେନ୍ସଠାରୁ ୩୮୦ କି.ମି. ଉତ୍ତରରେ ଭେଲ୍ ଅଫ୍ ଟେମ୍ପେ ନିକଟରେ ଦୁଇ ଦ୍ରୁତଗାମୀ ଟ୍ରେନ୍ ପରସ୍ପରକୁ ଧକ୍କା ଦେବାର କାରଣ ସ୍ପଷ୍ଟ ହୋଇନାହିଁ। ଲାରିସା ଷ୍ଟେଶନ ମାଷ୍ଟରଙ୍କୁ କର୍ତ୍ତବ୍ୟରେ ଅବହେଳା ପାଇଁ ଗିରଫ କରାଯାଇଛି। ପୋଲିସ ତାଙ୍କ ନାମ ପ୍ରକାଶ କରିନାହିଁ। ଏହି ମାମଲାରେ ଅନ୍ୟ ୨ ଜଣଙ୍କୁ ପଚରାଉଚରା ପାଇଁ ଅଟକ ରଖାଯାଇଛି। ସ୍ଥାନୀୟ ସରକାରୀ ଚ୍ୟାନେଲ ଇଟିଆର୍ ଅନୁସାରେ ଦୁର୍ଘଟଣା ପୂର୍ବରୁ ଦୁଇ ଟ୍ରେନ୍‌ର ଘଣ୍ଟାପ୍ରତି ବେଗ ୧୪୦ କି.ମି. ଥିଲା। ଟ୍ରେନ୍ ପରସ୍ପର ସହ ଧକ୍କା ହେବାରୁ ଅନେକ ଯାତ୍ରୀ ଛିଟିକିପଡ଼ି ବାହାରେ ପଡ଼ିଯାଇଥିଲେ।



ଜଣେ ଆହତ ଯାତ୍ରୀଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଉଛି।

କେତେଜଣଙ୍କ ମୃତଦେହ ଦୁର୍ଘଟଣାସ୍ଥଳରୁ ୩୦-୪୦ ମିଟର ଦୂରରେ ମିଳିଥିବା ଉଦ୍ଧାରକାରୀ ଦଳ କହିଛି। ତାପମାତ୍ରା ଅହେତୁକ ବୃଦ୍ଧି ପାଉଥିବାରୁ ଟ୍ରେନ୍‌ରେ ଥିବା ଲୋକଙ୍କୁ ଚିହ୍ନଟ କରିବାରେ ଅସୁବିଧା ହେଉଥିବା ଫାୟାର ସର୍ଭିସ୍ ମୁଖପାତ୍ର ଭାସିଲିସ୍ ଭର୍ଥାକୋୟିଆନିସ୍ କହିଛନ୍ତି। କ୍ରେନ୍ ସହାୟତାରେ ସେନା ପକ୍ଷରୁ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ଆହତଙ୍କ ମଧ୍ୟରୁ ୬୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୩୫୦ ଯାତ୍ରୀଙ୍କ ମଧ୍ୟରୁ ଅଧିକାଂଶ ଛାତ୍ରୀଛାତ୍ର ଥିଲେ। ସେମାନେ ଗ୍ରୀସ୍ କାର୍ନିଭାଲରୁ ଫେରୁଥିଲେ। କୋଭିଡ୍-୧୯ ମହାମାରୀଜନିତ ଲକ୍‌ଡାଉନ୍ ଯୋଗୁ ୩ ବର୍ଷ ଧରି ଏହି ଉତ୍ସବ ପାଳନ କରାଯାଇ ନ ଥିଲା। ଗ୍ରୀସ୍ ପ୍ରଧାନମନ୍ତ୍ରୀ କିରିଆକୋସ୍ ମିଟ୍‌ସୋଟାକିସ୍ କହିଛନ୍ତି, ତାଙ୍କ ସରକାର ଆହତଙ୍କୁ ଉଦ୍ଧାର ଓ ମୃତକଙ୍କ ପରିଚୟ ସ୍ପଷ୍ଟ ପାଇଁ ନିଶ୍ଚିତ ଭାବେ ସାହାଯ୍ୟ କରିବେ। ରାଷ୍ଟ୍ରପତି କ୍ୟାଟ୍ରିନା ସକେଲାରୋପୋଉଲୋଉ ମାଲ୍‌ଡୋଭା ଗସ୍ତ କାଟଛାଣ୍ଟ କରିବା ସହ ଦୁର୍ଘଟଣାସ୍ଥଳ ପରିଦର୍ଶନ କରି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ବୁଧବାରଠାରୁ ଦେଶରେ ୩ ଦିନିଆ ରାଷ୍ଟ୍ରୀୟ ଶୋକ ଦିବସ ପାଳନ କରାଯିବ। ବ୍ରସେଲ୍ସରେ ଥିବା ୟୁରୋପୀୟ କମିଶନ୍ (ଇୟୁ)ର ସମସ୍ତ ଅଫିସରେ ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯିବ। କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

## ଉହାନ ଲାବ୍‌ରୁ ବ୍ୟାପିଛି କରୋନା

**ୱାଶିଂଟନ୍, ୧।୩**

### ଏଫ୍‌ବିଆଇ ପ୍ରଘଟକୁ ଖଣ୍ଡନ କଲା ଚାଇନା



ସାରା ବିଶ୍ୱରେ ଲଗାତର ୪ ବର୍ଷ ଧରି କାୟା ବିସ୍ତାର କରିଥିବା କରୋନା ମହାମାରୀ ଚାଇନାରୁ ବ୍ୟାପିଛ ଏବଂ ଏହି ଭୂତାଣୁ ଚାଇନାର ଉହାନ୍ ଲାବ୍‌ରୁ ଲିକ୍ ହୋଇଥିବା ଆମେରିକାର ଫେଡେରାଲ୍ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ) ନିର୍ଦ୍ଦେଶକ ଖ୍ରୀଷ୍ଟୋଫର ରେ’ ଫୋକ୍ସ ନ୍ୟୁଜ୍‌କୁ ମଙ୍ଗଳବାର ଦେଇଥିବା ସାକ୍ଷାତ୍‌କାରରେ କହିଛନ୍ତି। ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ ମଧ୍ୟ ଏ ନେଇ ଖବର ପ୍ରକାଶ ପାଇଛି। କିନ୍ତୁ ହ୍ୱାଇଟ୍ ହାଉସ୍ ପକ୍ଷରୁ କୋଭିଡ୍-୧୯ ନେଇ ମିଳିଥିବା ପ୍ରତିକ୍ରିୟା ଅଲଗା ରହିଛି। ଆମେରିକୀୟ ନ୍ୟାଶନାଲ ସିକ୍ୟୁରିଟି ମୁଖପାତ୍ର ଜନ୍ କିର୍ବି କହିଛନ୍ତି, କୋଭିଡ୍ ମହାମାରୀର ଉତ୍ପତ୍ତିସ୍ଥଳକୁ ନେଇ ସରକାର କୌଣସି ନିର୍ଯ୍ୟାସରେ ପହଞ୍ଚିପାରି ନାହାନ୍ତି। ଅନ୍ୟପକ୍ଷେ ଏଜେନ୍ସିର ଗୋପନୀୟତା ସୂତ୍ରରୁ ଉହାନରୁ ଭୂତାଣୁ ଲିକ୍ ନେଇ ଖ୍ରୀଷ୍ଟୋଫର ଅଧିକ ତଥ୍ୟ ଗଣମାଧ୍ୟମକୁ ଦେଇପାରିବେ ନାହିଁ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

ତେବେ ଏଫ୍‌ବିଆଇ ନିର୍ଦ୍ଦେଶକଙ୍କ ବୟାନକୁ ବେଜିଂ ଖଣ୍ଡନ କରିଛି। ଚାଇନା ଲାବ୍‌ରୁ କୋଭିଡ୍ ଭୂତାଣୁ ବ୍ୟାପି ନ ଥିବା ଚାଇନା ପକ୍ଷରୁ ବୁଧବାର କୁହାଯାଇଛି। ସେଠାକାର ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ କହିଛନ୍ତି, କୋଭିଡ୍-୧୯ ଭୂତାଣୁର ଉତ୍ପତ୍ତିସ୍ଥଳକୁ ନେଇ ଆମେରିକୀୟ ଇଣ୍ଟେଲିଜେନ୍ସ କମ୍ୟୁନିଟି ରାଜନୀତିକରଣ କରୁଛି। ‘ଲାବ୍ ଲିକ୍ ଥିଓରି’କୁ ଦୋହରାଇ ଆମେରିକା ଚାଇନାର ଅପମାନ କରୁନାହିଁ ବରଂ ନିଜର ବିଶ୍ୱସନୀୟତାକୁ କ୍ଷତି ପହଞ୍ଚାଉଛି ବୋଲି ମାଓ କହିଛନ୍ତି। ଆମେରିକାକୁ ଆମ ତରଫରୁ ଦାବି ରହିବ ଯେ, ବିଜ୍ଞାନ ଓ ସତକୁ ସେ ସମ୍ମାନ କରୁ।

## ଟିକ୍‌ଟକ୍‌କୁ ବ୍ୟାନ୍ କଲା ୟୁରୋପୀୟ ପାର୍ଲାମେଣ୍ଟ



**ବ୍ରସେଲ୍ସ, ୧।୩**

ଚାଇନାର ଶର୍ଟ ଭିଡିଓ ଆପ୍ ଟିକ୍‌ଟକ୍‌କୁ ବ୍ୟାନ୍ କଲା ୟୁରୋପୀୟ ପାର୍ଲାମେଣ୍ଟ। ଡେଟା ସୁରକ୍ଷା ଦୃଷ୍ଟିରୁ ପାର୍ଲାମେଣ୍ଟ କର୍ମଚାରୀ ବ୍ୟବହାର କରୁଥିବା ଡିଭାଇସ୍‌ରୁ ଟିକ୍‌ଟକ୍ ଆପ୍ ହଟାଇବା ଲାଗି ୟୁରୋପୀୟ ପାର୍ଲାମେଣ୍ଟ ପକ୍ଷରୁ କର୍ମଚାରୀମାନଙ୍କୁ କୁହାଯାଇଛି। ଗତ ସପ୍ତାହରେ ୟୁରୋପୀୟ ସଂଘ (ଇୟୁ) ପକ୍ଷରୁ ସମାନ ନିର୍ଦ୍ଦେଶ ଦିଆଯାଇଥିଲା। ପାର୍ଲାମେଣ୍ଟ ସଭାପତି ରୋବର୍ଟା ମେଟସୋଲା ଏବଂ ସେକ୍ରେଟାରି ଜେନେରାଲ ଆଲେଜାଣ୍ଡ୍ରୋ ଟିଓଚେଟି ମିଳିତ ଭାବେ ଏହି ନିଷ୍ପତ୍ତି ନେଇଛନ୍ତି। ପାର୍ଲାମେଣ୍ଟ କର୍ମଚାରୀଙ୍କ ମୋବାଇଲ୍ ଫୋନ୍, ଟାବ୍‌ଲେଟ୍ ଏବଂ ଲାପ୍‌ଟପ୍‌ରୁ ଟିକ୍‌ଟକ୍ ଆପ୍ ହଟାଯିବା ଲାଗି ମଙ୍ଗଳବାର ନୋଟିସ ଜାରି କରାଯାଇଛି। ତେବେ ଏହି ନୂଆ ନିୟମ ମାର୍ଚ୍ଚ ୨୦ରୁ ଲାଗୁ କରାଯିବ।

## ସିପିଆର୍‌କୁ ବିଦେଶୀ ପାଣ୍ଠି ମନା

**ନୂଆଦିଲ୍ଲୀ, ୧।୩**

### ଏଫ୍‌ସିଆର୍‌ଏ ଲାଇସେନ୍ସ ରଦ୍ଦ କଲା କେନ୍ଦ୍ର




ଜଣାଶୁଣା ପବ୍ଲିକ୍ ଥିଙ୍କ୍‌ଟ୍ୟାଙ୍କ୍ ସେଣ୍ଟର୍ ଫର୍ ପଲିସି ରିସର୍ଚ୍ଚ (ସିପିଆର୍)ର ଫରେନ୍ କଣ୍ଟ୍ରିବ୍ୟୁଶନ୍ ରେଗୁଲେଶନ୍ ଆକ୍ଟ (ଏଫ୍‌ସିଆର୍‌ଏ) ଲାଇସେନ୍ସକୁ ବୁଧବାର କେନ୍ଦ୍ର ସରକାର ରଦ୍ଦ କରିଦେଇଛନ୍ତି। ଆୟକର ଆଇନ ଉଲ୍ଲଂଘନ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଫଳରେ ଏଣିକି ସିପିଆର୍ କୌଣସି ବିଦେଶୀ ପାଣ୍ଠି ଗ୍ରହଣ କରିପାରିବ ନାହିଁ।

ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଣଲାଭକାରୀ ସଂସ୍ଥା ସିପିଆର୍ ଇଣ୍ଡିଆନ୍ କାଉନ୍‌ସିଲ୍ ଫର୍ ସୋସିଆଲ ସାଇନ୍ସ ଆଣ୍ଡ ରିସର୍ଚ୍ଚଠାରୁ ଅନୁଦାନ ଲାଭ କରିଥାଏ। ଏହାର ଦାତାଙ୍କ ମଧ୍ୟରେ ଅଛନ୍ତି ବିଲ୍ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେଶନ, ପେନ୍‌ସିଲଭାନିଆ ୟୁନିଭର୍ସିଟି, ୱାର୍ଲ୍ଡ ରିସୋର୍ସେସ୍ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଡ୍ୟୁକ୍ ୟୁନିଭର୍ସିଟି। ଏହି କାର୍ଯ୍ୟାନୁଷ୍ଠାନ ପରେ ସିପିଆର୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଗତବର୍ଷ ସେପ୍ଟେମ୍ବରରେ ଥିଙ୍କ୍‌ଟ୍ୟାଙ୍କ୍ ଅଫିସଗୁଡ଼ିକରେ ଆଇଟି ବିଭାଗ ଚଢ଼ାଉ କରିଥିଲା। ପରବର୍ତ୍ତୀ ସମୟରେ ବିଭାଗ ପକ୍ଷରୁ ଅନେକ ନୋଟିସ୍ ଜାରି ହୋଇଥିଲା। ଆୟକର ବିଭାଗରେ ଆବଶ୍ୟକ ଦସ୍ତାବିଜ ଦାଖଲ କରାଯାଇଛି। ଅଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ। ଆମେ ଉପଲବ୍ଧ ସମସ୍ତ ବିକଳ୍ପ ଉପରେ ବିଚାର କରୁଛୁ। ତୁରନ୍ତ ଏହାର ସମାଧାନ ହୋଇଯିବ ବୋଲି ସିପିଆର୍ ଆଶାବାଦୀ ଥିବା ଏଥିରେ କୁହାଯାଇଛି। ଅନ୍ୟପକ୍ଷେ ୨୦୨୧ରୁ ଲାଇସେନ୍ସ ନବୀକରଣ କରି ନ ଥିବା ସିପିଆର୍‌କୁ କେନ୍ଦ୍ର ସରକାର ଏଫ୍‌ସିଆର୍‌ଏ ପାଣ୍ଠି ଗ୍ରହଣ ସମ୍ପର୍କିତ ଦସ୍ତାବିଜ ମାଗିଥିବା ଜଣାପଡ଼ିଛି।

## ଜାଫରଙ୍କ ଘର ଭାଙ୍ଗିଲା ବୁଲ୍‌ଡୋଜର

**ଲକ୍ଷ୍ନୌ, ୧।୩**

### ଉମେଶ ପାଲ୍ ହତ୍ୟାକାଣ୍ଡ

■ ଜାଫରଙ୍କ ଘରେ ହୋଇଥିଲା ଯୋଜନା

■ମାରଣାସ୍ତ୍ର ଓ ବନ୍ଧୁକ ଜବତ



ଉତ୍ତର ପ୍ରଦେଶ ପ୍ରୟାଗରାଜରେ ଆଇନଜୀବୀ ଉମେଶ ପାଲଙ୍କ ହତ୍ୟା ଅଭିଯୁକ୍ତ ଜାଫର ଅହମଦଙ୍କ ଘର ବୁଧବାର ନଗର ନିଗମ ପକ୍ଷରୁ ବୁଲ୍‌ଡୋଜର ଲଗାଇ ଭାଙ୍ଗିଦିଆଯାଇଛି। ଜାଫରଙ୍କ ଘରୁ ବନ୍ଧୁକ ସାଙ୍ଗକୁ ବହୁ ମାରଣାସ୍ତ୍ର ପୋଲିସ ଜବତ କରିଛି। ଜେଲରେ ସଜା କାଟୁଥିବା ସମାଜବାଦୀ ପାର୍ଟି ନେତା ଆତିକ ଅହମଦଙ୍କ ଖାସ୍ ସହଯୋଗୀ ହେଉଛନ୍ତି ଜାଫର। ଜାଫରଙ୍କ ଘରେ ଅଭିଯୁକ୍ତମାନେ ଏକାଠି ହୋଇ ଉମେଶ ପାଲ୍‌ଙ୍କୁ ହତ୍ୟା କରିବାର ଯୋଜନା ପ୍ରସ୍ତୁତ କରିଥିବା ପୋଲିସ କହିଛି। ଘଟଣା ପରଠାରୁ ଜାଫର ଫେରାର୍ ଥିବା ଜଣାପଡ଼ିଛି। ବୁଧବାର ଆତିକଙ୍କ ଘରେ ପୋଲିସ ଚଢ଼ାଉ କରିଥିବାବେଳେ ଦୁଇଟି ଦାମୀ କାର୍ ଜବତ କରାଯାଇଛି। ତେବେ ଜାଫରଙ୍କ ଘର ବୁଲ୍‌ଡୋଜର ଲଗାଇ ଭଙ୍ଗାଯିବା ପରେ ଉମେଶ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଗୁଡ୍ଡୁ ମୁସ୍‌ଲିମ୍, ନାଫିଜ, ଅର୍ମାନଲ ସଦାକତ ଏବଂ ଘୁଲାମଙ୍କ ଘରେ ବୁଲ୍‌ଡୋଜର ଆକ୍ସନ ନିଆଯିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ସୋମବାର ୟୁପି ପୋଲିସ ଏନ୍‌କାଉଣ୍ଟରରେ ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ଅର୍ବାଜ୍‌ଙ୍କ ମୃତ୍ୟୁ ଘଟିଛି।



ଜାଫର ଅହମଦଙ୍କ ପ୍ରୟାଗରାଜସ୍ଥିତ ଚାକିୟାରେ ଥିବା ଘରକୁ ବୁଲ୍‌ଡୋଜରରେ ଭଙ୍ଗାଯାଉଛି।

## କିଙ୍ଗ୍ ଚାର୍ଲ୍ସଙ୍କ ରାଜାଭିଷେକ ପାଇଁ ସଜଡ଼ା ହେଲା ୭୦୦ ବର୍ଷ ପୁରୁଣା ସିଂହାସନ

**ଲଂଣ୍ଡନ, ୧।୩**

ବ୍ରିଟେନ୍‌ର କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କ କରୋନେଶନ୍ କାର୍ଯ୍ୟକ୍ରମ ପାଇଁ ୭୦୦ ବର୍ଷ ପୁରୁଣା ରାଜକୀୟ ସିଂହାସନକୁ ସଜଡ଼ା ଯାଇଥିବା ଲଣ୍ଡନର ୱେଷ୍ଟମିନିଷ୍ଟର ଆବେ ପକ୍ଷରୁ କୁହାଯାଇଛି। ଆସନ୍ତା ମେ ୬ରେ ଆବେଠାରେ କିଙ୍ଗ ଚାର୍ଲ୍ସ ଏବଂ କୁଇନ୍ କନସର୍ଟ କାମିଲାଙ୍କୁ ଆନୁଷ୍ଠାନିକ ଭାବେ ରାଜାଭିଷେକ କରାଯିବ। ପୂର୍ବରୁ ଏହି ସିଂହାସନରେ ବସାଇ କିଙ୍ଗ୍ ହେନେରି ଅଷ୍ଟମ, କୁଇନ୍ ଭିକ୍ଟୋରିଆ, ଏଲିଜାବେଥ୍ ଦ୍ୱିତୀୟଙ୍କ ରାଜାଭିଷେକ କରାଯାଇଥିଲା। କିଙ୍ଗ୍ ଏଡୱାର୍ଡ ପ୍ରଥମଙ୍କ ନିର୍ଦ୍ଦେଶକ୍ରମେ ଏହାର ନିର୍ମାଣ କରାଯାଇଥିଲା।



## ଦିନକୁ ୧୧ ମିନିଟ୍ ଚାଲିଲେ ଅକାଳ ମୃତ୍ୟୁ ଭୟ କମିବ

**ଲଣ୍ଡନ୍, ୧।୩**

ବୟସ ହେବା ପୂର୍ବରୁ ଘଟୁଥିବା ମୃତ୍ୟୁକୁ ଅକାଳ ବିୟୋଗ କୁହାଯାଏ। ବର୍ତ୍ତମାନ ସମୟରେ ଯୁବକ ତଥା ଯୁବତୀଙ୍କ ଅକାଳମୃତ୍ୟୁକୁ ନେଇ ଅନେକ ଖବର ପ୍ରକାଶ ପାଇବାରେ ଲାଗିଛି। ଏ ପ୍ରକାର ବିପଜ୍ଜନକ ସ୍ଥିତିରୁ ନିଜକୁ ସୁରକ୍ଷିତ ରଖିବା ସକାଶେ ପ୍ରତ୍ୟେକ ଦିନ ୧୧ ମିନିଟ୍ ବ୍ୟାୟାମ୍ ବା ଚାଲିବା ଆବଶ୍ୟକ। ଏପରି କରିବା ଦ୍ୱାରା ଅକାଳ ମୃତ୍ୟୁର ଡର ରହିବ ନାହିଁ ବୋଲି ବ୍ରିଟିଶ୍ ଜର୍ନାଲ ଅଫ୍ ସ୍ପୋର୍ଟସ୍‌ମେଡିସିନ୍‌ରେ ଉଲ୍ଲେଖ କରାଯାଇଛି। ଶାରୀରିକ କ୍ରିୟା ଦ୍ୱାରା ହୃଦ୍‌ଜନିତ ରୋଗ, କ୍ୟାନ୍‌ସର ଭଳି ରୋଗକୁ ମଧ୍ୟ ଦୂର କରାଯାଇପାରିବ।



ପ୍ରତି ସପ୍ତାହରେ ୧୫୦ ମିନିଟ୍ ବ୍ୟାୟାମ କରିବା ଶରୀର ପକ୍ଷେ ହିତକାର ବୋଲି ବ୍ରିଟେନ୍‌ର ନ୍ୟାଶନାଲ ହେଲ୍‌ଥ ସର୍ଭିସ୍ (ଏନ୍‌ଏଚ୍‌ଏସ୍) ପକ୍ଷରୁ କୁହାଯାଇଛି। ବିଶେଷଜ୍ଞମାନେ ୩୦ ନିୟୁତ ଲୋକଙ୍କୁ ନେଇ ଏ ସମ୍ପର୍କିତ ଅଧ୍ୟୟନ କରିଛନ୍ତି। ସୁସ୍ଥ ରହିବା ଏବଂ ଦୀର୍ଘାୟୁ ହେବାକୁ ପ୍ରତ୍ୟେକ ବ୍ୟକ୍ତିଙ୍କ ଆଶା ଥାଏ ସେଥିପାଇଁ ୭ ଦିନରେ ୧୫୦ ମିନିଟ୍‌ର ବ୍ୟାୟାମ ନିତାନ୍ତ ଆବଶ୍ୟକ ବୋଲି କେମ୍ବ୍ରିଜ୍ ମେଡିକାଲ୍ ରିସର୍ଚ୍ଚ କାଉନ୍‌ସିଲ (ଏମ୍‌ଆର୍‌ସି)ର ଡା. ସୋରେନ୍ ବ୍ରେଜ୍ କହିଛନ୍ତି। ପ୍ରାରମ୍ଭିକ ସମୟରେ ସପ୍ତାହକୁ ୭୫ମିନିଟ୍ ଏକ୍ସରସାଇଜ୍ ବା ନିୟମିତ ଚାଲିବା ଜରୁରୀ। ଏହାକୁ ଅଭ୍ୟାସ କଲେ ବ୍ୟାୟାମ କରିବାର ସମୟ ମଧ୍ୟ ଟାର୍ଗେଟ୍ ସମୟରେ ପହଞ୍ଚିପାରିବ। ପ୍ରତି ସପ୍ତାହରେ ୧୫୦ ମିନିଟ୍ ଶାରୀରିକ କ୍ରିୟା କରିବା ହେତୁ ପ୍ରତି ୬ ଜଣଙ୍କ ମଧ୍ୟରୁ ଜଣଙ୍କ ଅକାଳ ବିୟୋଗ ଦୂର ହେବ ବୋଲି ଅଧ୍ୟୟନ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ନିକଟରେ ତେଲଙ୍ଗାନା ନିର୍ମଳ ଜିଲା କୁବୀର ମଣ୍ଡଳ ଗ୍ରାମରେ ଏକ ବରଯାତ୍ରୀ ପ୍ରଶେସନରେ ନାଚୁଥିବାବେଳେ ଜଣେ ଯୁବକଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ସେହିପରି ଗାଡ଼ି ଚଲାଉଥିବା ବେଳେ କିମ୍ବା କୌଣସି କାମ କରୁଥିବା ସମୟରେ କେତେଜଣଙ୍କ ଅକାଳମୃତ୍ୟୁ ଖବର ପୂର୍ବଦିନମାନଙ୍କରେ ଖବରକାଗଜ ଓ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏ ପ୍ରକାର ମୃତ୍ୟୁରୁ ନିଜକୁ ସୁରକ୍ଷିତ ରଖିବାକୁ ହେଲେ ପ୍ରତିଦିନ ବ୍ୟାୟାମ କରିବା ଜରୁରୀ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବରଗଡ଼ ମୁଖ୍ୟ କେନାଲରେ ଗର୍ତ୍ତ



ଘଟଣାସ୍ଥଳରେ ମରାମତି କାର୍ଯ୍ୟ ଚାଲିଛି (ବାମ)। ତୁରନ୍ତ କେନାଲ ମରାମତି ପାଇଁ ଚାଷୀନେତା ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି ।

**ବରଗଡ଼ ଅଫିସ୍,୧।୩**

- ୬ଦିନ ହେଲା ଜମିକୁ ମାଡୁନି ପାଣି
- ୧.୩୦ଲକ୍ଷ ହେକ୍ଟର ଚାଷ ପ୍ରଭାବିତ
- ଗର୍ତ୍ତକୁ ଖୋଜି ପାଉନି କେନାଲ ବିଭାଗ
- ଅନ୍ଧାରରେ ବାଡ଼ି ବୁଲାଇ ଚାଲିଛି ମରାମତି

ବରଗଡ଼ ମୁଖ୍ୟ କେନାଲ ଚାଷୀଙ୍କ ଜୀବନ ରେଖା। କେବଳ ବରଗଡ଼ ନୁହେଁ, ଏହି କେନାଲ ଉପରେ ବରଗଡ଼ ଜିଲା ସମେତ ପଡ଼ୋଶୀ ସମ୍ବଲପୁର ଏବଂ ସୁବର୍ଣ୍ଣପୁର ଜିଲାର ଆଂଶିକ ଚାଷୀମାନେ ନିର୍ଭର କରିଥାନ୍ତି । ତେବେ ବରଗଡ଼ ଜିଲା କମଗାଁ ଏବଂ କଟାପାଲି ମଧ୍ୟରେ ଥିବା ଦନ୍ତା ନଦୀ ଜଳ ପ୍ରବାହ ନିକଟରେ ଏକ ଗର୍ତ୍ତ ଯୋଗୁ ଗତ ୬ ଦିନ ହେଲା ମୁଖ୍ୟ କେନାଲରେ ଜଳଯୋଗାଣ ବନ୍ଦ ରହିଛି। ଫଳରେ ଏହି କେନାଲ ଉପରେ ନିର୍ଭର କରୁଥିବା ଚାଷଜମିକୁ ପାଣି ମାଡିପାରୁନାହିଁ। ଏହାଦ୍ୱାରା ରବି ଧାନ ଫସଲ ପ୍ରଭାବିତ ହୋଇଛି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

ବରଗଡ଼ ମୁଖ୍ୟ କେନାଲ ୮୪ କି.ମି ପର୍ଯ୍ୟନ୍ତ ରହିଛି। ଏହି କେନାଲ ମଧ୍ୟରେ ବୁର୍ଲା, ବରଗଡ଼ ଏବଂ ବରପାଲି ଡିଭିଜନ ରହିଛି। କେନାଲ ଦ୍ୱାରା ୧ଲକ୍ଷ ୩୦ ହେକ୍ଟର ଚାଷଜମିକୁ ଜଳଯୋଗାଣ କରାଯାଉଛି। ତେବେ ବରଗଡ଼ ଜିଲା କମଗାଁ ଏବଂ କଟାପାଲି ମଧ୍ୟରେ ଥିବା ଦନ୍ତା ନଦୀ ଜଳପ୍ରବାହ ନିକଟରେ ଏକ ଗର୍ତ୍ତ ହୋଇଛି। ଫଳରେ ଗତ ୬ଦିନ ହେଲା ମୁଖ୍ୟ କେନାଲରେ ଜଳଯୋଗାଣ ବନ୍ଦ ରହିଛି। ବର୍ତ୍ତମାନ ଧାନ ଫସଲକୁ ପାଣିର ଆବଶ୍ୟକତା ରହିଛି। ଏଭଳି ସମୟରେ ଚାଷଜମିକୁ ପାଣି ନ ଯିବାରୁ ଚାଷୀ ଚିନ୍ତିତ ହୋଇପଡିଛନ୍ତି। ପାଣି ଅଭାବରୁ ଫସଲ ନଷ୍ଟ ହେବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ତେବେ ସମ୍ପୃକ୍ତ ସ୍ଥାନରେ କେନାଲ ମରାମତି ଚାଲିଛି। କେନାଲ ବିଭାଗ ବୁର୍ଲା ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ କୁମାର ମହାନ୍ତ, ବରଗଡ଼ ନିର୍ବାହୀ ଯନ୍ତ୍ରୀ ବିଶ୍ୱଜିତ ପାଣିଗ୍ରାହୀ, ଏସ୍‌ଡ଼ିଓ ସୁବାସ ବେହେରାଙ୍କ ଉପସ୍ଥିତିରେ ମରାମତି ଚାଲିଥିବା ଜଣାପଡିଛି।

ଚାଷୀନେତା ଶିବ ପ୍ରସାଦ ପ୍ରଧାନ କହିଛନ୍ତି, କେନାଲରେ ଗର୍ତ୍ତ ସୃଷ୍ଟି ହେବା କିମ୍ବା ପାଣି ଯୋଗାଣ ବନ୍ଦ ନେଇ କେନାଲ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ କିଛି ସୂଚନା ଦେଇ ନ ଥିଲେ। ଚାଷୀମାନେ ଫସଲର ଆବଶ୍ୟକତା ଅନୁଯାୟୀ ରାସାୟନିକ ସାର ପ୍ରୟୋଗ କରିଛନ୍ତି। ସାର ପ୍ରୟୋଗ ପରେ ଚାଷଜମିରେ ପାଣିର ଆବଶ୍ୟକତା ରହିଛି। କିନ୍ତୁ କେନାଲରେ ପାଣି ଆସୁ ନ ଥିବା ଯୋଗୁ ଚାଷୀମାନେ ପାଣି ମଡ଼ାଇ ପାରୁନାହାନ୍ତି। କେନାଲ ବିଭାଗ ମରାମତି ନେଇ ସୂଚନା ଦେଇଥିଲେ ଚାଷୀମାନେ ଫସଲରେ ସାର ପ୍ରୟୋଗ କରି ନ ଥାନ୍ତେ। ଏବେ ସାର ପ୍ରୟୋଗ ପରେ ଚାଷଜମିରେ ପାଣି ଅଭାବ ଯୋଗୁ ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଯାଇଛି ବୋଲି ପ୍ରଧାନ କହିଛନ୍ତି। ସେହିପରି କେନାଲ ମରାମତି ଚାଲିଛି, ମାତ୍ର କେଉଁ ସ୍ଥାନରେ ଗର୍ତ୍ତ ହୋଇଛି, ସେହି ନିର୍ଦ୍ଦିଷ୍ଟ ସ୍ଥାନକୁ କେନାଲ ବିଭାଗ ଖୋଜି ପାଇ ପାରିନାହାନ୍ତି ଏବଂ ଅନ୍ଧାରରେ ବାଡ଼ି ବୁଲାଇବା ଭଳି ମରାମତି କରୁଛନ୍ତି। ଫଳରେ କେନାଲ ମରାମତିରେ କିଭଳି ସୁଫଳ ମିଳିବ। ଯଦି ମରାମତି ସଫଳ ନ ହୁଏ, ଚାଷୀଙ୍କ ବ୍ୟାପକ କ୍ଷତି ହେବ ବୋଲି ପ୍ରଧାନ କହିଛନ୍ତି।

ସେହିପରି କଟାପାଲି ଦଶମତୀ ପାଣିପଞ୍ଚାୟତ ସଭାପତି ମାନସ ରଞ୍ଜନ ଦାଶ କହିଛନ୍ତି, ଗତ ପ୍ରାୟ ୧୫ଦିନ ହେଲା ବରଗଡ଼ ମୁଖ୍ୟ କେନାଲ ଜଳପ୍ରବାହ ନିକଟରେ ଏକ ଗର୍ତ୍ତ ସୃଷ୍ଟି ହୋଇ ପାଣି ନିଷ୍କାସିତ ହୋଇ ନଦୀରେ ମିଶୁଥିଲା। ସେହି ଗର୍ତ୍ତକୁ ବାହାର ପଟୁ ବନ୍ଦ କରି ଦିଆଯାଇଥିଲା। ତେବେ କେନାଲ ପାଣି ପ୍ରାୟ ୩ଫୁଟ୍ ତଳକୁ ଖସିବା ପରେ ଜଳ ନିଷ୍କାସନ ଯଥେଷ୍ଟ ହ୍ରାସ ପାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଆହୁରି ଅଧିକ ଜଳ ସେହି ବାଟ ଦେଇ ନିଷ୍କାସିତ ହୋଇଥିଲା। ଗତ ମାସ ୨୩ତାରିଖ ରାତିରେ ପ୍ରବଳ ମାତ୍ରାରେ ଜଳ ସେହି ବାଟ ଦେଇ ଚାଲି ଯାଉଥିଲା। ଏହାପରେ ମରାମତି କାର୍ଯ୍ୟ ଚାଲିଛି। ଏବେ କେନାଲ ତଳସ୍ତର କଂକ୍ରିଟ କରାଯାଉଛି। ମାତ୍ର ସମ୍ପୃକ୍ତ ସ୍ଥାନର କେନାଲ ବନ୍ଧ (ୱାଲ) ଅତିକମ୍‌ରେ ୬ଫୁଟ କଂକ୍ରିଟ କରାଗଲେ ଏହି ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି ବୋଲି ସେ କହିଥିଲେ। ଏ ନେଇ ବରଗଡ଼ କେନାଲ ବିଭାଗର ନିର୍ବାହୀ ଯନ୍ତ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଥିଲେ, କେନାଲ ମରାମତି କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। କେଉଁଠି ଗର୍ତ୍ତ ହୋଇଛି, ସେହି ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ ହୋଇପାରିନାହିଁ। ସମ୍ପୃକ୍ତ ଅଞ୍ଚଳରେ ସମ୍ଭାବ୍ୟ ସ୍ଥାନକୁ କଂକ୍ରିଟ କରାଯାଉଛି। ଶନିବାର ସୁଦ୍ଧା କେନାଲରେ ପାଣି ଯୋଗାଣ ସ୍ୱାଭାବିକ ହେବା ଆଶା କରାଯାଉଛି ବୋଲି ସେ କହିଛନ୍ତି ।

# ୩ ବର୍ଷ ବିତିଲା, ଚାଷୀଙ୍କୁ ମିଳିନି ଧାନ ବିକ୍ରି ଟଙ୍କା

**ବେହେରା,୧।୩(ଡି.ଏନ.ଏ.)**

**ବେହେରା ପାକ୍ସ**


ଯୁଗେଶ୍ୱର ଚନ୍ଦନ।

୩ ବର୍ଷ ପରେ ବି ଧାନ ବିକ୍ରି ଟଙ୍କା ଚାଷୀଙ୍କୁ ମିଳିନି। ଏଭଳି ଘଟଣା ସାମ୍ନାକୁ ଆସିଛି କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ପାକ୍ସ ଅନ୍ତର୍ଗତ ଭରୁଆମୁଣ୍ଡା ଗ୍ରାମରେ। ଗ୍ରାମର ଚାଷୀ ଯୁଗେଶ୍ୱର ଚନ୍ଦନ ଫାର୍ମର କାର୍ଡ ନ-ଏଫ ୧୫୦୨୦୦୦୩୭୮୧ କ୍ରମିକ ନ-୪୧୪ ଅନୁଯାୟୀ ୧୦।୧।୨୦୨୧ ବେହେରା ପାକ୍ସରେ ଧାନ ବିକ୍ରୟ କରିଥିଲେ। ମୋଟ ୨୯ କୁଇଟାଲ ୧୦ କେଜି ଧାନ ବିକ୍ରି ହୋଇଥିଲେ ମଧ୍ୟ ଆଜି ଯାଏ ଟଙ୍କା ପାଇନ ଥିବା ଅଭିଯୋଗ ହେଉଛି। ଏ ନେଇ ପାକ୍ସ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଜିଲା ଯୋଗାଣ ଅଧିକାରୀ ଧର୍ମଗଡ ଉପନିବନ୍ଧକଙ୍କୁ ଜଣାଇଥିଲେ ହିଁ ତାଙ୍କ ଜମା ଖାତାରେ ଟଙ୍କା ଜମା ହୋଇନାହିଁ। ଶେଷରେ ଜିଲାପାଳଙ୍କ ନିକଟରେ ୨ ଥର ଫେରାଦ ହୋଇ ନିରାଶ ହୋଇପଡିଛନ୍ତି। ବର୍ଷସାରା ପରିଶ୍ରମ ସହ ଟଙ୍କା ଖର୍ଚ୍ଚ କରି ଜମିରେ ହଳ କରିବାଠାରୁ ରୁଆ ବେଉସା କରି ଧାନ ଉପାର୍ଜନ କରିଥିଲେ। ଧାନ ମଣ୍ଡିରେ ବିକ୍ରି କରି ଦି ପଇସା ପାଇ ପରିବାର ପ୍ରତିପୋଷଣ କରିବା ଆଶାବାନ୍ଧି ଥିବା ଚାଷୀଙ୍କ ଟଙ୍କା ନ ପଡିବା ଘଟଣା ପାକ୍ସ କର୍ମଚାରୀଙ୍କ ଅବହେଳା ବା ତ୍ରୁଟିପୂର୍ଣ୍ଣତା ଯୋଗୁ ଏଭଳି ହୋଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଅନ୍ୟପଟେ ମଣ୍ଡିର ଅବ୍ୟବସ୍ଥା, ୫ରୁ ୭ କେଜି କଟନୀ, ମିଲର୍ସ, ଏଜେଣ୍ଟଙ୍କ ମନମୁଖୀ ଭିତରେ ଛନ୍ଦିପଡେ ଚାଷୀ। ଏସବୁ ସମସ୍ୟାରେ ବି ଉପାର୍ଜନ ଧାନ ମଣ୍ଡିରେ ବିକ୍ରି କରି ବର୍ଷ ବର୍ଷ ଧରି ଟଙ୍କା ନ ମିଳିବା ଦୁଃଖରେ ଭାଙ୍ଗିପଡିଛନ୍ତି ଯୁଗେଶ୍ୱର। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯୁଦ୍ଧକାଳୀନ ସ୍ଥିତିରେ ଟଙ୍କା ଜମା ନ ହେଲେ ପରିବାର ସହ ପାକ୍ସ କାର୍ଯ୍ୟାଳୟଠାରେ ଅନଶନରେ ବସିବାକୁ ପରିବାର ଲୋକେ ଚେତାବନୀ ଦେଇଛନ୍ତି। ଏ ନେଇ ଧର୍ମଗଡ ଉପନିବନ୍ଧକ ଅଧିକାରୀ ମିତ୍ର ଭାନୁ ବିଶ୍ୱାଳଙ୍କୁ ପଚାରିବାରୁ ନୂତନ ଭାବେ ଯୋଗଦେଇଥିବାରୁ ଦେଖିବାକୁ ପଡିବ। ଯଦି ଏଭଳି ହୋଇଛି, ତୁରନ୍ତ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ।

# ୨ ପୃଥକ୍ ସଡ଼କ ଦୁର୍ଘଟଣାରେ ୨ ମୃତ

**ନୂଆପଡ଼ା ଅଫିସ,୧।୩**

ନୂଆପଡା ଜିଲା କୋମନା ଥାନା ବଞ୍ଜାରୀ ଛକ ନିକଟସ୍ଥ ଜାତୀୟ ରାଜପଥ ଉପରେ ୨ ପୃଥକ ଅଜଣା ଗାଡି ଧକ୍କାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ସନ୍ଧ୍ୟାରେ ଧରମପୁର ଗାଁର ଧନପତି ତାଣ୍ଡି (୬୨) ୩୫୩ ନମ୍ବର ଜାତୀୟ ରାଜପଥରେ ଚାଲି ଗାଁକୁ ଆସୁଥିବା ବେଳେ ଗୋହିରାପଦର ଓ ଧରପୁର ଛକ ନିକଟରେ ଏକ ଅଜଣା ଗାଡି ଧକ୍କା ଦେଇ ଚାଲି ଯାଇଥିଲା। ସ୍ଥାନୀୟ ଲୋକେ ଅଚେତ ଅବସ୍ଥାରେ ଧନପତିଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନୂଆପଡା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଗତ ୨୫ ତାରିଖରେ ଧରପୁର ଗ୍ରାମର ଲକ୍ଷି ବନଛୋର (୫୦) ତରବୋଡ ପଟୁ ନିଜ ଗାଁ ଧରମପୁରକୁ ଚାଲି ଆସୁଥିବା ବେଳେ ବଞ୍ଜାରୀ ଛକଠାରେ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଛି। ରାସ୍ତା କଡରେ ଲକ୍ଷି ଅଚେତରେ ପଡି ରହିଥିବା ବେଳେ ସ୍ଥାନୀୟ ଲୋକେ ଦେଖି ୧୦୮କୁ ଖବର କରି ଆମ୍ବୁଲେନ୍ସ ଯୋଗେ ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଉଭୟ ମୃତଦେହ ତରବୋଡ ଫାଣ୍ଡି ପୋଲିସ ଜବତ କରି ବ୍ୟାବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଛି। କେଉଁ ଗାଡି ଦୁର୍ଘଟଣା ଘଟାଇ ଚାଲି ଯାଇଛି, ତାହା ଜଣାପଡି ନାହିଁ। ଦୁର୍ଘଟଣାରେ ସ୍ଥାନରେ ଭାଙ୍ଗି ପଡିଥିବା ଗାଡି ଟୁକୁଡାକୁ ନେଇ ସିସିଟିଭି ଫୁଟେଜରେ ତଦନ୍ତ ଚାଲିଛି ବୋଲି ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।


## Classified Everyday 0674-2580101, 2549949


REAL ESTATE

**SALE**

**New Cancer Hospital** ନାଇକର, କଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। **9437621753.** D-73691

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

**ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434.** D-74824

କଟକ-ଭୁବନେଶ୍ୱର Twincityର ମଧ୍ୟଭାଗରେ ନିର୍ମିତ Grandbazar NH-16 ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି, ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-74822

Gharabari plot for sale Sivasaktinagar (Hanspal) per Sqft.- 2750/-. 7008492511. D-2900

**Bhubaneswar Gita/ Gandhi College/ Cultural University** ପାଖରେ ଥିବା **BDA Housing project** କୁ ଲାଗି **sqft.-650/- plot** କିଣନ୍ତୁ। **9348767829, 9040317195.** D-74814

ଭୁବନେଶ୍ୱର ଜଟଣୀ ଗେଟ୍ 1200 sqft.- 3,60,000/-, ଛତାବର 1200 sqft. - 5,40,000/-, ନଖରା 300/-. 6371569855. D-74821




"Two BHK Garage Ground Floor 1600 sqft. for rent at Laxmisagar. Rent Rs.25,000/-. Contact: 9868656156". D-2859

**Three Rooms, Kitchen, Drawing, Dining, Two Toilets, Two Balcony, Covered Car and Two Wheeler Garage under CCTV Coverage in 2nd Floor of 3 Storey Building in Unit-8 area BBSR Bank PSU IT Executives Preferred Rs.19500 PM. Contact: 6372039533.** D-2899




Newly open health benefits SPA special Offer @ 999 Nayapalli. 7846814019. D-73687

Newly open full body massage ladies and gents. 9861883292. D-74650

Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2851

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74647

**Full Body massage by experience therapist @999 only-9078484455 (Bhubaneswar).** D-2791

Full body massage, refresh, relaxed by expert lady therapist. 8480939300. D- 2824


BUSINESS

**Contact for Development, Renovation, Maintenance of Ornamental Garden and also for Outdoor, Indoor, Fruit, Flower plants. 7978668914.** D-2848

ଘରେ ବସି Part time matter forwarding କାମ କରି 9000/-ରୁ 36000/- ରୋଜଗାର କରନ୍ତୁ। 8763722330. D-2825

**AFFIDAVIT**

By virtue of an affidavit before the Executive Magistrate, Bhubaneswar, I have changed my name from Dilip Kumar Gochhayat to Dillip Kumar Gochhayat for all future purposes. D-71556

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**LEGAL NOTICE**

**NOTICE U/OR. 5, RULE-20 OF C.P.C.**
**IN THE COURT OF THE CIVIL JUDGE (JR. DIVN.), DHENKANAL**
**C.S. No.40/2012**

Sisir Parida and others ... ... Plaintiffs

Versus

Kuna Parida and others ... ... Defendants

Take notice that the present plaintiffs have filed this case against (1) Kuna Parida, aged about 28 years, son of late Kailash Chandra Parida, (2) Meena Parida, aged about 25 years, (3) Leena Parida, aged about 22 years, both are D/o. late Kailash Chandra Parida of A.R.C. Housing Board Colony, 2nd Phase, LIG/159, P.O. Charbatia, P.S. Choudwar, Dist. Cuttack and others before the Court of Civil Judge, Junior Division, Dhenkanal for partition of suit schedule land coming under Sabik Khata No.210, Plot No.421 corresponds to Hal Khata No.194 consisting of Hal Plot No.826, 828, 837, 838 and 839 of Mouza-Govindpur, P.S. Sadar, Dist.- Dhenkanal but despite repeated notice you did not appear and avoided for which you are hereby directed to appear in this Court on dtd. 18.03.23 at 10.30 A.M. personally or through your counsel positively, failing which this court will be constrained to proceed in this case in your absence.

**Sd./- By order of this Court**
**Civil Judge (J.D.), Dhenkanal**
D-74048

# ମହିଚଲାରେ ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ

**ଜୁନାଗଡ,୧।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲା ବାଲାଜୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେ, ଜୁନାଗଡ ବିଇଓ ଷଷ୍ଠୀ ପ୍ରସାଦ ଝାଙ୍କର, ଜୁନାଗଡ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନେପାଲ ଚନ୍ଦ୍ର ବାଗ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢୀ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାଞ୍ଛାନିଧି ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ଅଧିବେସନରେ ବିଶ୍ୱ କଲ୍ୟାଣ ପାଇଁ ବିଶ୍ୱ ବିଜ୍ଞାନ ଶୀର୍ଷକ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚକ ଭାବେ କନାଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ନାଗ, ବଡକୁଟ୍ରୁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ସାହୁ, ଧନପୁର ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ସୂର୍ଯ୍ୟନାରାୟଣ ଖାଡେଙ୍ଗା, ଜୁନାଗଡ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମଳୟ କୁମାର ମୁଣ୍ଡ, ମହିଚଲା ବାଲାଜୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ମହେଶ କୁମାର ଭାଟି ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ନରେ ସାଇନ୍ସ ବିହାଇଣ୍ଡ ମିରାକଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ସମୀର ବେହେରା, ପରମାନନ୍ଦ ଛୁଆଳ ସିଂହ, ବିରେନ୍ଦ୍ର ଆଚାର୍ଯ୍ୟ, ଅଜୟ କୁମାର ସାହୁ ପରିଚାଳନା କରି ବିଭିନ୍ନ ବିଜ୍ଞାନ ଭିତ୍ତିକ ଯାଦୁ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ସୁଧିର କୁମାର ମେହେର ସଂଚ୍ଚାଳନ କରିଥିବା ବେଳେ ପ୍ରଧାନଶିକ୍ଷକ ମନୋରଞ୍ଜନ ସିଂହ ଅନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ଶିକ୍ଷକ ସୂର୍ଯ୍ୟ ପ୍ରସାଦ ଠାକୁର ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଦେବଦତ୍ତ ପାଢୀ, ପ୍ରତାପ କୁମାର ଠାକୁର, ଜୟ ପ୍ରକାଶ ଜେନା, ସତ୍ୟକାନ୍ତ ରଣା, ସୁଶ୍ରୀ ଭକ୍ତିଲତା ବିରୁଆ, ସୁଶ୍ରୀ ଆରତୀ ଭୋଇ, ଜୟନୀ ସାହୁ, ଭାଗିରଥି ମୁଣ୍ଡ, ଠଣ ସୁନ୍ଦର ବଗର୍ତ୍ତୀ, ସୁଧିର ବେହେରା ଓ କଳ୍ପେଶ୍ୱର ସୁନାନୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ବିଜ୍ଞାନ ଶିକ୍ଷୟତ୍ରୀ/ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ଇନ୍ଦ୍ର ନଦୀ ଘୋଡ଼ାଘାଟ ପୋଲ ନିକଟରୁ ମୃତଦେହ ଜବତ

**ନୂଆପଡ଼ା ଅଫିସ,୧।୩**

ନୂଆପଡା ଜିଲା କୋମନା ଥାନା ରଜନା ଗ୍ରାମ ଘୋଡାଘାଟ ନଦୀ ପୋଲ ନିକଟରୁ ଏକ ମୃତଦେହ ବୁଧବାର କୋମନା ପୋଲିସ ଜବତ କରିଛି। ସୂଚନା ମୁତାବକ ସକାଳୁ ରଜନା ଗ୍ରାମର ଲୋକେ ନଦୀକୁ ଯିବା ସମୟରେ ପୋଲଠାରୁ ୨ ଶହ ମିଟର ଦୂରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଘୋଡାଘାଟ ପୋଲ ନିକଟରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। କୋମନା ପୋଲିସକୁ ଖବର ଦେବାରୁ ପୋଲିସ ଓ ଅଗ୍ନିଶମ ବିଭାଗଙ୍କ ମିଳିତ ଉଦ୍ୟମରେ ନଦୀରୁ ମୃତଦେହ ଜବତ କରିଥିଲା। କୂଳକୁ ଆଣିବା ଚିହ୍ନଟ ପରେ ମୃତକ ସିନାପାଲି ଥାନା ଦବଡା ଗ୍ରାମର ଘନଶ୍ୟାମ ଚିନ୍ଦା (୩୦) ବୋଲି ଜଣାପଡିଥିଲା। ଗତ ଶିବରାତ୍ରି ସମୟରେ ଘନଶ୍ୟାମ ପରିବାର ଧରି ଶଶୁର ଘର ରଜାନା ଗ୍ରାମକୁ ଆସିଥିଲେ। ଶଶୁର ଘରେ କିଛି ଦିନ ରହିବା ପରେ ପରିବାରଙ୍କୁ ଶଶୁର ଘରେ ଛାଡି ଗାଁକୁ ଯାଉଛି ବୋଲି କହି ବାହାରିଥିଲେ। ହେଲେ ଘନଶ୍ୟାମଙ୍କ ମୃତଦେହ ନଦୀରେ ମିଳିବା ପରେ ଅନେକ ଆଶଙ୍କା ଦେଖାଦେଇଛି। ପ୍ରକୃତରେ ହତ୍ୟା କି ଆତ୍ମହତ୍ୟା କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ କରି ରିପୋର୍ଟ ପରେ କାରଣ ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୩ ବର୍ଷ ବିତିଲା, ଚାଷୀଙ୍କୁ ମିଳିନି ଧାନ ବିକ୍ରି ଟଙ୍କା

**ବେହେରା, ୧।୩(ଡି.ଏନ.ଏ.)**

**ବେହେରା ପାକ୍ସ**


ଯୁଗେଶ୍ୱର ଚନ୍ଦନ।

୩ ବର୍ଷ ପରେ ବି ଧାନ ବିକ୍ରି ଟଙ୍କା ଚାଷୀଙ୍କୁ ମିଳିନି। ଏଭଳି ଘଟଣା ସମ୍ନାକୁ ଆସିଛି କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ପାକ୍ସ ଅନ୍ତର୍ଗତ ଭରୁଆମୁଣ୍ଡା ଗ୍ରାମରେ। ଗ୍ରାମର ଚାଷୀ ଯୁଗେଶ୍ୱର ଚନ୍ଦନ ଫାର୍ମର କାର୍ଡ ନ-ଏଫ ୧୫୦୨୦୦୦୩୭୮୧ କ୍ରମିକ ନ-୪୧୪ ଅନୁଯାୟୀ ୧୦।୧।୨୦୨୧ ବେହେରା ପାକ୍ସରେ ଧାନ ବିକ୍ରୟ କରିଥିଲେ। ମୋଟ ୨୯ କୁଇଟାଲ ୧୦ କେଜି ଧାନ ବିକ୍ରି ହୋଇଥିଲେ ମଧ୍ୟ ଆଜି ଯାଏ ଟଙ୍କା ପାଇନ ଥିବା ଅଭିଯୋଗ ହେଉଛି। ଏ ନେଇ ପାକ୍ସ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଜିଲା ଯୋଗାଣ ଅଧିକାରୀ ଧର୍ମଗଡ ଉପନିବନ୍ଧକଙ୍କୁ ଜଣାଇଥିଲେ ହିଁ ତାଙ୍କ ଜମା ଖାତାରେ ଟଙ୍କା ଜମା ହୋଇନାହିଁ। ଶେଷରେ ଜିଲାପାଳଙ୍କ ନିକଟରେ ୨ ଥର ଫେରାଦ ହୋଇ ନିରାଶ ହୋଇପଡିଛନ୍ତି। ବର୍ଷସାରା ପରିଶ୍ରମ ସହ ଟଙ୍କା ଖର୍ଚ୍ଚ କରି ଜମିରେ ହଳ କରିବାଠାରୁ ରୁଆ ବେଉସା କରି ଧାନ ଉପାର୍ଜନ କରିଥିଲେ। ଧାନ ମଣ୍ଡିରେ ବିକ୍ରି କରି ଦି ପଇସା ପାଇ ପରିବାର ପ୍ରତିପୋଷଣ କରିବା ଆଶାବାନ୍ଧି ଥିବା ଚାଷୀଙ୍କ ଟଙ୍କା ନ ପଡିବା ଘଟଣା ପାକ୍ସ କର୍ମଚାରୀଙ୍କ ଅବହେଳା ବା ତ୍ରୁଟିପୂର୍ଣ୍ଣତା ଯୋଗୁ ଏଭଳି ହୋଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଅନ୍ୟପଟେ ମଣ୍ଡିର ଅବ୍ୟବସ୍ଥା, ୫ରୁ ୭ କେଜି କଟନୀ, ମିଲର୍ସ, ଏଜେଣ୍ଟଙ୍କ ମନମୁଖୀ ଭିତରେ ଛନ୍ଦିପଡେ ଚାଷୀ। ଏସବୁ ସମସ୍ୟାରେ ବି ଉପାର୍ଜନ ଧାନ ମଣ୍ଡିରେ ବିକ୍ରି କରି ବର୍ଷ ବର୍ଷ ଧରି ଟଙ୍କା ନ ମିଳିବା ଦୁଃଖରେ ଭାଙ୍ଗିପଡିଛନ୍ତି ଯୁଗେଶ୍ୱର। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯୁଦ୍ଧକାଳୀନ ସ୍ଥିତିରେ ଟଙ୍କା ଜମା ନ ହେଲେ ପରିବାର ସହ ପାକ୍ସ କାର୍ଯ୍ୟାଳୟଠାରେ ଅନଶନରେ ବସିବାକୁ ପରିବାର ଲୋକେ ଚେତାବନୀ ଦେଇଛନ୍ତି। ଏ ନେଇ ଧର୍ମଗଡ ଉପନିବନ୍ଧକ ଅଧିକାରୀ ମିତ୍ର ଭାନୁ ବିଶ୍ୱାଳଙ୍କୁ ପଚାରିବାରୁ ନୂତନ ଭାବେ ଯୋଗଦେଇଥିବାରୁ ଦେଖିବାକୁ ପଡିବ। ଯଦି ଏଭଳି ହୋଇଛି, ତୁରନ୍ତ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ।

# ୨ ପୃଥକ୍ ସଡ଼କ ଦୁର୍ଘଟଣାରେ ୨ ମୃତ

**ନୂଆପଡ଼ା ଅଫିସ, ୧।୩**

ନୂଆପଡା ଜିଲା କୋମନା ଥାନା ବଞ୍ଜାରୀ ଛକ ନିକଟସ୍ଥ ଜାତୀୟ ରାଜପଥ ଉପରେ ୨ ପୃଥକ ଅଜଣା ଗାଡି ଧକ୍କାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ସନ୍ଧ୍ୟାରେ ଧରମପୁର ଗାଁର ଧନପତି ତାଣ୍ଡି (୬୨) ୩୫୩ ନମ୍ବର ଜାତୀୟ ରାଜପଥରେ ଚାଲି ଗାଁକୁ ଆସୁଥିବା ବେଳେ ଗୋହିରାପଦର ଓ ଧରପୁର ଛକ ନିକଟରେ ଏକ ଅଜଣା ଗାଡି ଧକ୍କା ଦେଇ ଚାଲି ଯାଇଥିଲା। ସ୍ଥାନୀୟ ଲୋକେ ଅଚେତ ଅବସ୍ଥାରେ ଧନପତିଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନୂଆପଡା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଗତ ୨୫ ତାରିଖରେ ଧରପୁର ଗ୍ରାମର ଲକ୍ଷି ବନଛୋର (୫୦) ତରବୋଡ ପଟୁ ନିଜ ଗାଁ ଧରମପୁରକୁ ଚାଲି ଆସୁଥିବା ବେଳେ ବଞ୍ଜାରୀ ଛକଠାରେ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଛି। ରାସ୍ତା କଡରେ ଲକ୍ଷି ଅଚେତରେ ପଡି ରହିଥିବା ବେଳେ ସ୍ଥାନୀୟ ଲୋକେ ଦେଖି ୧୦୮କୁ ଖବର କରି ଆମ୍ବୁଲେନ୍ସ ଯୋଗେ ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଉଭୟ ମୃତଦେହ ତରବୋଡ ଫାଣ୍ଡି ପୋଲିସ ଜବତ କରି ବ୍ୟାବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଛି। କେଉଁ ଗାଡି ଦୁର୍ଘଟଣା ଘଟାଇ ଚାଲି ଯାଇଛି, ତାହା ଜଣାପଡି ନାହିଁ। ଦୁର୍ଘଟଣାରେ ସ୍ଥାନରେ ଭାଙ୍ଗି ପଡିଥିବା ଗାଡି ଟୁକୁଡାକୁ ନେଇ ସିସିଟିଭି ଫୁଟେଜରେ ତଦନ୍ତ ଚାଲିଛି ବୋଲି ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

# ବରଗଡ଼ ମୁଖ୍ୟ କେନାଲରେ ଗର୍ତ୍ତ



ଘଟଣାସ୍ଥଳରେ ମରାମତି କାର୍ଯ୍ୟ ଚାଲିଛି (ବାମ)। ତୁରନ୍ତ କେନାଲ ମରାମତି ପାଇଁ ଚାଷୀନେତା ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି ।

**ବରଗଡ଼ ଅଫିସ୍, ୧।୩**

- **୬ଦିନ ହେଲା ଜମିକୁ ମାଡୁନି ପାଣି**
- **୧.୩୦ଲକ୍ଷ ହେକ୍ଟର ଚାଷ ପ୍ରଭାବିତ**
- **ଗର୍ତ୍ତକୁ ଖୋଜି ପାଉନି କେନାଲ ବିଭାଗ**
- **ଅନ୍ଧାରରେ ବାଡ଼ି ବୁଲାଇ ଚାଲିଛି ମରାମତି**

ବରଗଡ଼ ମୁଖ୍ୟ କେନାଲ ଚାଷୀଙ୍କ ଜୀବନ ରେଖା। କେବଳ ବରଗଡ଼ ନୁହେଁ, ଏହି କେନାଲ ଉପରେ ବରଗଡ଼ ଜିଲା ସମେତ ପଡ଼ୋଶୀ ସମ୍ବଲପୁର ଏବଂ ସୁବର୍ଣ୍ଣପୁର ଜିଲାର ଆଂଶିକ ଚାଷୀମାନେ ନିର୍ଭର କରିଥାନ୍ତି । ତେବେ ବରଗଡ଼ ଜିଲା କମଗାଁ ଏବଂ କଟାପାଲି ମଧ୍ୟରେ ଥିବା ଦନ୍ତା ନଦୀ ଜଳ ପ୍ରବାହ ନିକଟରେ ଏକ ଗର୍ତ୍ତ ଯୋଗୁ ଗତ ୬ ଦିନ ହେଲା ମୁଖ୍ୟ କେନାଲରେ ଜଳଯୋଗାଣ ବନ୍ଦ ରହିଛି। ଫଳରେ ଏହି କେନାଲ ଉପରେ ନିର୍ଭର କରୁଥିବା ଚାଷଜମିକୁ ପାଣି ମାଡିପାରୁନାହିଁ। ଏହାଦ୍ୱାରା ରବି ଧାନ ଫସଲ ପ୍ରଭାବିତ ହୋଇଛି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

ବରଗଡ଼ ମୁଖ୍ୟ କେନାଲ ୮୪ କି.ମି ପର୍ଯ୍ୟନ୍ତ ରହିଛି। ଏହି କେନାଲ ମଧ୍ୟରେ ବୁର୍ଲା, ବରଗଡ଼ ଏବଂ ବରପାଲି ଡିଭିଜନ ରହିଛି। କେନାଲ ଦ୍ୱାରା ୧ଲକ୍ଷ ୩୦ ହେକ୍ଟର ଚାଷଜମିକୁ ଜଳଯୋଗାଣ କରାଯାଉଛି। ତେବେ ବରଗଡ଼ ଜିଲା କମଗାଁ ଏବଂ କଟାପାଲି ମଧ୍ୟରେ ଥିବା ଦନ୍ତା ନଦୀ ଜଳପ୍ରବାହ ନିକଟରେ ଏକ ଗର୍ତ୍ତ ହୋଇଛି। ଫଳରେ ଗତ ୬ଦିନ ହେଲା ମୁଖ୍ୟ କେନାଲରେ ଜଳଯୋଗାଣ ବନ୍ଦ ରହିଛି। ବର୍ତ୍ତମାନ ଧାନ ଫସଲକୁ ପାଣିର ଆବଶ୍ୟକତା ରହିଛି। ଏଭଳି ସମୟରେ ଚାଷଜମିକୁ ପାଣି ନ ଯିବାରୁ ଚାଷୀ ଚିନ୍ତିତ ହୋଇପଡିଛନ୍ତି। ପାଣି ଅଭାବରୁ ଫସଲ ନଷ୍ଟ ହେବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ତେବେ ସମ୍ପୃକ୍ତ ସ୍ଥାନରେ କେନାଲ ମରାମତି ଚାଲିଛି। କେନାଲ ବିଭାଗ ବୁର୍ଲା ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ କୁମାର ମହାନ୍ତ, ବରଗଡ଼ ନିର୍ବାହୀ ଯନ୍ତ୍ରୀ ବିଶ୍ୱଜିତ ପାଣିଗ୍ରାହୀ, ଏସ୍‌ଡ଼ିଓ ସୁବାସ ବେହେରାଙ୍କ ଉପସ୍ଥିତିରେ ମରାମତି ଚାଲିଥିବା ଜଣାପଡିଛି।

ଚାଷୀନେତା ଶିବ ପ୍ରସାଦ ପ୍ରଧାନ କହିଛନ୍ତି, କେନାଲରେ ଗର୍ତ୍ତ ସୃଷ୍ଟି ହେବା କିମ୍ବା ପାଣି ଯୋଗାଣ ବନ୍ଦ ନେଇ କେନାଲ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ କିଛି ସୂଚନା ଦେଇ ନ ଥିଲେ। ଚାଷୀମାନେ ଫସଲର ଆବଶ୍ୟକତା ଅନୁଯାୟୀ ରାସାୟନିକ ସାର ପ୍ରୟୋଗ କରିଛନ୍ତି। ସାର ପ୍ରୟୋଗ ପରେ ଚାଷଜମିରେ ପାଣିର ଆବଶ୍ୟକତା ରହିଛି। କିନ୍ତୁ କେନାଲରେ ପାଣି ଆସୁ ନ ଥିବା ଯୋଗୁ ଚାଷୀମାନେ ପାଣି ମଡ଼ାଇ ପାରୁନାହାନ୍ତି। କେନାଲ ବିଭାଗ ମରାମତି ନେଇ ସୂଚନା ଦେଇଥିଲେ ଚାଷୀମାନେ ଫସଲରେ ସାର ପ୍ରୟୋଗ କରି ନ ଥାନ୍ତେ। ଏବେ ସାର ପ୍ରୟୋଗ ପରେ ଚାଷଜମିରେ ପାଣି ଅଭାବ ଯୋଗୁ ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଯାଇଛି ବୋଲି ପ୍ରଧାନ କହିଛନ୍ତି। ସେହିପରି କେନାଲ ମରାମତି ଚାଲିଛି, ମାତ୍ର କେଉଁ ସ୍ଥାନରେ ଗର୍ତ୍ତ ହୋଇଛି, ସେହି ନିର୍ଦ୍ଦିଷ୍ଟ ସ୍ଥାନକୁ କେନାଲ ବିଭାଗ ଖୋଜି ପାଇ ପାରିନାହାନ୍ତି ଏବଂ ଅନ୍ଧାରରେ ବାଡ଼ି ବୁଲାଇବା ଭଳି ମରାମତି କରୁଛନ୍ତି। ଫଳରେ କେନାଲ ମରାମତିରେ କିଭଳି ସୁଫଳ ମିଳିବ। ଯଦି ମରାମତି ସଫଳ ନ ହୁଏ, ଚାଷୀଙ୍କ ବ୍ୟାପକ କ୍ଷତି ହେବ ବୋଲି ପ୍ରଧାନ କହିଛନ୍ତି।

ସେହିପରି କଟାପାଲି ଦଶମତୀ ପାଣିପଞ୍ଚାୟତ ସଭାପତି ମାନସ ରଞ୍ଜନ ଦାଶ କହିଛନ୍ତି, ଗତ ପ୍ରାୟ ୧୫ଦିନ ହେଲା ବରଗଡ଼ ମୁଖ୍ୟ କେନାଲ ଜଳପ୍ରବାହ ନିକଟରେ ଏକ ଗର୍ତ୍ତ ସୃଷ୍ଟି ହୋଇ ପାଣି ନିଷ୍କାସିତ ହୋଇ ନଦୀରେ ମିଶୁଥିଲା। ସେହି ଗର୍ତ୍ତକୁ ବାହାର ପଟୁ ବନ୍ଦ କରି ଦିଆଯାଇଥିଲା। ତେବେ କେନାଲ ପାଣି ପ୍ରାୟ ୩ଫୁଟ୍ ତଳକୁ ଖସିବା ପରେ ଜଳ ନିଷ୍କାସନ ଯଥେଷ୍ଟ ହ୍ରାସ ପାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଆହୁରି ଅଧିକ ଜଳ ସେହି ବାଟ ଦେଇ ନିଷ୍କାସିତ ହୋଇଥିଲା। ଗତ ମାସ ୨୩ତାରିଖ ରାତିରେ ପ୍ରବଳ ମାତ୍ରାରେ ଜଳ ସେହି ବାଟ ଦେଇ ଚାଲି ଯାଉଥିଲା। ଏହାପରେ ମରାମତି କାର୍ଯ୍ୟ ଚାଲିଛି। ଏବେ କେନାଲ ତଳସ୍ତର କଂକ୍ରିଟ କରାଯାଉଛି। ମାତ୍ର ସମ୍ପୃକ୍ତ ସ୍ଥାନର କେନାଲ ବନ୍ଧ (ୱାଲ) ଅତିକମ୍‌ରେ ୬ଫୁଟ କଂକ୍ରିଟ କରାଗଲେ ଏହି ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି ବୋଲି ସେ କହିଥିଲେ। ଏ ନେଇ ବରଗଡ଼ କେନାଲ ବିଭାଗର ନିର୍ବାହୀ ଯନ୍ତ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଥିଲେ, କେନାଲ ମରାମତି କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। କେଉଁଠି ଗର୍ତ୍ତ ହୋଇଛି, ସେହି ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ ହୋଇପାରିନାହିଁ। ସମ୍ପୃକ୍ତ ଅଞ୍ଚଳରେ ସମ୍ଭାବ୍ୟ ସ୍ଥାନକୁ କଂକ୍ରିଟ କରାଯାଉଛି। ଶନିବାର ସୁଦ୍ଧା କେନାଲରେ ପାଣି ଯୋଗାଣ ସ୍ୱାଭାବିକ ହେବା ଆଶା କରାଯାଉଛି ବୋଲି ସେ କହିଛନ୍ତି ।


# Classified Everyday
0674-2580101, 2549949


REAL ESTATE

SALE

**New Cancer Hospital** ନାଇକର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। **9437621753.** D-73691

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

**ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434.** D-74824

କଟକ-ଭୁବନେଶ୍ୱର Twincityର ମଧ୍ୟଭାଗରେ ନିର୍ମିତ Grandbazar NH-16 ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି, ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-74822

Gharabari plot for sale Sivasaktinagar (Hanspal) per Sqft.- 2750/-. 7008492511. D-2900

**Bhubaneswar Gita/ Gandhi College/ Cultural University** ପାଖରେ ଥିବା **BDA Housing project** କୁ ଲାଗି **sqft.-650/- plot** କିଣନ୍ତୁ। **9348767829, 9040317195.** D-74814

ଭୁବନେଶ୍ୱର ଜଟଣୀ ଗେଟ୍ 1200 sqft.- 3,60,000/-, ଛତାବର 1200 sqft. - 5,40,000/-, ନଖରା 300/-. 6371569855. D-74821




"Two BHK Garage Ground Floor 1600 sqft. for rent at Laxmisagar. Rent Rs.25,000/-. Contact: 9868656156". D-2859

**Three Rooms, Kitchen, Drawing, Dining, Two Toilets, Two Balcony, Covered Car and Two Wheeler Garage under CCTV Coverage in 2nd Floor of 3 Storey Building in Unit-8 area BBSR Bank PSU IT Executives Preferred Rs.19500 PM. Contact: 6372039533.** D-2899




Newly open health benefits SPA special Offer @ 999 Nayapalli. 7846814019. D-73687

Newly open full body massage ladies and gents. 9861883292. D-74650

Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2851

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74647

**Full Body massage by experience therapist @999 only- 9078484455 (Bhubaneswar).** D-2791

Full body massage, refresh, relaxed by expert lady therapist. 8480939300. D- 2824


BUSINESS

**Contact for Development, Renovation, Maintenance of Ornamental Garden and also for Outdoor, Indoor, Fruit, Flower plants. 7978668914.** D-2848

ଘରେ ବସି Part time matter forwarding କାମ କରି 9000/-ରୁ 36000/- ରୋଜଗାର କରନ୍ତୁ। 8763722330. D-2825

**AFFIDAVIT**

By virtue of an affidavit before the Executive Magistrate, Bhubaneswar, I have changed my name from Dilip Kumar Gochhayat to Dillip Kumar Gochhayat for all future purposes. D-71556

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**LEGAL NOTICE**

**NOTICE U/OR. 5, RULE-20 OF C.P.C.**
**IN THE COURT OF THE CIVIL JUDGE (JR. DIVN.), DHENKANAL**
**C.S. No.40/2012**

Sisir Parida and others ... ... Plaintiffs

Versus

Kuna Parida and others ... ... Defendants

Take notice that the present plaintiffs have filed this case against (1) Kuna Parida, aged about 28 years, son of late Kailash Chandra Parida, (2) Meena Parida, aged about 25 years, (3) Leena Parida, aged about 22 years, both are D/o. late Kailash Chandra Parida of A.R.C. Housing Board Colony, 2nd Phase, LIG/159, P.O. Charbatia, P.S. Choudwar, Dist. Cuttack and others before the Court of Civil Judge, Junior Division, Dhenkanal for partition of suit schedule land coming under Sabik Khata No.210, Plot No.421 corresponds to Hal Khata No.194 consisting of Hal Plot No.826, 828, 837, 838 and 839 of Mouza-Govindpur, P.S. Sadar, Dist.- Dhenkanal but despite repeated notice you did not appear and avoided for which you are hereby directed to appear in this Court on dtd. 18.03.23 at 10.30 A.M. personally or through your counsel positively, failing which this court will be constrained to proceed in this case in your absence.

**Sd./- By order of this Court**
**Civil Judge (J.D.), Dhenkanal**
D-74048

# ନିର୍ମାଣ ହେବ ଉଷ୍ରା-ଟୁଙ୍ଗିମାଟି ସେତୁ

**କୁଆଁରମୁଣ୍ଡା, ୧।୩(ଡି.ଏନ.ଏ.)**

- **୨୧ କୋଟି ୩୭ଲକ୍ଷ ୮୩ ହଜାର ବ୍ୟୟ ଅଟକଳ**
- **ଉପକୃତ ହେବେ ୧୧ ପଞ୍ଚାୟତର ୫୦ ହଜାର ଲୋକ**

ସୁନ୍ଦରଗଡ଼ ଜିଲାର କୁଆଁରମୁଣ୍ଡା ଓ ରାଜଗାଙ୍ଗପୁର ବ୍ଲକ ମଧ୍ୟ ଦେଇ ପ୍ରବାହିତ ଶଙ୍ଖନଦୀ ଯୋଗୁ ଉଭୟ ପାର୍ଶ୍ୱର ଲୋକେ ଯାତାୟାତ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। କୁଆଁରମୁଣ୍ଡା ବ୍ଲକର ଡୁମେରଯୋର, ଜୟଡେଗା, ଝୁନମୁର, ଖୁଖୁଣ୍ଡୁବାହାଲ, ପଦମପୁର ଇତ୍ୟାଦି ପଞ୍ଚାୟତବାସୀ ସୁନ୍ଦରଗଡ଼ ଜିଲା ସଦର ମହକୁମାକୁ କୌଣସି କାର୍ଯ୍ୟରେ ଯିବା ପାଇଁ ହେଲେ ବେଦବ୍ୟାସ ହୋଇ ବୁଲିକି ଯିବାକୁ ହେଉଥିଲା। ଏବେ କୁଆଁରମୁଣ୍ଡା ବ୍ଲକବାସୀ ସୁନ୍ଦରଗଡ଼ ସଦର ମହକୁମାକୁ ଯିବାକୁ ଚାହିଁଲେ ସିଧାସଳଖ ଡୁମେରଯୋରର ଉଷ୍ରା-ଟୁଙ୍ଗିମାଟି ହୋଇ ରାଜଗାଙ୍ଗପୁର ଦେଇ ସୁବିଧାରେ ପହଞ୍ଚିପାରିବେ। ଏହା ସମ୍ଭବ ହେବାକୁ ଯାଉଛି ରାଜ୍ୟ ସରକାରଙ୍କ ବିଜୁ ସେତୁ ଯୋଜନା ଯୋଗୁଁ। ଏହି ଯୋଜନାରେ ୨୧କୋଟି ୩୭ ଲକ୍ଷ ୮୩ ହଜାର ବ୍ୟୟ ଅଟକଳରେ ଉକ୍ତ ସେତୁ ନିର୍ମିତ ହେବ। ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗତ ୧୬ ଫେବୃୟାରୀ ଚିଠି ନମ୍ବର ୨୮୫୪୫୩୦୦୦୫୨୦୨୩/ଆରଡି ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଇଛି। ଅନୁରୂପଭାବେ ଏହି ଏଚଏଲ ବ୍ରିଜ ନିର୍ମାଣ ନିମନ୍ତେ ବୁଧବାର କୁଆଁରମୁଣ୍ଡା ରାଜସ୍ୱ ବିଭାଗ କର୍ମଚାରୀ ଓ ରାଜଗାଙ୍ଗପୁର ଆରଡି ଏସଡିଓ ଇଂ.ସରୋଜ କୁମାର ବେହେରା ପ୍ରମୁଖ ଶଙ୍ଖ ନଦୀ ନିକଟସ୍ଥ ଉଷ୍ରା ଓ ଟୁଙ୍ଗିମାଟି ଅଞ୍ଚଳ ପରିଦର୍ଶନ କରି ବ୍ରିଜ ନିମନ୍ତେ କେତେ ଜମି ଅଧିଗ୍ରହଣ କରିବାକୁ ପଡିବ ତାହାର ସରଜମିନ ମାପ କରି ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ଏହି ସମୟରେ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ସାମାଜିକ କର୍ମୀ ଲକ୍ଷ୍ମୀଧର ପାଣିଗ୍ରାହୀ, ଅର୍ଜୁନ ସାହୁ, ଲାଇଙ୍ଗ ସରପଞ୍ଚ ପ୍ରମୁଖ ଉପସ୍ଥିତ ରହି ସରକାରୀ ଅଧିକାରୀମାନଙ୍କୁ ପୂର୍ଣ୍ଣ ସହାୟତା କରିଛନ୍ତି। ଏହି ପୋଲ ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ଜଣାପଡିବା ପରେ ୨ ବ୍ଲକର ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମନରେ ନୂତନ ଆଶା ସୃଷ୍ଟି ହୋଇଛି। ଦୀର୍ଘ ୬ ବର୍ଷ ହେଲା ସରକାରଙ୍କ ନିକଟରେ ଆମେ ଏହି ବ୍ରିଜ ନିର୍ମାଣ ନିମନ୍ତେ ଦାବି ଉପସ୍ଥାପନ କରିଆସୁଥିଲୁ ଓ ଏହି ସ୍ୱପ୍ନ ଆଜି ସତରେ ପରିଣତ ହେବାକୁ ଯାଉଛି ବୋଲି ଜିଲାପରିଷଦ ସଭ୍ୟ କୁଜୁର କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ ମଙ୍ଗଳା କିଷାନଙ୍କ ଭୂମିକାକୁ ମଧ୍ୟ ଶ୍ରେୟ ଦେଇଛନ୍ତି। ଏହି ବ୍ରିଜ ନିର୍ମାଣ ହେଲେ କୁଆଁରମୁଣ୍ଡା ବ୍ଲକ ସହ ରାଜଗାଙ୍ଗପୁର ବ୍ଲକର କଲୁଙ୍ଗା, ଲାଇଙ୍ଗ, କାଂଶବାହାଲ ଅଞ୍ଚଳର ସହସ୍ରାଧିକ ଲୋକଙ୍କର ଯାତାୟାତରେ ବେଶ ସୁବିଧା ହୋଇପାରିବ ।


ବ୍ରିଜ ନିର୍ମାଣ ନିମନ୍ତେ ବିଭାଗୀୟ ଅଧିକାରୀମାନେ ଅନୁଧ୍ୟାନ କରୁଛନ୍ତି।

# ଇନ୍ଦ୍ର ନଦୀ ଘୋଡ଼ାଘାଟ ପୋଲ ନିକଟରୁ ମୃତଦେହ ଜବତ

**ନୂଆପଡ଼ା ଅଫିସ, ୧।୩**

ନୂଆପଡା ଜିଲା କୋମନା ଥାନା ରଜନା ଗ୍ରାମ ଘୋଡାଘାଟ ନଦୀ ପୋଲ ନିକଟରୁ ଏକ ମୃତଦେହ ବୁଧବାର କୋମନା ପୋଲିସ ଜବତ କରିଛି। ସୂଚନା ମୁତାବକ ସକାଳୁ ରଜନା ଗ୍ରାମର ଲୋକେ ନଦୀକୁ ଯିବା ସମୟରେ ପୋଲଠାରୁ ୨ ଶହ ମିଟର ଦୂରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଘୋଡାଘାଟ ପୋଲ ନିକଟରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ।

# ରବୀନ୍ଦ୍ର ଜାଡେଜାଙ୍କ ରେକର୍ଡ

## ଅନ୍ତର୍ଜାତୀୟ କ୍ରିକେଟରେ ୫,୦୦୦ ରନ ଓ ୫୦୦ ଉଇକେଟ ପୂରଣ



ଇନ୍ଦୋର, ୧୩ (ପି.ଟି.)

ତାରକା ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଅନ୍ତର୍ଜାତୀୟ କ୍ରିକେଟରେ ୫,୦୦୦ ରନ କରିବା ସହ ୫୦୦ ଉଇକେଟ ପୂରଣ କରିଛନ୍ତି। କିମ୍ବଦନ୍ତୀ ଖେଳାଳି କପିଳ ଦେବଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ସେ ଏହି କୃତିତ୍ୱର ଅଧିକାରୀ ହୋଇଛନ୍ତି। ୩୪ ବର୍ଷୀୟ ଜାଡେଜା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟର ପ୍ରଥମ ଦିବସରେ ଟ୍ରାଭିସ ହେଡ୍‌ଙ୍କ ଉଇକେଟ ନେଇ ଏହି ବିରଳ ରେକର୍ଡ କ୍ଲବରେ ସାମିଲ ହୋଇଛନ୍ତି। ଟେଷ୍ଟ କ୍ରିକେଟରେ ଜାଡେଜାଙ୍କର ଏହାଥିଲା ୨୬୦ତମ ଉଇକେଟ। ଏହାକୁ ମିଶାଇ ସେ କ୍ରିକେଟର ୩ଟି ଫର୍ମାଟରେ ୫୦୦ ଉଇକେଟ ପୂରଣ କରିଥିଲେ। ସେ ଏପର୍ଯ୍ୟନ୍ତ ୧୭୧ଟି ଦିନିକିଆ ଖେଳି ୧୮୯ଟି ଉଇକେଟ ନେଇଥିବାବେଳେ ଟି୨୦ ଅନ୍ତର୍ଜାତୀୟରେ ୬୪ ମ୍ୟାଚରୁ ୫୧ ଉିସମିଶାଲ୍ସ କରିଛନ୍ତି। ଜଣେ ନିର୍ଭରଯୋଗ୍ୟ ଖେଳାଳିଭାବେ ଜାଡେଜା ଭାରତକୁ ଅନେକ ଘଡ଼ିସନ୍ଧି ପରିସ୍ଥିତିରୁ ଉଦ୍ଧାର କରିଛନ୍ତି। ଟେଷ୍ଟ କ୍ରିକେଟରେ ଏବେ ସେ ସ୍ଥିର ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛନ୍ତି। ଟେଷ୍ଟରେ ସେ ୩୬.୮୮ ଆଭରେଜରେ ୨,୬୧୯ ରନ କରିଛନ୍ତି। ଗତ ୧୨ ମାସ ମଧ୍ୟରେ ସେ ୨ଟି ଏବଂ ଓଭରଅଲ୍ ୩ଟି ଶତକ ହାସଲ କରିଛନ୍ତି। ଏହା ମଧ୍ୟରେ କ୍ୟାରିୟର ଶ୍ରେଷ୍ଠ ୧୭୫* ସାମିଲ। ସେହିପରି ୧୭୧ ଦିନିକିଆରେ ସେ ୩୨.୬୨ ଆଭରେଜରେ ୨,୪୪୭ ଏବଂ ୬୪ଟି ଟି୨୦ରେ ୨୪.୦୫ ଆଭରେଜରେ ୪୫୭ ରନ ସ୍କୋର କରିଛନ୍ତି। ୧୯୮୩ ବିଶ୍ୱକପ ବିଜୟୀ ଭାରତୀୟ ଦଳର ଅଧିନାୟକ କପିଳ ଦେବ ଦେଶର ପ୍ରଥମ ଖେଳାଳିଭାବେ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ସେ ୧୩୧ ଟେଷ୍ଟ ଏବଂ ୨୨୫ ଦିନିକିଆରୁ ଯଥାକ୍ରମେ ୪୩୪ ଓ ୨୫୩ ଏହିପରି ୬୮୭ଟି ଉଇକେଟ ନେଇଥିଲେ। ସେହିପରି ବ୍ୟାଟିଂରେ କପିଳ ଟେଷ୍ଟରେ ୮ ଶତକ ଓ ୨୭ ଅର୍ଦ୍ଧଶତକ ସହ ୩୧.୦୫ ଆଭରେଜରେ ୫,୨୪୮ ରନ ଏବଂ ଦିନିକିଆରେ ୧ ଶତକ ଏବଂ ୧୪ ଅର୍ଦ୍ଧଶତକ ସହ ୨୩.୦୯ ଆଭରେଜରେ ୩,୭୮୩ ରନ ସ୍କୋର କରିଥିଲେ। ୧୯୮୩ ବିଶ୍ୱକପରେ ସେ ଜିମ୍ବାୱେ ବିପକ୍ଷରେ ୧୭୫ ରନ୍ କରି ଅପରାଜିତ ରହିଥିଲେ।

ଜାଡେଜା ଓ କପିଳଙ୍କ ବ୍ୟତୀତ ଏହି କ୍ଲବରେ ସାମିଲଥିବା ବିଦେଶୀ ଖେଳାଳିମାନେ ହେଲେ ଦକ୍ଷିଣ ଆଫ୍ରିକାର ଜ୍ୟାକ୍ସ କାଲିସ (୨୫,୫୩୪ ରନ, ୫୭୭ ଉଇକେଟ), ଶନ୍ ପୋଲକ (୭,୩୮୬ରନ, ୮୨୯ ଉଇକେଟ), ପାକିସ୍ତାନର ଇମ୍ରାନ ଖାଁ (୭,୫୧୬ ରନ, ୫୪୪ ଉଇକେଟ), ୱାସିମ ଆକ୍ରମ (୬,୬୧୫ ରନ୍, ୯୧୬ ଉଇକେଟ), ଶାହିଦ ଆଫ୍ରିଦୀ (୧୧,୧୯୬ ରନ, ୫୪୧ ଉଇକେଟ), ଇଂଲଣ୍ଡର ସାର୍ ଇଆନ ବୋଥାମ (୭,୨୩୨ ରନ, ୫୨୮ ଉଇକେଟ), ଶ୍ରୀଲଙ୍କାର ଚାମିଣ୍ଡା ଭାସ୍ (୫,୧୧୪ ରନ, ୭୫୫ ଉଇକେଟ), ନ୍ୟୁଜିଲାଣ୍ଡର ଡାନିଏଲ ଭିଟ୍ଟୋରୀ (୬,୯୮୯ ରନ, ୬୬୭ ଉଇକେଟ) ଓ ବାଂଲାଦେଶର ଶାକିବ ଅଲ୍ ହାସନ (୧୩,୪୪୫ ରନ, ୬୫୩ ଉଇକେଟ)।

## ଅଶ୍ୱିନ ୧ ନମ୍ବର

ଦୁବାଇ, ୧୩(ପି.ଟି.): ଆଇସିସି ପକ୍ଷରୁ ବୁଧବାର ପ୍ରକାଶିତ ର୍ୟାଙ୍କିଂ ତାଲିକାରେ ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ୍ ଏକ ନମ୍ବରରେ ପହଞ୍ଚିଛନ୍ତି। ଇଂଲଣ୍ଡର ପେସ୍ ବୋଲର ଜେମ୍ସ ଆଣ୍ଡରସନଙ୍କୁ ହଟାଇ ଅଶ୍ୱିନ ଏହି ସଫଳତା ହାସଲ କରିଛନ୍ତି। ଦିଲ୍ଲୀ ଟେଷ୍ଟରେ ଅଶ୍ୱିନ୍ ୬ ଉଇକେଟ ଅକ୍ତିଆର କରିଥିବା ବେଳେ ଦୁଇଟି ସ୍ଥାନ ଉପରକୁ ଉଠିଛନ୍ତି। ଅନ୍ୟ ପକ୍ଷରେ ଇଂଲଣ୍ଡ ଅନ୍ତିମ ଟେଷ୍ଟ ମ୍ୟାଚରେ ନ୍ୟୁଜିଲାଣ୍ଡ ନିକଟରୁ ପରାସ୍ତ ହୋଇଥିଲା। ଆଣ୍ଡରସନଙ୍କ ପ୍ରଦର୍ଶନ ଏତେଟା ଖାସ ନଥିବା ବେଳେ ତାଙ୍କୁ ହଟାଇ ଏକ ନମ୍ବର ସ୍ଥାନ ଅଳଙ୍କୃତ କରିଛନ୍ତି ଅଶ୍ୱିନ। ୩୬ ବର୍ଷୀୟ ଅଶ୍ୱିନ ୬ ବର୍ଷ ପରେ ଏକ ନମ୍ବର ସ୍ଥାନକୁ ଫେରିଛନ୍ତି। ପ୍ରଥମ ଥର ପାଇଁ ୨୦୧୫ରେ ଅଶ୍ୱିନ ଏକ ନମ୍ବର ସ୍ଥାନ ଅଳଙ୍କୃତ କରିଥିଲେ। ୨୦୧୭ରେ ଶେଷ ଥର ପାଇଁ ଅଶ୍ୱିନ ଏକ ନମ୍ବର ସ୍ଥାନ ହାସଲ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଆଣ୍ଡରସନ୍ ଏକ ସପ୍ତାହ ତଳେ ପ୍ୟାଟ୍ କମିନ୍ସଙ୍କୁ ପଛରେ ପକାଇ ଏକ ନମ୍ବର ଟେଷ୍ଟ ବୋଲର ହୋଇଥିଲେ। ଅଶ୍ୱିନ୍ ୮୬୯ ରେଟିଂ ପଏଣ୍ଟ ପାଇଥିବା ବେଳେ ଆଣ୍ଡରସନ୍ ୮୬୪ ରେଟିଂ ପଏଣ୍ଟ ପାଇଛନ୍ତି। ଦିଲ୍ଲୀ ଟେଷ୍ଟରେ ୧୦ ଉଇକେଟ ନେଇଥିବା ରବୀନ୍ଦ୍ର ଜାଡେଜା ମଧ୍ୟ ବୋଲିଂ ତାଲିକାରେ ୮ ନମ୍ବର ସ୍ଥାନରେ ପହଞ୍ଚିଛନ୍ତି। ଜାଡେଜା ଓ ଅଶ୍ୱିନ୍ ଅଲରାଉଣ୍ଡର ତାଲିକାରେ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି।

# ହରମନ୍‌ପ୍ରୀତ୍ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟିକା

ମୁମ୍ବାଇ, ୧୩(ପି.ଟି.)

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଆଗାମୀ ସଂସ୍କରଣ ପାଇଁ ହରମନପ୍ରୀତ୍ କୌରଙ୍କୁ ଅଧିନାୟିକା ଘୋଷଣା କରାଯାଇଛି। ବୁଧବାର ଭାରତୀୟ ଦଳର ଅଧିନାୟିକାଙ୍କୁ ମୁମ୍ବାଇ ଏହାର ଅଧିନାୟକ ଭାବରେ ନିଯୁକ୍ତି ଦେଇଛି। ନିକଟରେ ପ୍ରଥମ ମହିଳା ଖେଳାଳି ଭାବରେ ହରମନପ୍ରୀତ୍ ୧୫୦ତମ ଟି୨୦ ମ୍ୟାଚ୍ ଖେଳିବାର ସୌଭାଗ୍ୟ ହାସଲ କରିଥିଲେ। ଗତମାସରେ ଅନୁଷ୍ଠିତ ନିଲାମୀରେ ହରମନ୍‌ପ୍ରୀତଙ୍କୁ ୧.୮ କୋଟି ଟଙ୍କାରେ କିଣିଥିଲା ମୁମ୍ବାଇ।

### ଓମେନ୍ସ ପ୍ରିମିୟର ଲିଗ୍

ଚଳିତ ଶନିବାରରୁ ମୁମ୍ବାଇର ଡି ୱାଇ ପାଟିଲ ଓ ବ୍ରାବୋର୍ଣ୍ଣ ଷ୍ଟାଡିୟମରେ ଡବ୍ଲ୍ୟୁପିଏଲ୍ ଆରମ୍ଭ ହେବ। ହରମନପ୍ରୀତ୍ ଅଧିନାୟିକା ଭାବେ ଭାରତକୁ ଅନେକ ମ୍ୟାଚରେ ଜିତାଇଛନ୍ତି। ଚାର୍ଲୋଟ ଏଡୱାର୍ଡସ ଓ ଝୁଲଣ ଗୋସ୍ୱାମୀଙ୍କ ସହଯୋଗରେ ସେ ମୁମ୍ବାଇକୁ ସଫଳତା ଦେବେ ବୋଲି ଫ୍ରାଞ୍ଚାଇଜି ପକ୍ଷରୁ କୁହାଯାଇଛି। ହରମନପ୍ରୀତଙ୍କ ନେତୃତ୍ୱରେ ଭାରତ ମହିଳା ଟି୨୦ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଥିବା ବେଳେ ଅଷ୍ଟ୍ରେଲିଆ ନିକଟରୁ ୫ ରନ୍‌ରେ ପରାଜିତ ହୋଇଥିଲା। ଏହା ପୂର୍ବରୁ ଚାର୍ଲୋଟ ଏଡୱାର୍ଡ୍ସ(ମୁଖ୍ୟ କୋଚ୍), ଝୁଲଣ ଗୋସ୍ୱାମୀ(ବୋଲିଂ କୋଚ୍, ମେଣ୍ଟର), ଦେବିକା ପାଲଶିକର (ବ୍ୟାଟିଂ କୋଚ୍) ଓ ଲିଡିଆ ଗ୍ରୀନ୍‌ୱେଙ୍କୁ ଫିଲ୍ଡିଂ କୋଚ୍ ଭାବରେ ନିଯୁକ୍ତ କରାଯାଇଛି। ହରମନପ୍ରୀତଙ୍କ ବ୍ୟତୀତ ନାଟାଲି ସ୍କିଭର ବ୍ରଣ୍ଟ, ଆମେଲିଆ କେର୍, ପୂଜା ବସ୍ତ୍ରକାର ଓ ୟସ୍ତିକା ଭାଟିଆଙ୍କ ପରି ଖେଳାଳି ମୁମ୍ବାଇ ଦଳରେ ରହିଛନ୍ତି। ବେଥ୍ ମୁନିଙ୍କ ଗୁଜରାଟ ଜାଏଣ୍ଟ୍ସ ବିପକ୍ଷରେ ଶନିବାର ଉଦ୍‌ଘାଟନୀ ମ୍ୟାଚ୍ ଖେଳିବ ମୁମ୍ବାଇ।



ହରମନପ୍ରୀତ କୌର

# ଡୋପିଂ ମାମଲା: ଐଶ୍ୱର୍ଯ୍ୟା ବାବୁ ୪ ବର୍ଷ ବାସନ୍ଦ

ନୂଆଦିଲ୍ଲୀ, ୧୩(ପି.ଟି.)

ନିଷିଦ୍ଧ ଡ୍ରଗ୍ସ ସେବନ ମାମଲାରେ ଦୋଷୀ ସାବ୍ୟସ୍ତ ଟ୍ରିପଲ ଜମ୍ପର ଐଶ୍ୱର୍ଯ୍ୟା ବାବୁଙ୍କୁ ୪ ବର୍ଷ ବାସନ୍ଦ କରାଯାଇଛି। ବୁଧବାର ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ପକ୍ଷରୁ ଏହି ବାସନ୍ଦାଦେଶ ଘୋଷଣା କରାଯାଇଛି। ୨୫ ବର୍ଷୀୟା ଐଶ୍ୱର୍ଯ୍ୟା ଓ ଧାବିକା ଏସ୍ ଧନଲକ୍ଷ୍ମୀ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୂର୍ବରୁ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ନାଡା ପକ୍ଷରୁ ଐଶ୍ୱର୍ଯ୍ୟାଙ୍କ ନମୁନା ପରୀକ୍ଷଣ ପାଇଁ ନିଆଯାଇଥିଲା। ଜୁନ୍ ୨୦୨୨ରେ ଚେନ୍ନାଇରେ ଅନୁଷ୍ଠିତ ଜାତୀୟ ଚାମ୍ପିୟନଶିପରେ ୧୪.୧୪ ମିଟରର ଟ୍ରିପଲ ଜମ୍ପ ସହିତ ସେ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ଏହି ଚାମ୍ପିନଶିପରେ ନିଆଯାଇଥିବା ନମୂନା ପଜିଟିଭ୍ ଆସିଥିଲା। ଐଶ୍ୱର୍ଯ୍ୟାଙ୍କ ନମୂନାରୁ ନିଷିଦ୍ଧ ଆନାବୋଲିକ୍ ଷ୍ଟେରଏଡ ଓଷ୍ଟାରିନ୍ ମିଳିଥିଲା। ସିଲେକ୍ଟିଭ୍ ଆଣ୍ଡ୍ରୋଜେନ୍ ରିସେପ୍ଟର ମଡ୍ୟୁଲେଟର (ସ୍ରାମ) ବର୍ଗର ଏହି ନିଷିଦ୍ଧ ଡ୍ରଗ ତାଙ୍କ ନମୂନାରେ ରହିଥିଲା। ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ଏଭଳି ଡ୍ରଗ୍ ବ୍ୟବହାର କରାଯାଏ। ପ୍ରଥମ ରିପୋର୍ଟ ଆସିବା ପରେ ତାଙ୍କୁ ୬ ମାସର ପ୍ରୋଭିଜନାଲ ବାସନ୍ଦାଦେଶ ପ୍ରଦାନ କରାଯାଇଥିଲା। ବାସନ୍ଦାଦେଶର ନୋଟିସ୍ ମିଳିବା ପରେ ଐଶ୍ୱର୍ଯ୍ୟା ଫେବୃୟାରୀ ୧୩ରୁ ମାର୍ଚ୍ଚ ୬ ତାରିଖ ମଧ୍ୟରେ ଏହା ବିରୋଧରେ ଅପିଲ୍ କରି ପାରିବେ ବୋଲି କୁହାଯାଇଛି।



ଟ୍ରିପଲ ଜମ୍ପର ଐଶ୍ୱର୍ଯ୍ୟା ବାବୁ।

# ଜଷ୍ଟ ଫୋଣ୍ଟାଇନଙ୍କ ପରଲୋକ

## ୧୯୫୮ ବିଶ୍ୱକପରେ ରେକର୍ଡ ୧୩ ଗୋଲ୍

ପ୍ୟାରିସ୍, ୧୩(ପି.ଟି.)

ଫ୍ରାନ୍ସର ପ୍ରସିଦ୍ଧ ଫୁଟବଲର ଜଷ୍ଟ ଫୋଣ୍ଟାଇନ୍‌ଙ୍କ ୮୯ ବର୍ଷ ବୟସରେ ପରଲୋକ ଘଟିଛି। ଫୋଣ୍ଟାଇନଙ୍କ ପୂର୍ବତନ କ୍ଲବ ରିମ୍ସ ପକ୍ଷରୁ ବୁଧବାର ଏହା ଘୋଷଣା କରାଯାଇଛି। ୧୯୫୮ ସଂସ୍କରଣର ବିଶ୍ୱକପ୍ ଖେଳିବାର ସୁଯୋଗ ପାଇଥିବା ଫୋଣ୍ଟାଇନ୍ ଦେଇଥିଲେ ୧୩ଟି ଗୋଲ୍। ମାତ୍ର ଗୋଟିଏ ସଂସ୍କରଣ ବିଶ୍ୱକପ ଖେଳି ସର୍ବାଧିକ ଗୋଲ ସ୍କୋରରଙ୍କ ତାଲିକାରେ ଚତୁର୍ଥ ସ୍ଥାନରେ ରହିଛନ୍ତି ଫୋଣ୍ଟାଇନ୍। ଉଲ୍ଲେଖଯୋଗ୍ୟ ଯେ, ମରକ୍କୋରେ ଜନ୍ମିତ ଫୋଣ୍ଟାଇନ୍ ପ୍ରଥମ ପସନ୍ଦର ଖେଳାଳି ଭାବରେ ଫ୍ରାନ୍ସ ଦଳରେ ସ୍ଥାନ ପାଇନଥିଲେ। ଶେଷ ମିନିଟରେ ତାଙ୍କୁ ଦଳରେ ସାମିଲ କରାଯାଇଥିବା ବେଳେ ଆଉ ଜଣଙ୍କ ଠାରୁ ମାଗି ଆଣିଥିବା ଜୋତାରେ ସେ ଏହି କରିସ୍ମା ଦେଖାଇଥିଲେ। ଏହି ଫରୱାର୍ଡ ଖେଳାଳି ଜଣଙ୍କ ସ୍ୱିଡେନ ବିଶ୍ୱକପରେ ସମସ୍ତଙ୍କ ମନୋରଞ୍ଜନ କରିଥିଲେ। ଏପରିକି ବିଶ୍ୱକପରେ ଅଭ୍ୟାସ କରିବା ବେଳେ ତାଙ୍କ ଜୋତା ଛିଡ଼ିଯିବା କାରଣରୁ ଅନ୍ୟ ଜଣଙ୍କ ଠାରୁ ମାଗି ଆଣିଥିବା ଜୋତାରେ ସେ ଖେଳିଥିଲେ। ପଶ୍ଚିମ ଜର୍ମାନୀ ବିପକ୍ଷ ତୃତୀୟ ସ୍ଥାନ ମ୍ୟାଚରେ ସେ ୪ ଗୋଲ ସ୍କୋର କରିଥିଲେ। ଫୁଟବଲ ବିଶ୍ୱକପ ଇତିହାସରେ ମିରୋସ୍ଲାଭ କ୍ଲୋଜେ ସର୍ବାଧିକ ୧୬ ଗୋଲ ସ୍କୋର କରିଥିବା ବେଳେ ଏଥିପାଇଁ ସେ ୪ଟି ସଂସ୍କରଣ ଖେଳିଛନ୍ତି। ଫୋଣ୍ଟାଇନ୍ ନିଜ କ୍ୟାରିୟରରେ ୨୧୩ ମ୍ୟାଚ୍ ଖେଳି ୨୦୦ ଗୋଲ ସ୍କୋର କରିଥିବା ବେଳେ ଫ୍ରାନ୍ସ ପାଇଁ ୨୧ ମ୍ୟାଚରୁ ୩୦ ଗୋଲ ସ୍କୋର କରିଛନ୍ତି। ମାର୍ଚ୍ଚ ୧୯୬୦ରେ ଗୋଡ ଭାଙ୍ଗିବା କାରଣରୁ ଫୋଣ୍ଟାଇନ୍ ମାତ୍ର ୨୮ ବର୍ଷ ବୟସରେ ଫୁଟବଲରୁ ଅବସର ଘୋଷଣା କରିଥିଲେ।



# ପ୍ରଥମ ଦିନିକିଆ ଜିତିଲା ଇଂଲଣ୍ଡ

ଢାକା, ୧୩: ଡାୱିଡ ମଲନଙ୍କ ଅପରାଜିତ ଶତକ ବଳରେ ପ୍ରଥମ ଦିନିକିଆରେ ବାଂଲାଦେଶକୁ ୩ ଉଇକେଟରେ ପରାସ୍ତ କରିଛି ଇଂଲଣ୍ଡ। ଶେରେ ବାଙ୍ଗଲା ଷ୍ଟାଡିୟମରେ ପ୍ରଥମେ ବ୍ୟାଟିଂ କରି ଘରୋଇ ଦଳ ୪୭.୨ ଓଭରରେ ୨୦୯ ରନରେ ଅଲଆଉଟ ହୋଇଥିଲା। ଜବାବରେ ୪୮.୪ ଓଭରରେ ୭ ଉଇକେଟ ହରାଇ ଇଂଲଣ୍ଡ ମ୍ୟାଚ୍ ଜିତି ନେଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା ବାଂଲାଦେଶ। ନଜମୋଲ ହୋସେନ୍ ଶନ୍ତୋ ସର୍ବାଧିକ ୫୮ ରନ୍ କରିଥିବା ବେଳେ ମହମ୍ମଦୁଲ୍ଲା ୩୧ ଓ ତାମିମ ଇକ୍‌ବାଲ ୨୩ ରନ୍ କରିଥିଲେ। ଜବାବରେ ଇଂଲଣ୍ଡ ମଧ୍ୟ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୬୫ ରନ୍‌ରେ ଦଳ ୪ ଉଇକେଟ ହରାଇଥିବା ବେଳେ ଡାୱିଡ ମଲନ ଧୈର୍ଯ୍ୟପୂର୍ଣ୍ଣ ଶତକ ହାସଲ କରିଥିଲେ। ୧୪୫ ବଲ ଖେଳି ୮ ଚୌକା ଓ ୪ ଛକା ମାରିବା ସହିତ ସେ ୧୧୪ ରନ୍ କରି ଅପରାଜିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱିଲ୍ ଜ୍ୟାକ୍ସ ୨୬ ଓ ଆଦିଲ ରସିଦ୍ ଅପରାଜିତ ୧୭ ରନ୍ କରିଥିଲେ। ବିଜୟ ପାଇଁ ୪୯ ରନ୍ ଆବଶ୍ୟକ ଥିବା ବେଳେ ସପ୍ତମ ଉଇକେଟର ପତନ ଘଟିଥିଲା। ତେବେ ରସିଦଙ୍କୁ ସାଥୀ କରି ଇଂଲଣ୍ଡକୁ ବିଜୟୀ କରିଥିଲେ ମଲନ୍। ବାଂଲାଦେଶ ପକ୍ଷରୁ ତାଇଜୁଲ ଇସଲାମ ସର୍ବାଧିକ ୩ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ବାଂଲାଦେଶ ୪୭.୨ ଓଭରରେ ୨୦୯/୧୦ (ନଜମୁଲ ହୋସେନ୍ ଶନ୍ତୋ–୫୮, ମହମ୍ମଦୁଲ୍ଲା–୩୧, ତାମିମ ଇକବାଲ–୨୩, ଜୋଫ୍ରା ଆର୍ଚର–୨/୩୭, ମାର୍କ ଉଡ୍–୨/୩୪, ମୋଇନ୍ ଅଲୀ–୨/୩୫)। ଇଂଲଣ୍ଡ ୪୮.୪ ଓଭରରେ ୨୧୨/୭ (ଡାୱିଡ୍ ମଲନ୍–୧୧୪*, ୱିଲ୍ ଜ୍ୟାକ୍ସ–୨୪, ଆଦିଲ ରଶିଦ୍–୧୭*, ତାଇଜୁଲ୍ ଇସଲାମ–୩/୫୪, ମେହିଦୀ ହସନ ମିରାଜ–୨/୩୫, ଟାସ୍କିନ୍ ଅହମଦ–୧/୨୬)।

ZILLA SWASTHYA SAMITI, DHENKANAL
DISTRICT PROGRAMME MANAGEMENT UNIT
NATIONAL HEALTH MISSION

Notice No. 742 Date: 28.02.2023

EXPRESSION OF INTEREST

No. E-942: Expression of Interest is invited from reputed institutions to impart training and to develop tool for identification of SAM & MAM. The detail EOI document is uploaded in the District website i.e. **www.dhenkanal.nic.in**. The last date of receipt of documents is **09.03.2023, 05.30 P.M.** The EOIs will be opened on **10.03.2023 at 11 A.M.** in the Office of the undersigned. The undersigned is not responsible for any kind of postal delay and reserves all right to cancel any or all the EOI at any stage of selection/ finalisation process without assigning any reason thereof. Any typographical error may be exempted.

Sd./- CDM & PHO-cum-District
Mission Director, Dhenkanal
OIPR-10059/11/0022/2223

OFFICE OF THE NOTIFIED AREA COUNCIL, BALLIGUDA
TENDER CALL NOTICE

No. 264 Date: 24.02.2023

No. C-2554: Sealed tenders are invited from the Registered firms/ Entrepreneurs/Agency/Contractors/Private Companies in two bid systems towards supplying, installation and commissioning for **"SHIVA STATUE"** as per specification give in DTCN to the Office of the NAC, Balliguda, so as to reach before the undersigned by 4.00 P.M. on dated 09.03.2023 through Speed Post/Regd. Post/Courier/ By Hand, which will be opened at 11.00 A.M. on Dt.10.03.2023 in the Office of the NAC, Balliguda in the presence of available bidders or their authorized representative. Detailed Tender Call Notice is available at NAC Office from 11.00 A.M. of 28.02.2023 till 4.00 P.M. on Dated 09.03.2023 (Except Govt. Holiday).
The undersigned reserves the right to accept in full or reject any or all the quotation without assigning any reason thereof.

Sd./- Executive Officer, N.A.C., Balliguda
OIPR-13097/11/0022/2223

GOVERNMENT OF ODISHA No. B-1300
"e" - PROCUREMENT NOTICE
WORKS DEPARTMENT
E-mail: ceworldbankprojects@gmail.com
Bid Identification No. CE-W.B.P.(O) - 37/2022-23

1. The Chief Engineer (World Bank Project), Odisha on behalf of Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road & Bridge work as detailed below:
2. Nature of Work : Road Work
3. No. of Work : 01 No.
4. Tender Cost : Rs.10,000.00 (Online)
5. Class of Contractor : Special/ Super Class Contractor
6. Available of Bid document in the Website : From 10.00 A.M. of 06.03.2023 to 5.00 P.M. of 28.03.2023
7. Pre-Bid Meeting : Dt.13.03.2023
8. Date of Opening of Bid : Dt.29.03.2023 at 11.30 A.M.
9. The bidders have to participate in ONLINE bidding only. Further details can be seen from the website **https://tenderodisha.gov.in**. Any addendum/corrigendum/ cancellation of tender can also be seen in the said website.

Sd./- Chief Engineer
OIPR-34003/11/0076/2223 World Bank Project, Odisha

# ଇରାନୀ କପ୍‌ରେ ଜୟସ୍ୱାଲଙ୍କ ଦ୍ୱିଶତକ



ଦ୍ୱିଶତକ ହାସଲ ପରେ ଯଶସ୍ୱୀ ଜୟସ୍ୱାଲ



ଶତକ ହାସଲକାରୀ ଅଭିମନ୍ୟୁ ଈଶ୍ୱରନ୍

■ ଅବଶିଷ୍ଟ ଭାରତ ୩୮୧/୩
■ ଜୟସ୍ୱାଲ-ଈଶ୍ୱରନଙ୍କ ୩୭୧ ରନ୍ ଭାଗୀଦାରି

ଗ୍ୱାଲିୟର, ୧୩

ଗ୍ୱାଲିୟରର କ୍ୟାପଟେନ୍ ରୁପ୍ ସିଂ ଷ୍ଟାଡିୟମରେ ଖେଳା ଯାଇଥିବା ଇରାନୀ କପ୍ ମୁକାବିଲାରେ ଅବଶିଷ୍ଟ ଭାରତ ଏକ ବୃହତ ସ୍କୋର ଆଡକୁ ଅଗ୍ରସର ହେଉଛି। ୨୦୨୧–୨୨ ସିଜନର ରଣଜୀ ଟ୍ରଫି ଚାମ୍ପିୟନ ମଧ୍ୟପ୍ରଦେଶ ଓ ଅବଶିଷ୍ଟ ଭାରତ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଅବଶିଷ୍ଟ ଭାରତ ୩ ଉଇକେଟ ହରାଇ ୩୮୧ ରନ୍ ସଂଗ୍ରହ କରିଛି। ଯଶସ୍ୱୀ ଜୟସ୍ୱାଲ ୨୧୩ ଓ ଅଭିମନ୍ୟୁ ଈଶ୍ୱରନ୍ ୧୫୪ ରନ୍‌ର ଇନିଂସ ଖେଳିଥିଲେ। ଦ୍ୱିତୀୟ ଉଇକେଟରେ ଉଭୟ ଖେଳାଳି ୩୭୧ ରନ୍ ଯୋଡିଥିଲେ। ଟସ୍ ଜିତି ଅବଶିଷ୍ଟ ଭାରତ ଅଧିନାୟକ ମୟଙ୍କ ଅଗ୍ରୱାଲ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଭାରତୀୟ ଦଳକୁ ଡାକରା ସୁଯୋଗ ଅପେକ୍ଷାରେ ରହିଥିବା ମୟଙ୍କ ମାତ୍ର ୨ ରନ୍ କରି ଆଭେଶ ଖାନଙ୍କ ବଲରେ ଆଉଟ ହୋଇଥିଲେ। ତେବେ ଅଭିମନ୍ୟୁ ଈଶ୍ୱରନ ଓ ଯଶସ୍ୱୀ ଜୟସ୍ୱାଲ ଦ୍ୱିତୀୟ ଉଇକେଟରେ ୩୭୧ ରନ୍ ଯୋଡିଥିଲେ। ଦ୍ୱିଶତକୀୟ ଇନିଂସରେ ଜୟସ୍ୱାଲ ୨୫୯ ବଲ୍ ଖେଳି ୩୦ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଈଶ୍ୱରନ୍ ୨୪୦ ବଲ୍ ଖେଳି ୧୭ ଚୌକା ଓ ୨ ଛକା ମାରିଥିଲେ। ଉଭୟ ଖେଳାଳି ୪୯୧ ବଲର ସମ୍ମୁଖୀନ ହୋଇ ଏହି ଭାଗୀଦାରି କରିଥିଲେ। ମ୍ୟାଚ୍‌ର ୮୫ ତମ ଓଭରରେ ଲଗାତାର ବଲରେ ଉଭୟ ଖେଳାଳି ପ୍ୟାଭିଲିୟନ୍ ଫେରିଥିଲେ। ଓଭରର ଚତୁର୍ଥ ବଲରେ ଜୟସ୍ୱାଲ ବୋଲ୍ଡ ହୋଇଥିବା ବେଳେ ପରବର୍ତ୍ତୀ ବଲରେ ରନ୍‌ଆଉଟ ହୋଇ ପ୍ୟାଭିଲିୟନ୍ ଫେରିଥିଲେ ଈଶ୍ୱରନ୍। ଯଶସ୍ୱୀ ଜୟସ୍ୱାଲ ଅପେକ୍ଷାକୃତ ଆକ୍ରମଣାତ୍ମକ ଢଙ୍ଗରେ ବ୍ୟାଟିଂ କରିଥିବା ବେଳେ ଈଶ୍ୱରନ୍ ଆଙ୍କର ଭୂମିକା ନିଭାଇଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ସୌରଭ କୁମାର (୦) ଓ ବାବା ଇନ୍ଦ୍ରଜିତ୍(୩) କ୍ରିଜରେ ଉପସ୍ଥିତ ରହିଥିଲେ। ମଧ୍ୟପ୍ରଦେଶ ପକ୍ଷରୁ ସଫଳ ବୋଲର ଭାବେ ଆଭେଶ ଖାନ୍ ଦୁଇଟି ଉଇକେଟ ନେଇଥିଲେ। ଅଧିନାୟକ ହିମାଂଶୁ ମନ୍ତ୍ରୀ ୭ ଜଣ ବୋଲରଙ୍କୁ ନିୟୋଜିତ କରିଥିଲେ ମଧ୍ୟ ଏହାର ସୁଫଳ ମିଳିନଥିଲା।

### ସଂକ୍ଷିପ୍ତ ସ୍କୋର

ଅବଶିଷ୍ଟ ଭାରତ– ୮୭ ଓଭରରେ ୩୮୧/୩ (ଯଶସ୍ୱୀ ଜୟସ୍ୱାଲ–୨୧୩, ଅଭିମନ୍ୟୁ ଈଶ୍ୱରନ୍–୧୫୪, ଆଭେଶ୍ ଖାନ୍–୨/୫୧)।)

ODISHA HYDRO POWER CORPORATION LTD.
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT, AT/PO:BARINIPUT, DIST-KORAPUT-764006
Phone:06854-242001, Fax:06854242038, Email:sgmel_ukhep@ohpcltd.com, CIN:U40101OR1995SGC003963
E-PROCUREMENT NOTICE NO.UKHEP/ET-10/2022-23, Dated 28.02.2023

No.CAD-4979: The Unit Head, Upper Kolab Hydro Electric Project, Bariniput, Koraput, Odisha invites percentage rate bid in single cover system in ONLINE MODE only from eligible contractors for the works as mentioned below.

| Sl. No. | Name of the Work | Approx. Estimated cost (in Rs.) | E.M.D. (in Rs) | Cost of bid document | Class of Contracrtor | Availability of Bids online for Bidders | Due date and time of Opening of Tender |
|---|---|---|---|---|---|---|---|
| 1 | Construction of RCC Retaining wall at Switchyard, UKHEP, Bariniput | 42,05,022/- | 42,050/- | 7080/- (Rs.6000+18% GST) | "A" & "B" Class | From 10.00 Hrs. of 09.03.2023 to 17.00 Hrs of 16.03.2023 | At 11.30 Hrs. of 17.03.2023 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in. by using their compatible Digital Signature Certificate (DSC). 2. Further details like tender specification (DTCN), BOQ and any addendum/corrigendum/cancellation of tender can be seen in the same website.

OIPR-04002/11/0090/2223 Sd./- Unit Head, UKHEP, Bariniput

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ:** କ୍ରମାଗତ ୮ ଦିନ ପରେ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରରେ ଉତ୍ସାହ ପରିଲକ୍ଷିତ ହୋଇଛି। ଫଳରେ ବୁଧବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୪୯(୪୪୮.୯୭) ପଏଣ୍ଟ ବୃଦ୍ଧି ଘଟି ୫୯,୪୧୧(୫୯,୪୧୧.୦୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୭ (୧୪୬.୯୫) ପଏଣ୍ଟ ବଢ଼ି ୧୭,୪୫୧ (୧୭,୪୫୦.୯୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଫେବୃୟାରୀରେ ୧.୪୯ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

- ଗତବର୍ଷ ଅପେକ୍ଷା ୧୨% ଅଧିକ ଟିକସ ଆଦାୟ
- କ୍ରମାଗତ ୧୨ ମାସ ଲାଗି ୧.୪ ଲକ୍ଷ କୋଟିର ଟିକସ ସଂଗ୍ରହ



ନୂଆଦିଲ୍ଲୀ,୧।୩

ଦେଶର ଅର୍ଥନୀତିକୁ ସଶକ୍ତ କରିବା ପାଇଁ ସରକାର ଟିକସ ଆଦାୟକୁ ଗୁରୁତ୍ୱ ଦେଉଛନ୍ତି, ଯାହାର ପ୍ରତିଫଳ ଦେଶର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆଦାୟରେ ପ୍ରତିଫଳିତ ହେଉଛି। ଏପରିକି ୨୦୨୩ ଫେବୃୟାରୀର ଜିଏସ୍‌ଟି ସଂଗ୍ରହ ସମ୍ପର୍କରେ ବୁଧବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ବିଶେଷକରି ଚଳିତ ବର୍ଷ ଫେବୃୟାରୀରେ ଦେଶର ଜିଏସ୍‌ଟି ସଂଗ୍ରହ ୧.୪୯ (୧,୪୯,୫୭୭) ଲକ୍ଷ କୋଟି ଟଙ୍କାରୁ ଅଧିକ ଟିକସ ଆକାରରେ ସଂଗ୍ରହ କରାଯାଇଛି। ଅପରପକ୍ଷରେ ୨୦୨୨ ଫେବୃୟାରୀରେ ଦେଶର ଜିଏସ୍‌ଟି ସଂଗ୍ରହ ୧.୩୩ ଲକ୍ଷ କୋଟି ଟଙ୍କା ରହିଥିଲା। ଏପରିକି ଗତ ବର୍ଷ ଫେବୃୟାରୀରେ ସଂଗୃହୀତ ଜିଏସ୍‌ଟି ରାଜସ୍ୱ ଅପେକ୍ଷା ଚଳିତ ବର୍ଷ ଫେବୃୟାରୀର ଟିକସ ସଂଗ୍ରହ ପ୍ରାୟ ୧୨% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ,୨୦୨୩ ଫେବୃୟାରୀରେ ସଂଗୃହୀତ ମୋଟ ଜିଏସ୍‌ଟି ରାଜସ୍ୱ ୧,୪୯,୫୭୭ ଲକ୍ଷ କୋଟି ରହିଥିବା ବେଳେ ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ୨୭,୬୬୨ କୋଟି ଟଙ୍କା ଥିଲାବେଳେ ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ୩୪,୯୧୫ କୋଟି ଟଙ୍କା ରହିଛି। ସେହିଭଳି ଆଇଜିଏସ୍‌ଟି ବାବଦରେ ୭୫,୦୬୯ କୋଟି (ସାମଗ୍ରୀ ଆମଦାନୀରେ ୩୫,୬୮୯ କୋଟି ଟଙ୍କା ଅନ୍ତର୍ଭୁକ୍ତ ) ଏବଂ ସେସ୍ ବାବଦରେ ୧୧,୯୩୧ ଟଙ୍କା କୋଟି (ସାମଗ୍ରୀ ଆମଦାନୀ ଉପରେ ୭୯୨ କୋଟି ଟଙ୍କା ସାମିଲ)ର ଟିକସ ଆଦାୟ କରାଯାଇଛି। ସେହିପରି ସରକାର ସିଜିଏସ୍‌ଟିକୁ ୩୪,୭୭୦ କୋଟି ଟଙ୍କା ଏବଂ ନିୟମିତ ସମାଧାନ ଭାବେ ଆଇଜିଏସ୍‌ଟିରୁ ଏସ୍‌ଜିଏସ୍‌ଟିକୁ ୨୯,୦୫୪ କୋଟି ଟଙ୍କା ଦେବାକୁ ସ୍ଥିର କରିଛନ୍ତି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, କ୍ରମାଗତ ୧୨ ମାସ ଲାଗି ଜିଏସ୍‌ଟି ସଂଗ୍ରହ ୧.୪ ଲକ୍ଷ କୋଟି ରହିଥିବା ବେଳେ ଓଡ଼ିଶାରୁ ଚଳିତ ବର୍ଷ ଫେବୃୟାରୀରେ ୪୫୧୯ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଛି। ଗତ ବର୍ଷ ଏହି ସମୟରେ ଏହାର ପରିମାଣ ୪୧୦୧ ଥିଲା ଯାହା ଚଳିତ ବର୍ଷ ୧୦% ବୃଦ୍ଧି ପାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ୩ୟ ଥର ପାଇଁ ଜିଏସ୍‌ଟି ସଂଗ୍ରହ ୧.୫ ଲକ୍ଷ କୋଟି ଟଙ୍କା ପାରକରିଥିବା ଜଣାପଡ଼ିଛି।

## ଏସ୍‌ବିଆଇ ପକ୍ଷରୁ ୧ବିଲିୟନ୍ ଋଣ ପ୍ରଦାନ

ନୂଆଦିଲ୍ଲୀ,୧।୩

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ନିକଟରେ ୧ବିଲିୟନ୍ ଡଲାରର ସିଣ୍ଡିକେଟ୍ ଋଣ ପ୍ରଦାନ କରାଯାଇଛି। ଏସ୍‌ବିଆଇ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ କାରବାର ବୋଲି କୁହାଯାଉଛି। କାରଣ ଏହା ହେଉଛି ଏସୀୟ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ସର୍ବବୃହତ୍ ଇଏସ୍‌ଜି ଋଣ ହୋଇଥିବା ବେଳେ ବିଶ୍ୱସ୍ତରରେ ୨ୟ ସର୍ବବୃହତ୍ ସାମାଜିକ ଋଣ ପ୍ରଦାନ ଭାବେ ପରିଗଣିତ ହେଉଛି। ଏ ସମ୍ପର୍କରେ ଏସ୍‌ବିଆଇର ଅଧ୍ୟକ୍ଷ ଦୀନେଶ ଖାରା କହିଛନ୍ତି, ଏକ ଦାୟିତ୍ୱବାନ ଅର୍ଥନୈତିକ ସଂସ୍ଥା ଭାବେ ଆମେ ପରିବେଶ,ସାମାଜିକ ଓ ଗଭର୍ନାନ୍ସ (ଇଏସ୍‌ଜି) ପ୍ରଥାର ଉଚ୍ଚମାନକ ବ୍ୟବସାୟ ପରିଚାଳନା କରିବାକୁ ପ୍ରତିବଦ୍ଧ ରହିଛୁ। ଏପରିକି ଆମର ଦୀର୍ଘମିଆଦୀ ସଫଳତା କେବଳ ବ୍ୟାଙ୍କର ଆର୍ଥିକ ପ୍ରଦର୍ଶନ ଉପରେ ନୁହେଁ ବରଂ ପରିବେଶ, ସମାଜ ଏବଂ ଅଂଶୀଦାରଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇବା।

## ସିଆଇଆଇ ସହ ଜେଏସ୍‌ଏଲ୍‌ର ବୁଝାମଣାପତ୍ର ସ୍ୱାକ୍ଷର




ନୂଆଦିଲ୍ଲୀ,୧।୩

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ଏବଂ କନଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ବୁଝାମଣାପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷର ହୋଇଯାଇଛି। ବିଶେଷକରି କ୍ରମକ୍ଷୟକୁ ଦୂରକରିବା ଏବଂ କ୍ଷୟକ୍ଷତିର ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଏମ୍‌ଓୟୁ ହୋଇଥିବା ଜଣାପଡିଛି। ଏପରିକି ନୀତି ଆୟୋଗ ଓ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର କୁଳପତି ଡ. ଭି.କେ.ସାରସ୍ୱତ,ଇସ୍ପାତ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ରୁଚିକା ଗୋବିଲ, ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ ଏବଂ ସିଆଇଆଇ-କୋରୋସନ ମ୍ୟାନେଜମେଣ୍ଟ କମିଟିର ଅଧ୍ୟକ୍ଷ ଡ. କାମାଚି ମୁଦାଲିଙ୍କ ଉପସ୍ଥିତିରେ ଉକ୍ତ ଏମ୍‌ଓୟୁ ଜେଏସ୍‌ଏଲ୍‌ର ନିର୍ଦ୍ଦେଶକ ବିଜୟ ଶର୍ମା ଏବଂ ସିଆଇଆଇର ନିର୍ବାହୀ ନିର୍ଦ୍ଦେଶକ ଓ ହେଡ୍ ସିଆଇଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ ଫର୍ କମ୍ପିଟେଟିଭ୍‌ନେସ୍ ପିକେନ୍ଦର ପଲ୍ ସିଂହଙ୍କ ମଧ୍ୟରେ ଉକ୍ତ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଏହି ଏମ୍‌ଓୟୁ ପାଇଁ ଜିନ୍ଦଲ ଷ୍ଟେନ୍‌ଲେସ୍ ୨କୋଟିରୁ ଅଧିକ ପ୍ରାରମ୍ଭିକ କର୍ପସ ପାଣ୍ଠି ସ୍ଥିର କରାଯାଇଛି। ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, କ୍ରମକ୍ଷୟ ଆମ ଜୀବନର ସମସ୍ତ ବର୍ଗକୁ ପ୍ରଭାବିତ କରିଥାଏ। ଏପରିକି ଭିତ୍ତିଭୂମି ନିରାପତ୍ତା ଏବଂ ପୁଞ୍ଜି ବିନିଯୋଗର କ୍ଷତିଠାରୁ ଆରମ୍ଭକରି ଅପରିଷ୍କାର ଓ ପ୍ରଦୂଷଣ ପର୍ଯ୍ୟନ୍ତ। ବିଶେଷକରି ଆକଳନ ଅନୁଯାୟୀ ପ୍ରତିବର୍ଷ କ୍ରମକ୍ଷୟ ଭାରତର ଜିଡିପିର ପ୍ରାୟ ୪% ଖର୍ଚ୍ଚ କରିଥାଏ।

## ଏଚ୍‌ଡିଏଫ୍‌ସି ଲାଇଫ୍‌ର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୧।୩

HDFC Life
Sar utha ke jiyo!

ଦେଶର ପ୍ରମୁଖ ଜୀବନ ବୀମା କମ୍ପାନୀ ଏଚ୍‌ଡିଏଫ୍‌ସି ଲାଇଫ୍‌ର ନୂତନ ଉତ୍ପାଦ 'ଗ୍ୟାରେଣ୍ଟେଡ୍ ଇନ୍‌କମ୍ ବୀମା ଯୋଜନା'ର ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଉକ୍ତ ଯୋଜନା ଗ୍ୟାରେଣ୍ଟି, ନିୟମିତ ଟିକସମୁକ୍ତ ସୁବିଧା ଏବଂ ସୁନିଶ୍ଚିତ ମୃତ୍ୟୁକାଳୀନ ସୁବିଧା ପ୍ରଦାନ କରୁଛି। ବିଶେଷକରି ଗ୍ରାହକଙ୍କୁ ଏଚ୍‌ଡିଏଫ୍‌ସି ଲାଇଫ ନିୟମିତ ଭାବେ ଏଭଳି ଉତ୍ପାଦ ପ୍ରଦାନ କରିବାକୁ ଉଦ୍ୟମ କରୁଛି, ଯାହା ବୀମାଧାରୀଙ୍କ ଜୀବନର ବିଭିନ୍ନ ସ୍ତରର ଆବଶ୍ୟକତା ପୂରଣ କରିବ। ଏପରିକି କମ୍ପାନୀ ଉକ୍ତ ବୀମା ଯୋଜନା ସହ ଗ୍ରାହକମାନଙ୍କୁ ଏକ ଆର୍ଥିକ ପାଣ୍ଠି ଗଠନ କରିବାର ସୁଯୋଗ ପ୍ରଦାନ କରୁଛି, ଯାହା ସେମାନଙ୍କ ପାଇଁ ନିୟମିତ ଓ ସୁନିଶ୍ଚିତ ଆୟ ଜରିଆରେ ସହାୟକ ହେବ।

ଏ ସମ୍ପର୍କରେ ଏଚ୍‌ଡିଏଫ୍‌ସି ଲାଇଫ୍‌ର ମୁଖ୍ୟ-ପ୍ରଡକ୍ଟସ୍ ଆଣ୍ଡ ସେଗ୍‌ମେଣ୍ଟସ ଅନୀଶ ଖାନ୍ନା କହିଛନ୍ତି, ଏଚ୍‌ଡିଏଫ୍‌ସି ଲାଇଫ୍‌ରେ ଆମେ ଆମ ପଲିସିଧାରକ ଓ ସେମାନଙ୍କ ପ୍ରିୟଜନଙ୍କ ଆର୍ଥିକ ସୁରକ୍ଷାକୁ ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛୁ। ଜୀବନ ବୀମା ଏକ ଉତ୍ପାଦ ବର୍ଗ ଭାବେ ସୁରକ୍ଷା ଓ ଦୀର୍ଘସ୍ଥାୟୀ ସଞ୍ଚୟର ଦ୍ୱୈତ ସୁବିଧା ପ୍ରଦାନ କରୁଛି। ଏଚ୍‌ଡିଏଫ୍‌ସି ଲାଇଫ୍ ଗ୍ୟାରେଣ୍ଟେଡ୍ ଇନ୍‌କମ୍ ବୀମା ଯୋଜନା ରିଟର୍ନ ଓ ଅନିଶ୍ଚିତ ଭବିଷ୍ୟତ ସମୟରେ ପଲିସିଧାରକଙ୍କୁ ସୁରକ୍ଷା ପ୍ରଦାନ କରିବାର ଗ୍ୟାରେଣ୍ଟି ଦେଉଛି। ଇନ୍‌କମ୍ ପେଆଉଟ୍ ପର୍ଯ୍ୟାୟରେ ମଧ୍ୟ ଏହି ପ୍ଲାନ୍ ପ୍ରିମିୟମ୍ ପେମେଣ୍ଟ ଅବଧି ଓ ଜୀବନ ବୀମା ସୁରକ୍ଷା ପ୍ରଦାନ କରୁଛି।

## ଟାଟା ମୋଟର୍ସର ଆର୍‌ଭିଏସ୍‌ଏଫ୍ ଶୁଭାରମ୍ଭ

ନୂଆଦିଲ୍ଲୀ,୧।୩



ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟାଟା ମୋଟର୍ସର ସ୍ୱତନ୍ତ୍ର ଅଭିଯାନ ରିସାଇକେଲ ୱିଥ୍ ରେସ୍ପେକ୍ଟ (ଆର୍‌ଇ.ଡବ୍ଲୁଆଇ.ଆର୍‌ଇ) ବା ସମ୍ମାନର ସହ ପୁନଃଚକ୍ରଣର ଶୁଭାରମ୍ଭ ହୋଇଯାଇଛି। ଏପରିକି ଟାଟା ମୋଟର୍ସର ସ୍ୱୀକୃତି ପ୍ରାପ୍ତ ଡିଲର ରାଜସ୍ଥାନର ଜୟପୁର ଗଙ୍ଗାନଗରର 'ବାହାନ ଉଦ୍ୟୋଗ ପ୍ରାଇଭେଟ ଲିମିଟେଡ୍' ଆନୁକୂଲ୍ୟରେ କମ୍ପାନୀର ପ୍ରଥମ ପଞ୍ଜୀକୃତ ଯାନ ରଦ୍ଦୀକରଣ ସୁବିଧା (ଆର୍‌ଭିଏସ୍‌ଏଫ୍) ର ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଭୟ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବିଶେଷକରି ଏହି ଅତ୍ୟାଧୁନିକ ସୁବିଧା ବାର୍ଷିକ ୧୫,୦୦୦ ଯାନର କ୍ଷମତା ରଖିଛି। ଏପରିକି ସରକାରଙ୍କ ନୂଆ ନିୟମ ଅନୁଯାୟୀ କାର୍ଯ୍ୟକାଳ ଶେଷ ହୋଇଯାଇଥିବା ଯାନର ନିରାପଦ ତଥା ସ୍ଥାୟୀ ବିଖଣ୍ଡନ ପାଇଁ ବିଶ୍ୱସ୍ତରୀୟ ପରିବେଶ ଅନୁକୂଳ ପ୍ରକ୍ରିୟା ଅନୁସରଣ କରିଥାଏ। ସେହିଭଳି ଏଠାରେ ସବୁ ବ୍ରାଣ୍ଡର କାର୍ଯ୍ୟକାଳ ଶେଷ ହୋଇଯାଇଥିବା ଯାତ୍ରୀବାହୀ ଏବଂ ବାଣିଜ୍ୟିକ ଯାନର ରଦ୍ଦୀକରଣ କରିବାକୁ ଉଭୟ ସଂସ୍ଥା ଦ୍ୱାରା ଏହା ବିକଶିତ ଏବଂ ସଞ୍ଚାଳିତ ହୋଇଥାଏ।

ଏ ସମ୍ପର୍କରେ ଟାଟା ମୋଟର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗିରୀଶ ୱାଘ କହିଛନ୍ତି, ଟାଟା ମୋଟର୍ସରେ ଗତିଶୀଳତାକୁ ଅଧିକ ସବୁଜ ଏବଂ ସ୍ଥାୟୀ କରିବା ପାଇଁ ଏହାର ପ୍ରତ୍ୟେକ ବିଭବକୁ ପରୀକ୍ଷା କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ।

## ରାଜ୍ୟରେ ବ୍ୟବସାୟିକ ସମ୍ପ୍ରସାରଣ କରିବ ଶ୍ୟାମ ଷ୍ଟିଲ୍

ନୂଆଦିଲ୍ଲୀ,୧।୩

ଶ୍ୟାମ ଷ୍ଟିଲ୍ ଓଡ଼ିଶାରେ ଡିଲର ବିତରଣ ନେଟ୍‌ୱର୍କ ସମ୍ପ୍ରସାରଣ ସହ ବ୍ୟବସାୟିକ କାର୍ଯ୍ୟକଳାପରେ ଅଭିବୃଦ୍ଧି ଘଟାଇବାକୁ ଯୋଜନା କରିଥିବା ଜଣାପଡ଼ିଛି। ଏପରିକି କମ୍ପାନୀ ପାଇଁ ଓଡ଼ିଶା ଅନ୍ୟତମ ପ୍ରମୁଖ୍ୟ ବଜାର ହୋଇଥିବା ବେଳେ ଉକ୍ତ ବ୍ରାଣ୍ଡ ଓଡ଼ିଶା ବଜାରରେ ପ୍ରାଇମେରି ଟିଏମ୍‌ଟି ବାର୍ ଶ୍ରେଣୀର ଅଗ୍ରଣୀ ହେବାକୁ ଲକ୍ଷ୍ୟ ରଖିଛି। ବିଶେଷକରି ରାଜ୍ୟରେ କମ୍ପାନୀର ୮୫୦ ଡିଲର ବିତରଣ ନେଟ୍‌ୱର୍କ ରହିଛି ଏବଂ ଏହା ନୂତନ ଅଞ୍ଚଳରେ ନିଜର ଉପସ୍ଥିତି ବୃଦ୍ଧି କରିବାକୁ ସକ୍ରିୟ ପଦକ୍ଷେପ ଗ୍ରହଣ କରୁଛି। ସେହିଭଳି କମ୍ପାନୀ ଓଡ଼ିଶାର ଉତ୍ତର ଓ ପୂର୍ବଭାଗରେ ମଜଭୁତ ଉପସ୍ଥିତି ରଖିଥିବା ବେଳେ ପଶ୍ଚିମ ଓ ଦକ୍ଷିଣରେ ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା, ସୁବର୍ଣ୍ଣପୁର, ରାୟଗଡ଼ା, ଗଜପତି, କୋରାପୁଟ, ମାଲକାନଗିରି ଆଦି ଜିଲାରେ ନିଜର ବ୍ୟବସାୟିକ କାର୍ଯ୍ୟକଳାପ ସମ୍ପ୍ରସାରଣ କରିବା ଉପରେ ଦୃଷ୍ଟି ନିବଦ୍ଧ କରୁଛି।

ଏ ସମ୍ପର୍କରେ ଶ୍ୟାମ ଷ୍ଟିଲ୍‌ର ଡାଇରେକ୍ଟର ଲଳିତ ବେରିୱାଲା କହିଛନ୍ତି, ଓଡ଼ିଶା ବଜାରରୁ ଆମେ ବହୁତ ଭଲ ଗ୍ରହଣୀୟତା ପାଇଛୁ ଏବଂ ରାଜ୍ୟରେ ଆମର ଡିଲରଶିପ ନେଟ୍‌ୱର୍କ ଏବଂ ବ୍ୟବସାୟିକ କାର୍ଯ୍ୟକଳାପ ପୁନଃ ପରିବ୍ୟାପ୍ତ କରିବାରେ ମଧ୍ୟ ଲକ୍ଷ୍ୟ ରଖିଛୁ।

## ଫୁର୍‌ସତ୍

# ଗଞ୍ଜେଇ ସେବନ ହୃଦ୍‌ଘାତର କାରଣ ହୋଇପାରେ

**ନୂଆଦିଲ୍ଲୀ:** ବର୍ତ୍ତମାନ ସମୟରେ ଲୋକେ ଅଧିକ ହୃଦ୍‌ଘାତର ଶିକାର ହେଉଥିବା ଦେଖିବାକୁ ମିଳୁଛି। ତେବେ ନିୟମିତ ଗଞ୍ଜେଇ ସେବନ ଦ୍ୱାରା ବ୍ୟକ୍ତି ହୃଦ୍‌ଘାତର ଶିକାର ହୋଇପାରନ୍ତି ବୋଲି ଏକ ଅଧ୍ୟୟନରୁ ଜଣାପଡିଛି। ଯେଉଁମାନେ ସବୁବେଳେ ଗଞ୍ଜେଇ ସେବନ କରୁଛନ୍ତି, ସେମାନଙ୍କୁ କରୋନାରି ଧମନୀ ରୋଗ ହେବାର ଅଧିକ ସମ୍ଭାବନା ରହିଛି। କରୋନାରି ଧମନୀ ରୋଗ ହେଉଛି ହୃଦ୍‌ଘାତର ସାଧାରଣ ରୂପ। ଏହି ରୋଗ ହେଲେ ଧମନୀ ସଂକୀର୍ଣ୍ଣ ହେବାରୁ ଛାତିରେ ଯନ୍ତ୍ରଣା ଅନୁଭୂତ ହୋଇଥାଏ। ଅନୁସନ୍ଧାନକାରୀ କହିଛନ୍ତି ଯେ, ଧୂମପାନ ବିପଦମୁକ୍ତ ନୁହେଁ। ଦି ଆମେରିକାନ କଲେଜ ଅଫ୍ କାର୍ଡିଓଲୋଜି କହିଛି, ଲୋକେ ତାଙ୍କ ଡାକ୍ତରଙ୍କୁ ଧୂମପାନ କରୁଥିବା ବିଷୟରେ ଜଣାଇବା ଉଚିତ, ତେବେ ବିଶେଷଜ୍ଞମାନେ ହୃଦଘାତ ଉପରେ ଠିକ୍ ଭାବେ ନଜର ରଖିପାରିବେ। ଆମେରିକାରେ ୧୭୫ ହଜାର ନିୟମିତ ଧୂମପାନ କରୁଥିବା ଲୋକଙ୍କୁ ନେଇ ଏକ ପରୀକ୍ଷା କରାଯାଇଥିଲା। ଯେଉଁମାନେ ସବୁଦିନ ଗଞ୍ଜେଇ ସେବନ କରୁଥିଲେ, ସେମାନଙ୍କ ମଧ୍ୟରୁ ୩୪ ପ୍ରତିଶତଙ୍କ ମଧ୍ୟରେ କରୋନାରି ଧମନୀ ରୋଗ ବିକାଶ ହେଉଥିବା ଦେଖିବାକୁ ମିଳିଥିଲା।



## ଦୀପିକାଙ୍କ ସହ ଏକାଠି ନଜର ଆସିବେ କ୍ୟାଟ୍ରିନା

**ମୁମ୍ବାଇ:** ବଲିଉଡ୍‌ର ୨ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଏବଂ କ୍ୟାଟ୍ରିନା କୈଫ୍‌ଙ୍କ ପାଇଁ ଦର୍ଶକଙ୍କ ଅନେକ କ୍ରେଜ୍ ରହିଛି। ତେବେ ଏବେ ଉଭୟଙ୍କୁ ଏକାଠି ଦେଖିବାକୁ ମିଳିବ। ରପୋର୍ଟ ଅନୁଯାୟୀ, ଯଶରାଜ୍ ଫିଲ୍ମ 'ସ୍ପାଏ ୟୁନିଭର୍ସ'ରେ ଦୁହେଁ ଏକାଠି ନଜର ଆସିବେ। ତେବେ ବର୍ତ୍ତମାନ ନିର୍ମାତା ଦୁଇ ଅଭିନେତ୍ରୀଙ୍କୁ ନେଇ କିଛି ବଡ଼ କରିବାକୁ ଯାଉଛନ୍ତି। ସ୍ପାଏ ୟୁନିଭର୍ସରେ ମହିଳା ଆଧାରିତ ମୁଭିର ଅଭାବ ରହିଛି। ଏହି ୨ ଅଭିନେତ୍ରୀଙ୍କୁ ନେଇ ଯଶରାଜ୍ ଫିଲ୍ମ ଏହି ଅଭାବକୁ ପୂରଣ କରିବାକୁ ଚେଷ୍ଟା ଚଳାଇଛି। ନିକଟରେ ଚଳଚ୍ଚିତ୍ର ଲେଖକ ଶ୍ରୀଧର ରାଘବନ୍ ଗଣମାଧ୍ୟମକୁ କହିଛନ୍ତି, ଦୀପିକା ଏବଂ କ୍ୟାଟ୍ରିନା ଫିଲ୍ମ ନିର୍ଦ୍ଦେଶକ ଆଦିତ୍ୟ ଚୋପ୍ରାଙ୍କ ସ୍ପାଏ ୟୁନିଭର୍ସ ଫିଲ୍ମରେ ଏକାଠି ଦେଖିବାକୁ ମିଳିବେ। ସେମାନେ ଏକ ମହିଳା ଭିତ୍ତିକ ସ୍ପାଏ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଯୋଜନା ରଖିଛନ୍ତି।



## ଭାରତୀୟ ବଧୂ ବେଶ ଧାରଣ କରି ପାକ୍ ଅଭିନେତ୍ରୀ ଟ୍ରୋଲ୍



ଇସ୍‌ଲାମାବାଦ

ନିକଟରେ ପାକିସ୍ତାନୀ ଅଭିନେତ୍ରୀ ଉସ୍‌ନା ଶାହାଙ୍କ ବିବାହ ହାମଜା ଆମିନଙ୍କ ସହ ହୋଇଯାଇଛି। ଦୁହିଁଙ୍କର ବିବାହ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ ସେଥିରେ ଅଭିନେତ୍ରୀ ଉସ୍‌ନା ଏକ ସୁନ୍ଦର ଲାଲ ବ୍ରାଇଡାଲ୍ ଲେହେଙ୍ଗା ପିନ୍ଧିଥିବାବେଳେ ଆମିନ ଶେରୱାନି ପିନ୍ଧିଥିବା ନଜରକୁ ଆସିଛନ୍ତି। ଏଥିପାଇଁ ସୋସିଆଲ ମିଡିଆ ବ୍ୟବହାରକାରୀ ଉସ୍‌ନାଙ୍କୁ ଭାରତୀୟଙ୍କ ଭଳି ବଧୂ ବେଶ ଧାରଣ କରିଥିବାରୁ ଟ୍ରୋଲ୍ କରିଛନ୍ତି। ଅଭିନେତ୍ରୀଙ୍କ ଏକ ଡ୍ୟାନ୍ସ ଭିଡିଓରେ ଜଣେ ୟୁଜର ଲେଖିଛନ୍ତି, ପାକିସ୍ତାନୀଙ୍କ ନିଜସ୍ୱ ସଂସ୍କୃତି, ଧର୍ମ ରହିଛି। ତେବେ ପାକିସ୍ତାନୀ ହୋଇ ଭାରତୀୟ ସଂସ୍କୃତି ଅନୁସରଣ କରିବା ବନ୍ଦ କରନ୍ତୁ। ଅନ୍ୟ ଜଣେ ଲେଖିଛନ୍ତି, ମୁସଲମାନଙ୍କ ଧର୍ମରେ ଏପରି ପୋଷାକ ପିନ୍ଧିବାକୁ ଅନୁମତି ନାହିଁ। ଏପରି ଭାରତୀୟଙ୍କ ଭଳି ବଧୂ ବେଶ ଧାରଣ କରି ଭାରତୀୟ ସଂସ୍କୃତିକୁ ଅପମାନ କରନ୍ତୁ ନାହିଁ। ତେବେ ଏହାର ମନ୍ତବ୍ୟରେ ଉସ୍‌ନା ରବିବାର ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ପୋଷ୍ଟ କରି ଲେଖିଛନ୍ତି, 'ମୁଁ ପିନ୍ଧିଥିବା ବିବାହ ପୋଷାକ ମୋ ପସନ୍ଦର। ଏହା ମତେ ଭଲ ଲାଗୁଛି। ଅନ୍ୟମାନଙ୍କୁ କାହିଁକି ଏହା ଖରାପ ଲାଗୁଛି।' ସେ ଏଥିସହ ଲେଖିଛନ୍ତି, ବିନା ନିମନ୍ତ୍ରଣରେ ତାଙ୍କ ବିବାହ ଉତ୍ସବକୁ ଆସିଥିବା ଫଟୋଗ୍ରାଫରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଦାମୀ କାର୍‌ରେ ଆସି ଫୁଲଗଛ ଚୋରି

ଚଣ୍ଡିଗଡ଼

ହରିୟାଣାର ଏକ ଘଟଣା ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ କି ଜଣେ ବ୍ୟକ୍ତି ତାଙ୍କ ଦାମୀ କାର୍‌ରେ ଆସି ଫୁଲଗଛ ଚୋରି କରୁଥିବା ଦେଖିବାକୁ ମିଳିଛି। ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ଚଳିତବର୍ଷ ହରିୟାଣାର ଗୁରୁଗ୍ରାମରେ ଜି-୨୦ ବୈଠକର ଆୟୋଜନ କରାଯାଉଛି। ସେଠାରେ ଅତିଥିଙ୍କୁ ସ୍ୱାଗତ କରିବାକୁ ଅନେକ ଫୁଲଗଛ ସଜା ଯାଇଛି। କିନ୍ତୁ କିଛି ଲୋକ ଏହି ଫୁଲଗଛକୁ ଚୋରି କରିନେଉଥିବା ଭିଡିଓ ସାମ୍ନାକୁ ଆସିଛି। ସେଥିରେ କିଛି ଲୋକ ଏକ ଦାମୀ କାର୍‌ରେ ଆସି ଫୁଲଗଛ ଚୋରି କରୁଥିବା ଭିଡିଓ ଭାଇରାଲ ହେବାରେ ଲାଗିଛି। ଭିଡିଓ ଭାଇରାଲ ପରେ ସେଠାକାର ପୋଲିସ ଥାନାରେ ସେନେଇ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି।

## ଲଦାଖରେ ହିମାଳୟାନ୍ ବିରାଡ଼ି ଠାବ

ଲେହ



ଭାରତୀୟ ଫରେଷ୍ଟ ଅଫିସର ପରଭିନ୍ କଶୱାନ୍ ନିକଟରେ ସୋସିଆଲ ମିଡିଆରେ ଏକ ଫଟୋ ଶେୟାର କରିଛନ୍ତି। ସେଥିରେ ଏକ ବିଲୁପ୍ତପ୍ରାୟ ପ୍ରାଣୀ ଦେଖିବାକୁ ମିଳିଛି। ସେହି ଜୀବ ବିରାଡ଼ିଙ୍କ ପ୍ରଜାତିର ହୋଇଥିବା ଜଣାପଡୁଛି। ହେଲେ ତା'ର ମୁନିଆ କାନ ରହିଛି। ଶରୀରର ରଙ୍ଗ ଧୂସର ହୋଇଥିବାବେଳେ ଭିଡିଓଟି ଲଦାଖ ବୋଲି ଫରେଷ୍ଟ ଅଫିସର କହିଛନ୍ତି। ଏହି ଭିଡିଓକୁ ଲଦାଖର ବାଲ୍ଟି କମ୍ୟୁନିଟିର ପ୍ରଥମ ଗାୟିକା ସେରିନି ଫାତିମା ଶୁଟ୍ କରିଥିବା ଜଣାପଡ଼ିଛି। ତେବେ ସେହି ପ୍ରାଣୀର ନାମ ଜଣାପଡି ନ ଥିବାବେଳେ କେତେକେ ଏହାକୁ ହିମାଳୟାନ ବିରାଡ଼ି ପ୍ରଜାତିର ବନ୍ୟପ୍ରାଣୀ ବୋଲି କହିଛନ୍ତି। ସେହି ଅଞ୍ଚଳରେ ଏହି ପ୍ରାଣୀକୁ ନୂଆ ଭାବେ ଦେଖିବାକୁ ମିଳିଥିବା ଜଣାପଡିଛି। ଉକ୍ତ ଅଞ୍ଚଳରେ ଥିବା କୁକୁର ଉକ୍ତ ପ୍ରାଣୀକୁ ଦେଖି ଭୋକୁଥିବା ଭିଡିଓରେ ଦେଖିବାକୁ ମିଳିଛି। ରିପୋର୍ଟ ଅନୁସାରେ, ହିମାଳୟାନ ବିରାଡ଼ି ପ୍ରଜାତିର ବନ୍ୟପ୍ରାଣୀ ମଧ୍ୟମଧରଣର ଓ ସେମାନଙ୍କ ଲାଞ୍ଜ ଛୋଟ । ସେହିପରି ପ୍ରାଣୀ ଉତ୍ତର ଆମେରିକା, ଏସିଆ ଏବଂ ୟୁରୋପରେ ଦେଖିବାକୁ ମିଳିଥାନ୍ତି। ତେବେ ଏମାନେ ଭାରତରେ ଦେଖିବାକୁ ମିଳି ନ ଥାନ୍ତି।

# ଏବେ ବି ମନେପଡ଼େ ହାପି ନ୍ୟୁ ଇୟର

**ହା**ପି ନ୍ୟୁ ଇୟରକୁ କେହି କ'ଣ କେବେ ଭୁଲିପାରେ ? କାରଣ ଏହି ଦିନକୁ ସମଗ୍ର ବିଶ୍ୱରେ ବେଶ୍ ଆନନ୍ଦ ଉତ୍ସାହର ସହ ସ୍ୱାଗତ କରାଯାଇଥାଏ । ହେଲେ ଏଠାରେ ଯେଉଁ ହାପି ନ୍ୟୁ ଇୟର କଥା କୁହାଯାଉଛି ତାହା ଅଲଗା । ଏହାର ସମ୍ପର୍କ ମନୋରଞ୍ଜନ ଜଗତ ସହ ରହିଛି । ହଁ, ଏହା ହେଉଛି ଏକ ହିନ୍ଦୀ ସିନେମାର ଟାଇଟଲ, ଯାହାର ମୁଖ୍ୟ ଭୂମିକାରେ ଶାହରୁଖ୍ ଖାଁ ଅଭିନୟ କରିଥିଲେ । ଏହାର କାଷ୍ଟିଂ ସମୟର ଘଟଣାକୁ ଭୁଲିପାରୁନାହାନ୍ତି ଅଙ୍କିତା ଲୋଖାଣ୍ଡେ । କଥା କ'ଣ କି, କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ଫରହା ଖାଁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ନାୟିକା ସାଜିବାକୁ ପ୍ରଥମେ ଅଙ୍କିତା ଲୋଖାଣ୍ଡେଙ୍କୁ ଅଫର ଦିଆଯାଇଥିଲା । କିନ୍ତୁ କିଛିଦିନ ପରେ ଚକ ଏମିତି ଓଲଟିଗଲା ଯେ ଦେଖିଲାବେଳକୁ ଅଙ୍କିତାଙ୍କୁ କାଷ୍ଟିଂରୁ ଆଉଟ୍ କରିଦିଆଯାଇଛି । ତାଙ୍କ ସ୍ଥାନରେ ଦୀପିକା ପାଦୁକୋନ୍‌ଙ୍କୁ ନିଆଯାଇଥିଲା । 'ଯେତେବେଳେ ମୋତେ ଏହି ଅଫରଟି ମିଳିଥିଲା ସେତେବେଳେ ମୁଁ ଏତେ ଖୁସି ହୋଇଯାଇଥିଲି ଯେ ତାହାକୁ ବର୍ଣ୍ଣନା କରିପାରିବି ନାହିଁ । ହେଲେ ପରେ ମୋତେ କାଷ୍ଟିଂରୁ କାହିଁକି ବାଦ୍ ଦିଆଗଲା ତାହା ମୁଁ ଏବେ ବି ଜାଣିପାରୁନି ।' ଅଙ୍କିତାଙ୍କ ଅଭିନୀତ ହିନ୍ଦୀ ସିନେମା 'ସ୍ୱତନ୍ତ୍ର ବୀର୍ ସବରକର' ଚଳିତବର୍ଷ ମେ' ୨୬ରେ ରିଲିଜ ହେବ । ଏଥିରେ ତାଙ୍କର ନାୟକ ସାଜିଛନ୍ତି ରଣଦୀପ ହୁଡା ।

ଅଙ୍କିତା



# ପ୍ରିୟଙ୍କାଙ୍କ ପାଇଁ...

**କି**ଆରା ଆଡ୍‌ୱାନୀ ବଲିଉଡ୍‌ରେ ନିଜ ଆକ୍ଟିଂ କ୍ୟାରିୟରକୁ ଆଗେଇ ନେଉଛନ୍ତି । ପୁଣି ନିକଟରେ ଅଭିନେତା ସିଦ୍ଧାର୍ଥ ମାଲ୍‌ହୋତ୍ରାଙ୍କ ସହ ତାଙ୍କର ବିବାହ ସମ୍ପନ୍ନ ହୋଇସାରିଛି । ଅଭିନୟ ଦୁନିଆରେ ପାଦ ଥାପିବା ପଛରେ ଜଣଙ୍କର ଅବଦାନକୁ ସେ ଏବେ ବି ସ୍ମରଣ କରନ୍ତି । ଏ ନେଇ ସେ କାହାକୁ ଶ୍ରେୟ ଦିଅନ୍ତି ଜାଣନ୍ତି ? ପ୍ରିୟଙ୍କା ଚୋପ୍ରା । ଏ ବିଷୟରେ କିଆରା କହନ୍ତି, 'ଥରେ ମୁଁ ପ୍ରିୟଙ୍କା ଅଭିନୟ କରିଥିବା 'ଅଞ୍ଜାନା ଅଞ୍ଜାନୀ' ଶୁଟିଂ ସେଟ୍‌କୁ ଯାଇଥାଏ । ସେଠାରେ ତାଙ୍କର କେଇପଦ କଥା ମୋତେ ଅଭିନୟକୁ କ୍ୟାରିୟର କରିବାକୁ ବାଧ୍ୟ କରିଥିଲା । ଏ ନେଇ ତାଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ ।' କିଆରାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଫୁଗ୍‌ଲି' । ଫିଲ୍ମଟି ଅବଶ୍ୟ ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା । ହେଲେ ସେଥିରେ ଭାଙ୍ଗିପଡ଼ି ନ ଥିଲେ କିଆରା । ଏପର୍ଯ୍ୟନ୍ତ ସେ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡ଼ିକ ହେଲା- 'ଏମ୍.ଏସ୍. ଧୋନି-ଦ ଅନ୍‌ଟୋଲ୍ଡ ଷ୍ଟୋରି', 'କବୀର ସିଂ', 'ଗୁଡ୍‌ନ୍ୟୁଜ୍', 'ଇନ୍ଦୁ କି ଜୱାନୀ', 'ଭୁଲ୍ ଭୁଲେୟାଁ-୨' ଏବଂ 'ଗୋବିନ୍ଦା ନାମ ମେରା' । ଅନ୍ୟପକ୍ଷରେ କାର୍ତ୍ତିକ ଆର୍ଯ୍ୟନ ଏବଂ କିଆରା ଅଭିନୀତ 'ସତ୍ୟପ୍ରେମ କି କଥା' ଚଳିତବର୍ଷ ଜୁନ୍ ୨୯ରେ ରିଲିଜ୍ ହେବାର ଯୋଜନା ରହିଛି ।



କିଆରା

## ଅପେରା ହାଲ୍‌ଚାଲ୍

# ରାଜ୍ କରୁଛନ୍ତି ସୁବାସ

**ଜ**ଲିଉଡ୍‌ର ଅନ୍ୟତମ ଅଲ୍‌ରାଉଣ୍ଡର ସୁବାସ ବେହେରାଙ୍କୁ ନେଇ ଚର୍ଚ୍ଚା । ଚଳିତ ବର୍ଷ ସେ ଅଭିନୟ କରିଥିବା ନାଟକଗୁଡିକ ତାଙ୍କ କ୍ୟାରିୟରକୁ ବେଶ୍ ମାଇଲେଜ୍ ଦେଇଛି । ବିଶେଷ ଭାବରେ ଏଥର ଖଣ୍ଡଗିରି ମେଳାରେ ତାଙ୍କ ଅଭିନୀତ ତଥା ଅପେରା ସୂର୍ଯ୍ୟମନ୍ଦିରର 'ଗୁମୁରି ଗୁମୁରି କାହାଣୀ କାନ୍ଦେ' ଦର୍ଶକାଦୃତ ହୋଇଥିଲା । ଗଣେଶ ରାଉତଙ୍କ ରଚନା ଏବଂ ଗୁରୁ ପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶନା ସହ ସୁବାସଙ୍କ ନିଖୁଣ ଅଭିନୟ ନାଟକଟିକୁ ସଫଳତାର ଶୀର୍ଷରେ ପହଞ୍ଚାଇବାରେ ସକ୍ଷମ ହୋଇଥିଲା । ଏ ନେଇ ସୁବାସ କୁହନ୍ତି, 'ଅପେରା ଜଗତରେ ଦେଖୁ ଦେଖୁ ୨୮ ବର୍ଷ ଅତିକ୍ରାନ୍ତ ହୋଇଗଲାଣି । ମଡର୍ନ ଅପେରାର ନାଟକ 'ବାହା ଦେବି ତୋତେ ରଜା ପୁଅକୁ' ପାଖରୁ ମୋର ଇନିଂସ୍ ଆରମ୍ଭ । ଯା ଭିତରେ ମୁଁ ଯେଉଁ ନାଟକଗୁଡିକରେ ଅଭିନୟ କରିଛି ଏବଂ ସଫଳତା ପାଇଛି ତାହା ସମ୍ଭବ ହୋଇଛି କେବଳ ଦର୍ଶକମାନଙ୍କ ପାଇଁ । ଆସନ୍ତାକାଲି(ମାର୍ଚ୍ଚ ୩)ଗୌରୀ ଗଣନାଟ୍ୟ ପରିବେଷିତ ଏବଂ ମୁଁ ଅଭିନୟ କରିଥିବା ସୁପରହିଟ୍ ନାଟକ 'ବାଜିବ ଲୋ ସାହାନାଇ' ଓଡ଼ିଆ ସିନେମା ଭାବେ ରିଲିଜ୍ ହେଉଛି-ଯାହା ଏକ ଖୁସିର ବିଷୟ ।' ଚଳିତ ବର୍ଷ ସୂର୍ଯ୍ୟମନ୍ଦିରର ପରିବେଷିତ 'ଭୁଲିଯା ଯାହା ଭୁଲ୍ ହୋଇଛି' ଏବଂ 'ଯମ ଯନ୍ତ୍ରଣା' ମଧ୍ୟ ସୁବାସଙ୍କ ଜଲିଉଡ୍ କ୍ୟାରିୟର ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇଛି ।



ସୁବାସ

## — ପରଦାରେ ଦ୍ୱିମୁଖୀ ଲଢ଼େଇ



'ବାପା ସୁପରମ୍ୟାନ୍' ଫିଲ୍ମର ଏକ ଦୃଶ୍ୟରେ ସୁପ୍ରିୟା-ସିଦ୍ଧାନ୍ତ-ଶୁଭମ

# ବାପା ସୁପରମ୍ୟାନ୍ ବନାମ ବାଜିବ ଲୋ ସାହାନାଇ

**ଆ**ସନ୍ତାକାଲି ଅର୍ଥାତ୍ ଚଳିତ ମାସ ୩ ତାରିଖରେ ଦୁଇଟି ଓଡ଼ିଆ ସିନେମା ପରଦା ଉପରକୁ ଆସୁଛି । ଏହି ଫିଲ୍ମଦ୍ୱୟର ଟାଇଟଲ ରହିଛି 'ବାଜିବ ଲୋ ସାହାନାଇ' ଏବଂ 'ବାପା ସୁପରମ୍ୟାନ୍' । ନବାଗତ ପ୍ରଯୋଜକ ଜନ୍ମେଜୟ ଡଗରାଙ୍କ ପ୍ରଯୋଜିତ ତଥା ଜଲିଉଡ୍‌ର ଆଗଧାଡ଼ିର ନାଟ୍ୟକାର ତଥା ନିର୍ଦ୍ଦେଶକ ଆଶୁତୋଷ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଛି 'ବାଜିବ ଲୋ ସାହାନାଇ' । ସମାନ ଟାଇଟଲବିଶିଷ୍ଟ ଏବଂ ସୁପରହିଟ୍ ଅପେରା ନାଟକକୁ ଚଳଚ୍ଚିତ୍ର ରୂପ ଦିଆଯାଇଛି । ଏହାର ନିର୍ଦ୍ଦେଶନା ଦେବା ସହ କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିଛନ୍ତି ନିଜେ ଆଶୁତୋଷ । ଆର୍‌ଜେଡି ଆର୍ଟସ ବ୍ୟାନରରେ ଏହି ଫିଲ୍ମରେ ସମ୍ବିତ୍, ଅମ୍ଳାନ କୁମାର, ଝିଲିକ୍, ରାଇମୋହନ, ଅଶ୍ରୁମୋଚନ ମହାନ୍ତି, ଆଶୁତୋଷ, ଭୂପତି ତ୍ରିପାଠୀ, ସୁମନ, ପ୍ରତିଭା ପଣ୍ଡା, ଜୟୀରାମ ସାମଲ ଏବଂ ଅପେରା ଅଭିନେତା ହୃଷୀକେଶ ମିଶ୍ର ଅଭିନୟ କରିଛନ୍ତି । ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅମୃତାଂଶୁ-ତାପସ । ଅନ୍ୟପକ୍ଷରେ ଓମ୍‌କାର ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏବଂ ରଶ୍ମିପ୍ରଭା ପାଣିଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଛି 'ବାପା ସୁପରମ୍ୟାନ୍' । ଏହାର କାହାଣୀ, ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ଗୁରୁ ଶତପଥୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ସୌମିତ୍ରୀ ପଲାଇ । ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଓଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ । ଏହି ଫିଲ୍ମର ଟାଇଟଲ ଭୂମିକାରେ ସିଦ୍ଧାନ୍ତ ମହାପାତ୍ରଙ୍କୁ ଦେଖିବାକୁ ମିଳିବ । ତାଙ୍କ ବ୍ୟତୀତ ସୋଫିଆ ଆଲାମ୍, ଶମ୍ଭୁ ହୋତା, ସୁପ୍ରିୟା, ପ୍ରକାଶ, ପ୍ରଜ୍ଞା, ଶୁଭ୍ରାଂଶୁ ଏବଂ ଶିଶୁ କଳାକାର ଶୁଭମ୍ ପଣ୍ଡା, ତ୍ରିଶା, ରିଷିକ ଏବଂ ତେଜ୍ ମଧ୍ୟ ଅଭିନୟ କରିଛନ୍ତି । ତେବେ ଗୋଟିଏ ତାରିଖରେ ପରଦା ଉପରକୁ ଆସୁଥିବା ଏହି ଫିଲ୍ମଦ୍ୱୟ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି, ତାହା ଦେଖିବାକୁ ବାକି ରହିଲା ।



'ବାଜିବ ଲୋ ସାହାନାଇ' ଫିଲ୍ମରେ ଅମ୍ଳାନ-ଝିଲିକ୍

# ବଡ଼ ବ୍ରେକ୍‌କୁ ଅପେକ୍ଷା

**ମ**ଡେଲିଂ ଜଗତରେ ପାଦ ଦେବା ପରେ ଅଭିନୟ ପ୍ରତି ତାଙ୍କର ଆଗ୍ରହ ସୃଷ୍ଟି ହୋଇଥିଲା । ତା'ପରେ ସେ ସ୍ୱର୍ଗତ ଅଜିତ ଦାସଙ୍କ ନାଟ୍ୟାନୁଷ୍ଠାନ 'ଅଜିତ'ରେ ଆକ୍ଟିଂ ଶିକ୍ଷା କରିବା ସହିତ କେତେକ ଥିଏଟର ନାଟକ ଏବଂ ଚଳଚ୍ଚିତ୍ରରେ ଅଭିନୟ କରିସାରିଛନ୍ତି । ସେ ହେଲେ ବିଭାସ । ତାଙ୍କ ଅଭିନୀତ ସିନେମାଗୁଡିକ ହେଲା, 'ମନର ମାନସୀ' , 'ଏ ଦିଲ୍ ତତେ ଦେଲି', 'ଜଙ୍ଗଲରାଜ୍' ଏବଂ ରିଲିଜ ଅପେକ୍ଷାରେ ଥିବା 'ମିଶ୍ରି' । ନିଜ କ୍ୟାରିୟର ସମ୍ପର୍କରେ ବିଭାସ କୁହନ୍ତି, 'ଅଜିତ୍ ସାର୍‌ଙ୍କ ପ୍ରେରଣା ହିଁ ମୋତେ ଆଜି ଏପର୍ଯ୍ୟନ୍ତ ଆଣିବାରେ ସକ୍ଷମ ହୋଇଛି । ସେ ସିନା ଆମକୁ ଛାଡ଼ି ଚାଲିଯାଇଛନ୍ତି, ହେଲେ ସେ ସବୁବେଳେ ମୋ ପାଖରେ ଅଛନ୍ତି । ବର୍ତ୍ତମାନ ସୁଦ୍ଧା ମୁଁ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିସାରିଛି, ହେଲେ ବଡ଼ ପରଦାରେ ଏକ ବଡ଼ ତଥା ଦମ୍‌ଦାର ବ୍ରେକ୍ ଅପେକ୍ଷାରେ ଅଛି ।' ତେବେ ସିନେମାରେ ଆଗକୁ ବିଭାସ କି କମାଲ୍ କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା ।



ବିଭାସ

# ବଓ୍ୱାଲ

**କ**ଥାରେ ଅଛି, ପୁରୁଷଙ୍କ ସଫଳତା ପଛରେ ନାରୀର ହାତ ଥାଏ । ଠିକ୍ ସେମିତି ଏକ ନିପଟ ମଫସଲରେ ରହୁଥିବା ଯୁବକର ଆଖିରେ ଆଖିଏ ସ୍ୱପ୍ନ । ସେ ନିଜ ଜୀବନରେ ସଫଳତା ହାସଲ କରିବାକୁ ଚାହୁଁଛି । ଗାଁରୁ ସହରକୁ ଯିବା ପରେ ସେଠାରେ ଜଣେ ସୁନ୍ଦରୀ ସଂସ୍ପର୍ଶରେ ଆସିଛି । ତା' ସହ ଭେଟ ହେବା ପରେ ଯୁବକ ମନରେ ଧାରଣା ଆସିଛି ଯେ, ଏହି ଯୁବତୀ ହିଁ ତାକୁ ହାତଧରି ସଫଳତାର ରାସ୍ତାରେ ନେଇଯାଇପାରିବ । ଆଉ ଏଭଳି ଏକ କାହାଣୀକୁ ନେଇ ନିର୍ମିତ ହୋଇଛି ହିନ୍ଦୀ ସିନେମା 'ବଓ୍ୱାଲ' । ନିତେଶ ତିୱାରୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ବରୁଣ ଧାଓ୍ୱନଙ୍କ ଅପୋଜିଟ୍‌ରେ ଅଛନ୍ତି ଜାହ୍ନବୀ କପୁର । ଫିଲ୍ମଟି ଚଳିତ ବର୍ଷ ଏପ୍ରିଲ ୭ରେ ପରଦା ଉପରକୁ ଆସିବ ।

ଜାହ୍ନବୀ



## ଛୋଟ ପରଦା

# ସୁନା ଝିଅ

**ଅ**ନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ-ସାର୍ଥକରେ ବର୍ତ୍ତମାନ ପ୍ରସାରିତ ହେଉଛି ମେଗା ଧାରାବାହିକ 'ସୁନା ଝିଅ' । ଏହାର ଦମ୍‌ଦାର କାହାଣୀ ଏବଂ ଗୌରୀଶଙ୍କର ଦାସଙ୍କ ବଳିଷ୍ଠ ନିର୍ଦ୍ଦେଶନା ଧାରବାହିକଟିକୁ ଦର୍ଶକାଦୃତ କରିବାରେ ସକ୍ଷମ ହୋଇଛି । ସଫଳତାର ଗୋଟିଏ ପରେ ଗୋଟିଏ ପାହାଚ ଚଢୁଥିବା ଏହି ଧାରାବାହିକର ୨୪୩ତମ ଏପିସୋଡ୍ ପ୍ରାସାରିତ ହୋଇସାରିଛି । ଏଭଳି ସଫଳତା ପରେ ଜୀ ସାର୍ଥକ ଚ୍ୟାନେଲର ମୁଖ୍ୟ ପ୍ରତୀକ ସିଲ୍ କହନ୍ତି, 'କଳାକାରଙ୍କ ଅଭିନୟ, ନିଖୁଣ ନିର୍ଦ୍ଦେଶନା ଏବଂ ଦର୍ଶକଙ୍କ ଭଲପାଇବା ଏହି ଧାରାବାହିକଟିକୁ 'ଓଡ଼ିଶାର ସୁନା ଝିଅ' ଭାବରେ ପରିଚିତ କରାଇପାରିଛି । ଓଡ଼ିଶାରେ ମନୋରଞ୍ଜନ କ୍ଷେତ୍ରରେ ଜୀ ସାର୍ଥକ ସବୁବେଳେ ନମ୍ବର ୱାନ୍ ରହିଆସିଛି ଏବଂ ଏହି ଧାରାକୁ ବଜାୟ ରଖିବାକୁ ଉଦ୍ୟମ ମଧ୍ୟ ଜାରି ରହିବ ।' 'ସୁନା ଝିଅ' ହେଉଛି ଆମ ଓଡ଼ିଆ ଘରର ଏକ ନିଛକ କାହାଣୀ । ମା'ର ସୁରକ୍ଷା ଓ ସମ୍ମାନ ପାଇଁ କିଭଳି ଝିଅ ନିଜକୁ ପ୍ରସ୍ତୁତ କରିଛି ତାହା ଏହି ମେଗା ଧାରାବାହିକରେ ଦେଖିବାକୁ ମିଳିଛି । ଉକ୍ତ ଧାରାବାହିକଟି ସୋମବାରରୁ ଶନିବାର ସନ୍ଧ୍ୟା ୭ଟା ୩୦ରେ ପ୍ରସାରିତ ହେଉଛି । ଗୌରୀଶଙ୍କର ଦାସ ଏବଂ ରୋହିତ ଗାନ୍ଧୀଙ୍କ ପ୍ରଯୋଜିତ ଏହି ଧାରାବାହିକର ପ୍ରମୁଖ ଭୂମିକାରେ ଅର୍ପିତା, ଏଲି, ଚନ୍ଦନ, ମାନସ, ଅଙ୍କିତା, ପ୍ରେମ, ଅମର, ଅନନ୍ଦିତା, ମାମାଲି ପ୍ରମୁଖ କଳାକାର ଅଭିନୟ କରିଛନ୍ତି ।



ଅଙ୍କିତା-ମାନସ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨/୨୦୨୩ Bhubaneswar, Thursday, March 2/ 2023

# ଭାରତର ବ୍ୟାଟିଂ ବିପର୍ଯ୍ୟୟ

**ତୃତୀୟ ଟେଷ୍ଟ**

- ଟିମ୍ ଇଣ୍ଡିଆ ପ୍ରଥମ ଇନିଂସ ୧୦୯ରେ ଶେଷ
- ଅଷ୍ଟ୍ରେଲିଆ: ୧୫୬/୪

ଇନ୍ଦୋର, ୧।୩

ହୋଲକାର କ୍ରିକେଟ ଷ୍ଟାଡିୟମରେ ବୁଧବାର ଆରମ୍ଭ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ଇନିଂସରେ ମାତ୍ର ୧୦୯ ରନରେ ଅଲ୍ଆଉଟ ହୋଇଛି। ଅଷ୍ଟ୍ରେଲିଆର ୩ ସ୍ପିନର ମାଥ୍ୟୁ କନେମନ, ନାଥାନ ଲିୟନ ଓ ଟଡ୍ ମର୍ଫି ଘରୋଇ ଦଳର ବିପର୍ଯ୍ୟୟ ଘଟାଇଛନ୍ତି। ଅନ୍ୟପକ୍ଷରେ ପ୍ରଥମ ଦିବସ ଖେଳ ଶେଷ ବେଳକୁ ଅଷ୍ଟ୍ରେଲିଆ ୪ ଉଇକେଟ ହରାଇ ୧୫୬ ରନ ସଂଗ୍ରହ କରିଛି। ଅର୍ଥାତ୍ ୬ ଉଇକେଟ ସୁରକ୍ଷିତ ଥାଇ ଅଷ୍ଟ୍ରେଲିଆ ୪୭ ରନରେ ଅଗ୍ରଣୀଲାଭ କରିଛି। ପୂର୍ବ ୨ଟି ଟେଷ୍ଟ ଅଢ଼ାଇ ଦିନରେ ଶେଷ ହୋଇଥିବାବେଳେ ଏଥର ମଧ୍ୟ ତାହାର ପୁନରାବୃତ୍ତି ଘଟିବା ସମ୍ଭାବନା ଦେଖା ଦେଇଛି।

## କନେମନଙ୍କ ପ୍ରଥମ ୫ ଉଇକେଟ

ଟସ୍ ଜିତି ଭାରତ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ମାତ୍ର ପିଚ୍‌ରୁ ମିଳିଥିବା ଟର୍ନ ଓ ବାଉନ୍ସରୁ ଅଷ୍ଟ୍ରେଲିଆ ସ୍ପିନରମାନେ ଭରପୂର ଫାଇଦା ଉଠାଇବାରୁ ଭାରତ ଇନିଂସ ଭୁଶୁଡ଼ି ପଡ଼ିଥିଲା। ବିରାଟ କୋହଲି ସର୍ବାଧିକ ୫୨ ବଲ୍‌ର ସମ୍ମୁଖୀନ ହୋଇପାରିଥିଲେ ଏବଂ ୨୨ ରନ କରିଥିଲେ। ଲୋକେଶ ରାହୁଲଙ୍କ ସ୍ଥାନରେ ସାମିଲ ହୋଇଥିବା ଶୁବମନ ଗିଲ୍ ୨୧ ରନ କରିବାକୁ ସକ୍ଷମ ହୋଇଥିଲେ। ନିୟମିତ ବ୍ୟବଧାନରେ ଉଇକେଟ ପଡ଼ି ଚାଲିବାରୁ ଭାରତ ଇନିଂସ ମାତ୍ର ୩୩.୨ ଓଭର ତିଷ୍ଠିଥିଲା। ରବୀନ୍ଦ୍ର ଜାଡେଜାଙ୍କୁ ବ୍ୟାଟିଂ କ୍ରମରେ ଉପରେ ପଠାଇବାର ନିଷ୍ପତ୍ତି ଫାଇଦା ଦେବା ବଦଳରେ କ୍ଷତି ପହଞ୍ଚାଇଥିଲା। ସେ ୫ ନମ୍ବରରେ କ୍ରିଜ୍‌କୁ ଆସିଥିଲେ ହେଁ ମାତ୍ର ୪ ରନ କରିବାକୁ ସକ୍ଷମ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ କ୍ୟାରିୟରର ଦ୍ୱିତୀୟ ଟେଷ୍ଟ ଖେଳୁଥିବା ମାଥ୍ୟୁ କନେମନ ପ୍ରଥମଥରପାଇଁ ୫ ଉଇକେଟ ସଫଳତା ପାଇଥିଲେ। ସେ ଅଧିନାୟକ ରୋହିତ ଶର୍ମା(୧୨)ଙ୍କ ସମେତ ଗିଲ୍, ଶ୍ରେୟସ ଆୟାର (୦), ରବିଚନ୍ଦ୍ରନ ଅଶ୍ୱିନ (୩) ଓ ଉମେଶ ଯାଦବ (୧୭)ଙ୍କ ଉଇକେଟ ନେଇ ନିଜ ସ୍ପେଲ୍‌କୁ ସ୍ମରଣୀୟ କରିଥିଲେ। ଅନ୍ୟତମ ସ୍ପିନର ନାଥାନ ଲିୟନ ୩ଟି ଓ ଟଡ୍ ମର୍ଫି ଗୋଟିଏ ଉଇକେଟ ନେଇଥିଲେ।


ଉଇକେଟ ନେବାପରେ ମାଥ୍ୟୁ କନେମନ(ବାମରୁ ଦ୍ୱିତୀୟ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ତୃତୀୟ ଦୃଷ୍ଟାନ୍ତ**

ଇନ୍ଦୋରର ହୋଲକାର ଷ୍ଟାଡିୟମ ପିଚ୍‌ରେ ଭାରତ ଦୁଇ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କ ମାଧ୍ୟମରେ ବୋଲିଂ ଓପନ କରିଥିଲା। ଭାରତୀୟ ଟେଷ୍ଟ ଇତିହାସରେ ତୃତୀୟ ଥରପାଇଁ ଏହା ଦେଖିବାକୁ ମିଳିଥିଲା।

**୧୯୬୩-୬୪:** ଏମ୍.ଏଲ୍. ଜୟସୀମା-ସଲିମ ଦୁରାନୀ ବନାମ ଇଂଲଣ୍ଡ, କାନପୁର।
**୨୦୧୨-୧୩:** ରବିଚନ୍ଦ୍ରନ ଅଶ୍ୱିନ- ପ୍ରଜ୍ଞାନ ଓଝା ବନାମ ଇଂଲଣ୍ଡ, ମୁମ୍ବାଇ।
**୨୦୨୨-୨୩:** ରବିଚନ୍ଦ୍ରନ ଅଶ୍ୱିନ- ରବୀନ୍ଦ୍ର ଜାଡେଜା ବନାମ ଅଷ୍ଟ୍ରେଲିଆ, ଇନ୍ଦୋର।

## ଖ୍ୱାଜାଙ୍କ ଅର୍ଦ୍ଧଶତକରେ ଅଷ୍ଟ୍ରେଲିଆ ଦୃଢ଼

ଭାରତ ଇନିଂସ ଶେଷ ହେବାପରେ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆ ଯଦିଓ ୧୨ ରନରେ ଓପନର ଟ୍ରାଭିସ ହେଡ୍‌ଙ୍କ ଉଇକେଟ ହରାଇଥିଲା ତେବେ ଦ୍ୱିତୀୟ ଉଇକେଟରେ ଉସମାନ ଖ୍ୱାଜା ଓ ମାର୍ନସ ଲାବୁସେନଙ୍କ ୯୬ ରନର ଭାଗୀଦାରି ବଳରେ ଅଗ୍ରଣୀ ହାସଲ କରି ନେଇଥିଲା। ଲାବୁସେନ ୩୧ ରନକରି ଆଉଟ ହୋଇଥିବାବେଳେ ଖ୍ୱାଜା ଅର୍ଦ୍ଧଶତକ ହାସଲ କରି ଅଷ୍ଟ୍ରେଲିଆ ସ୍ଥିତିକୁ ମଜଭୁତ କରିଥିଲେ। ସେ ଦୃଢ଼ତାର ସହ ୧୪୭ଟି ବଲ୍ ଖେଳି ୪ ଚୌକା ସହାୟତାରେ ୬୦ ରନ ସ୍କୋର କରିଥିଲେ। ଏହି ଟେଷ୍ଟରେ ଅଧିନାୟକ ଦାୟିତ୍ୱ ତୁଲାଉଥିବା ଷ୍ଟିଭେନ ସ୍ମିଥ ୨୬ ରନ କରିଥିଲେ। ଭାରତ ପକ୍ଷରୁ ୪ଟି ଯାକ ଉଇକେଟ ରବୀନ୍ଦ୍ର ଜାଡେଜା ଅକ୍ତିଆର କରିଥିଲେ। ଚଳିତ ସିଜନରେ ଚମତ୍କାର ଫର୍ମରେ ଥିବା ଜାଡେଜା ବ୍ୟାଟିଂରେ ବିଫଳ ହୋଇଥିଲେ ହେଁ ବୋଲିଂରେ ଦକ୍ଷତା ଦେଖାଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୧୦୯/ଅଲ୍ଆଉଟ (ବିରାଟ କୋହଲି-୨୨, ଶୁବମନ ଗିଲ-୨୧, ମାଥ୍ୟୁ କନେମନ-୫/୧୬, ନାଥାନ ଲିୟନ-୩/୩୫, ଟଡ୍ ମର୍ଫି-୧/୨୩)। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୫୬/୪ (ଉସମାନ ଖ୍ୱାଜା-୬୦, ମାର୍ନସ ଲାବୁସେନ-୩୧, ଷ୍ଟିଭେନ ସ୍ମିଥ-୨୬, ରବୀନ୍ଦ୍ର ଜାଡେଜା-୪/୬୩)।

## ଇନ୍ଦୋର ଟେଷ୍ଟ ପ୍ରଥମ ଦିବସର ମୁଖ୍ୟାଂଶ

- ରୋହିତ ଶର୍ମା ପ୍ରଥମ ଓଭରରେ ୨ ଥର ଆଉଟ ହେବା ସ୍ଥିତିରେ ଥିଲେ ମଧ୍ୟ ଅଷ୍ଟ୍ରେଲିଆ ରିଭ୍ୟୁ ନେଇ ନ ଥିଲା। ତଥାପି ରୋହିତ ବଡ଼ ସ୍କୋର କରିପାରି ନ ଥିଲେ।
- ରବୀନ୍ଦ୍ର ଜାଡେଜାଙ୍କୁ ବ୍ୟାଟିଂ କ୍ରମରେ ଉପରେ ପଠାଇବା ନିଷ୍ପତ୍ତି ବୁମେରାଂ ସାଜିଥିଲା।
- କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ଭାରତ ଇନିଂସ ୪୪/୪, ୮୮/୮ ଓ ୧୦୯ରେ ଶେଷ ହୋଇ ଯାଇଥିଲା।
- ମାଥ୍ୟୁ କନେମନ ପ୍ରଥମଥରପାଇଁ ୫ ଉଇକେଟ ସଫଳତା ପାଇଥିଲେ।
- ମାର୍ନସ ଲାବୁସେନ ଖାତା ଖୋଲିବା ପୂର୍ବରୁ ଜାଡେଜାଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ, ମାତ୍ର ଏହା ନୋ-ବଲ ଥିଲା।
- ଦ୍ୱିତୀୟ ଉଇକେଟରେ ଖ୍ୱାଜା ଓ ଲାବୁସେନଙ୍କ ଭାଗୀଦାରି ଚଳିତ ସିରିଜରେ ଅଷ୍ଟ୍ରେଲିଆ ପାଇଁ ସର୍ବାଧିକ ଥିଲା।
- ଷ୍ଟମ୍ପ ପ୍ରତ୍ୟାହୃତ ହେବାପାଇଁ ୬ ଓଭର ବାକିଥିବାବେଳେ ବିପଜ୍ଜନକ ଷ୍ଟିଭ୍ ସ୍ମିଥଙ୍କୁ ଆଉଟ କରି ଜାଡେଜା ଘରୋଇ ଦଳ ପାଇଁ ଆଶ୍ୱସ୍ତି ଆଣିଥିଲେ।
- ଭାରତ ଆବେଦନ କରିଥିବା ୩ଟି ଯାକ ରିଭ୍ୟୁ ହରାଇଥିଲା। ୩ଟି ଯାକ ରିଭ୍ୟୁ ଜାଡେଜାଙ୍କ ବୋଲିଂରେ ହିଁ ହୋଇଥିଲା।

# କଳିଙ୍ଗରେ ଫାୟାର ଆର୍ମ ଟ୍ରେନିଂ ପ୍ରୋଗ୍ରାମ


ଫାୟାର ଆର୍ମ ଟ୍ରେନିଂ ସାର୍ଟିଫିକେଟ ପ୍ରୋଗ୍ରାମରେ କୃତକାର୍ଯ୍ୟ ପ୍ରଶିକ୍ଷାର୍ଥୀମାନେ କର୍ମକର୍ତ୍ତାଙ୍କ ସହ।

ଭୁବନେଶ୍ୱର, ୧।୩ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମର ୫୦ ମିଟର ଫାୟାର ଆର୍ମ ଶୁଟିଂ ରେଞ୍ଜରେ ଫାୟାର ଆର୍ମ ଟ୍ରେନିଂ ସାର୍ଟିଫିକେଟ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ସପ୍ତମ ବ୍ୟାଚ୍‌ରେ ମୋଟ ୨୫ ପ୍ରଶିକ୍ଷାର୍ଥୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ପ୍ରମାଣପତ୍ର ହାସଲ କରିଛନ୍ତି। ଓଡ଼ିଶା ରାଇଫଲ ସଂଘର ଯୁଗ୍ମ ସମ୍ପାଦକ ତଥା ଆଇଏସ୍ଏସ୍ଏଫ୍ ଓ ଏନ୍ଆଇଏସ୍ କୋଚ୍ ଆଶିଷ ନାୟକ ପ୍ରଶିକ୍ଷଣ ଦେଇଥିଲେ। ୩ ଦିନିଆ ଶିବିରରେ ଶୁଟରମାନଙ୍କୁ ରାଇଫଲ, ପିସ୍ତଲ, ଶଟ୍‌ଗନ୍ ସମ୍ବନ୍ଧୀୟ ଜ୍ଞାନ, ବ୍ୟବହାର ବିଧି, ସୁରକ୍ଷା ନିୟମ, ବନ୍ଧୁକର ଯତ୍ନ ଏବଂ ଏହାର ଚାଳନା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। କୃତକାର୍ଯ୍ୟ ପ୍ରଶିକ୍ଷାର୍ଥୀଙ୍କୁ ଓଡ଼ିଶା ରାଇଫଲ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସଫଳ ପ୍ରଶିକ୍ଷାର୍ଥୀମାନେ ହେଲେ ଆକାଶ ଦେମ୍ବେଲେ, ପରବେଜ ଅଲୀ ଖାଁ, ଆନନ୍ଦ ଅଗ୍ରୱାଲ, ପ୍ରଫୁଲ୍ଲ ପ୍ରଧାନ, ଜିଗର ନାୟକ, ସୁବାସ ଚନ୍ଦ୍ର ପଟେଲ, ରାଜେଶ ନାୟାର, ଦୀପକ ବେହେରା, ସୂର୍ଯ୍ୟ ପ୍ରକାଶ ଶର୍ମା, ଅରବିନ୍ଦ କୁମାର ମିଶ୍ର, ଶକ୍ତି ରଞ୍ଜନ ପାଣି, ଅଶୋକ ଶତପଥୀ, ଅବିନାଶ ଛାପୋଲିଆ, ସୌରାଂଶୁ ରାଉତ, ପ୍ରୀତି ରଞ୍ଜନ ଦାସ, ଦେବାଶିଷ ତ୍ରିପାଠୀ, ସୁଦାମ ଖୁଣ୍ଟିଆ, ରୁଦ୍ର ପ୍ରସାଦ ନନ୍ଦ, ନବ କିଶୋର ପୃଷ୍ଟି, ବିଭୁ ପ୍ରସାଦ ପତି, ପ୍ରଦୀପ ପରିଡ଼ା, ଭୀମସେନ ପୋଲାଇ, ଯଶଲୋକ ଭୁଟିଆ ରାଏ, ତ୍ରିଭୁବନ ବାଗ୍ ଓ ସାରଦା ପ୍ରସାଦ ପଟ୍ଟନାୟକ।



E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**ORBIT MOTORS**
ROURKELA: 9437041155, 9040404444. SUNDARGARH: 9437049161, 9437131074. DEOGARH: 9437061223, 7064400290.

**LEGEND CARS**
JEYPORE: 7894406481. RAYAGADA: 9692883042. BHAWANIPATNA: 7894442907.

**SKY AUTOMOBILES**
BERHAMPUR: 9778202019. BHANJANAGAR: 9778202019. PARALAKHEMUNDI: 9778202019. PHULBANI: 9778202019.

**ODYSSEY MOTORS**
SAMBALPUR: 7381433909. BOLANGIR: 9438068327. BARGARH: 9556352943. NUAPADA: 7381017851. SONEPUR: 9438068327. JHARSUGUDA: 9439892153. BOUDH: 8594908009. PADAMPUR: 7381661837.

^Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. **As per SIAM. #As certified by Test agency under Rule 115(G) of CMVR 1989. ^^Auto Gear Shift. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ